# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୮/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, October 18/2022 | Page 16 | ₹ 7.00 | ★★★★★★
୪୮ଶ ଭାଗ ୩୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 322 | ମୂଲ୍ୟ ₹୭/-



**କାର୍ଲସେନ୍‌ଙ୍କୁ ହରାଇବାରେ ଗୁକେଶ ସର୍ବକନିଷ୍ଠ**
ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନ୍‌ଙ୍କୁ ହରାଇବାରେ ଭାରତୀୟ ଗ୍ରାଣ୍ଡ ମାଷ୍ଟର ଡି. ଗୁକେଶ ହେଉଛନ୍ତି ସର୍ବକନିଷ୍ଠ ଚେସ୍ ଖେଳାଳି।
୧୬

୧୩
**ଉର୍ବଶୀଙ୍କୁ କଟାକ୍ଷ**
ହିଜାବ୍ ବିରୋଧୀ ଆନ୍ଦୋଳନକୁ ସମର୍ଥନ କରି ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରଉତେଲା କେଶ କାଟିବା ନେଇ ସୋସିଆଲ ମିଡିଆ ୟୁଜର୍ସ ତାଙ୍କୁ ଟ୍ରୋଲ କରିଛନ୍ତି।





ହାଇଦ୍ରାବାଦଠାରେ ଆୟୋଜିତ ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଶିଳ୍ପପତିଙ୍କ ସହ ଆଲୋଚନା କରୁଛନ୍ତି।

# ଷ୍ଟଡି ମାଟେରିଆଲ ଚିନ୍ତାରେ ପରୀକ୍ଷାର୍ଥୀ

## ଓଡ଼ିଆରେ ଓସିଏସ୍ ପରୀକ୍ଷା

**ଏଣିକି ଛାତ୍ରୀଛାତ୍ର ଓଡ଼ିଆ ଭାଷାରେ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷା ଦେଇପାରିବେ। ରାଜ୍ୟରେ ଓଡ଼ିଆ ମିଡିୟମରୁ ପାଠ ପଢ଼ିଥିବା ପିଲାଙ୍କ ସଂଖ୍ୟା ଅଧିକ ରହିଥିବାରୁ ସେମାନଙ୍କୁ ଦୃଷ୍ଟିରେ ରଖି ଗତ ସେପ୍ଟେମ୍ବର ୩୦ରେ ରାଜ୍ୟ କ୍ୟାବିନେଟ୍‌ରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ଛାତ୍ରୀଛାତ୍ରଙ୍କୁ ଯେତିକି ଖୁସି ଦେଇଛି ସେତିକି ଚିନ୍ତାରେ ପକାଇ ଦେଇଛି। କାରଣ ଓଡ଼ିଆରେ ଷ୍ଟଡି ମାଟେରିଆଲ୍ ବଜାରରେ ଉପଲବ୍ଧ ନାହିଁ। ଆସନ୍ତା ବର୍ଷରୁ ଏହି ବ୍ୟବସ୍ଥା ଲାଗୁ ହେବାକୁ ଥିବାବେଳେ ଏବେଠାରୁ ଷ୍ଟଡି ମାଟେରିଆଲ ଓଡ଼ିଆ ଭାଷାରେ ପ୍ରସ୍ତୁତ କରିବାକୁ ଶିକ୍ଷାବିତ୍‌ମାନେ ମତପ୍ରକାଶ କରୁଛନ୍ତି।**

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓସିଏସ୍ ପରୀକ୍ଷା ଏବେ ଓଡ଼ିଆ ଭାଷାରେ ଦିଆଯାଇ ପାରିବ। ପ୍ରିଲିମ୍, ମେନ୍ ପରୀକ୍ଷା ସହିତ ଇଣ୍ଟରଭ୍ୟୁ(ସାକ୍ଷାତ୍‌କାର) ମଧ୍ୟ ଓଡ଼ିଆରେ ହେବ। ଉଭୟ ଓଡ଼ିଆ ଏବଂ ଇଂଲିଶ ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ ହେବ। ରାଜ୍ୟ ସରକାରଙ୍କ ଏ ନିଷ୍ପତ୍ତିକୁ ନେଇ ପରୀକ୍ଷାର୍ଥୀ ଉତ୍ସାହିତ ଅଛନ୍ତି। ହେଲେ ଦ୍ୱନ୍ଦ୍ୱ ବି କିଛି କମ୍ ନାହିଁ। କାରଣ ବଜାରରେ ଏଯାଏ ଓଡ଼ିଆ ଭାଷାରେ ଷ୍ଟଡି ମାଟେରିଆଲ ଉପଲବ୍ଧ ନାହିଁ। ସେହିପରି ସରକାରଙ୍କ ପକ୍ଷରୁ କୌଣସି କୋଚିଂ ବୁକ୍ ମଧ୍ୟ ପ୍ରସ୍ତୁତ ହୋଇନାହିଁ। ତେଣୁ ଏବେ ଓଡ଼ିଆ ଷ୍ଟଡି ମାଟେରିଆଲ୍ ସମସ୍ୟାକୁ ସରକାର କିପରି ଦୂର କରିବେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ୧୯୮୦ରୁ ସର୍ବଭାରତୀୟ ପ୍ରଶାସନିକ ସେବାରେ ବହୁ ଭାଷାରେ ପରୀକ୍ଷା ହୋଇଆସୁଛି। ବର୍ତ୍ତମାନ ୨୨ଟି ଭାଷାରେ ପରୀକ୍ଷା ହେଉଛି। କିନ୍ତୁ ଓସିଏସ୍ ପରୀକ୍ଷା ପୂର୍ବରୁ ଓଡ଼ିଆ ଭାଷାରେ ହୋଇପାରୁ ନ ଥିଲା। ଏନେଇ ଭାଷାପ୍ରେମୀଙ୍କ ପକ୍ଷରୁ ୨୦୧୧ରେ ହାଇକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଉକ୍ତ ଆବେଦନର ବିଚାର କରି ଓଡ଼ିଆ ଭାଷାରେ ପରୀକ୍ଷା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ବର୍ତ୍ତମାନ ଏହାକୁ ଲାଗୁ କରାଯାଇଥିବାରୁ ସବୁଠି ଏହାକୁ ସ୍ୱାଗତ କରାଯାଇଛି। ବିଶେଷ କରି ପଛୁଆ ତଥା ଆଦିବାସୀ ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପୂର୍ବରୁ କେବଳ ଓଡ଼ିଆ ପେପର ପାଇଁ ଓଡ଼ିଆରେ ଉତ୍ତର ଲେଖିବାକୁ ଅନୁମତି ମିଳିଥିଲା। କିନ୍ତୁ ଅନ୍ୟ କୌଣସି ବିଷୟ ପାଇଁ ନ ଥିଲା। ଏବେ ଛାତ୍ରୀଛାତ୍ର ଚାହିଁଲେ ସବୁ ବିଷୟରେ ଓଡ଼ିଆରେ ଲେଖିପାରିବେ। ତେବେ ଯେଉଁମାନେ ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାର ଓଡ଼ିଆ କିମ୍ବା ଇଂଲିଶରେ ଦେବେ ସେ ନେଇ ପରୀକ୍ଷାର୍ଥୀମାନେ ଫର୍ମ ପୂରଣ ବେଳେ ଭାଷା ବାଛିବାକୁ ପଡ଼ିବ। ହେଲେ ଓଡ଼ିଆ ଭାଷାରେ ଷ୍ଟଡି ମାଟେରିଆଲ୍‌ସ ନ ଥିବାରୁ ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆସନ୍ତା ବର୍ଷରୁ ଏହି ନୂଆ ବ୍ୟବସ୍ଥା ଲାଗୁ ହେବାକୁ ଥିବାରୁ ବର୍ତ୍ତମାନ ପରିସ୍ଥିତିରେ ପିଲାଙ୍କୁ ଓଡ଼ିଆରେ ଷ୍ଟଡି ମାଟେରିଆଲ୍ ଯୋଗାଇବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରୁଛନ୍ତି।

ଏ ସମ୍ପର୍କରେ ଜଣେ ପରୀକ୍ଷା ଆଶାୟୀ ରାକେଶ କୁମାର ସାହୁ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ ଇଂଲିଶରେ ପଢ଼ି ଓଡ଼ିଆରେ ଉତ୍ତର ଲେଖିବା କଷ୍ଟକର ହେବ। ଓଡ଼ିଆ ମିଡିୟମ ପିଲାଙ୍କ ପାଇଁ ଏହା ଏକ ବଡ଼ ସମସ୍ୟା। ତେଣୁ ଓଡ଼ିଆ ଭାଷାରେ ଷ୍ଟଡି ମାଟେରିଆଲ ଆବଶ୍ୟକ ରହୁଛି। ଆସନ୍ତା ଶିକ୍ଷାବର୍ଷରୁ ଏହି ବ୍ୟବସ୍ଥା ଲାଗୁ କରାଯିବାକୁ ଯୋଜନା ରହିଥିବାରୁ ଏବେଠାରୁ ଓଡ଼ିଆରେ ମାଟେରିଆଲ୍ସ ମିଳିଯିବା ଦରକାର। ଫଳରେ ପରୀକ୍ଷାର୍ଥୀ ଭଲଭାବେ ପ୍ରସ୍ତୁତ ହୋଇପାରିବେ। ଏ ନେଇ ନାଇଜର ପ୍ରାଧ୍ୟାପକ ଅମରେନ୍ଦ୍ର ଦାସ କହିଛନ୍ତି, ୟୁଜି ସ୍ତରର କିଛି ପୁସ୍ତକ ଓଡ଼ିଆରେ ଅଛି। ହ୍ୟୁମାନିଟିଜ୍ ବିଷୟଗୁଡ଼ିକର ପ୍ରାୟତଃ ଓଡ଼ିଆ ଭାଷାରେ ରହିଛି। ☞ପୃଷ୍ଠା-୪




# ‘ଓଡ଼ିଶାର ଅଭିବୃଦ୍ଧିରେ ଅଂଶୀଦାର ହୁଅ’

## ହାଇଦ୍ରାବାଦ ଇନଭେଷ୍ଟର୍ସ ମିଟ୍‌ରେ ଶିଳ୍ପପତିଙ୍କୁ ନବୀନଙ୍କ ଆହ୍ୱାନ

- ପ୍ରାକୃତିକ, ମାନବ ସମ୍ବଳର ସୁଯୋଗ ନିଅ
- ମେକ୍ ଇନ ଓଡ଼ିଶା କନକ୍ଲେଭରେ ଯୋଗଦେବାକୁ ଆମନ୍ତ୍ରଣ
- ଯୋଗଦେଲେ ୩୫୦ରୁ ଊର୍ଦ୍ଧ୍ୱ ଶିଳ୍ପ ପ୍ରତିନିଧି

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଓଡ଼ିଶା ଆସ, ପୁଞ୍ଜିନବେଶ କର। ଓଡ଼ିଶାର ନୂତନ ଶିଳ୍ପ ଯୁଗରେ ଆମର ଅଂଶୀଦାର ହୁଅ। ଏଠାରେ ରହିଛି ପ୍ରଚୁର ପ୍ରାକୃତିକ ସମ୍ବଳ, ଦକ୍ଷ ମାନବ ସମ୍ବଳ ଏବଂ ସ୍ଥିର ସରକାର। ଏହାର ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳ୍ପ ମହାନାୟକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ଯାଏ ଭୁବନେଶ୍ୱରଠାରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ପୁଞ୍ଜିନିବେଶକାରୀଙ୍କୁ ବ୍ୟକ୍ତିଗତ ଭାବେ ଆମନ୍ତ୍ରଣ କରିଛନ୍ତି।

ସୋମବାର ହାଇଦ୍ରାବାଦଠାରେ ରାଜ୍ୟ ସରକାର ଏବଂ ଫିକିର ମିଳିତ ସହଯୋଗରେ ଅନୁଷ୍ଠିତ ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୁଞ୍ଜିନିବେଶ ଏବଂ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ଆଗୁଆ ରାଜ୍ୟ ଭାବେ ଉଭା ହୋଇଛି। ବଡ଼ ବଡ଼ ଆଇଟି କମ୍ପାନୀ ଭୁବନେଶ୍ୱରରେ ସେମାନଙ୍କର ସେଣ୍ଟର ପ୍ରତିଷ୍ଠା କରିଛନ୍ତି। ରାଜ୍ୟ ସରକାର ସହରର ଷ୍ଟାର୍ଟ-ଅପ୍ ଇକୋ ସିଷ୍ଟମକୁ ନିୟମିତ ସହାୟତା ଯୋଗାଇ ଆସିଛନ୍ତି। ମାନ୍ୟୁଫାକ୍ଚରିଂ ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ପ୍ରମୁଖ ରାଜ୍ୟ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଡଙ୍ଗା ବୁଡୁଛି**

# ଘୂର୍ଣ୍ଣିବଳୟ:ବଢ଼ିଲା ବାତ୍ୟା ଆଶଙ୍କା

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୋମବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୦ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଲଘୁଚାପ ସୃଷ୍ଟିର ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ଡିପ୍ରେସନରେ ପରିଣତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗ ବାତ୍ୟା ନେଇ କୌଣସି ସୂଚନା ଦେଇ ନ ଥିବାବେଳେ ଆନ୍ତର୍ଜାତିକ ପାଣିପାଗ ମଡେଲ ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ(ଜିଏଫ୍ଏସ୍) ସମେତ ବିଭିନ୍ନ ପାଣିପାଗ ମଡେଲ କହୁଛି, ଲଘୁଚାପ ଘନୀଭୂତ ହୋଇ ଭେରି ସିଭିୟର ସାଇକ୍ଲୋନିକ ଷ୍ଟର୍ମ ଅଥବା ବାତ୍ୟାରେ ପରିଣତ ହେବ। ☞ପୃଷ୍ଠା-୪

# ୯ମ,୧୦ମ ପାଇଁ ୪ ନୂଆ ପାଠ୍ୟକ୍ରମ

## ପ୍ରତି ବିଷୟ ପାଇଁ ରହିବ ୨୫ ମାର୍କ

- ସ୍କୁଲ ପକ୍ଷରୁ ଆୟୋଜନ ହେବ ପରୀକ୍ଷା
- ଫେଲ୍ ହେବେ ନାହିଁ କୌଣସି ଛାତ୍ରୀଛାତ୍ର

କଟକ ଅଫିସ, ୧୭।୧୦

ଶିକ୍ଷାବର୍ଷ ଅଧାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ନବମ ଓ ଦଶମ ଶ୍ରେଣୀ ପାଇଁ ବୋର୍ଡ ନୂଆ ପାଠ୍ୟକ୍ରମ ଆଣିଛି। ନବମ ଓ ଦଶମ ଶ୍ରେଣୀରେ ୪ଟି ନୂଆ ବିଷୟ ରହିବ। ବୁକ୍ ରିଭ୍ୟୁ, ପ୍ରୋଜେକ୍ଟ ୱାର୍କ, କୋ-କରିକୁଲାର ଆକ୍ଟିଭିଟିଜ, ବେସିକ ଆଇଟି ସ୍କିଲ୍ସ ସମେତ ମୋଟ ୪ ପାଠ୍ୟକ୍ରମ ସାମିଲ କରିବା ପାଇଁ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ଶିକ୍ଷାବର୍ଷ ୨୦୨୨-୨୩ ପାଇଁ ଏହାକୁ ଲାଗୁ କରାଯାଇଛି। ପ୍ରଥମ କରି ଏହା ଚଳିତବର୍ଷ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଆରମ୍ଭ ହେବ। ପରବର୍ତ୍ତୀ ଶିକ୍ଷାବର୍ଷରେ ଏହା ଉଭୟ ନବମ ଓ ଦଶମ ଶ୍ରେଣୀ ପାଠ୍ୟକ୍ରମରେ ଲାଗୁ କରାଯିବ। ହାଇସ୍କୁଲ ସାର୍ଟିଫିକେଟ ଏବଂ ମଧ୍ୟମା ପରୀକ୍ଷାରେ ଏହି ପାଠ୍ୟକ୍ରମ ଲାଗୁ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ବୋର୍ଡ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଫର୍ମେଟିଭ ଓ ସମ୍ମେଟିଭ ଆସେସମେଣ୍ଟରେ ଆସ୍‌ପିରେଶନାଲ କମ୍ପୋନେଣ୍ଟ ବିଷୟକୁ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ସୋମବାର ବକ୍ସିବଜାରସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ବୋର୍ଡ ସଭାପତି କହିଛନ୍ତି, ୪ଟି ପର୍ଯ୍ୟାୟରେ ଏହି ପରୀକ୍ଷା କରାଯିବ। ପ୍ରଥମ ୩ଟି ପର୍ଯ୍ୟାୟରେ ୫ ମାର୍କ ଲେଖାଏ ଏବଂ ଶେଷ ପର୍ଯ୍ୟାୟରେ ୧୦ ମାର୍କ ଲାଗି ପରୀକ୍ଷା କରାଯିବ। ଏଭଳି ଭାବେ ଉକ୍ତ ୪ଟି ବିଷୟରେ ମୋଟ ୧୦୦ ମାର୍କର ପରୀକ୍ଷା ହେବ। ସ୍କୁଲ ପକ୍ଷରୁ ଉକ୍ତ ପରୀକ୍ଷା କରାଯିବ ଓ ସମ୍ପୃକ୍ତ ସ୍କୁଲର ଶିକ୍ଷକ ଏହାର ମୂଲ୍ୟାୟନ କରିବେ। ଏହି ବିଷୟ ପରୀକ୍ଷାରେ କୌଣସି ଛାତ୍ରୀଛାତ୍ର ଫେଲ୍ ହେବେନାହିଁ କିମ୍ବା ସେମାନଙ୍କ ☞ପୃଷ୍ଠା-୪

# ଓଡ଼ିଶାରୁ ଭୋଟ ଦେଲେ ୪୧୨

## କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ

### ମୋକିମ ଭୋଟ୍ ଦେଲେନି

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ପଦବୀ ପାଇଁ ସୋମବାର ଭୋଟ ଗ୍ରହଣ ଶେଷ ହୋଇଛି। ଏଥର ଗାନ୍ଧୀ ପରିବାର ବାହାରୁ ଦୁଇ ଜଣ ଉକ୍ତ ପଦବୀ ପାଇଁ ଲଢ଼େଇ କରୁଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଏମ୍‌ପି ଶଶି ଥରୁରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଆସନ୍ତା ୧୯ ତାରିଖରେ ଭୋଟ୍ ଗଣତି ହେବାକୁ ଥିବାବେଳେ ସେହିଦିନ ହିଁ ଫଳାଫଳ ପ୍ରକାଶ ପାଇବ।

ଦଳର ବ୍ୟବସ୍ଥା ଅନୁଯାୟୀ, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଦସ୍ୟମାନେ ହିଁ ଏଥିଲାଗି ଭୋଟ୍ ଦେଇପାରିବେ। ତେବେ ୪୨୭ ଜଣ ଭୋଟରଙ୍କ ମଧ୍ୟରୁ ୪୧୨ ଜଣ ଭୋଟ୍ ଦେଇଛନ୍ତି। ସେଥିମଧ୍ୟରୁ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ବ୍ୟତୀତ ସମସ୍ତ ବିଧାୟକ ଏବଂ ଏମ୍‌ପି ଭୋଟ୍ ଦେଇଛନ୍ତି। ଏନେଇ ମୋକିମ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ବାହାରେ ଥିବାରୁ ସେ ଭୋଟ୍ ଦେଇପାରି ନାହାନ୍ତି।

କଂଗ୍ରେସ ଭବନ ସ୍ଥିତ ଗ୍ରାଉଣ୍ଡ୍ ଫ୍ଲୋର୍‌ରେ ଥିବା ସମ୍ମିଳନୀ କକ୍ଷରେ ଭୋଟିଂ ପ୍ରକ୍ରିୟା ଦିନ ୧୦ଟାରେ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହୋଇଥିଲା। ଓଡ଼ିଶା ପାଇଁ ନିଯୁକ୍ତ ହୋଇଥିବା ପିଆର୍‌ଓ(ପ୍ରଦେଶ ରିଟର୍ନିଂ ଅଫିସର) ଏବଂ ଏପିଆର୍‌ଓ(ଆସିଷ୍ଟାଣ୍ଟ ପ୍ରଦେଶ ରିଟର୍ନିଂ ଅଫିସର)ଙ୍କ ସମେତ ୪ ଜଣ ଏଜେଣ୍ଟ ଭୋଟିଂ ଦାୟିତ୍ୱରେ ଥିଲେ। ରାଜ୍ୟ ସଭା ଏମ୍‌ପି ନିରୋଜ ଡାଙ୍ଗୀ ଓଡ଼ିଶା ପ୍ରଦେଶର ପିଆର୍‌ଓ ଥିଲେ। ତେବେ ଭୋଟିଂ ଶେଷ ହେବାପରେ ବାଲଟ ବକ୍ସ ସାଙ୍ଗରେ ନେଇ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତେ ଦିଲ୍ଲୀ ଫେରିଯାଇଛନ୍ତି। କେନ୍ଦ୍ରୀୟ ରିଟର୍ନିଂ ଅଫିସର୍ ମଧୁସୂଦନ ମିସ୍ତ୍ରୀଙ୍କ ନିକଟରେ ଏହି ବାଲଟ ବକ୍ସ ହସ୍ତାନ୍ତର କରାଯିବ। ତେବେ ଦୁଇ ରିଟର୍ନିଂ ଅଫିସର ମଧ୍ୟ ଓଡ଼ିଶାରେ ନିଜର ଭୋଟ୍ ଦେଇଛନ୍ତି।

ହଳଦିଆ ରଙ୍ଗର ବାଲଟ ପେପର୍ କଂଗ୍ରେସ ନିର୍ବାଚନ ପାଇଁ ପ୍ରସ୍ତୁତ କରିଥିଲା। ଏଥିରେ ଅଧ୍ୟକ୍ଷ ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦୁଇ ନେତାଙ୍କ ନାମ ଇଂଲିଶ୍‌ରେ ଉଲ୍ଲେଖ ଥିଲା। ପ୍ରଥମେ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଦ୍ୱିତୀୟରେ ଶଶି ଥରୁରଙ୍କ ନାଁ ରହିଥିଲା। ନିଜ ପସନ୍ଦର ପ୍ରାର୍ଥୀଙ୍କ ନାମ ☞ପୃଷ୍ଠା-୪




## ସେଲ୍‌ଫି ନେବାବେଳେ ପିଟିଲା ଟ୍ରେନ୍: ଜଣେ ମୃତ

ଝାଡଖଣ୍ଡ ଲାଟେହାର ଜିଲାରେ ରେଳ ଧାରଣାରେ ତିନିଜଣ ଯୁବକ ସେଲ୍‌ଫି ନେଉଥିବାବେଳେ ମାଲ୍ ବୋଝେଇ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଟ୍ରେନ୍ ପିଟିହେବା ଫଳରେ ନସିର ନାମକ ଯୁବକ ବ୍ରିଜ୍ ତଳକୁ ଖସିପଡ଼ିଥିଲେ, ଯାହାଫଳରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି।

# ନାଟୋର ସବୁଠୁ ବଡ଼ ଯୁଦ୍ଧାଭ୍ୟାସ

## ରୁଷିଆରୁ ହଜାରେ କିମି ଦୂରରେ ନ୍ୟୁକ୍ଲିୟର ଡ୍ରିଲ୍



ଆମେରିକାର ବି-୫୨ ବମ୍ବର ସହ ୟୁରୋ ଫାଇଟର ଟାଇଫୁନ୍ ଏଫ୍-୧୬ ଏବଂ ଅନ୍ୟ ଯୁଦ୍ଧ ବିମାନ।

ବ୍ରସେଲ୍ସ, ୧୭।୧୦

ୟୁକ୍ରେନ୍ ଯୁଦ୍ଧ ଭିତରେ ଆମେରିକା ନେତୃତ୍ୱାଧୀନ ସାମରିକ ମେଣ୍ଟ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ସୋମବାର ସବୁଠାରୁ ବଡ଼ଧରଣର ଆଣବିକ ଡ୍ରିଲ୍ 'ଷ୍ଟିଡ୍‌ଫାଷ୍ଟ ନୁନ୍' ଆରମ୍ଭ କରିଛି। ୟୁରୋପ ଉପରେ ନ୍ୟୁକ୍ଲିୟର ଆକ୍ରମଣ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବାରମ୍ବାର ଧମକ ଦେଉଥିବାବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଏଥିରୁ ସୁରକ୍ଷା ଦେବା ନିମନ୍ତେ ନାଟୋ ମେଣ୍ଟ ଏହି ସମରାଭ୍ୟାସକୁ ରଣନୀତିରେ ସାମିଲ କରିଛି। ଉତ୍ତରପଶ୍ଚିମ ୟୁରୋପରେ ରୁଷିଆ ସୀମାଠାରୁ ମାତ୍ର ୬୨୫ ମାଇଲ ବା ହଜାରେ କିଲୋମିଟର ଦୂରରେ ନାଟୋ ସବୁଠାରୁ ଶକ୍ତିଶାଳୀ ସମରାଭ୍ୟାସ ଚଳାଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଡ୍ରିଲ ଚାଲିବ।

### ବି-୫୨ ବମ୍ବର, ୬୦ ଯୁଦ୍ଧବିମାନ ସାମିଲ

ରୁଷିଆ ନିଜର ବାର୍ଷିକ ନ୍ୟୁକ୍ଲିୟର ଡ୍ରିଲ ଆରମ୍ଭ କରିବାକୁ ଘୋଷଣା କରିଥିବାବେଳେ ୩୦ ରାଷ୍ଟ୍ରର ସାମରିକ ନାଟୋ ଏହାକୁ ଗୁରୁତ୍ୱର ସହ ନେଇଛି। ଏଥିରେ ବିଧ୍ୱଂସକାରୀ ବି-୫୨ ବମ୍ବର ସାମିଲ ହୋଇଛି। ଜାପାନର ହିରୋଶିମା ଓ ନାଗାସାକି ଉପରେ ହୋଇଥିବା ନ୍ୟୁକ୍ଲିୟର ଆକ୍ରମଣରେ ଏହି ସିରିଜର ବି-୨୯ ବମ୍ବର ବ୍ୟବହାର କରାଯାଇଥିଲା। ଏଥିରେ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ନାଟୋ ସୂଚନା ଅନୁଯାୟୀ, ଷ୍ଟିଡ୍‌ଫାଷ୍ଟ ନୁନ୍‌ରେ ଆମେରିକା ବାୟୁସେନାର ବି-୫୨ ଉତ୍ତର ଡାକୋଟାସ୍ଥିତ ମିନୋଟ ଏୟାରବେସରୁ ଦୀର୍ଘ ରେଞ୍ଜ ପର୍ଯ୍ୟନ୍ତ ଉଡ଼ାଣ ଭରିବ। ଏଥି ସହିତ ବେଲଜିୟମର କ୍ଲେନ୍ ବ୍ରୋଗେଲ ଏୟାରବେସ୍‌ରୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ସହ ଅତ୍ୟାଧୁନିକ ଏଫ୍-୧୬ ମଧ ଡ୍ରିଲ୍‌ରେ ସାମିଲ ହୋଇଛି। ଏଥିରେ ୧୪ ସଦସ୍ୟ ରାଷ୍ଟ୍ର ଅଂଶଗ୍ରହଣ କରିଥିବାବେଳେ ଏଥିରେ ୬୦ ଯୁଦ୍ଧବିମାନ ରହିଛି। ବେଲ୍‌ଜିୟମ, ଉତ୍ତରସାଗର ଏବଂ ବ୍ରିଟେନ୍ ଆକାଶରେ ୧୩ ଦିନ ଧରି ଏହି ସମରାଭ୍ୟାସ ଜାରି ରହିବ। ତେବେ ଏହା ଏକ ନିୟମିତ ଏବଂ ବାରମ୍ବାର ହେଉଥିବା ରୁଟିନ୍ ଡ୍ରିଲ୍ ବୋଲି ନାଟୋ କହିଛି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପୂର୍ବରୁ ହିଁ ଏହାର ଯୋଜନା ହୋଇଥିଲା। ସମ୍ପ୍ରତି ସ୍ଥିତି ସହ ଏହି ଯୁଦ୍ଧାଭ୍ୟାସର କୌଣସି ସମ୍ପର୍କ ନାହିଁ ବୋଲି ନାଟୋ ପକ୍ଷରୁ କୁହାଯାଇଛି।

## ଅଣୁ ଅସ୍ତ୍ର: ନାଟୋ ବନାମ ରୁଷିଆ



ଫେଡେରେଶନ ଅଫ୍ ଆମେରିକାନ୍ ସାଇଣ୍ଟିଷ୍ଟ ଅନୁସାରେ, ବିଶ୍ୱରେ ୯ ଦେଶ ନିକଟରେ ପ୍ରାୟ ୧୨,୭୦୦ ନ୍ୟୁକ୍ଲିୟର ଅସ୍ତ୍ର ରହିଛି। ସେଥିରୁ ୯୦% କେବଳ ଆମେରିକା ଏବଂ ରୁଷିଆ ନିକଟରେ ଅଛି। ରୁଷିଆ ପାଖରେ ଆଣବିକ ଅସ୍ତ୍ର ସଂଖ୍ୟା ୫,୯୭୭ ଥିବାବେଳେ ନାଟୋ ନିକଟରେ ୫,୯୪୩ ନ୍ୟୁକ୍ଲିୟର ୱେପନ୍ ରହିଛି। ସେହିପରି ଆମେରିକା ନିକଟରେ ୫,୪୨୮ ଆଣବିକ ଅସ୍ତ୍ର ମହଜୁଦ୍ ରହିଥିବାବେଳେ ଫ୍ରାନ୍ସ ୨୯୦ ଏବଂ ବ୍ରିଟେନ୍ ୨୨୫ ନ୍ୟୁକ୍ଲିୟର ଅସ୍ତ୍ର ରଖିଛି। ବିଶେଷଜ୍ଞଙ୍କ ମତରେ ନ୍ୟୁକ୍ଲିୟର ଯୁଦ୍ଧ ସ୍ଥିତି ଉପନୀତ ହେଲେ ନାଟୋ ଏବଂ ରୁଷିଆ ଛୋଟ ପରମାଣୁ ଅସ୍ତ୍ର ବା ଟାକ୍ଟିକାଲ ନ୍ୟୁକ୍ଲିୟର ୱେପନ୍‌କୁ ଯୁଦ୍ଧକ୍ଷେତ୍ରରେ ମୁତୟନ କରିପାରନ୍ତି।

## କିଭ୍‌ରେ ଡ୍ରୋନ୍ ଆକ୍ରମଣ: ୬ ନିହତ

**କିଭ୍, ୧୭।୧୦:** ମିଶାଇଲ ମାଡ଼ର କିଛି ଦିନ ପରେ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ରୁଷିଆ ସୋମବାର ଘନଘନ ଡ୍ରୋନ ଆକ୍ରମଣ କରିଛି। ଏହାସହ ପୂର୍ବ ୟୁକ୍ରେନ୍‌ର ସୁମି ଅଞ୍ଚଳରେ ମଧ ବିସ୍ଫୋରଣ ହୋଇଛି। ଆକ୍ରମଣରେ ରୁଷିଆ ଇରାନ୍‌ର କାମିକାଜେ ଡ୍ରୋନ୍ ବ୍ୟବହାର କରିଥିବା ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ଏଥିରେ ଅନ୍ୟୁନ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ଗର୍ଭବତୀ ଏବଂ ତାଙ୍କ ସ୍ୱାମୀ ରହିଛନ୍ତି। ସକାଳେ ରୁଷିଆର ୩ଟି ରକେଟ୍ ସୁମିରେ ଥିବା କେତେକ ବିଲ୍ଡିଂରେ ମାଡ଼ ହୋଇଥିବା ସ୍ଥାନୀୟ ଗଭର୍ନର ଡିମିଟ୍ରୋ ଜିଭିଟ୍‌ସ୍କି କହିଛନ୍ତି। ଆକ୍ରମଣରେ ସୁମି ଏବଂ ନିପ୍ରୋପେଟ୍ରୋଭ୍‌ସ୍କରେ ଥିବା ଶକ୍ତି ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି।



ସୋମବାର କିଭ୍‌ରେ ରୁଷିଆର ଡ୍ରୋନ୍ ଆକ୍ରମଣ ବେଳର ଦୃଶ୍ୟ।

## ଆଜି ଭାରତ ଆସିବେ ଗୁଟେରସ୍



ନୂଆଦିଲ୍ଲୀ,୧୭।୧୦

ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରସ୍ ମଙ୍ଗଳବାର ଭାରତ ଆସିବେ। ଦ୍ୱିତୀୟଥର ପାଇଁ ଜାତିସଂଘର ମହାସଚିବ ଦାୟିତ୍ୱ ଗ୍ରହଣ କରିବା ପରେ ଗୁଟେରସ୍‌ଙ୍କ ଏହା ପ୍ରଥମ ଭାରତ ଗସ୍ତ। ୨୬/୧୧ ମୁମ୍ବାଇ ଆକ୍ରମଣରେ ପ୍ରାଣ ହରାଇଥିବା ପୀଡ଼ିତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସକାଶେ ସେ ଭାରତ ଆସୁଛନ୍ତି। ଆଇଆଇଟି ମୁମ୍ବାଇରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଟେରସ୍ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ୨୦ତାରିଖରେ ଗୁଜରାଟରେ ମିଶନ୍ ଲାଇଫ୍ (ଲାଇଫଷ୍ଟାଇଲ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟ)ର ବୁକ୍‌ଲେଟ୍, ଲୋଗୋ ଏବଂ ଟାଗ୍‌ଲାଇନ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସେ ସାମିଲ ହେବେ। ୨୦୧୮ ଅକ୍ଟୋବର ୧ରେ ଗୁଟେରସ୍ ୪ ଦିନିଆ ଭାରତ ଗସ୍ତରେ ଆସିଥିଲେ।

## ଯବାନଙ୍କ ସହ ଦୀପାବଳି ପାଳିବେ ମୋଦି

ନୂଆଦିଲ୍ଲୀ,୧୭।୧୦

ପୂର୍ବ ବର୍ଷଗୁଡ଼ିକ ଭଳି ଏଥର ମଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯବାନମାନଙ୍କ ସହ ଦୀପାବଳି ପାଳନ କରିବେ। ଦୀପାବଳି ପୂର୍ବରୁ ସେ ଆସନ୍ତା ୨୧ ତାରିଖରେ କେଦାରନାଥ ଓ ବଦ୍ରିନାଥ ଗସ୍ତ କରିବେ। ୨୪ ତାରିଖରେ ସେ ଉତ୍ତରାଖଣ୍ଡର ସୀମାନ୍ତ ଗ୍ରାମ ମାନାକୁ ଯାଇ ସେଠାରେ ଯବାନଙ୍କ ସହ ଦୀପାବଳି ପାଳନ କରିବେ। ଏହି ଅବସରରେ ସେ ସ୍ଥାନୀୟ ଲୋକଙ୍କ ସହ ଭାବ ବିନିମୟ କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

## ସଂକ୍ଷେପରେ

### ଭାରତରେ ଗରିବଙ୍କ ସଂଖ୍ୟାରେ ୪୧.୫ କୋଟି ହ୍ରାସ

**ନୂଆଦିଲ୍ଲୀ,୧୭।୧୦ :** ଭାରତରେ ୨୦୦୫-୦୬ରୁ ୨୦୧୯-୨୧ ମଧ୍ୟରେ ଗରିବଙ୍କ ସଂଖ୍ୟା ୪୧.୫ କୋଟି ହ୍ରାସ ପାଇଥିବା ଜାତିସଂଘ ରିପୋର୍ଟରେ କୁହାଯାଇଛି। ଏହା ଏକ ଐତିହାସିକ ପରିବର୍ତ୍ତନ। ୨୦୩୦ ସୁଦ୍ଧା ଦାରିଦ୍ର୍ୟ ମଧ୍ୟରେ ରହୁଥିବା ସବୁ ବର୍ଗର ଲୋକସଂଖ୍ୟା ୫୦ ପ୍ରତିଶତ ହ୍ରାସ କରିବାକୁ ଦୀର୍ଘମିଆଦୀ ବିକାଶ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଏବଂ ଅକ୍ସଫୋର୍ଡ ପଭର୍ଟି ଆଣ୍ଡ ହ୍ୟୁମାନ ଡେଭେଲପମେଣ୍ଟ ଇନିସିଏଟିଭ୍(ଓପିଏଚ୍‌ଆଇ) ପକ୍ଷରୁ ମିଳିତ ଭାବେ ପ୍ରକାଶ ପାଇଥିବା ନୂଆ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (ଏମ୍‌ପିଆଇ) ଅନୁଯାୟୀ ୧୫ ବର୍ଷ ମଧ୍ୟରେ ଭାରତରେ ଗରିବଙ୍କ ସଂଖ୍ୟା ୪୧୫ ନିୟୁତ ହ୍ରାସ ପାଇଛି।

### ଗଣବଳାତ୍କାର ମାମଲା

### ବରିଷ୍ଠ ଆଇଏଏସ୍ ଅଫିସର ଜିତେନ୍ଦ୍ର ନାରାୟଣ ନିଲମ୍ବିତ

**ନୂଆଦିଲ୍ଲୀ,୧୭।୧୦:** ଏକ ଗଣବଳାତ୍କାର ମାମଲାରେ ବରିଷ୍ଠ ଆଇଏଏସ୍ ଅଫିସର ତଥା ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ପୂର୍ବତନ ମୁଖ୍ୟ ଶାସନ ସଚିବ ଜିତେନ୍ଦ୍ର ନାରାୟଣଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୋମବାର ନିଲମ୍ବନ କରିଛି। ୧୯୯୦ ବ୍ୟାଚ୍‌ର ଏହି ଆଇଏଏସ୍ ଅଫିସରଙ୍କ ନାମରେ ଏତଲା ଦାଏର ହୋଇଛି। ଚଳିତବର୍ଷ ଏପ୍ରିଲ ଓ ମେ' ମାସରେ ଜିତେନ୍ଦ୍ର ନାରାୟଣ, ଆର୍‌ଏଲ୍, ରିଷି ଓ ଅନ୍ୟ ଜଣେ ଅଫିସର ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଆଣ୍ଡାମାନ ନିକୋବର ପୋଲିସଠାରୁ ରିପୋର୍ଟ ପାଇବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



### ଦିଲ୍ଲୀ ମହିଳା କମିଶନ ଅଧକ୍ଷାଙ୍କ ଘର ଉପରେ ଆକ୍ରମଣ



ସ୍ୱାତୀ ମାଲିୱାଲ

**ନୂଆଦିଲ୍ଲୀ,୧୭।୧୦:** ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ) ଅଧକ୍ଷ ସ୍ୱାତୀ ମାଲିୱାଲଙ୍କ ଉତ୍ତର ଦିଲ୍ଲୀର ସିଭିଲ୍ ଲାଇନ୍ସ ଅଞ୍ଚଳରେ ଥିବା ଘରେ ସୋମବାର ସକାଳେ କେତେଜଣ ଦୁର୍ବୃତ୍ତ ପ୍ରବେଶ କରି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେମାନେ ସ୍ୱାତୀଙ୍କ ଦୁଇଟି କାର୍‌କୁ ମଧ ଭାଙ୍ଗିଦେଇଛନ୍ତି। ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ସ୍ୱାତୀ ଦିଲ୍ଲୀ ପୋଲିସରେ ଅଭିଯୋଗ କରିଛନ୍ତି। ଦିଲ୍ଲୀରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଯାଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ମହିଳା କମିଶନ ଅଧକ୍ଷା ମଧ ସୁରକ୍ଷିତ ନୁହନ୍ତି। ଉପରାଜ୍ୟପାଳ ଭି.କେ. ସାକ୍ସେନା ଆଇନଶୃଙ୍ଖଳା ସ୍ଥିତି ସୁଧାରିବା ଦିଗରେ କିଛି ସମୟ ଦେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

### ଆଜି ସିବିଆଇ କୋର୍ଟରେ ହାଜର ହେବେ ତେଜସ୍ୱୀ

**ପାଟନା,୧୭।୧୦:** ରେଲୱେ ନିଯୁକ୍ତି ଦୁର୍ନୀତି ମାମଲାରେ ବିହାର ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଙ୍ଗଳବାର ଦିଲ୍ଲୀର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର ହେବେ। ଉକ୍ତ ମାମଲାରେ ତେଜସ୍ୱୀ ଏବେ ଜାମିନରେ ଅଛନ୍ତି। ତାଙ୍କ ଜାମିନ ଖାରଜ ଲାଗି କୋର୍ଟରେ ସିବିଆଇ ଆବେଦନ କରିବା ପରେ ସେପ୍ଟେମ୍ବର ୧୯ରେ ତେଜସ୍ୱୀଙ୍କୁ ନୋଟିସ ଜାରି ହୋଇଥିଲା। ଯଦି ସେ ସର୍ତ୍ତାବଳୀ ଖିଲାପ କରିଥିବା ଜଣାପଡ଼େ ତେବେ ଅଦାଲତ ତାଙ୍କ ଜାମିନ ଖାରଜ କରିପାରନ୍ତି। ତଦନ୍ତକୁ ପ୍ରଭାବିତ କରିବା ଲାଗି ବିହାର ଉପମୁଖ୍ୟମନ୍ତ୍ରୀ ଓ ତାଙ୍କ ପରିବାର ସିବିଆଇ ଅଫିସରମାନଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ସେ ଏକ ଖବରଦାତା ସମ୍ମିଳନୀ କରି ତଦନ୍ତ ଅଟକାଇବାକୁ ଉଦ୍ୟମ କରିଥିଲେ ଓ ଦେଶର ସମ୍ବିଧାନକୁ ଚ୍ୟାଲେଞ୍ଜ କରିଥିଲେ ବୋଲି ଅଭିଯୋଗରେ କୁହାଯାଇଛି।



## ଜଷ୍ଟିସ୍ ଚନ୍ଦ୍ରଚୂଡ଼ ୫୦ତମ ସିଜେଆଇ ନିଯୁକ୍ତ

### ନଭେମ୍ବର ୯ରେ ଶପଥ

ନୂଆଦିଲ୍ଲୀ,୧୭।୧୦

ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ଧନଞ୍ଜୟ ୱାଇ. ଚନ୍ଦ୍ରଚୂଡ଼ ଭାରତର ୫୦ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ସୋମବାର ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଥିବା କେନ୍ଦ୍ର ଆଇନ ମନ୍ତ୍ରୀ କିରେନ୍ ରିଜିଜୁ ସୂଚନା ଦେଇଛନ୍ତି। ନଭେମ୍ବର ୯ରେ ସେ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ। ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ୟୁ.ୟୁ. ଲଳିତଙ୍କ ୭୪ ଦିନିଆ କାର୍ଯ୍ୟକାଳ ନଭେମ୍ବର ୮ରେ ଶେଷ ହେଉଥିବାବେଳେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ତାଙ୍କ ଉତ୍ତରାଧିକାରୀ ଭାବେ ଯୋଗଦେବେ।

ଗତ ସପ୍ତାହରେ ସିଜେଆଇ ଲଳିତ ଦେଶର ପରବର୍ତ୍ତୀ ସିଜେଆଇ ଭାବେ ସୁପ୍ରିମକୋର୍ଟର ସର୍ବବରିଷ୍ଠ ବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ନାଁ ସୁପାରିସ କରିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ବିଭିନ୍ନ ସାମ୍ବିଧାନିକ ପୀଠରେ ସାମିଲ ହୋଇ ଅଯୋଧ୍ୟା ରାମ ଜନ୍ମଭୂମି ଜମି ବିବାଦ, ଗୋପନୀୟତା ଅଧିକାର ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାରେ ରାୟ ପ୍ରଦାନ କରିଛନ୍ତି। ୨୦୧୯ ନଭେମ୍ବର ୯ରେ ତାଙ୍କ ଖଣ୍ଡପୀଠ ଅଯୋଧ୍ୟା ମାମଲାରେ ଐତିହାସିକ ରାୟ ଶୁଣାଇଥିଲେ। ଏକ ବିରଳ ସଂଯୋଗ କ୍ରମେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ସେହି ତାରିଖରେ ସିଜେଆଇ ଭାବେ ଶପଥ ନେବାକୁ ଯାଉଛନ୍ତି। ସେ ଏହି ପଦବୀରେ ୨ ବର୍ଷ ରହି ୨୦୨୪ ନଭେମ୍ବର ୧୦ରେ ଅବସର ଗ୍ରହଣ କରିବେ। ଜଷ୍ଟିସ ଚନ୍ଦ୍ରଚୂଡ଼ ୨୦୧୬ ମେ' ୧୩ରେ ସର୍ବୋଚ୍ଚ ଅଦାଲତର ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ତାଙ୍କ ବାପା ଜଷ୍ଟିସ୍ ୱାଇ.ଭି. ଚନ୍ଦ୍ରଚୂଡ଼୧୯୭୮ ଫେବୃୟାରୀ ୨୨ରୁ ୧୯୮୫ ଜୁଲାଇ ୧୧ ପର୍ଯ୍ୟନ୍ତ ଭାରତର ପ୍ରଧାନ ବିଚାରପତି ରହିଥିଲେ।



ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

## ଆଶ୍ରମରେ ସନ୍ନ୍ୟାସିନୀଙ୍କୁ ଗଣବଳାତ୍କାର

ଲକ୍ଷ୍ନୌ, ୧୭।୧୦

ଉତ୍ତରପ୍ରଦେଶର ଗୋମତି ନଗର ଥାନା ଅଞ୍ଚଳରେ ଏକ ଆଶ୍ରମରେ ଜଣେ ୫୦ ବର୍ଷୀୟା ମହିଳା ସନ୍ନ୍ୟାସିନୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ୪ ଜଣଙ୍କ ନାଁରେ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛି। ଘଟଣାଟି ଗତ ୪ ତାରିଖର। ମହିଳା ଜଣକ ଗତ ମାସରେ ଉକ୍ତ ଆଶ୍ରମକୁ ଆସିଥିଲେ। ସେଠାରେ ତାଙ୍କୁ ଆଶ୍ରୟ ମିଳିବ ବୋଲି ଆଶ୍ରମ ପକ୍ଷରୁ କୁହାଯାଇଥିଲା। ଘଟଣାଦିନ ତାଙ୍କ ଖାଦ୍ୟରେ କିଛି ନିଶାଦ୍ରବ୍ୟ ମିଶାଇ ଦିଆଯାଇଥିଲା। ଅଚେତ ହୋଇପଡ଼ିବା ପରେ ୪ ଜଣ ତାଙ୍କୁ ବଳାତ୍କାର କରିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ସେ ଚୁପ୍ ରହିବାକୁ ଆଶ୍ରମ ମୁଖ୍ୟ ତାଙ୍କୁ ଧମକ ଦେଇଥିଲେ। ଥାନାରେ ଏତଲା ଦେଲେ ତାଙ୍କୁ ଜୀବନ ହରାଇବାକୁ ପଡ଼ିବ ବୋଲି ଧମକ ମିଳିଥିବା ପୀଡ଼ିତା କହିଛନ୍ତି।

## ୨୩୦ ସ୍ପିଡ୍‌ରେ କାର୍ ଚଳାଇ ଲାଇଭ୍ ଭିଡିଓ

### ଡାକ୍ତରଙ୍କ ସମେତ ୪ ମୃତ

ଲକ୍ଷ୍ନୌ, ୧୭।୧୦

ଘଣ୍ଟାପ୍ରତି ୨୩୦ କିଲୋମିଟର ବେଗରେ ବିଏମ୍‌ଡବ୍ଲ୍ୟୁ କାର୍ ଚଳାଉଥିଲେ ୪ ସାଙ୍ଗ। ଲକ୍ଷ୍ୟ ଥିଲା ଘଣ୍ଟାପ୍ରତି ସ୍ପିଡ୍ ବଢ଼ାଇ ୩୦୦ କିଲୋମିଟର ଛୁଇଁବା। ଦ୍ରୁତଗତିରେ କାର୍ ଚଳାଉଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ତାହାର ଫେସ୍‌ବୁକ୍ ଲାଇଭ୍ ଭିଡିଓ ମଧ କରିଥିଲେ। ସେହି ସମୟରେ ଆଉ ଜଣେ କହିଥିଲେ ୪ ଜଣ ମରିବା। ଚାଳକ କହିଥିଲେ ପାଟି ଚୁପ୍ କରି ବସ ଓ କାର୍ ଚଳାଇବାକୁ ଦିଅ। ହେଲେ ସତକୁ ସତ ମାତ୍ର କିଛି କ୍ଷଣରେ କାର୍‌ଟି ଏକ କଣ୍ଟେନର ଟ୍ରକ୍‌କୁ ଧକ୍କା ହୋଇଥିଲା। ଏଥିରେ ଥିବା ଜଣେ ଡାକ୍ତରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ଉତ୍ତରପ୍ରଦେଶର ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେରେ ଶୁକ୍ରବାର ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସେମାନଙ୍କ ମଧ୍ୟରୁ ଜଣେ ଚାଳକଙ୍କୁ କହୁଛନ୍ତି, ବେଗ ୩୦୦ କି.ମି.କୁ ବଢ଼ାଅ। ଅତିକମ୍‌ରେ ୨୯୦ ଛୁଅଁ। ବ୍ରେକ୍ ଲଗାଅ ନାହିଁ। ନଚେତ ଆଉ ୩୦୦ କି.ମି. ବେଗରେ ଯାଇପାରିବା ନାହିଁ ବୋଲି ଜଣେ କହୁଥିବା ଉକ୍ତ ଭିଡିଓରୁ ଶୁଣିବାକୁ ମିଳିଛି। ମୃତକମାନେ ହେଲେ ବିହାରର ଡାକ୍ତର ଆନନ୍ଦ କୁମାର ଓ ତାଙ୍କ ୩ ବନ୍ଧୁ ଅଖିଳେଶ ସିଂ, ଦୀପକ କୁମାର ଏବଂ ଭୋଲା କୁଶ୍‌ୱାହା। ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିଛି।




# ସବ୍‌ସିଡି ସାର ପାଇଁ ଗୋଟିଏ ବ୍ରାଣ୍ଡ୍ 'ଭାରତ'

■ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

■୬୦୦ କିଷାନ ସମୃଦ୍ଧି କେନ୍ଦ୍ର ଉଦ୍‌ଘାଟିତ

ନୂଆଦିଲ୍ଲୀ,୧୭।୧୦

ଗୋଟିଏ ରାଷ୍ଟ୍ର ଗୋଟିଏ ସାର ଯୋଜନାର ଅଂଶବିଶେଷ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୟୁରିଆ ସାରର ଗୋଟିଏ ବ୍ରାଣ୍ଡ 'ଭାରତ'ର ଶୁଭାରମ୍ଭ କରିଛନ୍ତି। ଏହି ବ୍ରାଣ୍ଡ୍‌ରେ ସମସ୍ତ ସବ୍‌ସିଡିଯୁକ୍ତ ୟୁରିଆ ସାର ଉପଲବ୍ଧ ହେବ। ଏଥିସହିତ ପ୍ରଧାନମନ୍ତ୍ରୀ ୬୦୦ କିଷାନ ସମୃଦ୍ଧି କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ଏହି ଦୁଇଟି ସଂସ୍କାର ସାର ଉପଲବ୍ଧତା ଓ ମାନ ବଢ଼ାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପିଏମ୍ କିଷାନ ସମ୍ମାନ ସମ୍ମିଳନୀ ୨୦୨୨ ଅବସରରେ ମୋଦି ଅନ୍ତର୍ଜାତୀୟ ସାପ୍ତାହିକ ସାର ଇ-ମାଗାଜିନ 'ଇଣ୍ଡିଆ ଏଜ୍' ଉଦ୍‌ଘାଟନ କରିଥିଲେ। କୃଷି ଓ ସାର ମନ୍ତ୍ରଣାଳୟ ଦ୍ୱାରା ମିଳିତ ଭାବେ ଏହି ସମ୍ମିଳନୀର ଆୟୋଜନ କରାଯାଇଥିଲା। କେନ୍ଦ୍ର ସରକାର ନୂଆ ଯୋଜନା 'ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଉର୍ବରକ ପରିଯୋଜନା-ୱାନ୍ ନେଶନ ୱାନ୍ ଫର୍ଟିଲାଇଜର(ଓଏନ୍‌ଓଏଫ୍) ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଗୋଟିଏ ବ୍ରାଣ୍ଡ 'ଭାରତ'ରେ କମ୍ପାନୀଗୁଡ଼ିକ ସମସ୍ତ ସବ୍‌ସିଡିଯୁକ୍ତ ସାର ବିପଣନ କରିବାକୁ ବାଧ। କେଉଁ ବ୍ରାଣ୍ଡ୍‌ର ସାର ଭଲ ଓ ମାଟିକୁ ଉପଯୁକ୍ତ ଉର୍ବରତା ଦେଇପାରିବ, ତାହା ଜାଣି ନ ପାରି ଚାଷୀମାନେ ଦ୍ୱନ୍ଦ୍ୱରେ ପଡ଼ୁଥିଲେ। କାରଣ ବ୍ୟବସାୟୀମାନେ ଅଧିକ କମିଶନ ପାଉଥିବା ନିର୍ଦ୍ଦିଷ୍ଟ ବ୍ରାଣ୍ଡ୍‌ର ସାରକୁ ସେମାନଙ୍କୁ ନେବା ପାଇଁ ପ୍ରବର୍ତ୍ତାଉଥିଲେ। କମ୍ପାନୀଗୁଡ଼ିକ ସେମାନଙ୍କ ଉତ୍ପାଦିତ ସାରର ବିକ୍ରି ବୃଦ୍ଧି ଲାଗି ଆକର୍ଷଣୀୟ ବିଜ୍ଞାପନ ଦେଉଥିଲେ। ଓଏନ୍‌ଓଏଫ୍‌ରେ ଏହି ସମସ୍ୟାର ସମାଧାନ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଗୋଟିଏ ବ୍ରାଣ୍ଡ୍ ଏବଂ ଗୋଟିଏ ମାନର ୟୁରିଆ ସାର 'ଭାରତ' ବ୍ରାଣ୍ଡ୍ ନାମରେ ସାରା ଦେଶରେ ଉପଲବ୍ଧ ହେବ। ଫଳରେ କମ୍ପାନୀଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହ୍ରାସ ପାଇବ।

ସେହିପରି ଉଦ୍‌ଘାଟିତ ହୋଇଥିବା ୬୦୦ ପିଏମ୍ କିଷାନ ସମୃଦ୍ଧି କେନ୍ଦ୍ର ୱାନ୍-ଷ୍ଟପ୍-ଶପ୍ ଭାବେ କାର୍ଯ୍ୟ କରିବ। ଏହା କୃଷକମାନଙ୍କୁ ବହୁବିଧ ସେବା ଯୋଗାଇଦେବ। ଏହା କେବଳ ସାର,ବିହନ ଓ କୃଷି ଯନ୍ତ୍ରପାତି ଯୋଗାଇବ ନାହିଁ, ଏଥିସହିତ ମୃତ୍ତିକା, ବିହନ ଓ ସାର ପରୀକ୍ଷା ପାଇଁ ଗବେଷଣାଗାର ଯୋଗାଇଦେବ। ଏଥିସହିତ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶରେ ଥିବା ୩.୨୫ ଲକ୍ଷ ଖୁଚୁରା ସାର ଦୋକାନ ପିଏମ୍-କେଏସ୍‌କେରେ ପରିବର୍ତ୍ତନ ହେବ। ଏହି ଅବସରରେ ସାରରେ ଆତ୍ମନିର୍ଭର ହେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

କେନ୍ଦ୍ର ସରକାର ସାର ଉପରେ ୯୦ ପ୍ରତିଶତ ସବ୍‌ସିଡି ଦେଉଛନ୍ତି। ଅର୍ଥାତ୍ ୭୫ରୁ ୮୦ ଟଙ୍କାରେ ୟୁରିଆ କିଣାଯାଉଥିବାବେଳେ ଚାଷୀମାନଙ୍କୁ ମାତ୍ର ୬ ଟଙ୍କାରେ ଯୋଗାଇ ଦିଆଯାଉଛି। ସାର ସବ୍‌ସିଡି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା କରିବା ପାଇଁ ସରକାର ପ୍ରସ୍ତୁତି ଚଳାଇଥିବା କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀ କହିଛନ୍ତି।




## ପିଏମ୍-କିଷାନ ଦ୍ୱାଦଶ କିସ୍ତି

### ଚାଷୀଙ୍କ ଖାତାକୁ ଗଲା ୧୬ ହଜାର କୋଟି

ନୂଆଦିଲ୍ଲୀ,୧୭।୧୦

ଦୀପାବଳି ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିତାଧିକାରୀ ଚାଷୀମାନଙ୍କୁ ପିଏମ୍-କିଷାନ ଯୋଜନାର ଦ୍ୱାଦଶ କିସ୍ତି ଅର୍ଥ ସୋମବାର ପ୍ରଦାନ କରିଛନ୍ତି। ଏହି ଯୋଜନାରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୬,୦୦୦ କୋଟି ଟଙ୍କା ଛଡ଼ାଯାଇଛି। ମୋଟ ୧୨ଟି କିସ୍ତିରେ ଏପର୍ଯ୍ୟନ୍ତ ୨.୧୬ ଲକ୍ଷ କୋଟି ଟଙ୍କା ଚାଷୀମାନଙ୍କୁ ଦିଆଗଲାଣି। ଯୋଗ୍ୟ ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ବର୍ଷକୁ ୬,୦୦୦ ଟଙ୍କା ତିନୋଟି କିସ୍ତିରେ ଯୋଗାଇ ଦିଆଯାଉଛି। ଏହି ଯୋଜନା ୨୦୧୯ ଫେବୃୟାରୀରେ ଶୁଭାରମ୍ଭ ହୋଇଥିଲା। ନୂଆଦିଲ୍ଲୀର ପୁସା କ୍ୟାମ୍ପସ୍‌ରେ 'ପିଏମ୍ କିଷାନ ସମ୍ମାନ ସମ୍ମିଳନୀ ୨୦୨୨' ଅବସରରେ ପ୍ରଧାନମନ୍ତ୍ରୀ ଦ୍ୱାଦଶ କିସ୍ତି ଅର୍ଥ ଛାଡ଼ିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୦୦,୫୬,୭୪୩ | ୬୫,୭୧,୯୩୩ | ୬୦,୯୨,୨୯,୧୬୩ |
| ଭାରତ | ୪,୪୬,୩୦,୮୮୮ | ୫,୨୮,୯୦୫ | ୪,୪୦,୭୫,୧୪୯ |
| ଓଡ଼ିଶା | ୧୩,୩୫,୫୦୩ | ୯୨୦୨(+୫୩) | ୧୩,୨୫,୭୭୩ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୮ ବର୍ଷରେ ୪୧ ହାଜତ ମୃତ୍ୟୁ

## ୨୦୧୫ରେ ସର୍ବାଧିକ ୮

- ଏଚ୍‌ଆର୍‌ପିସି ଦେଲାନି ସମ୍ପୂର୍ଣ୍ଣ ତଥ୍ୟ
- ତଦନ୍ତ ପରିସରଭୁକ୍ତ ହେଉନାହାନ୍ତି ଉପରିସ୍ଥ ପୋଲିସ ଅଧିକାରୀ

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଥାନା ହାଜତରେ ଅଭିଯୁକ୍ତ ତଥା ସନ୍ଦିଗ୍ଧମାନଙ୍କୁ ପୋଲିସ ଅନେକ ସମୟରେ ନିର୍ଯାତନା ଦେବା ସହ ମାଡ଼ ମାରିବାର ନଜିର ରହିଛି। ଫଳରେ ପୋଲିସ ହେପାଜତରେ ବା ଥାନା ହାଜତରେ ଥାଇ ବହୁ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। କେତେକ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲେ ମଧ୍ୟ ବହୁ ଘଟଣା ଫାଇଲ ତଳେ ଚାପି ହୋଇଯାଇଛି। ଅନେକ କ୍ଷେତ୍ରରେ ବିବାଦରେ ଛନ୍ଦି ହୋଇଯାଇଥିବା ପୋଲିସ ବଦନାମ ଭୟରେ ନିଜ ନାମରେ ଆସୁଥିବା ଏପରି ଅଭିଯୋଗକୁ ନାନାଭାବେ ଏଡାଇ ଯାଇଥିବା ଅଭିଯୋଗ ରହିଛି। ତେବେ ଦୋଷୀ ପୋଲିସ ବିରୋଧରେ ସେଭଳି କୌଣସି ବଳିଷ୍ଠ ପଦକ୍ଷେପ ନିଆଯାଉ ନ ଥିବାରୁ ହାଜତ ମୃତ୍ୟୁ ମାମଲାରେ ରୋକ ଲାଗିପାରୁ ନ ଥିବା କୁହାଯାଉଛି। ଗତ ୮ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୫ରୁ ୨୦୨୨ ଜୁଲାଇ ସୁଦ୍ଧା ରାଜ୍ୟରେ ୪୧ଟି ହାଜତ ମୃତ୍ୟୁ ଘଟଣା ଘଟିଛି। ରାଜ୍ୟ ପୋଲିସର ମାନବିକ ଅଧିକାର ସୁରକ୍ଷା ସେଲ୍ (ଏଚ୍‌ଆର୍‌ପିସି) ପକ୍ଷରୁ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋଙ୍କୁ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି।

ତଥ୍ୟ ଅନୁଯାୟୀ, ୨୦୧୫ରେ ରାଜ୍ୟରେ ସର୍ବାଧିକ ୮ଟି ହାଜତ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୬ରେ ୪, ୨୦୧୭ରେ ୩, ୨୦୧୮ରେ ୩, ୨୦୧୯ରେ ୭, ୨୦୨୦ରେ ୭, ୨୦୨୧ରେ ୫ ଏବଂ ୨୦୨୨ ଜୁଲାଇ ଶେଷ ସୁଦ୍ଧା ୪ଟି ହାଜତ ମୃତ୍ୟୁ ଘଟଣା ଘଟିଛି। ସାମାଜିକ ଏବଂ ଆର୍ଥିକ ସ୍ତରରେ ସ୍ୱଚ୍ଛଳ ନ ଥିବା ସାଧାରଣ ନାଗରିକମାନେ ହାଜତ ମୃତ୍ୟୁର ଅଧିକ ଶିକାର ହୁଅନ୍ତି। ଥାନା ହାଜତରେ ଘଟୁଥିବା ଘଟଣାରେ ଉପରିସ୍ଥ ପୋଲିସ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ନ ଥିବାରୁ ଏଭଳି ଘଟଣା ଘଟୁଥିବା କୁହାଯାଉଛି। ଅନ୍ୟପକ୍ଷରେ ବଢ଼ୁଥିବା ହାଜତ ମୃତ୍ୟୁ ଘଟଣାକୁ ନେଇ ୧୯୯୭ରେ ଡି.କେ ବାସୁ ବନାମ ପଶ୍ଚିମବଙ୍ଗ ମାମଲାରେ ସୁପ୍ରିମକୋର୍ଟ ୧୧ଟି ସର୍ତ୍ତାବଳୀ ମାନିବାକୁ ପୋଲିସ ଏବଂ ତଦନ୍ତକାରୀ ଏଜେନ୍ସିକୁ ନିର୍ଦ୍ଦେଶ ଦେଇଥିଲେ। ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାର ୨୪ ଘଣ୍ଟା ମଧ୍ୟରେ ପୋଲିସ କୋର୍ଟ ଚାଲାଣ କରିବ, ଗିରଫ ପରେ ଅଭିଯୁକ୍ତଙ୍କ ପରିବାର ଲୋକ ଓ ତାଙ୍କ ଓକିଲଙ୍କୁ ପୋଲିସ ଖବର ଦେବ, ପୋଲିସ ଯାହାଙ୍କୁ ପଚରାଉଚରା କରୁଛି ସେମାନଙ୍କ ପରିବାର ତଥା ସମ୍ପର୍କୀୟଙ୍କୁ ଜଣାଇବ, ଜଣେ ଅଭିଯୁକ୍ତଙ୍କୁ କେଉଁଠୁ ଗିରଫ କରାଗଲା, ସେଦିନର ତାରିଖ, ଥାନାକୁ କିପରି ଅଣାଗଲା ଆଦି ତଥ୍ୟକୁ ପୋଲିସ ଏହାର କେସ୍ ଡାଏରୀରେ ଉଲ୍ଲେଖ କରିବ। ଏଭଳି ଏକାଧିକ ସର୍ତ୍ତାବଳୀ ମାନିବାକୁ ସୁପ୍ରିମ କୋର୍ଟ କହିଥିଲେ। ତେବେ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କହିଛନ୍ତି, ୨୦୧୫ରୁ ୨୦୨୨ ମଧ୍ୟରେ ରାଜ୍ୟରେ କେତେ ହାଜତ ମୃତ୍ୟୁ ଘଟଣା ଘଟିଥିଲା, ସେଥିରୁ କେତୋଟି ଜାତୀୟ ମାନବିକ ଅଧିକାର କମିଶନ ଓ ରାଜ୍ୟ କମିଶନରେ ଅଭିଯୋଗ ହୋଇଥିଲା, କେଉଁ ଘଟଣାରେ କେତେ କ୍ଷତିପୂରଣ ପ୍ରଦାନ କରାଯାଇଛି, କେଉଁ ସବୁ ଘଟଣାରେ ସମ୍ପୃକ୍ତଙ୍କ ବିରୋଧରେ ଶୃଙ୍ଖଳାଗତ ଓ ଫୌଜଦାରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ପ୍ରତି ହାଜତ ମୃତ୍ୟୁ ଘଟଣାର ସଂକ୍ଷିପ୍ତ ବିବରଣୀ ପ୍ରଦାନ ପାଇଁ ତଥ୍ୟ ମଗାଯାଇଥିଲା। ହେଲେ ଏସଂକ୍ରାନ୍ତରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇନାହିଁ। ପ୍ରକୃତ ତଥ୍ୟ ସର୍ବସାଧାରଣରେ ପ୍ରଘଟ ହେଲେ ପୋଲିସ ବିଭାଗ ପଦାରେ ପଡ଼ିଯିବା ଆଶଙ୍କାରେ ସୂଚନା ଆଇନକୁ ଉଲ୍ଲଂଘନ କରାଯାଇଛି। ତେବେ ଏହା ବିରୋଧରେ ସେ ସୂଚନା କମିଶନ ଓ ଉପଯୁକ୍ତ ସ୍ତରରେ ପ୍ରଥମ ଅପିଲ କରିବେ ବୋଲି ବିଶ୍ୱପ୍ରିୟ କହିଛନ୍ତି।

# ଯୁକ୍ତ୨ କରେସ୍‌ପଣ୍ଡେନ୍ସ କୋର୍ସ ନାମଲେଖା ପାଇଁ ୧୯ରୁ ଆବେଦନ

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଯୁକ୍ତ୨ ପ୍ରଥମ ବର୍ଷ କରେସ୍‌ପଣ୍ଡେନ୍ସ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆସନ୍ତା ୧୯ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ୧୯ ତାରିଖ ପୂର୍ବାହ୍ନ ୧୧ଟାରେ ସାମ୍ସ ୱେବ୍‌ସାଇଟ୍‌ରେ ଫର୍ମ ଉପଲବ୍ଧ ହେବ। ନଭେମ୍ବର ୩ ରାତି ୧୧ଟା ୫୦ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ। ମାଧ୍ୟମିକ ଶିକ୍ଷା ବୋର୍ଡରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ୩,୧୬୦ ଟଙ୍କା ଫି' ରହିଥିବାବେଳେ ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ୩,୧୮୦ ଟଙ୍କା ରହିଛି। ମନୋନୀତ ଛାତ୍ରୀଛାତ୍ରଙ୍କ ତାଲିକା ନଭେମ୍ବର ୧୦ ଅପରାହ୍ନ ୨ଟାରେ ପ୍ରକାଶ ପାଇବ। ନଭେମ୍ବର ୧୧ ପୂର୍ବାହ୍ନ ୧୧ଟାରୁ ୧୯ ତାରିଖ ଅପରାହ୍ନ ୪ଟା ଭିତରେ ନାମ ଲେଖାଇବେ। ଏ ନେଇ ସୋମବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।









**ଆଜିର ମନ୍ତବ୍ୟ**

"ନିର୍ବାଚନ ହେବାକୁ ଥିବା ଗୁଜରାଟରେ ଆମ୍ ଆଦ୍‌ମୀ ପାର୍ଟିର ଶକ୍ତି ବୃଦ୍ଧିରେ ଭାଜପା ଭୟଭୀତ। ଏଏପିକୁ ବଦ୍‌ନାମ କରିବା ପାଇଁ ଅବକାରୀ ଦୁର୍ନୀତି ନାଁରେ ଜାଲ୍ ସିବିଆଇ ମାମଲା ଲଗାଇ ଜେରା କରାଯାଉଛି। **-ମନୀଷ ସିସୋଡ଼ିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିନକୁ ମଳା ମଳା, ରାତିକୁ ନିର୍ମଳା,**
**ନାଥ ବୋଲେ ପୁତାରେ ରାଇଜ ଛାଡ଼ି ପଳା।**

ଦିନରେ ମେଘ ଘୋଟି ଆକାଶ ପରିଷ୍କାର ବା ନିର୍ମଳ ଦିଶିଲେ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷ ପଡ଼ିବାର ସମ୍ଭାବନା ରହିଥାଏ। ପ୍ରାକୃତିକ ବିପର୍ଯ୍ୟୟ ଆଗରେ ମଣିଷ କିଂକର୍ତ୍ତବ୍ୟମୁଢ ବା ଅସହାୟ ହୋଇଯାଇଥାଏ। ତେଣୁ ଏପରି ପରିସ୍ଥିତି ଉପୁଜିଲେ ଅନ୍ୟତ୍ର ଯାଇ କିଛି କାର୍ଯ୍ୟ ଆରମ୍ଭ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ଷ୍ଟଡି ମାଟେରିଆଲ ଚିନ୍ତାରେ ...

କିନ୍ତୁ ସାଇନ୍ସର କିଛି ନାହିଁ। ତେଣୁ ଏବେଠୁ ଚିନ୍ତା କରିବା ଉଚିତ୍। ପ୍ରଥମେ ପ୍ରଥମେ ଅସୁବିଧା ହୋଇପାରେ। ଭଲ ଷ୍ଟଡି ମାଟେରିଆଲ୍ସ ଆସିବା ପାଇଁ ମଧ୍ୟ ବର୍ଷେ କି ଦୁଇବର୍ଷ ଲାଗିଯିବ। ଯେହେତୁ ଆସନ୍ତା ବର୍ଷ ଓଡ଼ିଆରେ ଓସିଏସ୍ ପରୀକ୍ଷା କରାଯିବା ପାଇଁ ଚିନ୍ତା କରାଯାଇଛି, ତେଣୁ ଏତେ କମ୍ ସମୟରେ ମାଟେରିଆଲ ପ୍ରସ୍ତୁତ କରିବା ନିଶ୍ଚିତ ଭାବେ ବଡ଼ ଚ୍ୟାଲେଞ୍ଜ ହେବ। ସେଥିପାଇଁ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ଟେକ୍ସଟ ବ୍ୟୁରୋକୁ କହି ସଙ୍ଗେ ସଙ୍ଗେ ଷ୍ଟଡି ମାଟେରିଆଲ ପ୍ରସ୍ତୁତ କରିବା ଦରକାର। ଏନେଇ ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତିଙ୍କୁ ପଚାରିବାରେ, ଆଜି ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଇଂଲିଶରେ ପରୀକ୍ଷା ଦେଉଥିଲେ। ଓଡ଼ିଆ ଭାଷା ବିକଳ୍ପ ରହିବ । ସମସ୍ତଙ୍କୁ ବାଧ୍ୟ କରାଯିବ ନାହିଁ ଓଡିଆରେ ଲେଖିବାକୁ । ସାକ୍ଷାତ୍‌କାର ସମୟରେ ଓଡ଼ିଆ ଭାଷା ସବୁଠାରୁ ବଡ଼ ସୁବିଧା ହେବ। ଓଡ଼ିଆ ମିଡିୟମରେ ବହୁ ପିଲା ପଢୁଥିବା କାରଣରୁ ସାକ୍ଷାତ୍‌କାରରେ ଅଧିକାଂଶ ଓଡିଆରେ କହିବାକୁ ଚାହିଁବେ । ଯେଉଁ ସବୁ ବିଷୟରେ ପରୀକ୍ଷା ହେଉଛି ତାହାର କୌଣସି ପାଠ୍ୟପୁସ୍ତକ ନ ଥାଏ। ପିଲାମାନେ ଟେକ୍ସଟ ବୁକ୍ ଏବଂ ନୋଟ୍‌ସ ଆଦି ପଢି ପରୀକ୍ଷା ପାଇଁ ପ୍ରସ୍ତୁତି କରନ୍ତି । ଏନେଇ କୌଣସି ସ୍ୱତନ୍ତ୍ର ପୁସ୍ତକ ନ ଥାଏ। ମ୍ୟାଟେରିଆଲ ଯୋଗାଇବା ଓପିଏସ୍‌ସି ଦାୟିତ୍ୱ ନୁହେଁ। ଓପିଏସ୍‌ସି କେବଳ ପରୀକ୍ଷା କରାଇଥାଏ। ତେବେ ଚାହିଦା ନେଇ ଖୁବ୍‌ଶୀଘ୍ର ମାଟେରିଆଲ ଉପଲବ୍ଧ କରାଯିବ ବୋଲି ମହାନ୍ତି କହିଛନ୍ତି।

ଅପରପକ୍ଷେ ଷ୍ଟଡି ମାଟେରିଆଲ୍ସ ସମସ୍ୟା ଦୂର କରିବା ଲାଗି ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପ୍ରସ୍ତୁତି ଆରମ୍ଭ କରିଛି। ପୂର୍ବରୁ ଇଞ୍ଜିନିୟରିଂ ଏବଂ ଆଇଏଏସ୍ ପରୀକ୍ଷା ପାଇଁ ସଂସ୍ଥା ପୁସ୍ତକ ପ୍ରସ୍ତୁତି କରିସାରିଛି। ତେଣୁ ଏବେ ସରକାରଙ୍କ ଅନୁମତି ମିଳିଲେ ଆଶାୟୀଙ୍କୁ କୋଚିଂ ସହ ଅନ୍‌ଲାଇନ୍ କ୍ଲାସ୍ ଏବଂ ଓଡ଼ିଆ ଷ୍ଟଡି ମାଟେରିଆଲ୍ସ ଯୋଗାଯାଇପାରିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସଂସ୍ଥାର ଉପାଧ୍ୟକ୍ଷା ସିପ୍ରା ମଲ୍ଲିକ କହିଛନ୍ତି, ଗତ ୧୦ବର୍ଷ ହେଲା ସଂସ୍ଥା ପକ୍ଷରୁ ଆଇଏଏସ୍ ପାଇଁ ଓଡ଼ିଆରେ କୋଚିଂ ଦିଆଯାଉଛି। ଆଇଏଏସ୍ ଓ ଓଏଏସ୍‌ର ପାଠ୍ୟକ୍ରମ ପ୍ରାୟତଃ ସମାନ। ଆମ ପାଖେ ଆଇଏଏସ୍ ଷ୍ଟଡି ମାଟେରିଆଲ ଅଛି। ଯାହାକୁ ଆମେ ଓଏଏସ୍ ପାଇଁ ମଧ୍ୟ ଯୋଗାଇପାରିବୁ। ସରକାର ଚାହିଁଲେ ଆମେ ଦେଇପାରିବୁ। ଆଶାୟୀମାନେ ମଧ୍ୟ ଚାହିଁଲେ ସହଯୋଗ କରିପାରିବୁ। ଏଥିସହିତ ଆମ ପାଖେ କୋଚିଂ ଦେଉଥିବା ଅଭିଜ୍ଞ ଶିକ୍ଷକ ମଧ୍ୟ ଅଛନ୍ତି। ଓସିଏସ୍ ଆଶାୟୀମାନେ ଯଦି ଚାହିଁବେ ଆମେ ତାଙ୍କୁ ଅନ୍‌ଲାଇନ୍ କୋଚିଂ ଦେଇପାରିବୁ। ନଚେତ୍ ଆମ ସେଣ୍ଟରକୁ ଆସି ମଧ୍ୟ କୋଚିଂ ନେଇପାରିବେ ବୋଲି ମଲ୍ଲିକ କହିଛନ୍ତି।

### ୯ମ,୧୦ମ ପାଇଁ ୪ ...

କ୍ୟାରିୟର ମାର୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଛାତ୍ରୀଛାତ୍ରମାନେ ରଖିଥିବା ମାର୍କ ଅନୁଯାୟୀ ଗ୍ରେଡ୍ ଦିଆଯିବ। ଏହି ଗ୍ରେଡ୍ ହାଇସ୍କୁଲ ସାର୍ଟିଫିକେଟରେ ପ୍ରତିଫଳିତ ହେବ। ଛାତ୍ରୀଛାତ୍ରଙ୍କ ପାଇଁ ଏହି ପରୀକ୍ଷା ବାଧ୍ୟତାମୂଳକ। ବୁକ୍ ରିଭ୍ୟୁରେ ଛାତ୍ରୀଛାତ୍ର ଏକ ବହି ପଢ଼ିବେ ଓ ଏହାର ସାରାଂଶ (ସମରି) ଲେଖିବେ। ଆତ୍ମଜୀବନୀ ପୁସ୍ତକ କିମ୍ବା ଉପନ୍ୟାସ ବ୍ୟତୀତ ଛାତ୍ରୀଛାତ୍ର ଅନ୍ୟ ସମସ୍ତ ପୁସ୍ତକ ଅନୁସରଣ କରିପାରିବେ। ଏହାବାଦ ସେମାନେ ନିଜ ପୂର୍ବ ଶ୍ରେଣୀର ପାଠ୍ୟପୁସ୍ତକକୁ ରିଭ୍ୟୁ କରିପାରିବେ। ସେହିଭଳି ପ୍ରୋଜେକ୍ଟ ୱାର୍କରେ ଛାତ୍ରୀଛାତ୍ରମାନେ ପାଠ୍ୟକ୍ରମ ଅନ୍ତର୍ଗତ ଓ ବହିର୍ଗତ ବିଷୟକୁ ନେଇପାରିବେ। କିନ୍ତୁ ଫର୍ମେଟିଭ ଆସେସମେଣ୍ଟରେ ଯେଉଁ ବିଷୟରେ ପ୍ରୋଜେକ୍ଟ ୱାର୍କ କରିଥିବେ, ସେହି ବିଷୟରେ ଆଉଥରେ ପ୍ରୋଜେକ୍ଟ ୱାର୍କ କରିପାରିବେ ନାହିଁ। କୋ-କରିକୁଲାର ଆକ୍ଟିଭିଟିଜରେ ପ୍ରାୟ ୭ଟି ଆକ୍ଟିଭିଟିକୁ ସାମିଲ କରାଯାଇଥିବାବେଳେ ଏଥିରୁ ୩ଟିକୁ ଛାତ୍ରୀଛାତ୍ର ବାଛିବେ। ଫିଜିକାଲ ଡେଭେଲପମେଣ୍ଟ ଆକ୍ଟିଭିଟି ବାଧ୍ୟତାମୂଳକ ହୋଇଥିବା ବେଳେ ଅନ୍ୟ ୬ଟି ଯଥା ଲିଟେରେସି, କଲଚରାଲ ଡେଭେଲପମେଣ୍ଟ, ସୋସିଆଲ ଡେଭେଲପମେଣ୍ଟ, ସିଟିଜେନଶିପ୍ ଟ୍ରେନିଂ, ଲିଜର ଟାଇମ୍, ଇଣ୍ଟରନ୍ୟାଶନାଲ ଆଣ୍ଡ ନ୍ୟାଶନାଲ ଇଣ୍ଟିଗ୍ରେଶନ ଡେଭେଲପମେଣ୍ଟ ଆକ୍ଟିଭିଟି ମଧ୍ୟରୁ ୨ଟିକୁ ଚୟନ କରିବାକୁ ପଡ଼ିବ। କିନ୍ତୁ ଯଦି କୌଣସି ଛାତ୍ରୀଛାତ୍ର ରାଜ୍ୟ ତଥା ଜାତୀୟସ୍ତରରେ ଭାଗ ନେଇଛନ୍ତି ତା'ହେଲେ କେବଳ ଗୋଟିଏ ଆକ୍ଟିଭିଟି ନେଇପାରିବେ। ଅନ୍ୟ ୨ଟି ଆକ୍ଟିଭିଟି ସେମାନଙ୍କ ନିମନ୍ତେ ଇଚ୍ଛାଧୀନ। ସେହିପରି ବେସିକ ଆଇଟି ସ୍କିଲ୍‌ସରେ ଛାତ୍ରୀଛାତ୍ରଙ୍କୁ ଇଣ୍ଟରନେଟ, କମ୍ପ୍ୟୁଟର ଅପରେଟିଂ, ଟ୍ୟାପିଂ, ଏମ୍‌ସ ଅଫିସ, ଏକ୍ସେଲ ଓ ପାୱାର ପଏଣ୍ଟ ଆଦି ଉପରେ ପଢିବାକୁ ହେବ। ଏହି ସମସ୍ତ ବିଷୟରେ ମୋଟ ୧୦୦ ମାର୍କ ପରୀକ୍ଷା ହେବ ଏବଂ ଏହାର ଆସେସମେଣ୍ଟକୁ ଗାଇଡ୍ ଶିକ୍ଷକଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ଏହାପରେ ଛାତ୍ରୀଛାତ୍ରଙ୍କୁ ମାର୍କ ପ୍ରଦାନ କରାଯିବ। ୮୦ ପ୍ରତିଶତ ମାର୍କ ରଖିଥିବା ପିଲାଙ୍କୁ ଏ ଗ୍ରେଡ୍, ୬୦ରୁ ୮୦ ପ୍ରତିଶତ ମାର୍କ ମଧ୍ୟରେ ବି ଗ୍ରେଡ୍, ୪୦ରୁ ୬୦ ପ୍ରତିଶତ ମାର୍କ ପାଇଁ ସି ଗ୍ରେଡ୍ ଏବଂ ୪୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ଡି ଗ୍ରେଡ ମିଳିବ। ଏହି ଗ୍ରେଡ୍ ହାଇସ୍କୁଲ ସାର୍ଟିଫିକେଟରେ ରହିବ। ଛାତ୍ରୀଛାତ୍ରମାନେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ କୌଣସି କଲେଜରେ ନାମ ଲେଖାଇଲେ, ଯଦି ଏହି ସମସ୍ତ ଆକ୍ଟିଭିଟି ସମ୍ପୃକ୍ତ କଲେଜରେ ଥିବ, ତା'ହେଲେ ସେମାନେ ଏଥିରେ ଭାଗ ନେଇପାରିବେ ବୋଲି ହାଜରା କହିଛନ୍ତି। ଖବରଦାତା ସମ୍ମିଳନୀରେ ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ଏବଂ ସମ୍ପାଦକ ଶ୍ରୀକାନ୍ତ ତରାଇ ଉପସ୍ଥିତ ଥିଲେ।

### ଘୂର୍ଣ୍ଣିବଳୟ:ବଢ଼ିଲା ...

ଏହା ଆସନ୍ତା ୨୪ ତାରିଖ ରାତି କିମ୍ବା ୨୫ ତାରିଖ ସକାଳେ ଆନ୍ଧ୍ର କିମ୍ବା ଓଡ଼ିଶା ମଧ୍ୟ ଦେଇ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହି ସାମୁଦ୍ରିକ ଝଡ଼ ଘଣ୍ଟା ପ୍ରତି ୧୨୦ରୁ ୧୩୦ କି.ମି. ବେଗରେ ସ୍ଥଳଭାଗରେ ମାଡ଼ ହେବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୨/୩ ଦିନ ମଧ୍ୟରେ ବାତ୍ୟାର ରୂପରେଖକୁ ନେଇ ସ୍ପଷ୍ଟ ସୂଚନା ମିଳିପାରିବ। ଅନ୍ୟପକ୍ଷରେ ଆସନ୍ତା ୪୮ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅପସାରଣ ପାଇଁ ପାଗ ଅନୁକୂଳ ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ ଦୁଇଦିନ ହେବ ରାଜ୍ୟରେ ବର୍ଷା ହ୍ରାସ ପାଇଛି। ଗତ ୨୪ ଘଣ୍ଟାରେ ସମଗ୍ର ରାଜ୍ୟରେ ହାରାହାରି ୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି; ଯାହା ସ୍ୱାଭାବିକଠାରୁ ୬୭ପ୍ରତିଶତ କମ୍ ରହିଛି। ସୋମବାର ସମ୍ବଲପୁରରେ ସର୍ବାଧିକ ୨୮.୮ମିମି ବର୍ଷା ହୋଇଥିବାବେଳେ ସୁନ୍ଦରଗଡ଼ରେ ୧୦.୫, ଝାରସୁଗୁଡ଼ାରେ ୧୫ମିମି ବର୍ଷା ହୋଇଛି। ତେବେ ଆସନ୍ତା ୧୯ ତାରିଖରୁ ବର୍ଷାର ପରିମାଣ ବଢ଼ିବା ସମ୍ଭାବନା ରହିଛି। ଉପକୂଳ ଓଡ଼ିଶା ସମେତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟରେ ବର୍ଷା ହେବାର ଆଶଙ୍କା ରହିଛି। ସେହିଭଳି ୨୦ରେ ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ଅଞ୍ଚଳ ସମେତ ଜଗତ୍‌ସିଂହପୁର, କଟକ, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ୨୧ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି ଓ ଗଞ୍ଜାମରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### 'ଓଡ଼ିଶାର ଅଭିବୃଦ୍ଧିରେ ...

ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍ ରେଟିଂରେ ଓଡ଼ିଶା 'ଆଚିଭର' ଷ୍ଟାଟସ୍ ହାସଲ କରିଛି। ରାଜ୍ୟ ବିକାଶ ଶୋକେସ୍‌ର ଚିତ୍ରକୁ ଦର୍ଶାଇବା ପାଇଁ ମେକ୍ ଇନ୍ ଓଡ଼ିଶା କନକ୍ଲେଭ -୨୦୨୨ ଏକ ପ୍ଲାଟଫର୍ମ। ବିଶ୍ୱବ୍ୟାପୀ ପୁଞ୍ଜିନିବେଶକାରୀଙ୍କୁ ଆମେ କ'ଣ ଦେଇପାରିବୁ ତାହା ଉକ୍ତ କନକ୍ଲେଭ୍‌ରେ ଉପସ୍ଥାପନ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଭିନ୍ନ କ୍ଷେତ୍ରର ଭବିଷ୍ୟତ ଶିଳ୍ପ ବିଷୟରେ ଆଲୋଚନା କରିବା ପାଇଁ ଶିଳ୍ପ ମହାନାୟକ ଏବଂ ଥଟ୍ ଲିଡରମାନଙ୍କ ସକାଶେ ଏହା ଏକ ଭଲ ପ୍ଲାଟଫର୍ମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଐତିହାସିକ ସହର ହାଇଦ୍ରାବାଦରେ ଶିଳ୍ପପତିମାନଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରି କହିଛନ୍ତି, ଓଡ଼ିଶା ଏବେ ଅଭିବୃଦ୍ଧି ସ୍ତରରେ ରହିଛି। ଆସନ୍ତା ୧୦ ବର୍ଷରେ ଏହା ଏକ ଉଚ୍ଚ ଅଭିବୃଦ୍ଧିକୁ ଦେଖିବ। ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟ ଦ୍ରୁତ ଅଭିବୃଦ୍ଧି କରୁଛି। ନିଯୁକ୍ତି ଭିତ୍ତିକ ଶିଳ୍ପ ଅଭିବୃଦ୍ଧି ଇକୋସିଷ୍ଟମ୍ ଯୋଗାଇ ଦେବା ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ। ବ୍ୟବସାୟିକ ସୁଯୋଗ ବଢ଼ାଇବା ପାଇଁ ଓଡ଼ିଶା ଉତ୍ତମ ପ୍ରୋତ୍ସାହନ ଯୋଗାଇ ଦେବ। ରାଜ୍ୟ ସରକାର ଏନେଇ କଥାବାର୍ତ୍ତା ଚାଲୁ ରଖିଛନ୍ତି। ସମସ୍ତଙ୍କ ସହ ପୁରୁଣା ସମ୍ପର୍କକୁ ସୁଦୃଢ଼ କରିବା ସହିତ ନୂଆ ସମ୍ପର୍କ ତିଆରି କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁଞ୍ଜିପତିମାନଙ୍କୁ କହିଛନ୍ତି। ଉନ୍ନତ ଜ୍ଞାନକୌଶଳ ଏବଂ ଦୀର୍ଘମିଆଦି ଦର୍ଶନକୁ ନେଇ ଆମେ ଶିଳ୍ପାୟନର ନୂଆଯୁଗରେ ପ୍ରବେଶ କରୁଥିବାରୁ ରାଜ୍ୟର ନିରନ୍ତର ଅଭିବୃଦ୍ଧିକୁ ନିଶ୍ଚିତ କରିବା ପାଇଁ ସରକାର, ଶିଳ୍ପପତି ଏବଂ ଲୋକମାନଙ୍କ ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ୫ ଦିନ ଧରି ଚାଲିବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଶିଳ୍ପପତିମାନଙ୍କ ସହ ଆଲୋଚନା, ସେକ୍ଟୋରାଲ ସେସନ, ଷ୍ଟାର୍ଟଅପ ସେସନ, ମହିଳା ଉଦ୍ୟୋଗୀ ଅଧିବେଶନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁଞ୍ଜିପତିଙ୍କୁ ଇନଭେଷ୍ଟର୍ସ ମିଟ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ୩ ପର୍ଯ୍ୟାୟରେ ପ୍ରାୟ ୩୭ ଉଦ୍ୟୋଗପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ଓଡ଼ିଶା ଦେଶରେ ଏକ ପ୍ରମୁଖ ପୁଞ୍ଜିନିବେଶ ସ୍ଥଳରେ ପରିଣତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଶିଳ୍ପ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ ଏବଂ ଆଇଟି ସଚିବ ମନୋଜ ମିଶ୍ର, ଷ୍ଟାର୍ଟଅପ୍ ଓଡ଼ିଶା ଏକଜିକ୍ୟୁଟିଭ ଚେୟାରମ୍ୟାନ ଓମ୍‌କାର ରାୟ, ଫିକି ଡାଇରେକ୍ଟର ଜେନେରାଲ ଅରୁଣ ଚାୱଲା ଏବଂ ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଆଇଟି ଓ ଆଇଟିଇଏସ୍, ହେଲଥ କେୟାର ଓ ଫାର୍ମାସ୍ୟୁଟିକାଲ, ଇଏସ୍‌ଡିଏମ୍ ଓ ଡାଟା ସେଣ୍ଟର, ମେଟାଲ ଏବଂ ମେଟାଲ ଡାଉନଷ୍ଟ୍ରିମ୍, ଟେକ୍ସଟାଇଲ ଓ ଆପାରେଲ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପୁଞ୍ଜିନିବେଶ ରାଜ୍ୟ ସରକାରଙ୍କ ଫୋକସରେ ରହିଛି। ମାଇକ୍ରୋସଫ୍ଟ ଇଣ୍ଡିଆର ଏମ୍‌ଡି ଅର୍ଣ୍ଣବ ବସୁ, ଶିରିଡି ସାଇ ଇଲେକ୍ଟ୍ରିକାଲ ସିଓଓ ରାଜୀବ କୁମାର, ଭାରତ ବାୟୋଟେକ୍ ଚେୟାରମ୍ୟାନ କ୍ରିଷ୍ଣା ଇଲା, ଡେଲୋଏଟ୍ ଏମ୍‌ଡି ଏନ. ଭେଙ୍କଟରମଣ, ତୋଷାଳୀ ସିମେଣ୍ଟସ୍ ପ୍ରାଇଭେଟ ଲିମିଟେଡର ଚେୟାରମ୍ୟାନ ଏମ୍‌ଏସ୍‌ଆରଭି ପ୍ରସାଦ, ବିଜୟନଗର ବାୟୋଟେକ୍ ଏମ୍‌ଡି ଡି. ଭି. ରାଜୁ , ଦେବଶକ୍ତି ଇଣ୍ଡିଆ ଚେୟାରମ୍ୟାନ ରବୀନ୍ଦ୍ର ଅଗ୍ରୱାଲ, ରାମ୍‌କୀ ଗ୍ରୁପ୍ ଏମ୍‌ଡି ୱାଇ.ଆର୍. ନାଗରାଜ, ଆକ୍ସିସ ଏନର୍ଜୀ ଗ୍ରୁପ୍ ସିଏମ୍‌ଡି କେ ରବି କୁମାର ରେଡ୍ଡୀ, ଜୋନ ସଲାଙ୍ଗ ଲାସେଲ(ଜେଏଲ୍‌ଏଲ୍) ଏମ୍‌ଡି ସନ୍ଦୀପ ପଟ୍ଟନାୟକ, ମହା ସିମେଣ୍ଟ (ମାଇଁ ହୋମ୍) ଏକଜିକ୍ୟୁଟିଭ ଚେୟାରମ୍ୟାନ ରାମେଶ୍ୱର ଜେ. ରାଓ, ମଞ୍ଜିରା ଗ୍ରୁପ୍ ଏମ୍‌ଡି ଜି. ୟୋଗାନନ୍ଦ, ଆପୋଲୋ ସ୍ପେଶାଲିଟି ହସ୍ପିଟାଲ ଏମ୍‌ଡି ଅନିନ୍ଦିଥ ରେଡ୍ଡୀ, କିମ୍ସ ଏମ୍‌ଡି ବି. ଭାସ୍କରରାଓ, ଓରାକଲ ଇଣ୍ଡିଆ ଏମ୍‌ଡି ଶୈଳେନ୍ଦ୍ର କୁମାରଙ୍କ ସମେତ ବହୁ ଶିଳ୍ପ ନାୟକଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ଅହମଦାବାଦ, ଦୁବାଇ, ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବାଇରେ ଇନଭେଷ୍ଟର୍ସ ମିଟ୍ ଭଳି ହାଇଦ୍ରାବାଦ ଇନଭେଷ୍ଟର୍ସ ମିଟ୍‌ରେ ପ୍ରାୟ ୩୫୦ ଶିଳ୍ପ ପ୍ରତିନିଧିଙ୍କ ସହ ୪୦ଟି ବୈଠକ ସଫଳତାର ସହ କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ଓଡ଼ିଶାରୁ ଭୋଟ...

ପାଖରେ ବ୍ଲାକ୍ ସ୍କେଚ୍‌ରେ ଠିକ୍ ଚିହ୍ନ ମାରିବା ପରେ ତାକୁ ଚଉଡି ବାଲଟ୍ ବକ୍ସରେ ପକାଯାଉଥିଲା। ତେବେ କେବଳ ପିସିସି ମେମ୍ବରମାନେ ହିଁ ଏହି ଭୋଟିଂ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ୩୧୪ ବ୍ଲକରୁ ଜଣେ ଲେଖାଏ, ୩ ସାଙ୍ଗଠନିକ ଜିଲା ଯଥା-ରାଉରକେଲା, ଭୁବନେଶ୍ୱର ଏବଂ କଟକ ସିଟିରୁ ମୋଟ୍ ୩୦ ଜଣ ଏବଂ ସବୁ ମ୍ୟୁନିସିପାଲିଟି ଓ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ରୁ ଯେଉଁମାନେ ମେମ୍ବର ହୋଇଛନ୍ତି, ସେମାନେ ଏଥିରେ ଭୋଟ ଦେଇପାରିବେ। ଜଣେ ବରିଷ୍ଠ ନେତାଙ୍କ କହିବା କଥା ମେମ୍ବରଶିପ୍ କରିବାକୁ ହେଲେ ପ୍ରଥମେ ମେମ୍ବରଶିପ୍ ବହି କିଣିବାକୁ ପଡ଼ିବ। ପ୍ରତ୍ୟେକ ବ୍ଲକରେ ୧୦୦ କିମ୍ବା ତଦୂର୍ଦ୍ଧ ବୁଥ୍‌କୁ ସକ୍ରିୟ କରିବାକୁ ପଡ଼ିବ। ଗୋଟିଏ ବୁଥ୍‌ରୁ ଅତିକମ୍‌ରେ ଦୁଇ ଜଣଙ୍କୁ ମେମ୍ବର କରିବାକୁ ହେବ। ଏହାପରେ ସେମାନେ ପିସିସି ମେମ୍ବର ହୋଇପାରିବେ।

ତେବେ ଭୋଟ୍ ଦେଇଥିବା ୩ରୁ ୪ ଜଣଙ୍କ ସହିତ ଆଲୋଚନା କରିଥିଲୁ। ସେମାନଙ୍କ ମଧ୍ୟରୁ ୩ ଜଣ ଖାର୍ଗେଙ୍କୁ କେବେ ଓଡ଼ିଶା ଆସିଥିବା ନେଇ ଦେଖି ନ ଥିବା କଥା କହିଥିଲେ। ସେହିପରି ଆଉ ଜଣେ ଉଭୟ ଶଶି ଥରୁର ଏବଂ ଖାର୍ଗେ କେହି ହେଲେ ଜଣେ ଓଡ଼ିଶା ଆସନ୍ତି ନାହିଁ ବୋଲି କହିଛନ୍ତି। ଅନ୍ୟପଟେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଏଆଇସିସିକୁ ଜଣେ ନୂଆ ଅଧ୍ୟକ୍ଷ ମିଳିବାକୁ ଯାଉଛି। ତେଣୁ ଯେଉଁ ପିସିସି ମେମ୍ବର ଭୋଟ୍ ଦେଇଛନ୍ତି, ସେମାନେ ସମସ୍ତେ ଖୁସି ଅଛନ୍ତି। ଦୁଇ ଜଣଙ୍କ ମଧ୍ୟରୁ କେହି ଭଲ, ଖରାପ ସେମିତି କହି ହେବନାହିଁ। ଉଭୟେ ଦଳର ବରିଷ୍ଠ ଏବଂ ଅଭିଜ୍ଞ ନେତା। ଯିଏ ଅଧ୍ୟକ୍ଷ ହେବେ ଦଳ ତାଙ୍କ ନିର୍ଦ୍ଦେଶରେ କାମ କରିବ ବୋଲି ପଟ୍ଟନାୟକ କହିଛନ୍ତି।


# classifieds

**Everyday**
**0674-2580101, 2549302**

real estate

## SALE

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ବରମୁଣ୍ଡାରୁ ୧୩କି.ମି. ଦୂରରେ ବର୍ଗଫୁଟକୁ 850/-, 650/-, 410/- ଘରବାଡ଼ି ପ୍ଲଟ୍ କିଣନ୍ତୁ। Pinky- 9853150290. D-74136

**2/3BHK residential flats available for sale within gated community and facilities like childrens play area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1679

## PURCHASE

ଭୁବନେଶ୍ୱର ତହସିଲ/ଜଟଣୀ ତହସିଲ ଅଧିନରେ ଥିବା ଘରବାଡ଼ି ପାଚେରି ହୋଇଥିବା ପ୍ଲଟ୍ ଦରକାର। 9439493164. D-74138

construction

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-74140

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

healthcare

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

Newly open full body massage ladies and gents. 8327740003, 8093860513. D-73985

Newly open Spa positively health benefit with expert. Contact: 7749976301. D-73882

"Contact for only professional massage & Steam Bath, Bhubaneswar -9861550765.". D-1787

Herbal full body massage by smart / expert therapist. Contact: 8455985899. D-73986

**Full body massage by smart/expert therapist @999 only. 9078484455.** D-73652

Full body massage in homely atmosphere. All Therapy, Mob.- 8114881641. D-73415

Newly open Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-73988


## ନିରୁଦ୍ଦିଷ୍ଟ



ଭାବଗ୍ରାହୀ ନାୟକ (72), ଗ୍ରାମ: ଦରପୁର, ପୋଷ୍ଟ- କାମଯୋଡ଼ି, ଥାନା- ପୀରହାଟ, ଜିଲ୍ଲା- ଭଦ୍ରକ ଗତ ତା 16.10.22ରିଖ ସକାଳ 11ଟା ସମୟରେ ଗଦି ବଜାରରୁ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ସେ ଏକ କଳା ରଙ୍ଗର ଲୁଙ୍ଗି, ଧଳା ପଞ୍ଜାବି ଏବଂ ନାଲି ଗାମୁଛା ପରିଧାନ କରିଥିଲେ। ତାଙ୍କ ଉଚ୍ଚତା 5ଫୁଟ 6ଇଞ୍ଚ ଓ ରଙ୍ଗ ଶ୍ୟାମଳ। କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଇଲେ ନିକଟସ୍ଥ ଥାନା କିମ୍ବା ମୋ (ନଂ.-8018860165 କିମ୍ବା 8093611380)ରେ ଜଣାଇବାକୁ ଅନୁରୋଧ। ଧ-୧୭୯୧

## LEGAL NOTICE

IN THE HIGH COURT OF ORISSA, CUTTACK
(Notice Under Order 5 Rule 20 (1-A) of the Court of Civil Procedure
RSA No. 51/2021

Smt. Farida Bai ....APPELLANT
Versus
K. Nirmala & Ors ....RESPONDENTS

To,
Rajeswari Devi, aged 66 years, W/o. Bipin Mohanty, Resident of Vill/P.O.-Bahadupeta, P.S.- Gopalpur-on-Sea, Dist.- Ganjam

You the above named Respondent No.9, take notice that the appellant has preferred R.S.A No. 51/2021 against you challenging the Judgement and Decree dtd. 22.03.2021 and 30.03.2021 respectively passed in R.F.A No. 55 of 2012 confirming the Judgement dtd.30.06.2012 and decree dtd. 14.07.2012 passed in T.S No.87 of 2001 by Civil Judge, Senior Division, Berhampur. Though notice sent to you in the above given address, the same returned unserved with a report from postal authority "addressee not found hence returned to sender." As summons could not be served on you in ordinary way, you are therefore, hereby directed through this general publication to appear before this Court in person or through Counsel on 26.10.2022 to show-cause as to why the relief sought for in the memorandum of appeal will not be granted. Take further notice that in case of default the case will be heard and decided ex-parte.

Given under my hand and seal this Court this the 28th day of September, 2022.
Place: Cuttack, Date.: 28.09.2022

By order of the Court,
Sd./- Registrar (Judicial)
D-1788


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଶନି ଦୃଷ୍ଟ ଚନ୍ଦ୍ର ମାନସିକ ଅସ୍ଥିରତା ସାଙ୍ଗକୁ ବିକ୍ଷିପ୍ତ ଚିନ୍ତାଧାରା ସୃଷ୍ଟି କରିବ। ପରିଣାମ ସ୍ୱରୂପ ସ୍ୱାସ୍ଥ୍ୟ, ପରିବାର, ଯାନବାହନ, ଜମିଜମା ଓ କଳହ ପ୍ରତି ସତର୍କ ରହିବା ଭଲ । ଶିକ୍ଷା, ସନ୍ତାନ, ପ୍ରେମ ସମ୍ପର୍କ, ଆଲୋଚନା କ୍ଷେତ୍ର, ସଙ୍ଗଠନ ଓ ରାଜନୀତି ସକାଶେ ଅସୁବିଧା ହେବ ନାହିଁ। କ୍ରୀଡ଼ା, ସାହିତ୍ୟ କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ।

**ବୃଷ** କୌଣସି ନୂତନ କର୍ମାରମ୍ଭ କରିବା ସକାଶେ ମନ ବଳାଇବେ, ଯାହାକି ସମସ୍ୟା ବହୁଳ ହୋଇପାରେ। ମନ ଅନୁଯାୟୀ କାମ ନ ହେବା ଯୋଗୁ ବ୍ୟଥିତ ହେବାକୁ ପଡ଼ିପାରେ । ବନ୍ଧୁ ଆପଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କାମ ହାସଲ କରିବେ। ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** ଆଜି ଆର୍ଥିକ ସମସ୍ୟାର ସମାଧାନ ସହ ଯାହା ଚାହୁଁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିଛି ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ପରିବାର ଭିତରେ ଝଡ଼ ଉଠିପାରେ। ବନ୍ଧୁଙ୍କ ସହ ପୂର୍ବରୁ ଥିବା ମନୋମାଳିନ୍ୟ ଦୂରେଇବା ପାଇଁ ପ୍ରଯତ୍ନ କରିବେ। କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ସହକର୍ମୀ କିମ୍ବା ବନ୍ଧୁମାନଙ୍କଠାରୁ ଖୁସି ଖବର ପାଇବେ।

**କର୍କଟ** ଦୃଢ଼ ମନୋବଳ ଓ କାର୍ଯ୍ୟଦକ୍ଷତା କର୍ମକ୍ଷେତ୍ରରେ ଲୋକପ୍ରିୟତା ସୃଷ୍ଟି କରିବ। ଅଭାବ ନ ଥିଲେ ମଧ୍ୟ କୌଣସି କାମ ସକାଶେ ଆକସ୍ମିକ ଅର୍ଥ ଅଭାବରୁ କାମଟି ସମ୍ପୂର୍ଣ୍ଣ ହେବ ନାହିଁ। ବନ୍ଧୁମିଳନ ସହ ମିଷ୍ଟାନ୍ନ ଲାଭ ଓ ବନ୍ଧୁଗୃହକୁ ଯାତ୍ରା ଯୋଗ ରହିଛି। ପାରିପାର୍ଶ୍ୱିକ କ୍ଷେତ୍ରରୁ ସାହାଯ୍ୟ ଓ ସହଯୋଗ ନ ଥିଲେ ମଧ୍ୟ ପରିସ୍ଥିତି ସମ୍ଭାଳିନେବେ।

**ସିଂହ** ଦୃଢ଼ ମନୋବଳ ହେତୁ ସମସ୍ୟାର ସମାଧାନ କରିବାର ଧୈର୍ଯ୍ୟ ଓ ସାହସ ଅକ୍ଷୁଣ୍ଣ ରହିବ। ପାରିବାରିକ ଅସ୍ଥିରତା ଓ କର୍ମକ୍ଷେତ୍ରର ଶିଥିଳତା ମଧ୍ୟ ଏହି ଦିଗରେ ପ୍ରତିବନ୍ଧକ ସାଜିବ। ଖର୍ଚ୍ଚ ବୃଦ୍ଧିପାଇବା କାରଣରୁ ମନ ଦୁଃଖ ହୋଇପାରେ । ଜମିଜମା, ଯାନବାହନ, ପ୍ରେସ୍, ପବ୍ଲିକେଶନ ଆଦି କାମରେ ସଫଳତା ପାଇବେ।

**କନ୍ୟା** କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇ ହଡ଼ବଡ଼େଇ ଯାଇପାରନ୍ତି । ପୁରାତନ ଗାଡ଼ି,ବ୍ୟବହୃତ ଜିନିଷର ଯାନ୍ତ୍ରିକ ସମସ୍ୟା, ପୁରୁଣା ଘର ମରାମତି କରିବା ପାଇଁ ମନସ୍ଥ କରିବେ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ପ୍ରିୟ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ବିରସ ମନରେ ରହିବାକୁ ବାଧ୍ୟ ହେବେ ।

**ତୁଳା** ବିଭିନ୍ନ ପ୍ରକାର କର୍ମଜାଞ୍ଜାଳର ଚାପରେ ଅତିଷ୍ଠ ହୋଇପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ବଢ଼ି ଯିବ। ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ତଥା ନିଜ ପରିସରରେ ପ୍ରତିଷ୍ଠିତ ହେବେ।

**ବିଛା** ଭାବପ୍ରବଣତାବଶତଃ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ । ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ ମାତ୍ର ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ । ମନରେ ଭୟ ଓ ଆଶଙ୍କା ଥିଲେ ମଧ୍ୟ ଦୃଢ଼ତା ଓ ମୁହଁ ଜୋର ହେତୁ ବିପଦରୁ ରକ୍ଷା ପାଇବେ। କଠୋର ବାକ୍ୟାଳାପରୁ ସମାଲୋଚିତ ହେବେ।

**ଧନୁ** ଔଦ୍ଧତ୍ୟ କାରଣରୁ ଅନ୍ୟମାନଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ହଜି ଯାଇଥିବା ଜିନିଷ, ଧାତୁ ଅଳଙ୍କାର, ଟଙ୍କା ପଇସା କିମ୍ବା ପଶୁଜନ୍ତୁର ସନ୍ଧାନ ପାଇପାରନ୍ତି। ଆର୍ଥିକ ସ୍ଥିତି ଭଲ ନ ରହିବା କାରଣରୁ ସାମୟିକ ଭାବେ ଦୁଃଖିତ ରହିପାରନ୍ତି।

**ମକର** ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ପଡ଼ୋଶୀଙ୍କ କୌଣସି ସ୍ୱର୍ଣ୍ଣକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ, ଯାହାକି ଟେନ୍‌ସନ ସୃଷ୍ଟି କରିବ। କର୍ମକ୍ଷେତ୍ର, ରାଜନୀତି, ମାଲି ମକଦ୍ଦମା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ବନ୍ଧୁଙ୍କ ଆଚରଣରେ ଅସନ୍ତୁଷ୍ଟ ରହିପାରନ୍ତି।

**କୁମ୍ଭ** ସତର୍କରେ ନ ଚଳିଲେ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ସାମ୍ନା କରିବାକୁ ପଡ଼ିପାରେ । ପରିବାରରେ ସାଧାରଣ କଥାରେ ପାଟିତୁଣ୍ଡ ହୋଇ କଳହର ସମ୍ମୁଖୀନ ହୋଇ ପାରନ୍ତି। ଅର୍ଥ ସମ୍ପର୍କ,ଆଲୋଚନା, କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ମନ୍ଦ ନୁହେଁ। ସାମାଜିକ ସ୍ଥିତି ପ୍ରାୟତଃ ସନ୍ତୋଷଜନକ ନ ହୋଇପାରେ।

**ମୀନ** ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ। ଅର୍ଥନୈତିକ ଅବରୋଧ ହଟିଯିବ ଓ ଆପଣଙ୍କ ଅଭିଳାଷ ଅନୁଯାୟୀ ପ୍ରାପ୍ୟ ଅବଶ୍ୟ ପାଇବେ। ଗଲା କଥାକୁ ମନରୁ ପୋଛିଦେଇ ଆଗାମୀ ଦିନର କାମ ସକାଶେ ଚିନ୍ତାକରିବା ଆଜି ଦିନ ପାଇଁ ଭଲ ହେବ। ପରିବହନ, ଶେୟାର ବଜାର କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଅକ୍ଟୋବର ୧୮ତାରିଖ,କାର୍ତ୍ତିକ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ମଙ୍ଗଳବାର, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ନବମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୫ ଗତେ, ଘ.୦୬।୩୧ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୦୮ ମଧ୍ୟେ ଶୁଭବେଳା । ଅପରାହ୍ନ, ଘ. ୦୨।୨୫ ଗତେ, ଘ.୦୩। ୫୧ ମଧ୍ୟେ ରାହୁକାଳ।

# ସ୍କୁଲରେ ସିସି କ୍ୟାମେରା ବାଧ୍ୟତାମୂଳକ

## ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ରାଜ୍ୟର ସମସ୍ତ ସରକାରୀ ସ୍କୁଲରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସୋମବାର ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ସ୍କୁଲରେ ଯେପରି ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି ସେଭଳି ଢଙ୍ଗରେ ମଧ୍ୟ ସରକାରୀ ସ୍କୁଲରେ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯିବ। ପୂର୍ବରୁ ଏନେଇ ଅନେକଥର ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନ ଥିଲା। ଅର୍ଥ ଅଭାବ ଦର୍ଶାଇ କିଛି ସ୍କୁଲ କର୍ତ୍ତୃପକ୍ଷ ନିୟମକୁ ଅବମାନନା କରୁଥିବାବେଳେ ଅନେକ ସ୍କୁଲ ଭିତ୍ତିଭୂମି ନ ଥିବା ଦର୍ଶାଇ ନିର୍ଦ୍ଦେଶକୁ ପାଳନ କରିନାହାନ୍ତି। ଏଣିକି ପିଲାଙ୍କୁ ଜଗିବା ଲାଗି ସବୁ ସ୍କୁଲରେ ସିସି କ୍ୟାମେରା ବାଧ୍ୟତାମୂଳକ କରାଯିବ। ଅନ୍ତତଃ ସବୁ ସ୍କୁଲର ମୁଖ୍ୟ ଫାଟକ ପାଖରେ ଗୋଟିଏ ସିସି କ୍ୟାମେରା ଲଗାଇବାକୁ କୁହାଯାଇଛି। ପ୍ରତିଦିନ କେତେ ପିଲା ସ୍କୁଲ ଆସୁଛନ୍ତି ଏବଂ କେଉଁ ପିଲା ଅନୁପସ୍ଥିତ ରହୁଛନ୍ତି ତାହା ସ୍ପଷ୍ଟ ଭାବେ ଜଣାପଡ଼ିବ। ଏ ନେଇ ଯାହା ଖର୍ଚ୍ଚ ହେବ ତାହା ସମଗ୍ର ଶିକ୍ଷା ଯୋଜନାରୁ ବ୍ୟୟ କରାଯିବ। ତେବେ ରାଜ୍ୟର ସବୁ ସ୍କୁଲରେ ସିସି କ୍ୟାମେରା ଲଗାଇବା ନିଷ୍ପତ୍ତିକୁ ସବୁ ସ୍ତରରେ ସ୍ୱାଗତ କରାଯାଇଛି। ଆସନ୍ତା ୨ମାସ ମଧ୍ୟରେ ଏହି ସୁବିଧା କାର୍ଯ୍ୟକାରୀ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ବର୍ତ୍ତମାନ ରାଜ୍ୟରେ ୬୭,୮୭୨ଟି ସରକାରୀ ସ୍କୁଲ ରହିଛି। ଯେଉଁ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀ କକ୍ଷ ରହିଛି ବା ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୭ଟି ଶ୍ରେଣୀ କକ୍ଷ ଥିବା ସ୍କୁଲରେ ଗୋଟିଏ ଲେଖାଏ ସିସି କ୍ୟାମେରା ଲଗାଇବାକୁ ନିଷ୍ପତ୍ତି ହୋଇଛି। ସେହିପରି ପ୍ରଥମରୁ ଅଷ୍ଟମ ଏବଂ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ କକ୍ଷ ଥିବା ସ୍କୁଲରେ ୨ଟି ଲେଖାଏ ସିସି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯିବ। ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଗତ ମାସର କ୍ୟାମେରାର ରେକର୍ଡିଂ ସ୍କୁଲ ପ୍ରଧାନ ଶିକ୍ଷକ ବ୍ଲକଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବେ। ଫଳରେ ରାଜ୍ୟର ସବୁ ସ୍କୁଲର ଦୈନନ୍ଦିନର କ୍ୟାମେରା ରେକର୍ଡିଂ ବିଭାଗ ପାଖରେ ରହିବ। ଆବଶ୍ୟକ ସମୟରେ ସେସବୁ ଯାଞ୍ଚ କରାଯିବ। ତେବେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫୮ହଜାର ୮୯ଟି ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ସ୍କୁଲରେ ସିସି କ୍ୟାମେରା ଲଗାଯିବ। ପ୍ରଥମ ପର୍ଯ୍ୟାୟରେ ସିସି କ୍ୟାମେରା ବାବଦରେ ୮କୋଟି ୭୧ଲକ୍ଷ ୩୩ହଜାର ୫ଶହ ଟଙ୍କା ଖର୍ଚ୍ଚ ହେବ। ଯେଉଁ ସ୍କୁଲରେ ଏହି ବ୍ୟବସ୍ଥା ନ ଥିବା ଜଣାପଡ଼ିବ ସେହି ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି।

# ସିପିଏସ୍‌ଇ ପରୀକ୍ଷା ପାଇଁ କ୍ଲାସ୍ ବନ୍ଦ

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଦ୍ୱାରା ପରିଚାଳିତ କମ୍ବାଇନ୍‌ଡ ପୋଲିସ ସର୍ଭିସ ଏକ୍‌ଜାମିନେଶନ(ସିପିଏସ୍‌ଇ-୨୦୧୯) ଆସନ୍ତା ୩୦ ଓ ୩୧ ତାରିଖରେ ଅନୁଷ୍ଠିତ ହେବ। ୩୦ତାରିଖ ରବିବାର ସକାଳ ସାଢ଼େ ୯ଟାରୁ ଅପରାହ୍ନ ୪ଟା ଏବଂ ୩୧ତାରିଖ ସୋମବାର ସକାଳ ସାଢ଼େ ୯ଟାରୁ ଅପରାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ୩୦ ଜିଲାର ୪୫ଟି ଶିକ୍ଷାନୁଷ୍ଠାନରେ ପରୀକ୍ଷା ଅନୁଷ୍ଠିତ ହେବ। ୩୧ତାରିଖରେ ଯେଉଁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ପରୀକ୍ଷା କେନ୍ଦ୍ର କରାଯାଇଛି, ସେଠାରେ କ୍ଲାସ୍ ବନ୍ଦ ରହିବ। ଏ ନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଦୁଇଦିନ ୩୦ ଜିଲାର ୪୫ଟି ଶିକ୍ଷାନୁଷ୍ଠାନରେ ପରୀକ୍ଷା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ପ୍ରଥମ ଦିନରେ ପେପର-୧ ଓ ୨ ଥିବାବେଳେ ଦ୍ୱିତୀୟ ଦିନରେ ପେପର-୩ ରହିଛି। ପ୍ରଥମ ଦିନରେ ୨୧,୫୪୩ ଜଣ ଓ ଦ୍ୱିତୀୟ ଦିନରେ ୯,୨୨୬ଜଣ ପରୀକ୍ଷାର୍ଥୀ ରହିଛନ୍ତି।










ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

# ୧୫ ମେଧାବୀ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ଲାପ୍‌ଟପ୍ ବଣ୍ଟନ

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୫ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କରିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଭଲ ପାଠ ପଢ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପରାମର୍ଶ ଦେବା ସହିତ ଏମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ୧୩ଜଣ ଓ ଦ୍ୱାଦଶ ଶ୍ରେଣୀର ଦୁଇଜଣ ବିଦ୍ୟାର୍ଥୀ ମନ୍ତ୍ରୀଙ୍କଠାରୁ ଲାପ୍‌ଟପ୍ ଗ୍ରହଣ କରିଥିଲେ। ଏଥିସହ ଜାତୀୟ ସ୍ତରରେ ଉନ୍ନତ ର୍‍ୟାଙ୍କ୍ ପ୍ରଦର୍ଶନ ପାଇଁ ଗଞ୍ଜାମ ଜିଲା ପୋଲସରାର ହାତୀଓଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଷଡ଼ଙ୍ଗୀ ଏବଂ ବାରିପଦାର ରାଣୀଭୋଲ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ମଣ୍ଡଳଙ୍କୁ ମନ୍ତ୍ରୀ ମାନପତ୍ର ସହ ୨୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥ ସମ୍ପୃକ୍ତ ବିଦ୍ୟାଳୟ ଦୁଇଟିର ସାମଗ୍ରିକ ବିକାଶରେ ବିନିଯୋଗ କରାଯିବ।

ରାଜ୍ୟ ଶିକ୍ଷା ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର, ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ରାମାଶିଷ ହାଜରା, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର ଅଧିକାରୀଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ସ୍ୱାଗତ ଭାଷଣ ଓ ଅତିରିକ୍ତ ନିର୍ଦ୍ଦେଶକ ସରୋଜ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ଧାର ଟଙ୍କା ପାଇଁ ଯୁବକଙ୍କୁ ବାନ୍ଧି ସ୍କୁଟି ପଛରେ ଦୌଡ଼ାଇବା ଘଟଣା

# ୨ ଅଭିଯୁକ୍ତ ଗିରଫ

- ସ୍କୁଟି, ଟେଣ୍ଟ କପଡ଼ା ଜବତ
- ଟ୍ରାଫିକ ହାବିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ

କଟକ ଅଫିସ,୧୭।୧୦

ଧାର ନେଇଥିବା ଟଙ୍କା ଶୁଝି ନ ପାରିବାରୁ ଶାସ୍ତିବିଧାନ ସ୍ୱରୂପ ଜଣେ ଯୁବକଙ୍କୁ ହାତବାନ୍ଧି ଦଉଡ଼ି ଦ୍ୱାରା ବାଇକ ପଛରେ ଦୌଡ଼ାଇବା ଭଳି ବର୍ବର କାଣ୍ଡ ରବିବାର ସନ୍ଧ୍ୟାରେ କଟକ ସହରରେ ଦେଖିବାକୁ ମିଳିଥିଲା। ଜନଗହଳିପୂର୍ଣ୍ଣ ରାସ୍ତାରେ ଏଭଳି ଘଟଣା ଘଟିଚାଲିଥିବା ବେଳେ କେହି ଏହାର ପ୍ରତିବାଦ କରିବାକୁ ସାହସ ଜୁଟାଇ ପାରି ନ ଥିଲେ। ତେବେ ଏହି ଘଟଣା ନେଇ ସମ୍ପୃକ୍ତ ଯୁବକ ବିଡ଼ାନାସୀ ଥାନା ଅନ୍ତର୍ଗତ ଶ୍ରୀବିହାର କଲୋନୀରେ ରହୁଥିବା ରାଣୀହାଟ ଶିକାରି ସାହିର ଜଗନ୍ନାଥ ବେହେରା (୨୨) ସୋମବାର ଲାଲବାଗ ଥାନାରେ ଏତଲା ଦେଇଛନ୍ତି। ଏହାପରେ ପୋଲିସ ଏକ କେସ୍ (ନଂ. ୨୪୭/୨୨) ରୁଜୁ ସହ ଉକ୍ତ କାଣ୍ଡ ଭିଆଇଥିବା ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ସୂତାହାଟର ସେକ୍ ହୁସେନ (୨୪) ଓ ସେକ୍ ଛୋଟୁ (୧୮)। ଦୁହେଁ ବ୍ୟବହାର କରିଥିବା ଆକ୍ଟିଭା ସ୍କୁଟି ଓ ଟେଣ୍ଟ କପଡ଼ାକୁ ପୋଲିସ ଜବତ କରିଛି।

ସୂଚନା ଅନୁଯାୟୀ, ସେକ୍ ହୁସେନ ଓ ସେକ୍ ଛୋଟୁ ରବିବାର ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ଜଗନ୍ନାଥଙ୍କ ହାତକୁ ଏକ ଲମ୍ବା ଟେଣ୍ଟ କପଡ଼ାରେ ବାନ୍ଧି ଅପର ମୁଣ୍ଡକୁ ସ୍କୁଟି ପଛରେ ବାନ୍ଧିଥିଲେ। ଅଭିଯୁକ୍ତଦ୍ୱୟ ଏକ ସ୍କୁଟି ଚଳାଉଥିବାବେଳେ ଜଗନ୍ନାଥଙ୍କୁ ଷ୍ଟିୱାର୍ଟ ପାଟଣା ଛକରୁ ସ୍କୁଟି ପଛରେ ଦୌଡ଼ାଇ ଆଣିଥିଲେ। ଦୁଇ ଅଭିଯୁକ୍ତଙ୍କ ନିକଟରେ ଜଗନ୍ନାଥ ଅସହାୟ ହୋଇପଡ଼ିଥିଲେ। ସେମାନେ ଜଗନ୍ନାଥଙ୍କୁ ଭୟଭୀତ କରାଇ ଅତ୍ୟନ୍ତ ଅମାନବୀୟ ଭାବେ ସ୍କୁଟି ପଛରେ ବାନ୍ଧି ୨ କିଲୋମିଟରରୁ ଅଧିକ ବାଟ ଦୌଡ଼ାଇଥିଲେ। ସେମାନେ ଜଗନ୍ନାଥଙ୍କୁ ନେଇ ଶେଷରେ ସୂତାହାଟ ଛକରେ ପହଞ୍ଚିଥିଲେ। ସେଠାରେ କେତେଜଣ ବିଶିଷ୍ଟ ବ୍ୟକ୍ତି ଘଟଣାରେ ହସ୍ତକ୍ଷେପ କରିବା ପରେ ଜଗନ୍ନାଥ ମୁକୁଳିଥିଲେ। ତେବେ ମାତ୍ର ୧୫୦୦ ଟଙ୍କା ଉଧାର ପାଇଁ ଏଭଳି ଘଟଣା ଘଟିଥିଲା। ସେକ ହୁସେନ ପ୍ରାୟ ମାସକ ତଳେ ଜଗନ୍ନାଥଙ୍କୁ ଏହି ଟଙ୍କା ଧାର ଦେଇଥିଲେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଘଟଣା ସମୟରେ ଚଣ୍ଡୀଛକ ଟ୍ରାଫିକ ଡ୍ୟୁଟିରେ ଥିବା ହାବିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ୭ଦିନ ମଧ୍ୟରେ ଜବାବ ରଖିବାକୁ କୁହାଯାଇଛି। ତେବେ ଡିସିପି ପିନାକ ମିଶ୍ର କହିଛନ୍ତି, ଡ୍ୟୁଟିରେ ଥିବା କର୍ମଚାରୀଙ୍କୁ ଏ ନେଇ ପଚରାଉଚରା କରାଯାଇଛି, କିନ୍ତୁ କାହାରିଙ୍କୁ ନୋଟିସ ଜାରି କରାଯାଇନାହିଁ।



ଯୁବକଙ୍କୁ ବାନ୍ଧି ସ୍କୁଟି ପଛପଟେ ଦଉଡ଼ାଉଥିବାର ଦୃଶ୍ୟ

# ଅର୍ଚ୍ଚନାଙ୍କ ଜାମିନ ଆବେଦନ ଖାରଜ

## ଜଗବନ୍ଧୁ, ଖଗେଶ୍ୱରଙ୍କୁ ଗିରଫ କରିବାକୁ ସାହସ କରୁନି ପୋଲିସ

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ବ୍ଲାକ୍‌ମେଲିଂ କରି ଟଙ୍କା ଲୁଟୁଥିବା ରହସ୍ୟମୟୀ ଅର୍ଚ୍ଚନା ନାଗଙ୍କୁ ସୋମବାର ବଡ଼ ଝଟକା ଲାଗିଛି। ତାଙ୍କ ଜାମିନ ଆବେଦନକୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଖାରଜ କରି ଦେଇଛନ୍ତି। ୧୬ଟି ଦଫାରେ ଗିରଫ ହୋଇଥିବା ଅର୍ଚ୍ଚନାଙ୍କ ଜାମିନ ଶୁଣାଣି ସାରି କୋର୍ଟ ଶୁକ୍ରବାର ରାୟ ସଂରକ୍ଷିତ ରଖିଥିଲେ। ଶୁଣାଣି ସମୟରେ ଅର୍ଚ୍ଚନାଙ୍କ ଓକିଲ ଦେବାଶିଷ ମହାପାତ୍ରଙ୍କ ଯୁକ୍ତି ଥିଲା, ଅର୍ଚ୍ଚନାଙ୍କ ବିରୋଧରେ ଲାଗିଥିବା ୧୬ଟି ଦଫା ମଧ୍ୟରୁ ଅନେକ ପ୍ରଯୁଜ୍ୟ ନୁହେଁ। ଆଇପିସି ଧାରା ୩୫୪ (ସି) ମହିଳାଙ୍କ କ୍ଷେତ୍ରରେ ଲାଗିବା ଠିକ୍ ନୁହେଁ। ହେଲେ ପ୍ରତିପକ୍ଷ ଓକିଲଙ୍କ ଯୁକ୍ତି ଥିଲା, ୩୭୦, ୩୨୮ ଏବଂ ଆଇଟି ଆକ୍ଟ ୬୭ (ଇ) ଏବଂ ୬୭ ଭଳି ସଙ୍ଗିନ ଦଫା ଲାଗିଛି। ତେଣୁ ଅର୍ଚ୍ଚନାଙ୍କୁ ଜାମିନ ଦିଆ ନ ଯାଉ। କୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଥିଲେ। ଏବେ ରାୟ ପ୍ରକାଶ ପାଇବା ପରେ ଓକିଲ ଦେବାଶିଷ ପ୍ରତିକ୍ରିୟାରେ କହିଛନ୍ତି, ଅଭିଯୋଗର କୌଣସି ଆଧାର ନାହିଁ। ଉପର କୋର୍ଟଙ୍କ ନିକଟରେ ଅର୍ଚ୍ଚନାଙ୍କ ଜାମିନ ଆବେଦନ କରାଯିବ ବୋଲି ସେ କହିଛନ୍ତି।



ଅର୍ଚ୍ଚନା ନାଗ

ଅକ୍ଟୋବର ୬ରେ ଗିରଫ ପରେ ଅର୍ଚ୍ଚନା ଝାରପଡ଼ା ଜେଲରେ ଦିନ କାଟୁଛନ୍ତି। ତେବେ ଜେଲରୁ କେବେ ବାହାରିବେ, ସେନେଇ ସେ ଚିନ୍ତାରେ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ମାମଲାରେ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଥିବାରୁ ତଦନ୍ତ ବାଟବଣା ହେବାରେ ଲାଗିଛି। ଅର୍ଚ୍ଚନାଙ୍କ ମାୟାଜାଲରେ କେଉଁ ବଡ଼ ବଡ଼ ନେତା, ଅଫିସର, ବିଲ୍ଡର, ଚଳଚ୍ଚିତ୍ର ପ୍ରଯୋଜକ ଫସିଛନ୍ତି, କାହା ବଳରେ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏତେ କମ୍ ସମୟ ଭିତରେ ବିଶାଳ କଳା ସାମ୍ରାଜ୍ୟ ଛିଡ଼ା କରିଥିଲେ, ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ହେଲେ ଘଟଣାର ୧୧ଦିନ ବିତିଥିଲେ ମଧ୍ୟ ପୋଲିସ ଅର୍ଚ୍ଚନାଙ୍କୁ ରିମାଣ୍ଡରେ ଆଣୁନାହିଁ କି ଜେରା କରୁନାହିଁ। କମିଶନରେଟ ପୋଲିସର ଏଭଳି ଦୁର୍ବଳ ତଦନ୍ତ ପାଇଁ ବିଭିନ୍ନ ମହଲରେ ବହୁ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସେହିପରି ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱରଙ୍କ ବିରୋଧରେ ସମାନ ଦଫା ଲାଗିଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଗିରଫ କରିବାକୁ ସାହସ କରୁନି। ଫଳରେ ପୋଲିସ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନକୁ ନେଇ ସନ୍ଦେହ ଉପୁଜିଛି।

### ପୋଲିସ କମିଶନରଙ୍କୁ ଭେଟିଲା ଭାଜପା ଟିମ୍

ଅର୍ଚ୍ଚନା ନାଗଙ୍କ ବ୍ଲାକ୍‌ମେଲିଂ ଓ କଳାସାମ୍ରାଜ୍ୟର ତଦନ୍ତ ଠିକ୍ ହେଉ ନ ଥିବା ବିରୋଧୀ କଂଗ୍ରେସ ଓ ଭାଜପା ଅଭିଯୋଗ କରି ଆସୁଛନ୍ତି। ଏଭଳି ଏକ ବଡ଼ ମାମଲାର ତଦନ୍ତକୁ ଜାଣି ଜାଣି ଚପାଇ ଦିଆଯାଉଥିବା ଅଭିଯୋଗ କରି ଭାଜପା ପୁଣି ରାସ୍ତାକୁ ଓହ୍ଲାଇଛି। ସୋମବାର ୫୦ରୁ ଅଧିକ ନେତା ଓ କର୍ମୀ ଭୁବନେଶ୍ୱର ପାୱାର ହାଉସ୍ ଛକରୁ ଶୋଭାଯାତ୍ରାରେ ବାହାରି କମିଶନରେଟ ପୋଲିସ ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇ ବିକ୍ଷୋଭ କରିବା ସହ ନାରାବାଜି ଦେଇଥିଲେ। ଅର୍ଚ୍ଚନାଙ୍କ ସହ ସରକାରୀ ଅଧିକାରୀ, ନେତା ମନ୍ତ୍ରୀଙ୍କ ହାତ ଥିବା ସେମାନେ ଅଭିଯୋଗ କରିଥିଲେ। ଏହାପରେ ଏକ ପ୍ରତିନିଧି ମଣ୍ଡଳୀ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ନିରପେକ୍ଷ ତଦନ୍ତ ଦାବି କରି ଏକ ପତ୍ର ଦେଇଛନ୍ତି।




| ପୁରସ୍କାର (ପ୍ରତ୍ୟେକ ବର୍ଗରେ) | ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ସ୍ତରୀୟ ପୁରସ୍କାର | | ଜାତୀୟ ସ୍ତରୀୟ ପୁରସ୍କାର | |
|---|---|---|---|---|
| | ଗ୍ରୁପ୍ 'ଏ' | ଗ୍ରୁପ୍ 'ବି' | ଗ୍ରୁପ୍ 'ଏ' | ଗ୍ରୁପ୍ 'ବି' |
| ପ୍ରଥମ ପୁରସ୍କାର (୦୧ ଗୋଟି) | ₹ ୫୦,୦୦୦/- | ₹ ୫୦,୦୦୦/- | ₹ ୧,୦୦,୦୦୦/- | ₹ ୧,୦୦,୦୦୦/- |
| ଦ୍ୱିତୀୟ ପୁରସ୍କାର (୦୧ ଗୋଟି) | ₹ ୩୦,୦୦୦/- | ₹ ୩୦,୦୦୦/- | ₹ ୫୦,୦୦୦/- | ₹ ୫୦,୦୦୦/- |
| ତୃତୀୟ ପୁରସ୍କାର (୦୧ ଗୋଟି) | ₹ ୨୦,୦୦୦/- | ₹ ୨୦,୦୦୦/- | ₹ ୩୦,୦୦୦/- | ₹ ୩୦,୦୦୦/- |
| ପ୍ରୋତ୍ସାହନ ପୁରସ୍କାର (୧୦ ଗୋଟି) | ₹ ୭,୫୦୦/- | ₹ ୭,୫୦୦/- | ₹ ୧୫,୦୦୦/- | ₹ ୧୫,୦୦୦/- |

ଆମେ ନିଜକୁ ଭାଗ୍ୟବାନ୍ ମନେକରିବା ଉଚିତ। କାରଣ, ଭଗବାନ୍ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। **-ଶ୍ରୀମା**

# ଡଙ୍ଗା ବୁଡୁଛି

ବ୍ରିଟେନରେ ରାଜନୈତିକ ଅସ୍ଥିରତା ଏବେ ଆର୍ଥିକ ସଙ୍କଟ ଆଣି ଦେଇଛି। ପାଉଣ୍ଡ ଷ୍ଟର୍ଲିଂର ମୂଲ୍ୟ କମିବାରେ ଲାଗିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଶକ୍ତି କ୍ଷେତ୍ର ଘୋର ପ୍ରଭାବିତ ହୋଇ ଏହାର ମୂଲ୍ୟବୃଦ୍ଧି ଘଟାଇଛି। ଏଥିସହିତ ମୁଦ୍ରାସ୍ଫୀତି ଓ ଟିକସ ହ୍ରାସ ନୀତି ଆର୍ଥିକ ବଜାରରେ ବିପର୍ଯ୍ୟୟ ସୃଷ୍ଟି କଲାଣି। ନିକଟରେ ଲିଜ୍ ଟ୍ରସ ନୂଆ ପ୍ରଧାନମନ୍ତ୍ରୀ ହେବା ପରେ ଆଶା କରାଯାଉଥିଲା ଆର୍ଥିକ ସ୍ଥିତିରେ ସୁଧାର ଆସିବ। କିନ୍ତୁ ତାହା ଓଲଟା ଫଳ ଦେଇଛି। ଟିକସ ହ୍ରାସ କରିବା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ ମଧ୍ୟ ତାହାକୁ ପରିଚାଳନା କରିବାରେ ବିଫଳ ହେଲେ। ଏପରିକି ତାଙ୍କ ଘନିଷ୍ଠ ବନ୍ଧୁ କ୍ୱାସି କ୍ୱାର୍ଟେଙ୍ଗଙ୍କୁ ଅର୍ଥମନ୍ତ୍ରୀ ପଦରୁ ହଟାଇଦେଲେ। ଅର୍ଥମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାହାର କରିଦେବା ପରେ ଏବେ ତାଙ୍କ ପାଳି ପଡ଼ିଗଲାଣି ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ଆଲୋଚନା ଆରମ୍ଭ ହେଲାଣି ଲିଜ୍ ଟ୍ରସ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ବଂଶୋଦ୍ଭବ ଋଷି ସୁନକ ବ୍ରିଟେନ୍‌ର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ବିଶେଷଜ୍ଞ ଯାହା କହୁଛନ୍ତି ଯଦି ଟ୍ରସ୍ ଇସ୍ତଫା ଦିଅନ୍ତି, ତେବେ ବ୍ରେକ୍‌ଜିଟ୍ ପରେ ସେ ହେବେ ୪ର୍ଥ ପ୍ରଧାନମନ୍ତ୍ରୀ ଯିଏ ବିଦାୟ ନେବେ। ଉଲ୍ଲେଖଯୋଗ୍ୟ ଯେ, ବ୍ରିଟେନ ୨୦୧୬ରେ ୟୁରୋପୀୟ ସଂଘରୁ ବାହାରି ଆସିବା ପରେ ଡେଭିଡ୍ କାମେରୁନ୍‌ଙ୍କ ପରେ ଥେରେସା ମେ ଓ ବୋରିସ୍ ଜନସନ୍ ଗାଦିଚ୍ୟୁତ ହୋଇଥିବା ବେଳେ ଲିଜ୍ ଟ୍ରସ୍‌ଙ୍କ ମୁଣ୍ଡ ଉପରେ ଏବେ ଡେମୋକ୍ଲିସ ଖଣ୍ଡା ଝୁଲୁଛି।

ବ୍ରିଟେନ୍‌ର ସ୍ଥିତି ଦେଖିଲେ ରାଜନୈତିକ ଓ ଅର୍ଥନୈତିକ କାରଣ ପରସ୍ପର ସହ ହାତ ଧରାଧରି ହୋଇ ବିଫଳତା ଆଡ଼କୁ ଗମନ କରିଛନ୍ତି। ଅର୍ଥାତ୍ ବ୍ରେକ୍‌ଜିଟ୍ ଯୋଗୁ ବ୍ରିଟେନ୍ ଆର୍ଥିକ ଦୁଃସ୍ଥିତିର ସମ୍ମୁଖୀନ ହୋଇଥିଲା। କୁହାଯାଉଥିଲା ବ୍ରିଟେନ୍ ଏଭଳି ଏକ ସାମ୍ରାଜ୍ୟ ଯେଉଁଠାରେ କଦାପି ସୂର୍ଯ୍ୟାସ୍ତ ହୁଏ ନାହିଁ। ଅର୍ଥାତ୍ ଅସଂଖ୍ୟ ରାଷ୍ଟ୍ର ଉପରେ ରାଜୁତି କରିଥିବା ଇଂଲିଶ ଲୋକଙ୍କ ବିଚକ୍ଷଣ ବୁଦ୍ଧି ଯୋଗୁ ସେମାନଙ୍କୁ ଏକ ବଣିକ ଜାତି ବୋଲି ମଧ୍ୟ କୁହାଯାଉଥିଲା। ବ୍ରେକ୍‌ଜିଟ୍ ପରେ ତାହା ଏକ ଦ୍ୱୀପ ରାଷ୍ଟ୍ର ଭାବେ ପରିଚିତ ହେଉଛି। ଆଜିର ଜଗତୀକରଣ ଅର୍ଥନୀତିରେ ଯେଉଁ ରାଷ୍ଟ୍ର ଅନ୍ତର୍ଜାତୀୟ ବଜାରର ଗତି ସହ ନିଜକୁ ଖାପ ଖୁଆଇ ଆଗେଇ ପାରିବ ନାହିଁ, ସେହି ଦେଶ ପଛରେ ପଡ଼ିଯିବା ଅବଶ୍ୟମ୍ଭାବୀ। ବ୍ରିଟେନ ଆଜି ସେହିଭଳି ସମସ୍ୟା ଦେଇ ଗତି କରୁଛି। ଏହି ପ୍ରେକ୍ଷାପଟରେ ଭାରତ କଥା ଦେଖିଲେ ଏହାର ଆର୍ଥିକ ସ୍ଥିତି ମଧ୍ୟ ଦୁର୍ବଳ ହେବାରେ ଲାଗିଛି। ଫଳରେ ଦେଶବାସୀ ହଇରାଣ ହରକତ ହେଉଛନ୍ତି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପାଇ ୧୭ ଅକ୍ଟୋବରରେ ୮୨ ଟଙ୍କା ୧୬ ପଇସା ଅତିକ୍ରମ କରିଛି। କିନ୍ତୁ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆମେରିକା ରାଜଧାନୀ ୱାଶିଂଟନ ଡିସିରେ ଗତ ସପ୍ତାହରେ ସେଠାରେ ଅବସ୍ଥାପିତ ଭାରତୀୟ ଖବରଦାତାମାନଙ୍କୁ ଏ ସଂକ୍ରାନ୍ତରେ ସୂଚନା ଦେବାକୁ ଯାଇ କହିଥିବା ବିଷୟ ଏବେ ହାସ୍ୟାସ୍ପଦ ସ୍ଥିତି ସୃଷ୍ଟି କରିଛି। ସେ ସଫେଇ ଦେବାକୁ ଯାଇ କହିଥିଲେ, ଭାରତୀୟ ମୁଦ୍ରା ଦୁର୍ବଳ ହେଉଛି, କାରଣ ଡଲାର ଅଧିକ ଶକ୍ତିଶାଳୀ ହେବାରେ ଲାଗିଛି। ପୃଥିବୀର ଅନ୍ୟାନ୍ୟ ଉଦୀୟମାନ ଅର୍ଥନୀତିଠାରୁ ଭାରତୀୟ ଅର୍ଥ ବ୍ୟବସ୍ଥା ଉତ୍ତମ ପ୍ରଦର୍ଶନ କରୁଥିବା ବିଷୟ ସେ ଉଲ୍ଲେଖ କରିଥିଲେ। ସେ ଆହୁରି କହିଥିଲେ ଯେ, ଭାରତୀୟ ମୁଦ୍ରାର ଅସ୍ଥିର ପ୍ରକୃତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) କାର୍ଯ୍ୟ କରୁଛି। ଏଠାରେ କୁହାଯାଇପାରେ ଯେ ବିଗତ ୫ ମାସ ମଧ୍ୟରେ ଏହି ଶୀର୍ଷ ବ୍ୟାଙ୍କ ୪ ଥର ରେପୋ ରେଟ୍ ବଢ଼ାଇବା ଦ୍ୱାରା ଋଣଗ୍ରହୀତା ସର୍ବାଧିକ କ୍ଷତିରେ ପଡ଼ିଛନ୍ତି। ଅନ୍ୟପକ୍ଷରେ ସାଧାରଣ ଲୋକ ବ୍ୟାଙ୍କରେ କମ୍ ସୁଧ ହାର ମିଳୁଥିବା ଉପଲବ୍ଧି କରିବା ପରେ ଜମା କରିବାକୁ ଅମଙ୍ଗ ହେଲାଣି। ସର୍ବୋପରେ ବ୍ୟାଙ୍କଗୁଡ଼ିକରେ ନଗଦ ଅର୍ଥର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଅର୍ଥମନ୍ତ୍ରୀ ସୀତାରାମନ ଦେଶର ଆର୍ଥିକ ଅବସ୍ଥା ଭଲ ଅଛି ବୋଲି କହୁଛନ୍ତି। ଓଡ଼ିଆରେ ଢଗ ଅଛି- 'ଅଜାଗାରେ ବଥ ହେଲେ କହନ୍ତି ଛାଇ ହୋଇଛି'। ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ଆଜି ଜନସାଧାରଣଙ୍କୁ ବୋକା ବୋଲି ଧରିନେଲେଣି। ଏହାର କାରଣ ପରିବର୍ତ୍ତନ ଆଣିବା ପାଇଁ ଯେଉଁ ପ୍ରତିକ୍ରିୟା ଦରକାର ପଡ଼ିଥାଏ, ତାହାର ଏଠାରେ ଘୋର ଅଭାବ ଦେଖାଦେଇଛି।

ଏବର ସ୍ଥିତିରେ ବ୍ରିଟେନ ଓ ଭାରତର ଅର୍ଥନୀତି ସମାନ ଭାବେ କ୍ଷତିଗ୍ରସ୍ତ ହେଉଥିବା ଦୃଶ୍ୟମାନ ହେଉଛି। କିନ୍ତୁ ବ୍ରିଟେନ୍ କ୍ଷେତ୍ରରେ ଯେଉଁ ସକାରାତ୍ମକ ଦିଗ ରହିଥିବା ଲକ୍ଷ୍ୟ କରାଯାଉଛି, ଭାରତ ପରିପ୍ରେକ୍ଷୀରେ ତାହାର କାଣିଚାଏ ଆଭାସ ମିଳୁନାହିଁ। ଅର୍ଥାତ୍ ଆର୍ଥିକ ସ୍ଥିତି ବିଗିଡ଼ି ଯାଉଥିବା ଦେଖି ସେଠାକାର ଆଇନ ପ୍ରଣେତାମାନେ ପ୍ରଧାନମନ୍ତ୍ରୀ ଭଳି ପଦକୁ ବାରମ୍ବାର ବଦଳାଇବାକୁ କୁଣ୍ଠାବୋଧ କରୁନାହାନ୍ତି। ତାହା କିଭଳି ସମ୍ଭବପର ସେ ବିଷୟରେ ହୁଏତ ସାଧାରଣ ଭାରତୀୟ ଚିନ୍ତା କରୁନାହିଁ। ବ୍ରିଟେନ ଭଳି ଦେଶରେ ସାଂସଦମାନେ ଦଳର ଆଭିମୁଖ୍ୟ ଓ ନୀତିକୁ ନେଇ ଜିତିଥିବା ହେତୁ ପ୍ରତ୍ୟେକଟି ନିର୍ବାଚିତ ବ୍ୟକ୍ତି ଦେଶର ମଙ୍ଗଳ ଚିନ୍ତା କରିବାର ସତ୍‌ସାହସ ରଖିପାରୁଛି ବୋଲି ବୁଝାପଡୁଛି। ସେଥିପାଇଁ ଲାଗଲାଗ ପ୍ରଧାନମନ୍ତ୍ରୀ ପରିବର୍ତ୍ତନ କରିବାକୁ ସାଂସଦମାନଙ୍କର କ୍ଷମତା ରହୁଛି। ଏହା ତୁଳନାରେ ଭାରତରେ ଗଣତନ୍ତ୍ର ଅତ୍ୟନ୍ତ ବିଚିତ୍ର। ଏଠାରେ ଦେଶରେ ମଙ୍ଗଳ ଆଣିପାରୁଥିବା ଦଳଗୁଡ଼ିକର ଅର୍ଥନୈତିକ ଆଭିମୁଖ୍ୟ ବା ନୀତିର ଅଭାବ ଯୋଗୁ ନେତା ନାମରେ ଜିତିବା ସମ୍ଭବପର ହେଉଛି। ସେଥିପାଇଁ ନେତା ଯେତେ ବିକୃତ ମାନସିକତା ପ୍ରଦର୍ଶନ କଲେ ମଧ୍ୟ ତାଙ୍କୁ ବଦଳାଇବାକୁ ସାଂସଦମାନଙ୍କ ଜୁ ନାହିଁ। ଏଠାରେ ଆଇନ ପ୍ରଣେତାମାନେ ଅଧସ୍ତନ ଭୂମିକା ନିର୍ବାହ କରୁଥିବାରୁ ସ୍ୱଚ୍ଛତା ଆସିପାରୁ ନାହିଁ। ବୁଡ଼ିଯାଉଥିବା ଡଙ୍ଗା ବିଷୟରେ ଜାଣି ଯେଉଁମାନେ ତତ୍‌କ୍ଷଣାତ୍ ପଦକ୍ଷେପ ନେବାକୁ ଆଗେଇ ଆସିଥାଆନ୍ତି, ସେମାନଙ୍କର ବର୍ତ୍ତିଯିବାର ଆଶା ସଞ୍ଚାର ହୋଇଥାଏ। କିନ୍ତୁ ଡଙ୍ଗାରେ ପାଣି ପଶି ବୁଡ଼ିବା ଅବସ୍ଥାକୁ ଆସିଯାଇଥିଲେ ମଧ୍ୟ ଯେଉଁମାନେ ବାହୁସ୍ଫୋଟ ମାରିଥାଆନ୍ତି ସେମାନଙ୍କ ଅବସ୍ଥା କ'ଣ ହୋଇଥାଏ ସହଜରେ ଅନୁମେୟ। ବିଟ୍ରେନ୍ ସତର୍କ ହେଉଥିବା ବେଳେ ଭାରତ ନିଜ ତ୍ରୁଟି ଲୁଚାଇବାକୁ ଚେଷ୍ଟାକରି ଡଙ୍ଗା ବୁଡ଼ିବା ପର୍ଯ୍ୟନ୍ତ ଅପେକ୍ଷା କରୁଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | 4 | 5 | | 8 | |
| 8 | | | | | | 6 | | |
| 5 | | | | 8 | | | 1 | 7 |
| | | | 4 | | | | | 6 |
| 6 | 1 | | 7 | | | | | |
| | | 4 | | | 2 | | | |
| | 9 | | | | | 7 | 6 | |
| | | 3 | | 5 | 9 | | | |
| | | 8 | | | | 3 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 7 | 9 | 8 | 3 | 2 | 5 | 1 |
| 2 | 9 | 3 | 5 | 7 | 1 | 6 | 8 | 4 |
| 1 | 8 | 5 | 6 | 2 | 4 | 9 | 3 | 7 |
| 7 | 3 | 8 | 1 | 6 | 2 | 4 | 9 | 5 |
| 4 | 1 | 6 | 3 | 9 | 5 | 8 | 7 | 2 |
| 9 | 5 | 2 | 7 | 4 | 8 | 3 | 1 | 6 |
| 5 | 6 | 9 | 2 | 3 | 7 | 1 | 4 | 8 |
| 8 | 2 | 1 | 4 | 5 | 9 | 7 | 6 | 3 |
| 3 | 7 | 4 | 8 | 1 | 6 | 5 | 2 | 9 |

ଗତକାଲିର ଉତ୍ତର

# ମାଧବବାବୁଙ୍କ ଠିକା ଚାକିରି



ଶୁଭନାରାୟଣ ଶତପଥୀ

ସାଙ୍ଗମାନଙ୍କ ମେଳିରେ ମାଧବବାବୁ କହୁ କହୁ କହିପକାଇଲେ ଯେ ବୁଝିଲ ସାଙ୍ଗ, ମୋ ଭଳି ବୋକା ଦୁନିଆରେ ନାହିଁ। ଠିକା ଚାକିରି ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ପାଇଁ ଚୁକ୍ତିକରି ଆଜି ଯାଏଁ କାମ କରୁଛି ଆଉ ଏବେ କପାଳରେ ହାତ ମାରୁଛି ମୋର ଚାକିରିଟା କାହିଁ ସ୍ଥାୟୀ ହେଉନାହିଁ। ସାଙ୍ଗ ଜଣକ କହିଲେ, ହଇରେ ମାଧିଆ ତୁ ତ ଚାକିରି କରିବା ବୋଧହୁଏ ପନ୍ଦର ବର୍ଷ ହେଲାଣି। ତୋ ଠିକାର ଅବଧି କେତେ ଥିଲା କି? ମୋ ଜାଣିବାରେ ସେ ଅବଧି ଢେର ପୂର୍ବରୁ ସରିଗଲାଣି। ଏବେ ସେହି ଏକା କାର୍ଯ୍ୟରେ ସେହି ଏକା ପାରିଶ୍ରମିକରେ ତ ନିୟୋଜିତ ହୋଇ ରହିଛୁ। ତଥାପି ଏହି ଠିକା ଚାକିରିରେ ଛଟେଇ ଭୟ, କମ୍ ପାରିଶ୍ରମିକ ସହିତ ଅନ୍ୟାନ୍ୟ ସୁବିଧାରୁ ତୁ ବଞ୍ଚିତ। ତୁମ ଭଳି ଅଭିଜ୍ଞତାସମ୍ପନ୍ନ କର୍ମଚାରୀ ଆବଶ୍ୟକତାଠାରୁ କମ୍ ଦରମାରେ କାମକରି ଲୋକଙ୍କୁ ସେବା ଯୋଗାଇବା କିଛି କମ୍ କଥା ନୁହେଁ। ତେବେ ତୁମର ପରା ଠିକା ବ୍ୟବସ୍ଥା ଏବେ ଉଚ୍ଛେଦ ହେଲା! ମାଧବବାବୁ କହିଲେ, ଆମେ ପରା ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ, ଜୀବିକା, ଶିଶୁ ସୁରକ୍ଷା ଆଦି ବିଭିନ୍ନ ମିଶନ, ସମିତି, ଯୋଜନା ଅନ୍ତର୍ଗତ ଠିକା କର୍ମଚାରୀ। ଆମ ଦୁଃଖ କୋଉଠି ଦୂର ହେଲା ଯେ? ଅନିଶ୍ଚିତତା ଭିତରେ କାହିଁକି ରହିବ, ସ୍ଥାୟୀ ସ୍ୱୀକୃତି ପାଇବା ପାଇଁ ତୁମର ଦାବି ରଖୁନ କହିଲେ ଜଣେ ସାଙ୍ଗ। ମାଧବବାବୁ ଉତ୍ତର ଦେଲେ, ଦାବି କ'ଣ, କେସ୍ କରିଛୁନା। ହଉ ହେଲା ବିଚାରାଧୀନ ପ୍ରକ୍ରିୟା ଶେଷ ହେବାଯାଏଁ ଏବେ ତୁମକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ସାଙ୍ଗ ଜଣକ କହିଲେ। ଏକଥା ଶୁଣି ମନଟା ଗମ୍ଭୀର ହୋଇଗଲା ମାଧବବାବୁଙ୍କର।

ବାସ୍ତବରେ ମାଧବବାବୁ କଲେଜରେ ପଢୁଥିବା ବେଳେ ହଠାତ୍ ତାଙ୍କ ପିତାଙ୍କ ଦେହାନ୍ତ ହୋଇଗଲା। ସେତେବେଳେ ତାଙ୍କ ପିତା ଚାକିରିରେ ଥିବାରୁ ସେ ଅନୁକମ୍ପାମୂଳକ ଯୋଜନାରେ ଏକ ସ୍ଥାୟୀ ଚପରାସୀ ପଦବୀର ଅଫର ପାଇଲେ। ସଫଳତାର ଶୀର୍ଷରେ ତାଙ୍କୁ ଏମିତି ଏକ ଅଫର ମିଳିବା ପରେ ତାଙ୍କ ମନଟା ପାଣିଚିଆ ହୋଇଗଲା। କାରଣ ମାଧବବାବୁ ହେଉଛନ୍ତି ଯୋଗ୍ୟତାରେ ଡବଲ ଏମ୍‌ଏ, ଏଲ୍‌ଏଲ୍‌ବି। ଭାବିଥିଲେ ଅତିକମ୍‌ରେ ଚପରାସୀ ଉପର ସ୍ଥାୟୀ ଚାକିରିଟା ମିଳିଯିବ ବୋଲି। ପରେ ନିଜର ଦକ୍ଷତା ଓ ସ୍ୱାଭିମାନକୁ ପୁଞ୍ଜିକରି ଏକ ଠିକା ଚାକିରିରେ ଯୋଗଦେଲେ। କାରଣ ସର୍ଭିଙ୍କ ଭଳି ତାଙ୍କର ଧାରଣା ଯେ ଠିକା ଚାକିରି ଦିନେନା ଦିନେ ନିଶ୍ଚୟ ନିୟମିତ ହେବ। ସେ ଯାହା ହେଉନା କାହିଁକି ମାଧବବାବୁଙ୍କ ବୟସ ଚାଳିଶ ଟପିଲାଣି। ଆଉ ବାକି କିଛି ବର୍ଷ କାମକଲା ପରେ ପରିଣତ ବୟସରେ ଉପନୀତ ହେବେ ଓ ସେ ଏ ବ୍ୟବସ୍ଥାରୁ ବିଦାୟ ନେବେ।



ସେ ସିନା ନିଜ ପସନ୍ଦ ମୁତାବକ ସେବାକର୍ମ କରି ଆତ୍ମତୃପ୍ତି ଲାଭକଲେ, କିନ୍ତୁ ତାଙ୍କ ପାରିଶ୍ରମିକକୁ ନେଇ ଦୈନନ୍ଦିନ ବଜାର ସହ ଲଢେଇ, ନିଅଣ୍ଟିଆ ସମ୍ମାନ ଓ ଅନିଶ୍ଚିତ ଭବିଷ୍ୟତ ଆଦି ତାଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରିପାରୁନାହିଁ। କାରଣ ଏହି ଠିକା ଚାକିରିରେ ଯୋଗଦେବାବେଳେ ପାରିଶ୍ରମିକ ଯାହା ଥିଲା ଆଜି ବି ପ୍ରାୟ ସେଇଆ। ବେଳେବେଳେ ଭାବୁଛନ୍ତି ସେହି ଅନୁକମ୍ପାମୂଳକ ଚାକିରିଟା କରିଥିଲେ ହୁଏତ ଏ ଠିକା ଚାକିରିର ପାରିଶ୍ରମିକଠାରୁ ଏବେ ୨ଗୁଣ ଅଧିକ ପାଉଥାନ୍ତି। କାରଣ ବଜାର ଦରଦାମ ଦୁଇଗୁଣ, ତିନିଗୁଣ ହୋଇଥିବା ବେଳେ ଏ ଦରମାକୁ ନେଇ ପରିବାର ଚଳାଇବା କଷ୍ଟକର ବ୍ୟାପାର। କିନ୍ତୁ କରିବେ କ'ଣ। ତଥାପି ପ୍ରତିଦିନ ଖବରକାଗଜ ପୃଷ୍ଠା ଓଲଟାଇ ଦେଖୁଛନ୍ତି ଘଡ଼ିକେ ଘୋଡ଼ା ଛୁଟୁଥିବା ବ୍ୟବସ୍ଥାରେ କାଳେ କ'ଣ ଆମ ବିଷୟରେ ନିଷ୍ପତ୍ତି ହେଲା କି?

ମାଧବବାବୁଙ୍କ ଆଉ ଜଣେ ସାଙ୍ଗ ରାଘବ ରାସ୍ତାକଡ଼ରେ ଚିକେନ ବ୍ୟବସାୟ କରେ। ସେଦିନ ଚିକେନ କିଣିବାକୁ ଯାଇଥିବା ମାଧବବାବୁଙ୍କ ପାଟିରୁ ବାହାରିପଡ଼ିଲା, ହଇରେ ରାଘବ ତୋର ତ କ'ଣ ମୁଣ୍ଡରେ ଗୋଟିଏ ବୁଟି ପାଚିନି! ରାଘବ ତୁରନ୍ତ ପାଲଟା ଉତ୍ତରରେ କହିଲା, ତୋର ବୁଟି ପାଚିବନି କେମିତି। ମୋଟା ଅଙ୍କ ପାଇଲୁ, ଦିନ ସାରା ଏସିରେ ବସିଲୁ ଆଉ ଆମ ଭଳି ତୁ କ'ଣ ଖରାକାକରରେ କାମ କରୁଛୁ? ଉତ୍ତର ରଖିବାକୁ ମାଧବବାବୁଙ୍କ ପାଟିରେ ଭାଷା ନ ଥିଲା। ଠିକା ଚାକିରିଆଙ୍କ ଉଦ୍ଦେଶ୍ୟରେ ରାଘବ ଭଳି ଭାବନା ଥିବା ବ୍ୟକ୍ତିଙ୍କର ସମାଜରେ ଅଭାବ ନାହିଁ। ବିଚରା ମାଧବବାବୁ ସେଠାରେ ନିଜର ପରିସ୍ଥିତି ବଖାଣିବାକୁ ଉଚିତ ମଣିଲେ ନାହିଁ। ଖାଲି ଏତିକି କହିଲେ, ସେମାନେ ବି ଯଦି ତୋ ଭଳି ଭାବିଥାନ୍ତେ ବୋଧହୁଏ ମୋର ବିବାହ ଦଶବର୍ଷ ଡେରି ହୋଇ ନ ଥାନ୍ତା। ସେଥିପାଇଁ ରାଘବ ପୁଅ ଦଶମ ଶ୍ରେଣୀରେ ଆଉ ମାଧବବାବୁଙ୍କ ପୁଅ ପ୍ରଥମ ଶ୍ରେଣୀରେ।

ଆଉ ଏକ ଦିନ ମାଧବବାବୁ ଅଫିସ କାମରେ ଏକ ଚାରିଚକିଆ ଯାନରେ ଗସ୍ତ କରୁଥାନ୍ତି। ବାଟରେ ତାଙ୍କର ଜଣେ ବାଲ୍ୟବନ୍ଧୁ ଦେଖାହେଲେ। ବନ୍ଧୁ ଜଣକ ସିଧା ଆସି ମାଧବବାବୁଙ୍କ ପାଖରେ ବସି ପଡ଼ି କହିଲେ, ତୋର କ'ଣ ଚିନ୍ତା ଅଛି। ଏସି ଗାଡ଼ିରେ ବୁଲୁଛୁ, ଦରମା ଉପୁରି ପାଇ ପେଟ ବଢ଼େଇ ସାରିଲୁଣି। ଏବେ ପୁଣି ତମର ଠିକା ବ୍ୟବସ୍ଥା ଉଠିଗଲା। ମୁଁ ବ୍ୟବସାୟକରି ଟ୍ୟାକ୍ସ ଭରି ମାତ୍ର ଲକ୍ଷେ ଦେଢ଼ଲକ୍ଷ ଟଙ୍କା ରୋଜଗାର କରୁଛି। ମୋତେ ତୋରି ଭଳି ଏକ ଚାକିରି ମିଳିଥାନ୍ତା କି। ମାଧବବାବୁ ବିରକ୍ତ ହୋଇ କହିଲେ, ତୁମ ମନରେ ଏସବୁ ଭ୍ରାନ୍ତଧାରଣା କାହିଁକି ଭରି ରହିଛି? ବ୍ୟବସାୟୀ ବନ୍ଧୁ କହିଲେ, ତୁମେ ସବୁ ଚାକିରିଆ ଏମିତି। ଆର୍‌ଟିଆଇରେ ତଥ୍ୟ ନ ମାଗିବା ପର୍ଯ୍ୟନ୍ତ ଦରମାଟାକୁ ଲୁଚାଇଥିବ। ମାଧବବାବୁ ମନେମନେ ଭାବିଲେ କଥାଟାକୁ ଆଗକୁ ନ ବଢ଼ାଇ ଏତିକିରେ ସୀମିତ ରଖିଲେ ଭଲ। ନ ହେଲେ ସତରେ ଯଦି ମୋ ଦରମାଟା ଏତେ କମ୍ ବୋଲି ଜାଣିବ ତେବେ ମୋର ଇଜ୍ଜତଟା ରହିବଟି? କାରଣ ସମାଜରେ ଅନେକ ଲୋକ ଦରମା ବା ଅର୍ଥ ରୋଜଗାରକୁ ନେଇ ମଣିଷର ଓଜନ ତଉଲିଥାନ୍ତି।

ସେ ଯାହା ହେଉନା କାହିଁକି ନିଜର ଅଦେଖା, ଅକୁହା କଥାକୁ ଅଣ୍ଟିରେ ପୂରାଇ ଅନେକ ଠିକା କର୍ମଚାରୀ ଏମିତି ଦୈନନ୍ଦିନ ଯୁଝିହେଉଛନ୍ତି ହାଟଠାରୁ ସଉଦା, ଭ୍ରମଣଠାରୁ ଅନଟନ, ପିଲାଙ୍କ ପାଠପଢ଼ାଠାରୁ ବୟୋଜ୍ୟେଷ୍ଠଙ୍କ ଭରଣପୋଷଣ ଯାଏଁ। ଏହାରି ଭିତରେ ଯୋଗ୍ୟତା ସାଙ୍ଗକୁ ସୀମିତ ସମ୍ବଳରେ ସାମାଜିକ, ସାଂସ୍କୃତିକ କାର୍ଯ୍ୟରେ ନିଜକୁ ଖାପଖୁଆଇବା ଓ ନିୟନ୍ତ୍ରଣ କରି ଚଳାଇନେବାର ଦକ୍ଷତା ହାସଲକରି ସାରିଲେଣି ମାଧବବାବୁଙ୍କ ପରି ଲୋକେ। ତେବେ ନିରନ୍ତର, ସ୍ଥାୟୀ, ନିୟମିତ ଭଳି କାମ କରିଆସୁଥିବା ଏହି ଅଭିଜ୍ଞତାସମ୍ପନ୍ନ ଠିକା କର୍ମଚାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଦେଇ ନିୟମିତ ତଥା ଏକ ସମତୁଲ ପାରିଶ୍ରମିକ ପ୍ରଦାନ କରାଗଲେ କ୍ଷତି କ'ଣ? ଜରୁରୀ ଚିକିତ୍ସା ପାଇଁ ଓ ପରିଣତ ବୟସ ସମୟରେ ନିଜର ଖର୍ଚ୍ଚ ତୁଲାଇବାକୁ ସେମାନେ କିଛି ସଞ୍ଚୟ କରିପାରନ୍ତେ। କାରଣ ଅନ୍ୟ କୌଣସି ସୁବିଧାରୁ ବଞ୍ଚିତ ଥିବା ଉକ୍ତ ଗୋଷ୍ଠୀଙ୍କର ଏହି ଗୋଟିଏ ଆୟ ଉତ୍ସ, ତାହା ପୁଣି ବଜାର ତୁଳନାରେ ନଗଣ୍ୟ। ଏଣୁ ସେମାନଙ୍କ ସ୍ୱାସ୍ଥ୍ୟବୀମା, ଭବିଷ୍ୟନିଧି, ନିୟମିତ ବର୍ଦ୍ଧିତ ଭତ୍ତା, ପେନ୍‌ସନ ଆଦି ସୁନିଶ୍ଚିତ କରିବାର ପ୍ରୟାସ ମାଧବବାବୁଙ୍କ ଭଳି ଠିକା ଚାକିରିଆଙ୍କ ମୁହଁରେ ହସ ଫୁଟାଇପାରନ୍ତା।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**

# ଚାଲ ହାରିବା ଶିଖିବା



ସୁପ୍ରଭା ବେହେରା

ଜୀବନ ଗୋଟିଏ ନଈ। ତାହା ଦେହରେ ଘଟଣାପ୍ରବାହ ସବୁ ସୁଅ ଭଳି। ବର୍ଷାରେ ନଈର ଛାତି ଫୁଲିଉଠି କେବେ ହୁଏ ଉଛୁଳା। ପୁଣି ରୌଦ୍ରଦଗ୍ଧ ହୋଇ ସେଇ ଭରା ନଈର ଉଛୁଳା ଛାତି ହୁଏ ଫୁଙ୍ଗୁଳା। ତା' ବୋଲି ନଦୀ କ'ଣ ବୋହିବାକୁ ମନା କରିଦିଏ? ପ୍ରବହମାନତା ତ ତାହାର ଧର୍ମ। ଜୀବନ ସେମିତି କେତେ ରଙ୍ଗରେ ରଙ୍ଗିନ। ମାଟି କାନ୍ଥର ଝୋଟି ଚିତା ଭଳି ସେଠି ଲେଖାହୋଇଛି ହତାଶା, ସଫଳତା, ପ୍ରେମ, ପ୍ରତାରଣା। ଇନ୍ଦ୍ରଧନୁର ରଙ୍ଗ ଭଳି ଜୀବନ କେବେ ସଫଳତାର ଗାରିମାରେ ଗାଢ଼, ଆଉ କେବେ ହତାଶାରେ ଫିକା। ସବୁ ରଙ୍ଗକୁ ଅଣ୍ଟାରେ ପୂରାଇ ଆୟୁଷକୁ ଭୋଗିବା ହିଁ ଜୀବନ। ମୁହଁ ମୋଡି ଦେବା ହିଁ ହାରିଯିବା।

ହାର୍ ଜିତ୍‌ର ଜୀବନ। ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି। ଜଣେ ଜିତିଲେ ଜଣେ ହାରୁଛି। ଆମେ କିନ୍ତୁ ଜିତିବାର ମହୋତ୍ସବରେ ମସ୍‌ଗୁଲ ହେବା ଶିଖିଛୁ ଓ ଶିଖାଇଛୁ। ହାରିବାକୁ ଗ୍ରହଣ କରି ଝାଡ଼ି ହୋଇ ପୁଣି ଶକ୍ତି ସଞ୍ଚୟ କରିବା ଶିଖି ନାହୁଁ। ଆବ୍ରାହାମ ଲିଙ୍କନ୍ ତାଙ୍କ ପୁଅର ଶିକ୍ଷକଙ୍କୁ ଲେଖିଥିବା ଚିଠିରେ ଲେଖିଥିଲେ 'ମୋର ପୁଅକୁ ଶିଖାଇବେ ବିଫଳତା ମଧ୍ୟ ମହିମାମୟ'। ଆମେ ଅଭିଭାବକ ହିସାବରେ ପ୍ରତ୍ୟେକେ ଥରେ ଚିନ୍ତା କରିବା। ଆମେ ଆମ ପିଲାଙ୍କୁ ସବୁବେଳେ କହୁଛୁ ତୁ ଜିତିଲେ ବା ସଫଳତା ଲାଭ କଲେ, ମୁଁ ତୋତେ ଚକୋଲେଟ ଦେବି, ନୂଆ ପୋଷାକ ବା ଖେଳଣା କିଣି ଦେବି, କେବେ କେବେ ମୋଟର ଗାଡ଼ି ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଉଛୁ। କିନ୍ତୁ କେତେଜଣ ହାରିବାକୁ ସ୍ୱୀକାର କରି ପୁଣି ଝାଡ଼ି ହୋଇ ବାଟ ଚାଲିବାର କଳା ଶିଖାଇଛନ୍ତି? ଗୋଟିଏ ପଦବୀ ପାଇଁ ଧରାଯାଉ ୨୦୦ଟି ସ୍ଥାନ ରହିଛି। ଆଶାୟୀ ପ୍ରାର୍ଥୀ ରହୁଛନ୍ତି ୨୦,୦୦୦। ୨୦୦ ଜଣ କୃତକାର୍ଯ୍ୟ ହେଲା ପରେ ଆଉ ବାକି ରହିଲେ ୧୯,୮୦୦। ୧୯,୮୦୦ ଜଣଙ୍କୁ ଏହି ବିଫଳତାକୁ ସାମ୍ନା କରିବା ପାଇଁ ମାନସିକ ପ୍ରସ୍ତୁତି ସମ୍ବନ୍ଧରେ ଆମେ କେବେ ଅବଗତ କରାଇଛୁ କି? ଶୈକ୍ଷିକ ପରୀକ୍ଷା କ୍ଷେତ୍ରରେ ମଧ ସବୁ ପିଲା ଯେ ୧୦୦ ଶତକଡ଼ା ନମ୍ବର ଆଣିବେ ତାହା ନୁହଁ। କିନ୍ତୁ ଅନେକ ପିଲା ବିଫଳତା ସହ ସାଲିସ ନ କରିପାରିବା ଫଳରେ ଆତ୍ମହତ୍ୟାକୁ ଆପଣାଇ ନେଇଥାନ୍ତି। ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍ ସି ଆର୍ ବି)ର ତଥ୍ୟ କହେ ୨୦୧୬ରେ ୯୪୭୮ଜଣ, ୨୦୧୯ରେ ୧୦,୩୩୫ ଜଣ ଏବଂ ୨୦୨୧ରେ ୧୩,୦୮୯ ଜଣ ଆତ୍ମହତ୍ୟା କରିବା ପଛର ମୂଳ କାରଣ ହେଲା ପରୀକ୍ଷାରେ ଅକୃତକାର୍ଯ୍ୟ ହେବା। ୨୦୨୦ରେ ଛାତ୍ର ଆତ୍ମହତ୍ୟା କ୍ଷେତ୍ରରେ ଓଡ଼ିଶା ଦେଶର ଦ୍ୱିତୀୟ ସ୍ଥାନରେ ଥିଲା। ତେବେ ଯାହା ବି ହେଉ ଏହା ରାଜ୍ୟ କିମ୍ବା ଦେଶର ନୁହଁ, ବରଂ ସମଗ୍ର ବିଶ୍ୱ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇ ଛିଡ଼ା ହୋଇଛି। ତେଣୁ ସେମାନଙ୍କ ମନରେ ସକାରାତ୍ମକ ଚିନ୍ତାଧାରା ଆଣିବାକୁ ପଡିବ ଯେ, ବିଫଳତା ହେଉଛି ଶିଖିବାର ପ୍ରଥମ ସୋପାନ। ଦେଖିବାକୁ ଗଲେ ବିଜୟ ଆମକୁ ବହୁତ କମ୍ ଶିକ୍ଷା ଦେଇଥାଏ। ଜୀବନର ଅସଲ ଶିକ୍ଷା ତ ପରାଜୟରୁ ମିଳିଥାଏ। ଜୀବନ ଜିଇବାର ଅନେକ କିଛି କଳା



ମଣିଷ ହାରିବାର ଅନୁଭୂତିରୁ ରୁଣ୍ଡାଇ ଥାଏ। ଇତିହାସ ଏହାର ମୂକସାକ୍ଷୀ। ଆବ୍ରାହାମ ଲିଙ୍କନ୍ ୧୭ ଥର ନିର୍ବାଚନ ହାରି ଶେଷରେ ସଫଳତା ଲାଭ କରିଥିଲେ। ଥୋମାସ ଆଲ୍‌ଭା ଏଡିସନ ଗୋଟିଏ ବିଦ୍ୟୁତ୍ ବଲ୍‌ବ ଜଳାଇବା ପାଇଁ ୧୦,୦୦୦ ଥର ଅକୃତକାର୍ଯ୍ୟ ହୋଇଥିଲେ। ତାଙ୍କର ସହଯୋଗୀ ଜଣକ ଏଥିପାଇଁ ବିରକ୍ତି ପ୍ରକାଶ କରିବାରେ ସେ ଏହାକୁ ସକାରାତ୍ମକ ମନୋଭାବ ନେଇ କହିଥିଲେ, ଏହି ୧୦,୦୦୦ ଥରକରେ ଆମେ ଶିଖିଲେ କେଉଁ କେଉଁ ପଦାର୍ଥ ବିଦ୍ୟୁତ ବଲ୍‌ବ ଜଳିବାରେ ସାହାଯ୍ୟ କରେ ନାହିଁ। ଦେଖିବାକୁ ଗଲେ ମଣିଷ ତ ପ୍ରକୃତରେ ସେତେବେଳେ ହାରିଯାଏ ଯେତେବେଳେ ସେ ବିଫଳତାକୁ ଗ୍ରହଣ କରିନିଏ।

ଜୀବନରେ ଚାଲୁ ଚାଲୁ ଝୁଣ୍ଟି ପଡ଼ିବା ତ ସ୍ୱାଭାବିକ। ତା' ମାନେ କ'ଣ ବାଟ ଚାଲିବାକୁ ମନା କରିଦେବା? ଝାଡ଼ି ହୋଇ ପୁନଃ ରାସ୍ତା ନିର୍ଦ୍ଧାରଣ କରିବା ବୀରର ଲକ୍ଷଣ। ସଫଳତାର ମହୋତ୍ସବ ସମସ୍ତେ ପାଳନ କରିବାର କ୍ଷମତା ରଖନ୍ତି, କିନ୍ତୁ ବିଫଳତାକୁ ବରଦାସ୍ତ କରିବା ପାଇଁ ଜଣେ ମାନସିକ ସ୍ତରରେ ଶକ୍ତ ହେବା ଆବଶ୍ୟକ। ପ୍ରତିକୂଳ ପରିସ୍ଥିତିରେ ଭିନ୍ନ ଭିନ୍ନ ବସ୍ତୁର ଉଦାହରଣ ନେଇ ପରିସ୍ଥିତିକୁ ବୁଝାଯାଇପାରେ। ଧରାଯାଉ ଗରମ ପାଣି ହେଉଛି ଗୋଟିଏ ପ୍ରତିକୂଳ ପରିସ୍ଥିତି। ଅଣ୍ଡା, ଆଳୁ ଓ କଫିର ଦାନାକୁ ଗରମପାଣିର ସେଇ ସମାନ ପରିସ୍ଥିତି ଦେଇ ଗତି କରିବାକୁ ହେଲା। ଅଣ୍ଡାଟି ଗରମପାଣିରେ ପଡ଼ିବା ପରେ ଶକ୍ତ ହୋଇଗଲା। ଯେତେବେଳେ କି ଆଳୁ ଗରମ ପାଣିରେ ରହି ନରମ ହୋଇଗଲା। ଅନ୍ୟପକ୍ଷରେ କଫି ଦାନାଗୁଡ଼ିକ ଗରମ ପାଣିର ସଂସ୍ପର୍ଶରେ ଆସିବା ପରେ ଗରମ ପାଣିରେ ସେ ନିଜକୁ ମିଶାଇଦେଲା। ଆଉ କିଛି ସମୟ ପରେ ପାଣିର ସମ୍ପୂର୍ଣ୍ଣ ପରିସ୍ଥିତି ହିଁ ବଦଳିଗଲା। ଅର୍ଥାତ ଯିଏ ଯେମିତି ପ୍ରତିକ୍ରିୟା ପ୍ରକାଶ କଲା, ପରିସ୍ଥିତି ତାହା ପାଇଁ ସେମିତି ହିଁ ହେଲା। ଆମ ପିଲାମାନଙ୍କୁ ପ୍ରତିକୂଳ ପରିସ୍ଥିତିରେ କଫି ଦାନା ହେବାର କଳାଟିକୁ ଶିଖିବାକୁ ହେବ।

ବିଫଳତା ଗୋଟିଏ ଅନାଥ ପରି, ଯେତେବେଳେ କି ସଫଳତାର ଅନେକ ଜଣ ପିତା। ତେଣୁ ବିଫଳତାକୁ ଆପଣାଇବା ପାଇଁ ନିଜ ଭିତରେ ଶକ୍ତି ସଞ୍ଚୟ କରିବା ଅନିବାର୍ଯ୍ୟ। ଯେତେବେଳେ ଜଣେ ସଫଳତା ଲାଭ କରେ, ସେ ସାରା ଦୁନିଆରେ ପରିଚିତ ହୁଏ କିନ୍ତୁ ବିଫଳତା ଆମକୁ ଦୁନିଆକୁ ଚିହ୍ନିବାରେ ସାହାଯ୍ୟ କରେ। ତେଣୁ ପିଲାମାନଙ୍କୁ ବୁଝାଇବାକୁ ହେବ, ବିଫଳତା କୌଣସି ଏକ ଘଟଣା ପ୍ରବାହର ଶେଷ ସୋପାନ ନୁହଁ। ବରଂ ଅୟମାରମ୍ଭ। ରାତି ଏକ ଦିନର ଅନ୍ତ ଘଟାଇବାକୁ ଆସେ ନାହିଁ। ବରଂ ସେଇ ଗାଢ଼ ତିମିରର ବୁକୁ ଚିରି ସମ୍ଭାବନାରେ ଲସରପସର ନୂଆ ସକାଳଟିଏ ପ୍ରତ୍ୟେକ ଥର ଜନ୍ମ ନେଉଥାଏ। ଗୋଟିଏ ଫୁଲଗଛରେ ଫୁଲଟିଏ ସେତେବେଳେ ପାଖୁଡା ମେଲି ହସିଥାଏ ଯେବେ ସେ ଉଭୟ ଖରା ଓ ବର୍ଷାକୁ ଭୋଗ କରେ। ଆତ୍ମହତ୍ୟା କରି ଜୀବନକୁ ହାରିବା ଅପେକ୍ଷା, ହାରିବାକୁ ଗ୍ରହଣ କରି ଜିତିବା ପାଇଁ ଶକ୍ତି ସଞ୍ଚୟ କରିବା ଭଲ। ଚେଷ୍ଟା କଲେ ସବୁ ବିଫଳତା ରାସ୍ତାର ଶେଷ ମୁଣ୍ଡରେ ସଫଳତା ଫୁଲ ହାର ଧରି ଅପେକ୍ଷା କରିଥାଏ ସ୍ୱାଗତ କରିବା ପାଇଁ।

**ଭୁବନେଶ୍ୱର, ମୋ: ୯୦୪୦୩୬୦୨୫୯**

## ଏଇ ଭାରତରେ

ମହାରାଷ୍ଟ୍ରର ଓସ୍ମାନାବାଦ ଜିଲା ଉପଲା ଗାଁ ୩୨ ଏକର ଜମି ମାଙ୍କଡ଼ଙ୍କ ନାମରେ ନାମିତ କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛି। ଏହି ଗାଁରେ ମାଙ୍କଡ଼ମାନଙ୍କ ପ୍ରତି ବହୁ ସମ୍ମାନ ଅଛି। ବେଳେବେଳେ ବିବାହ ସମୟରେ ଲୋକଙ୍କ ଭୋଜି ପୂର୍ବରୁ ମାଙ୍କଡ଼ମାନଙ୍କୁ ଖାଦ୍ୟ ଦିଆଯାଏ ଓ ପରେ ଉତ୍ସବ ଆରମ୍ଭ କରାଯାଇଥାଏ। ମାଙ୍କଡ଼ମାନେ ଗାଁରେ କରାଯାଉଥିବା ସମସ୍ତ ରୀତିନୀତିର ଏକ ଅଂଶ। ସେମାନେ ଗାଁ ଭିତରକୁ ଆସିଲେ ଲୋକେ ଖୁସିରେ ସେମାନଙ୍କୁ ଖାଦ୍ୟ ଦିଅନ୍ତି। ମାଙ୍କଡ଼ମାନେ କାହାର କ୍ଷତି କରନ୍ତି ନାହିଁ। ସରପଞ୍ଚ ବାପ୍ପା ପଡୱାଲ କହନ୍ତି, ଉପଲା ଗ୍ରାମପଞ୍ଚାୟତର ଜମି ରେକର୍ଡ ଅନୁଯାୟୀ ଏହି ୩୨ ଏକର ଜମି ମାଙ୍କଡ଼ମାନଙ୍କର। ଏମାନଙ୍କ ପାଇଁ କିଏ କେବେ ଏହି ବ୍ୟବସ୍ଥା ଆରମ୍ଭ କରିଥିଲେ ତାହା ଜଣାପଡ଼ିନାହିଁ। ବର୍ତ୍ତମାନ ଗାଁରେ ପ୍ରାୟ ୧୦୦ ମାଙ୍କଡ଼ ଅଛନ୍ତି। ସେମାନେ ଗୋଟିଏ ସ୍ଥାନରେ ସବୁବେଳେ ସ୍ଥାୟୀ ଭାବେ ରହୁ ନ ଥିବାରୁ ଗତ କିଛି ବର୍ଷ ମଧ୍ୟରେ ସେମାନଙ୍କ ସଂଖ୍ୟା ହ୍ରାସ ପାଉଛି। ଜଙ୍ଗଲ ବିଭାଗ ଉକ୍ତ ଜମିରେ ବୃକ୍ଷରୋପଣ କରିଛି। କୌଣସି ଲୋକ ମାଙ୍କଡ଼ଙ୍କୁ ଖାଦ୍ୟ ଦେବାକୁ ମନାକରି ନ ଥାନ୍ତି। ଉପଲା ଗ୍ରାମରେ ମାଙ୍କଡ଼ଙ୍କ ପ୍ରତି ଥିବା ସମ୍ମାନକୁ ନେଇ ସୋସିଆଲ ମିଡିଆରେ ବହୁ ଚର୍ଚ୍ଚା ହୋଇଥାଏ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଅକ୍ଟୋବର ୧୯୯୭

- ନାଗରିକମାନଙ୍କର ମାନବାଧିକାରକୁ ସୁରକ୍ଷିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ହୋଇଥିବା ପରିପ୍ରେକ୍ଷୀରେ ଜାତିସଂଘ ସନନ୍ଦରେ ଭାରତର ସ୍ୱାକ୍ଷର।
- କର୍ଜନ କନ୍‌ୱେ ଅନ୍ତର୍ଜାତୀୟ ଫିଲାନ୍ଥ୍ରୋପିକ ମାନବପ୍ରେମୀ ଅନୁଷ୍ଠାନ 'ରକ୍‌ଫେଲର ଫାଉଣ୍ଡେସନ'ର ସଭାପତି ନିଯୁକ୍ତ।
- ବରିଷ୍ଠ କଂଗ୍ରେସ ନେତା ନାରାୟଣ ଦତ୍ତ ତିୱାରୀ ଉତ୍ତର ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିଯୁକ୍ତ।
- ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଜେ.ଜେ. ଇରାନୀଙ୍କୁ ନାଇଟ ଅଫ୍ ବ୍ରିଟିଶ ଏମ୍ପାୟାର ଉପାଧି ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ବାରିପଦାରୁ ଜୟପୁରକୁ ଟ୍ରେନ୍ ଚଳାଯାଉ

ମହାଶୟ,

ଭୁବନେଶ୍ୱରରୁ ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍ ଚଳାଚଳ କରୁଛି। ଏହି ଟ୍ରେନ୍‌ରେ ରାଜଧାନୀରୁ ଅନେକ ଲୋକ ଯେଉଁମାନେ ଅବିଭକ୍ତ କୋରାପୁଟ ଜିଲାରେ ଚାକିରି କରୁଛନ୍ତି ସେମାନେ ସୁବିଧାରେ ଯାତାୟାତ କରିପାରୁଛନ୍ତି। କିନ୍ତୁ ମୟୂରଭଞ୍ଜ ଅବିଭକ୍ତ ବାଲେଶ୍ୱର ଜିଲା (ଭଦ୍ରକ), ଅବିଭକ୍ତ କଟକ ଜିଲା(ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା) ଓ କେନ୍ଦୁଝର ଲୋକେ କିଛି ଉପକୃତ ହୋଇପାରୁନାହାନ୍ତି। ତେଣୁ ବାରିପଦାରୁ ଏକ ଏକ୍ସପ୍ରେସ୍ ଟ୍ରେନ୍ ଜୟପୁରକୁ ଚଳାଚଳ କରାଗଲେ ଏହି ଜିଲାରେ ଲୋକ ଉପକୃତ ହୋଇପାରନ୍ତେ। ଅବିଭକ୍ତ କୋରାପୁଟ ଜିଲାରେ ଅନେକ ଏ ଅଞ୍ଚଳର ଲୋକ ଚାକିରି କରୁଛନ୍ତି। ମୁଖ୍ୟତଃ ରାୟଗଡ଼ା, ଦାମନଯୋଡ଼ି, ସୁନାବେଡ଼ା, ମାଛକୁଣ୍ଡ, ଡୁଡୁମା, କୋଲାବ(ଜଳବିଦ୍ୟୁତ୍ ପ୍ରକଳ୍ପ)ର ଲୋକେ ଜୟପୁରରୁ ଓହ୍ଲାଇ ନବରଙ୍ଗପୁର ଓ ସ୍ୱାଭିମାନ ଅଞ୍ଚଳ ମାଲକାନଗିରି, ମୋଟୁ ଚିତ୍ରକୋଣ୍ଡା ଓ ମାଥିଲି, ଏମ୍‌ଭି ୭୯କୁ ଯାଇପାରିବେ।

**- କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଡ଼ ଏ ଧରାରେ ଜାଗେ
ବିପୁଳ ଜୀବନ,
ମୂର୍ଚ୍ଛିତ ଦଶଦିଶ
ହୁଏ ସଚେତନ!
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଦେଓମାଳିରେ କବି ସୁନୀଲ ମିଶ୍ରଙ୍କ ପୁସ୍ତକ ଉନ୍ମୋଚିତ**

ବାଙ୍କୀ,(ସ୍ୱ.ପ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡ଼ା ଗ୍ରାମର କବି ସୁନୀଲ ମିଶ୍ରଙ୍କ ପୁସ୍ତକ 'ଶବ୍ଦ ଯେ ଅମୃତ' କୋରାପୁଟର ସର୍ବୋଚ୍ଚ ପର୍ବତ ଦେଓମାଳିଠାରେ ଉନ୍ମୋଚନ ହୋଇଯାଇଛି। ଅବସରରେ ଉକ୍ତ ପୁସ୍ତକକୁ ବିଶିଷ୍ଟ ସର୍ବୋଦୟ ନେତା ତଥା ଶିକ୍ଷାବିତ କୃଷ୍ଣ ସିଂହ ଉନ୍ମୋଚନ କରିଥିଲେ। ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ, ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା, ସୀତାବଲ୍ଲଭ ମହାପାତ୍ର, ବିଜୟ ପରିଡ଼ା, ପ୍ରାଧାପକ ମନୋଜ କୁମାର ମହାପାତ୍ର, ଅଧ୍ୟାପକ ସୀତାକାନ୍ତ ପାଣିଗ୍ରାହୀ, କବି କୌଶିକ ନାୟକ, ଗବେଷକ ରବୀନ୍ଦ୍ର କୁମାର ରଣା, ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କାମଦେବ ମହାପାତ୍ର, ଧନେଶ୍ୱର ବଳିୟାର ସିଂହ, ଆଇନଜୀବୀ ରଞ୍ଜିତ ତ୍ରିପାଠୀ, ମୁରଲୀଧର ଭାଗ୍ୟମ ପ୍ରମୁଖ ଯୋଗଦେଇ ପୁସ୍ତକ ସମ୍ପର୍କରେ ସମୀକ୍ଷା କରିଥିଲେ ।

## ସଂକ୍ଷେପରେ

### ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍, ଯୁବକ ଗିରଫ

ସାଲେପୁର,୧୭।୧୦(ଡି.ଏନ୍.ଏ.)- ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ତା'ର ଅଶ୍ଳୀଳ ଭିଡ଼ିଓ ମୋବାଇଲ୍‌ରେ ଉତ୍ତୋଳନ କରି ସୋସିଆଲ୍ ମିଡ଼ିଆରେ ଭାଇରାଲ କରିବା ଅଭିଯୋଗରେ ସୋମବାର ସାଲେପୁର ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଭାତପଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କୁ ତିଳିଦା ଗ୍ରାମର ରିଜୁଆନ୍ ଅହମ୍ମଦ(୧୯) ପ୍ରେମ କରୁଥିଲେ। ତା' ସହିତ ବିଶ୍ୱାସ ଜନ୍ମାଇ ତା'ର ଅଶ୍ଳୀଳ ଭିଡ଼ିଓକୁ ମୋବାଇଲ୍‌ରେ ଉତ୍ତୋଳନ କରି ତାହାକୁ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ କରିଦେଇଥିଲେ। ଏ ନେଇ ନାବାଳିକା ଜଣକ ସାଲେପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୧୪/୨୦୨୨ରେ ମାମଲା ରୁଜୁ କରି ରିଜୁଆଙ୍କୁ ଗିରଫ କରି ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି।

### ଜନସମ୍ପର୍କ ପଦଯାତ୍ରାରେ ଶତାଧିକ ମହିଳା,ପୁରୁଷ

ସାଲେପୁର,୧୭।୧୦(ଡି.ଏନ୍.ଏ.)- ପିକୋଳ ଓ ଭୀମଦାସପୁର ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଜେଡି ପକ୍ଷରୁ ଅନୁଷ୍ଠିତ ପଦଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ଭାଗ ନେଇଥିଲେ। ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଯୋଜନାରୁ ପ୍ରକୃତ ହିତାଧିକାରୀ ବାଦ୍ ନପଡନ୍ତି ସେଥିପ୍ରତି ସବୁ ବିଜେଡି କର୍ମୀ ଗୁରୁତ୍ୱ ଦେବା ସହ ଲୋକମାନଙ୍କ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ବ୍ଲକ ବିଜେଡି ଉପାଧ୍ୟକ୍ଷ ରମେଶ ଜେନା, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ କର, ଭୀମଦାସପୁର ସରପଞ୍ଚ ନଳିନୀପ୍ରଭା ନାୟକ, ସମିତିସଭ୍ୟା ପ୍ରଭାତୀ ସେଠୀ, ଦୟାନିଧି ସାହୁ, ପିକୋଳ ସରପଞ୍ଚ ମାଣିକ ବେହେରା, ସମିତି ସଭ୍ୟା ସୁଲୋଚନା ସାହୁ, ପୂର୍ବତନ ସରପଞ୍ଚ ହରିହର ସାହୁ, ବ୍ଲକ୍ ସଂଖ୍ୟାଲଘୁ ସେଲ୍‌ର ସଭାପତି ସମିମ୍ ଅଖତର, ପ୍ରସନ୍ନ କୁମାର ଜେନା, ବିଜୟ କୁମାର ଖୁଣ୍ଟିଆ, ଉତ୍ସବ ବେହେରା, ସମିତି ସଭ୍ୟ ପ୍ରତିନିଧି ହେମନ୍ତ ସ୍ୱାଇଁ, ପରିକ୍ଷୀତ ବାରିକ, ମିଶନ୍ ଶକ୍ତି ସଭାନେତ୍ରୀ ବୈଜୟନ୍ତୀ ସାହୁ, ସେକ୍ ସଫିକ୍ ଉଦ୍ଦିନ, ଟିକା ଖାନ୍, ପୂର୍ବତନ ସରପଞ୍ଚ କୁଳମଣି ବେହେରା, ସନ୍ଦିପ ଭୂୟାଁଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

### ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧବାର୍ଷିକୀ ପ୍ରସ୍ତୁତି ବୈଠକ

ସାଲେପୁର,୧୭।୧୦(ଡି.ଏନ.ଏ)- ପୂର୍ବତନ ବିଧାୟକ, ବିଧାନସଭାର ପୂର୍ବତନ ମୁଖ୍ୟ ସଚେତକ ସ୍ୱର୍ଗତଃ ଗୁରୁପଦ ନନ୍ଦଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ସମାରୋହ ଆସନ୍ତା ୨୦ ତାରିଖ ଗୁରୁବାର ବୋଇଲୋ ବାଳାଶ୍ରମ ପରିସରରେ ପାଳନ କରାଯିବ। ଗୁରୁପଦ ନନ୍ଦ ସ୍ମୃତି କମିଟି ପକ୍ଷରୁ ହେବାକୁ ଥିବା ଶ୍ରାଦ୍ଧ ଉତ୍ସବ ନିମନ୍ତେ ସାଲେପୁର ବ୍ଲକ ଅନ୍ତର୍ଗତ ରଟିଲୋ ପଞ୍ଚାୟତ ସ୍ଥିତ ବୋଇଲୋ ବାଳାଶ୍ରମ ପରିସରରେ ସ୍ୱର୍ଗତ ନନ୍ଦଙ୍କ ବଡ଼ ପୁଅ ରୋମିଓ ନନ୍ଦଙ୍କ ପୌରହିତ୍ୟର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଜେନା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମେତ ବହୁ ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସ୍ମୃତି କମିଟିର ଆବାହକ ରୋମିଓ ନନ୍ଦ ସୂଚନା ଦେଇଛନ୍ତି। ପ୍ରସ୍ତୁତି ବୈଠକରେ ସ୍ମୃତି କମିଟି ସଭାପତି ହେମନ୍ତ କୁମାର ନନ୍ଦ,ସମ୍ପାଦକ ତ୍ରୈଲୋକ୍ୟ ପଣ୍ଡା, ସମବାୟବିତ ଚିତ୍ତରଞ୍ଜନ ପୁହାଣ, ସଂଯୋଜକ ବିଷ୍ଣୁ ଚରଣ ମିଶ୍ର, ସରପଞ୍ଚ ମନମୋହନ ସ୍ୱାଇଁ, ହେମନ୍ତ କୁମାର ମହାପାତ୍ର, ସୁବାସ ଚନ୍ଦ୍ର ସାହୁ, କମଳାକାନ୍ତ ନାୟକ, ବିଜୟ କୁମାର ପରିଡ଼ା, ଭାବଗ୍ରାହୀ ପ୍ରଧାନ, ଶଙ୍କର ମଲ୍ଲିକ, ବିଜୟ ମହାନ୍ତି, ନିମାଇଁ ଚରଣ ସାହୁଙ୍କ ସମେତ କମିଟିର କର୍ମକର୍ତ୍ତା ଓ ଗୁରୁପଦ ନନ୍ଦଙ୍କ ଶୁଭେଚ୍ଛୁମାନେ ଯୋଗ ଦେଇଥିଲେ।

# ନିଯୁକ୍ତି, ଭିତ୍ତିଭୂମି ନାହିଁ:ଅଟକିଛି ପ୍ରାଣୀସେବା

**ନରସିଂହପୁର,୧୭।୧୦ (ସ୍ୱ.ପ୍ର) :**

ନରସିଂହପୁର ବ୍ଲକରେ ଥିବା ପ୍ରାଣୀ ଚିକିତ୍ସାଳୟରେ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପ୍ରାଣୀମାନଙ୍କୁ ସେବା ଯୋଗାଇବାରେ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଛି। କମଳାଡିହ, ନରସିଂହପୁର, କାନପୁର ଭଳି ୩ଟି ପ୍ରାଣୀ ଚିକିତ୍ସାଳୟ ଅଧୀନରେ ୧୩ଟି ପ୍ରାଣୀ ସହାୟକ କେନ୍ଦ୍ର ରହିଛି। ସେଥିମଧ୍ୟରୁ ୫ଟି କେନ୍ଦ୍ରରେ କର୍ମଚାରୀ ନିଯୁକ୍ତି ହୋଇନାହାନ୍ତି। ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲା ସହାୟକ କେନ୍ଦ୍ରଗୁଡ଼ିକ ନିର୍ମାଣ ସରିଥିଲେ ବି ଆଜିଯାଏଁ ବିଭାଗକୁ ହସ୍ତାନ୍ତର କରାଯାଇନାହିଁ। ଫଳରେ ସେହି କେନ୍ଦ୍ରଗୁଡ଼ିକ ଅନାବନା ଗଛଲତା ଓ ଆବର୍ଜନାରେ ଭର୍ତ୍ତି ହୋଇ ଭୂତକୋଠିରେ ପରିଣତ ହୋଇଛି। ଗତବର୍ଷ ବଦଭୁଇଁ, ଅଳରା, ଫୁଲପଡା, ଗୋଡ଼ିବନ୍ଧ, ବାସେଳିହତା ଆଦି ୫ଟି ପ୍ରାଣୀ ସହାୟକ କେନ୍ଦ୍ରଗୁଡିକୁ ମରାମତି ଓ ନବୀକରଣ କରିବା ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଟେଣ୍ଡର କରାଯାଇ ସେଗୁଡ଼ିକର ମରାମତି ଓ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ କି କର୍ମଚାରୀ ନିଯୁକ୍ତି ଦିଆଯାଇ ନାହିଁ। ଫଳରେ କାର୍ଯ୍ୟକ୍ଷମ ନ ହୋଇ ସେଗୁଡ଼ିକ ଅବହେଳିତ ଅବସ୍ଥାରେ ରହିଛି। ସେହି କେନ୍ଦ୍ର ଅଧୀନରେ ଥିବା ଗ୍ରାମଗୁଡ଼ିକର ପ୍ରାଣୀପାଳକମାନେ



କାର୍ଯ୍ୟକ୍ଷମ ହୋଇ ନ ଥିବା ଗୋଡିବନ୍ଧସ୍ଥିତ ପ୍ରାଣୀ ସହାୟକ କେନ୍ଦ୍ର ।

**ଭୂତକୋଠି ପାଲଟିଛି ସହାୟକ କେନ୍ଦ୍ର**

■ ମରାମତି ପରେ ହସ୍ତାନ୍ତର କରୁନାହାନ୍ତି ଠିକାଦାର

ସେମାନଙ୍କର ପ୍ରାଣୀମାନଙ୍କ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସେହିଭଳି ଅନ୍ୟ ୮ଟି କେନ୍ଦ୍ର ଯଥା ଜିଳିଣ୍ଡା, ବାଲିସାହି, କୋକଲବା, ଦେବଭୂଇଁ, ଚମ୍ପେଶ୍ୱର, ପାଇକ ବାରବାଟି, ସାଗର, ବାଲିଝରି ପ୍ରାଣୀ ସହାୟକ କେନ୍ଦ୍ରରେ କର୍ମଚାରୀ ଅଭାବ ରହିଛି। ବାଲିଝରି ଓ ଜିଳିଣ୍ଡା ପ୍ରାଣୀ ସହାୟକ କେନ୍ଦ୍ରର କର୍ମଚାରୀ ଅବସର ନେବା ପରେ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ସେହିପରି ନରସିଂହପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଅତିରିକ୍ତ ପ୍ରାଣୀ ଚିକିତ୍ସକ ପଦବୀ ଖାଲିପଡ଼ିଛି। ଆଗକୁ ବର୍ଷା ଋତୁ ଆସୁଥିବାରୁ ପ୍ରାଣୀପାଳକମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ଋତୁରେ ସାଧାରଣତଃ ଗାଇ, ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା, ବତକ ଭଳି ଗୃହପାଳିତ ପଶୁପକ୍ଷୀମାନଙ୍କ ଦେହରେ ବିଭିନ୍ନ ପ୍ରକାର ରୋଗ ଦେଖା ଦେଇଥାଏ। ସେମାନଙ୍କୁ ସେହି ସମୟରେ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିତାନ୍ତ ଆବଶ୍ୟକ। ତେଣୁ ପ୍ରାଣୀ ସହାୟକ କେନ୍ଦ୍ରମାନଙ୍କରେ ଏପରି ଅବସ୍ଥା ଲାଗିରହିଲେ ଜରୁରୀ ସମୟରେ ପଶୁ ପକ୍ଷୀମାନଙ୍କ ଚିକିତ୍ସା ନେଇ ପ୍ରଶ୍ନ ଉଠୁଛି। ଏହି କେନ୍ଦ୍ରଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବା ନିମନ୍ତେ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି। ପ୍ରାଣୀ ସମ୍ପଦମାନଙ୍କ ସୁରକ୍ଷା ଓ ସେବା ପାଇଁ କେନ୍ଦ୍ରଗୁଡିକରେ କର୍ମଚାରୀ ନିଯୁକ୍ତି ସହ ଭିତ୍ତିଭୂମି ସୁଦୃଢ଼ କରିବା ଜରୁରୀ ହୋଇପଡିଛି ।

**ଏମାନେ ଯାହା କୁହନ୍ତି ...**

ସାରା ରାଜ୍ୟରେ ମଣିଷଙ୍କ ସ୍ୱାସ୍ଥ୍ୟ ସେବାରେ ଘୋର ଅବ୍ୟବସ୍ଥା ଦେଖାଦେଉଛି। ଏଭଳି ସ୍ଥିତିରେ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ କିଏ ବା ବୁଝିବ? କିନ୍ତୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ନିର୍ମାଣ ହୋଇଥିବା କେନ୍ଦ୍ରଗୁଡିକୁ ତୁରନ୍ତ ଖୋଲିବା ପାଇଁ ସରକାର ଅଗ୍ରାଧିକାର ଦେବା ଉଚିତ।

**-ଦେବରାଜ ସ୍ୱାଇଁ, ପରିବେଶବିତ**

ମୁଁ କିଛିଦିନ ତଳେ ଏଠାରେ ଯୋଗଦେଇଛି। କିଛି କେନ୍ଦ୍ରରେ କର୍ମଚାରୀ ଅଭାବ ରହିଛି। ନବୀକରଣ ହୋଇଥିବା ୫ଟି ପ୍ରାଣୀ ସହାୟକ କେନ୍ଦ୍ରର ଚାବିକାଠି ଠିକାଦାର ଆମକୁ ହସ୍ତାନ୍ତର କରିନାହାନ୍ତି କି ସେଗୁଡିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ବିଭାଗୀୟ ନିର୍ଦ୍ଦେଶ ଆସିନାହିଁ। ପ୍ରାଣୀମାନଙ୍କୁ ନିଜ ଘର ଓ ଗୁହାଳରେ ଚିକିତ୍ସା ଯୋଗାଇଦେବା ନିମନ୍ତେ ସ୍ୱତନ୍ତ୍ର କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି ଏବଂ ସେମାନେ ଖବର ପାଇବା ପରେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି ।

**-ଡା. ଅରବିନ୍ଦ ସେଠୀ, ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସକ, ନରସିଂହପୁର**

# ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗକୁ ଖୋଜୁଛି ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୧୭।୧୦(ବ୍ୟୁରୋ)**

**ବେଆଇନ ଅର୍ଥ କାରବାର ମାମଲା**

■ସାଧାରଣ ଲୋକଙ୍କୁ ଫସାଇ ଖୋଲିଛନ୍ତି ବହୁ ଆକାଉଣ୍ଟ

■ଅପହରଣ ଘଟଣାରେ ଟଙ୍କା ଜମା କରିଥିଲେ ତାମିଲନାଡ଼ୁ ବାସିନ୍ଦା

■ଏଜେଣ୍ଟଙ୍କୁ ପଚରାଉଚରା, ହୋଇପାରନ୍ତି ଗିରଫ

ରାଜ୍ୟର ସାଧାରଣ ଲୋକଙ୍କୁ ଫସାଇ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କରେ ବହୁ ଆକାଉଣ୍ଟ ଖୋଲିଛି ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗ। ଏ ସଂକ୍ରାନ୍ତରେ ଜାଣି ନିକଟରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିରେ ସହଯୋଗ କରିଥିବା ଏଜେଣ୍ଟଙ୍କୁ ପଚରାଉଚରା କରିବା ସହ ଏହି ବେଆଇନ୍ ଅର୍ଥ କାରବାର ପଛରେ ଥିବା ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗକୁ ଧରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ରାଜସ୍ଥାନର ଯଶପାଲ ସିଂ ଏବଂ ତାଙ୍କର ୨ ଜଣ ସହଯୋଗୀ ଗତ ମାର୍ଚ୍ଚରେ ଭୁବନେଶ୍ୱର କଳ୍ପନା ଛକଠାରେ ସୁବିର ବେନିୟାଙ୍କ ସମେତ ତାଙ୍କ ବନ୍ଧୁ ରାଜେନ୍ଦ୍ର ହରିଜନ, ଉପେନ୍ଦ୍ର ସମର୍ଥ ଓ ଧନସିଂ ହରିଜନଙ୍କ ସହ ଭେଟ ହୋଇଥିଲେ। ସେମାନଙ୍କ ମଧ୍ୟରେ ଆପରାଧିକ ଯୋଜନା ପାଇଁ ଡିଲ୍ ହୋଇଥିଲା। ସେହି ଅନୁସାରେ, ସୁବିର ବେନିୟା ଏବଂ ତାଙ୍କ ସାଙ୍ଗମାନେ ଉକ୍ତ ଅପରାଧୀ ଗ୍ୟାଙ୍ଗକୁ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କର ବହୁ ଆକାଉଣ୍ଟ ନମ୍ବର ପଠାଇବେ ବୋଲି କହିଥିଲେ। ଏଥିସହ ଗ୍ୟାଙ୍ଗ ଦେଇଥିବା ନମ୍ବରକୁ ସେମାନେ ଉକ୍ତ ବ୍ୟାଙ୍କରେ ଯୋଡ଼ିବାକୁ କଥା ହୋଇଥିଲେ। ଫଳରେ ଗ୍ୟାଙ୍ଗର ସଦସ୍ୟମାନେ ସହଜରେ ଉକ୍ତ ଆକାଉଣ୍ଟ ଦ୍ୱାରା ଟଙ୍କା କାରବାର କରିପାରିବେ। ସୁବିର ବେନିୟା ଏବଂ ତାଙ୍କ ସାଙ୍ଗମାନେ ନବରଙ୍ଗପୁରର ସାଧାରଣ ଲୋକଙ୍କୁ ଫସାଇ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଭଳି ସରକାରୀ ଯୋଜନାରେ ଟଙ୍କା ଆସିବାର ପ୍ରତିଶ୍ରୁତି ଦେଇ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କରେ ଏକାଧିକ ଆକାଉଣ୍ଟ ଖୋଲିଥିଲେ। ଏଥିରେ ଗ୍ରାମ ଡାକ ସେବକ ଏବଂ ବ୍ରାଞ୍ଚ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ମଧ୍ୟ ସହଯୋଗ କରିଥିଲେ। ତେବେ ତଦନ୍ତ ସମୟରେ ନବରଙ୍ଗପୁର ଜିଲାର ଧାନସୁଳି, ଭୁଜିଆଗଡୁ ଏବଂ ମୁଷାପାଳ ଅଞ୍ଚଳରେ ଥିବା ବ୍ରାଞ୍ଚରେ ପ୍ରାୟ ୨୫୦ଟି ଆକାଉଣ୍ଟ ଖୋଲାଯାଇଥିବା ଜଣାପଡ଼ିଛି। ଏଥିସହ ଇଓଡବ୍ଲ୍ୟୁ ଆହୁରି ମଧ୍ୟ ଜାଣିବାକୁ ପାଇଛି, ସେପ୍ଟେମ୍ବର ୨୩ରେ ତାମିଲନାଡୁର ଜଣେ ବାସିନ୍ଦା ଏନେଇ ମାମଲା କରିଛନ୍ତି। ଉକ୍ତ ମାମଲା ଅନୁଯାୟୀ, ଏକ ଅପହରଣ ମାମଲାରେ ଅପରାଧୀ କହିବା ଅନୁସାରେ ସେ ଉମରକୋଟ ଅଞ୍ଚଳର ୪ ଜଣ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ତେବେ ଏହି ଗ୍ୟାଙ୍ଗ ବେଆଇନ୍ ଅର୍ଥ କାରବାର କରିବା ପାଇଁ ଏହି ଯୋଜନା କରିଥିବା ଜଣାପଡ଼ିଛି। ରାଜ୍ୟର ଅନ୍ୟ ଜିଲାରେ ମଧ୍ୟ ଏଭଳି ଆକାଉଣ୍ଟ ଖୋଲାଯାଇଥିବା ଜଣାପଡ଼ିଛି। ଏଥିସହ ଓଡିଶା ସମେତ ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ମୁମ୍ବାଇ ଓ ଜମ୍ମୁ-କଶ୍ମୀର ଆଦି ସ୍ଥାନରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କରେ ଏଭଳି ବହୁ ଆକାଉଣ୍ଟ ଖୋଲି ଅପରାଧୀ ଗ୍ୟାଙ୍ଗ ବେଆଇନ ଅର୍ଥ କାରବାର କରୁଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ତେବେ କିଛିଦିନ ମଧ୍ୟରେ ଇଓଡବ୍ଲ୍ୟୁ ଏହି ଗ୍ୟାଙ୍ଗର ଏଜେଣ୍ଟମାନଙ୍କୁ ଗିରଫ କରିପାରେ ବୋଲି ସୂଚନା ମିଳିଛି।

# ପ୍ରେମରେ ବିଫଳ ହେବାରୁ ବୋମାମାଡ଼

**ନରସିଂହପୁର, ୧୭।୧୦ (ସ୍ୱ.ପ୍ର):**

ଜଣେ ନାବାଳିକାଙ୍କୁ ଏକ ତରଫା ପ୍ରେମ ନିବେଦନ କରି ବିଫଳ ହେବା ପରେ ପ୍ରତିହିଂସା ପରାୟଣ ହୋଇ ଯୁବତୀଙ୍କ ଘର ଉପରକୁ ବୋମାମାଡ଼ କରି ଫେରାର ହୋଇଯାଇଛନ୍ତି ଯୁବକ। ନରସିଂହପୁର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଚକ୍ରଗଡ଼ ଗ୍ରାମର ମେଘା ନାୟକଙ୍କ ପୁଅ ଦୀପୁନା ନାୟକ (୨୨) ସେହି ଗ୍ରାମର ଦଶମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ଭଲ ପାଇ ଆସୁଥିଲେ । ଛାତ୍ରୀ ଜଣଙ୍କୁ ବିଭିନ୍ନ ସମୟରେ ରାସ୍ତାରେ ଅଟକାଇ ପ୍ରେମ ନିବେଦନ କରିଆସୁଥିଲେ। କିନ୍ତୁ ଛାତ୍ରୀ ଜଣଙ୍କ ଏହାକୁ ଅସ୍ୱୀକାର କରୁଥିଲେ। ଗତ ୧୪ ତାରିଖରେ ଛାତ୍ରୀ ଜଣଙ୍କ ସ୍କୁଲରୁ ଘରକୁ ଫେରୁଥିବା ବେଳେ ରାସ୍ତାରେ ଲୁଚି ରହିଥିବା ଦୀପୁନା ତାଙ୍କୁ ବାହା ହେବା ପାଇଁ ନିବେଦନ କରିବା ସହ ଭଲ ନ ପାଇଲେ ନାବାଳିକାଙ୍କୁ ଉଠାଇ ନେବା ସହ ତାଙ୍କ ଘରକୁ ବୋମା ମାଡ଼ କରିବାକୁ ଧମକ ଦେଇଥିଲେ। ଏହି ସମୟରେ ସେହି ଗ୍ରାମର ଜଣେ ଛାତ୍ର ଘଟଣା ସ୍ଥଳରେ ପହଞ୍ଚି ଯିବାରୁ ଛାତ୍ରୀ ଜଣଙ୍କ ସୁରକ୍ଷିତ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ରାଗରେ ଜର୍ଜରିତ ହୋଇ ଦୀପୁନା ରବିବାର ରାତିରେ ଛାତ୍ରୀଙ୍କ ଘର କବାଟ ଉପରକୁ ୪ଟି ବୋମାମାଡ଼ କରିଥିଲେ। ସୋମବାର ଛାତ୍ରୀର ମା' ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋମାର କିଛି ଅଂଶ ଜବତ କରିଛି। ଦୀପୁନା ଫେରାର ଥିବାରୁ ତାଙ୍କ ନାମରେ କେସ ନମ୍ବର ୨୨୧/ ୨୨ ରୁଜୁକରି ଗିରଫ କରିବା ପାଇଁ ପ୍ରୟାସ ଜାରିରହିଛି ବୋଲି ଥାନା ଅଧିକାରୀ ଅଭୟ ବେହେରା ସୂଚନା ଦେଇଛନ୍ତି।



ବୋମାମାଡରେ ଭାଙ୍ଗିଯାଇଥିବା କବାଟ ।

# ବିଦ୍ୟୁତ୍ ଆଘାତରେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ

**ନରସିଂହପୁର, ୧୭।୧୦ (ସ୍ୱ.ପ୍ର):**

ନରସିଂହପୁର ବ୍ଲକ କାନପୁର ଥାନା ଅନ୍ତର୍ଗତ ଚମ୍ପେଶ୍ୱରଠାରେ ଘର କାମ କରୁଥିବା ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଚସାବାରବାଟି ଗ୍ରାମର ବିଚିତ୍ରାନନ୍ଦ ସ୍ୱାଇଁ। ଜଣେ ବ୍ୟକ୍ତିଙ୍କ ଘରେ ଛାତ ପକାଇବା ପାଇଁ ସେଣ୍ଟ୍ରିଂ କାମ କରୁଥିବା ବେଳେ ନିକଟରେ ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବିଚିତ୍ରାନନ୍ଦ ଜଣେ ଗରିବ ଲୋକ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଚମ୍ପେଶ୍ୱର ସମିତି ସଭ୍ୟ ବିପିନ ବିହାରୀ ପଣ୍ଡା ସରକାରଙ୍କୁ ଅନୁରୋଧ କରିଛନ୍ତି ।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ବାଙ୍କୀ, ୧୭।୧୦(ସ୍ୱ.ପ୍ର):**

ବାଙ୍କୀ ବ୍ଲକ ଅନ୍ତର୍ଗତ ରତାଗ ଗୋବିନ୍ଦପୁର ପଞ୍ଚାୟତରେ କଟକ ମଡର୍ନ ଆଇକେୟାର ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ସରଣ୍ଡାଗଡ଼ର ପୂର୍ବତନ ଜିଲା ପରିଷଦ ସଭ୍ୟ ମାନସ ମହାପାତ୍ର ଓ ସ୍ଥାନୀୟ ସରପଞ୍ଚ ଭାଗ୍ୟଲକ୍ଷ୍ମୀ ମହାପାତ୍ର ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ବହୁ ପୁରୁଷ ଓ ମହିଳା ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଚିହ୍ନଟ କରାଯାଇଥିଲା। ଡାକ୍ତର ନିରଞ୍ଜନ ସାମନ୍ତରାୟ, ଟେକ୍ନିସିୟାନ ରିଙ୍କୁ ଭୋଇ, ସୁଦୀର ଛାଟୋଇ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ । ସମାଜସେବୀ ପ୍ରବୀର ମହାପାତ୍ର, ଅବିନାଶ ବାରିକ, ସଂସାରୀ ସାହୁ, ପିତବାସ ମହାରଣା, ସାଧୁଚରଣ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

# ଡ୍ରାଇଭର ମହାସଂଘର ସାଧାରଣ ପରିଷଦ ବୈଠକ



ବୈଠକରେ ଡ୍ରାଇଭର ମହାସଂଘର ମଞ୍ଚାସୀନ ନେତୃମଣ୍ଡଳୀ ।

**ବାଙ୍କୀ, ୧୭।୧୦(ସ୍ୱ.ପ୍ର):**

ବାଙ୍କୀ ଉପଖଣ୍ଡ ଡମପଡ଼ା ଡ୍ରାଇଭର ମହାସଂଘର ସାଧାରଣ ପରିଷଦ ବୈଠକ ସୋମବାର କୁଶୁପଙ୍ଗିଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଦାମୋଦର ନାୟକଙ୍କ ନେତୃତ୍ୱରେ ନିମ୍ପୁର ଇଶାନେଶ୍ୱର ମନ୍ଦିର ପ୍ରାଙ୍ଗଣଠାରୁ ଶହେରୁ ଊର୍ଦ୍ଧ୍ୱ ଡ୍ରାଇଭରମାନେ ମୋଟର ସାଇକେଲ ରାଲି କରି ଜାତମୁଣ୍ଡିଆ ଛକଦେଇ କୁଶୁପଙ୍ଗି ଗ୍ରାମଠାରେ ପହଞ୍ଚିଥିଲେ। ସେଠାରେ ବାଙ୍କୀ ଡ୍ରାଇଭର ମହାସଂଘର ସଭାପତି ସୋନୁ ରାଉତ ମୁଖ୍ୟ ଅତିଥି, ଟିଗିରିଆ ବ୍ଲକ ସଭାପତି ମନୋଜ ଭୂଜବଳ, କଣ୍ଟାପଡା ବ୍ଲକ ସଭାପତି ରାଜକିଶୋର ମୁଖୀ, କୋଷାଧ୍ୟକ୍ଷ ସନତ କୁମାର ମଲ୍ଲିକ, ଅଖିଳ ରାଉତ, ବିଭୂତି ମହାପାତ୍ର, ବିଦ୍ୟାଧର ନାୟକ, ସମ୍ପାଦକ ରଞ୍ଜନ କୁମାର ବେଉରା, ସହ ସମ୍ପାଦକ ନିରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାମ୍ବାଦିକ ଶୁଭେନ୍ଦୁ ମହାପାତ୍ରଙ୍କୁ ନିର୍ଭିକତା ସମ୍ବାଦ ପରିବେଷଣ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ୍ରାଇଭର ଓ ତାଙ୍କ ପରିବାରବର୍ଗଙ୍କ ବୀମା, ଦୁର୍ଘଟଣା ଜନିତ ସହାୟତା, ମୁଖ୍ୟରାସ୍ତା କଡ଼ରେ ଶୌଚାଳୟ ଓ ବାସଗୃହ ନିର୍ମାଣ ପ୍ରଭୃତି ୧୦ଦଫା ଦାବି ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି ।

# ସ୍ପେନ,ଗୁଏଟ୍‌ମାଲା ରାଷ୍ଟ୍ରଦୂତଙ୍କ ବଡ଼ମ୍ବା ଗସ୍ତ

**ବଡ଼ମ୍ବା,୧୭।୧୦(ଡି.ଏନ.ଏ)**

**ତନ୍ତବାୟ ସହଯୋଗ ସମିତି ଓ ହ୍ୟାଣ୍ଡଲୁମ ପରିଦର୍ଶନ**

ସ୍ପେନ ରାଷ୍ଟ୍ରଦୂତ ଦିନେଶ ପଟ୍ଟନାୟକ ଓ ଗୁଏଟ୍‌ମାଲା ରାଷ୍ଟ୍ରଦୂତ ମନୋଜ ମହାପାତ୍ର କଟକ ଜିଲା ବଡ଼ମ୍ବା ଅଞ୍ଚଳ ଗସ୍ତ କରିଥିଲେ। ବିଶେଷ କରି ବଡ଼ମ୍ବାର ବୀରବରପୁର, ମହୁଲିଆ ଓ ମାଣିଆବନ୍ଧ ଅଞ୍ଚଳ ପରିଦର୍ଶନ କରିଥିଲେ। ଅଭିମାନପୁର ପଞ୍ଚାୟତର ବୀରବରପୁର ସ୍ଥିତ ତନ୍ତବାୟ ସହଯୋଗ ସମିତି ଠାରେ ପହଞ୍ଚିବା ପରେ ସମିତି କର୍ମକର୍ତ୍ତା ସୁବାସ ଦେବନାଥ, ରମେଶ କୁଣ୍ଡୁ, ପ୍ରମୋଦ ପାତ୍ର, ବିଭୂତି ପଣ୍ଡା ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସମେତ ଅଭିମାନପୁର ପଞ୍ଚାୟତ ସରପଞ୍ଚ ସବିତା ନାଏକ ଓ ସମିତି ସଭ୍ୟା ସୋମାରାଣୀ ନାଏକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମହୁଲିଆ ଗ୍ରାମରେ ପହଞ୍ଚି ସ୍ଫୂର୍ତ୍ତି ଦ୍ୱାରା ପରିଚାଳିତ ହ୍ୟାଣ୍ଡଲୁମ କ୍ଲଷ୍ଟର ଦେଖି ପ୍ରଶଂସା କରିଥିଲେ। ମାଣିଆବନ୍ଧ ବୁଦ୍ଧବିହାରଠାରେ ସାଧାରଣ ସଭାରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟତଃ ତନ୍ତବାୟ ସାମଗ୍ରୀଗୁଡିକର ବିଦେଶରେ ଚାହିଦା ବଢ଼ାଯିବା ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ଜିଲାପାଳ ଭବାନୀ ଶଙ୍କର ଚୟନୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ ନାୟକ ଓ ବିଭିନ୍ନ ହ୍ୟାଣ୍ଡଲୁମର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ସ୍ପେନ ଓ ଗୁଏଟମାଲ ରାଷ୍ଟ୍ରଦୂତଙ୍କ ସହ ଅନ୍ୟମାନେ।

# ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

**ମାହାଙ୍ଗା, ୧୭।୧୦(ସ୍ୱପ୍ର)**

ମାହାଙ୍ଗା ବ୍ଲକ୍ ସଦର ମହକୁମା କୁଆଁପାଳ ବଜାରଠାରେ 'ଷ୍ଟାର ଷ୍ଟାର ଇଲେଭେନ ଷ୍ଟାର' ପକ୍ଷରୁ ୭ ଦିନ ଧରି ଅନୁଷ୍ଠିତ ହେଉଥିବା ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୬ ତମ ଜନ୍ମଦିନ ଅବସରରେ କେକ କାଟି ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ। ଏହି ଉତ୍ସବ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଏକ ଭାଇଚାରା ପରମ୍ପରା ସୃଷ୍ଟି ହେବା ସହ ଆଧ୍ୟାତ୍ମିକ ସଚେତନତା ସୃଷ୍ଟିହେଉଛି ବୋଲି ମତବ୍ୟକ୍ତ କରିଥିଲେ। ସୁନାମଧନ୍ୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ଟିମ୍ ମେଲୋଡ଼ି ପରିବେଷଣ କରିଥିଲେ।

# ଚର୍ଚ୍ଚିକା ପୀଠର ବିକାଶ ହେବ

**ବାଙ୍କୀ, ୧୭।୧୦(ସ୍ୱ.ପ୍ର):**

**ସେବାୟତଙ୍କ ସହ ଆଲୋଚନା କଲେ ଜିଲାପାଳ**

କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ବାଙ୍କୀ ଗସ୍ତ କରି ପ୍ରଥମେ ମା' ଚର୍ଚ୍ଚିକାଙ୍କୁ ଦର୍ଶନ କରିଥିଲେ। ମନ୍ଦିରର ଶୂନ୍ୟମଣ୍ଡପ ଇନ୍‌ଟାକ ଦ୍ୱାରା କିପରି କାର୍ଯ୍ୟ ତ୍ୱରାନ୍ୱିତ ହେଉଛି ତାହା ପଚାରି ବୁଝିଥିଲେ। ଏହା ସହ ମନ୍ଦିରର କ'ଣ କ'ଣ ଉନ୍ନତିମୂଳକ କାର୍ଯ୍ୟ କରିହେବ ସେ ସମ୍ପର୍କରେ ସେବାୟତ ଓ ଟ୍ରଷ୍ଟିମାନଙ୍କ ସହ ଆଲୋଚନା କରିଥିଲେ। ମନ୍ଦିର ଚତୁଃପାର୍ଶ୍ୱରେ ଥିବା ସେବାୟତ, ଅଣସେବାୟତଙ୍କ ବାସଗୃହ ଓ ଜାଗା ଚିହ୍ନଟ କରି ସେମାନଙ୍କୁ କିପରି ଅନ୍ୟତ୍ର ସ୍ଥାନ ଯୋଗାଇହେବ କିମ୍ବା ସେବାୟତମାନଙ୍କୁ ପୁରୁଣା ଚିନିକଳଠାରେ ମା'ଚର୍ଚ୍ଚିକାଙ୍କ ନାମରେ ଥିବା ଜାଗାରେ ଥଇଥାନ କରାଯାଇପାରିବ ସେ ସମ୍ପର୍କରେ ବାଙ୍କୀ ତହସିଲଦାର ସତ୍ୟନାରାୟଣ ପଣ୍ଡାଙ୍କ ସହ ଆଲୋଚନା କରି ଏହି କାର୍ଯ୍ୟକୁ ଖୁବଶୀଘ୍ର କାର୍ଯ୍ୟକାରିତା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ମନ୍ଦିର ପାଦ ଦେଶରେ ଥିବା ପୁରାଣ ପ୍ରସିଦ୍ଧ ରେଣୁକା ନଦୀର ଉନ୍ନତି କରିବା ସହ ତାହାକୁ ସରକାରୀ ଜାଗାରେ କିପରି ଭୁକ୍ତ କରିହେବ ସେଥିପାଇଁ ଦଖଲରେ ଥିବା ଜମି ମାଲିକଙ୍କ ସହ ଆଲୋଚନା କରିବା ପାଇଁ ଜିଲାପାଳ ତହସିଲଦାରଙ୍କୁ କହିଥିଲେ। ଜିଲାପାଳଙ୍କ ଆଲୋଚନାରେ ମନ୍ଦିର ଟ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ନୀଳମଣି ମହାପାତ୍ର, ପ୍ରଶାନ୍ତ କୁମାର ମହାପାତ୍ର, ସୁଶାନ୍ତ ମହାପାତ୍ର, ଉପନଗରପାଳ ତଥା ସ୍ଥାନୀୟ କାଉନ୍‌ସିଲର ସେବାୟତ ସନ୍ତୋଷ କୁମାର ରଣା ଓ ବହୁ ଯୁବ ସେବାୟତ ଉପସ୍ଥିତ ରହି ଉନ୍ନତିକରଣ ପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କଟକ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବାଙ୍କୀ ଉପଜିଲାପାଳ ରଞ୍ଜନ ଜେନା ଉପସ୍ଥିତଥିଲେ।



ମା ଚର୍ଚ୍ଚିକାଙ୍କ ମନ୍ଦିରରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସେବାୟତମାନେ।

# ହୃତ୍‌ପିଣ୍ଡରୁ ଫୁସଫୁସକୁ ସଂଯୋଗୀ ରକ୍ତନଳୀରୁ କଢ଼ାଗଲା ଜମାଟ ରକ୍ତ

**କଟକ ଅଫିସ,୧୭।୧୦:**

■ ଏସ୍‌ସିବିରେ ଜଟିଳ ଅସ୍ତ୍ରୋପଚାର ସଫଳ

■ ମାଗଣାରେ ରୋଗୀ ପାଇଲେ ସ୍ୱାସ୍ଥ୍ୟସେବା

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲରେ ଏକ ଜଟିଳ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ଜଣେ ରୋଗୀ ଆକ୍ୟୁଟ ପଲମୋନାରୀ ଥ୍ରମ୍ବୋଏମ୍ବୋଲିଜମ୍ ରୋଗରେ ଆକ୍ରାନ୍ତ ହୋଇ କାର୍ଡିଓ ଥୋରାସିସ୍ ଆଣ୍ଡ ଭସ୍କୁଲାର ସର୍ଜରୀ (ସିଟିଭିଏସ୍) ବିଭାଗରେ ଭର୍ତ୍ତି ହୋଇଥିଲେ। ରୋଗୀଙ୍କ ହୃତ୍‌ପିଣ୍ଡରୁ ଫୁସ୍‌ଫୁସ୍‌କୁ ସଂଯୋଗ କରିଥିବା ଦୁଇଟି ରକ୍ତନଳୀରେ ରକ୍ତଜମାଟ ହୋଇଥିଲା। ଦୁଇଟି ରକ୍ତନଳୀରେ ଜମାଟ ବାନ୍ଧିଥିବା ରକ୍ତକୁ କାଢ଼ିବା ପାଇଁ ଡାକ୍ତରୀଦଳକୁ ପ୍ରାୟ ୭ଘଣ୍ଟା ଲାଗିଥିଲା। ରକ୍ତନଳୀରୁ ଜମାଟ ରକ୍ତ କଢାଯିବା ପରେ ରୋଗୀ ଜଣଙ୍କୁ ଏବେ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ରୋଗୀଙ୍କୁ ଏହି ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯାଉଛି।

ଘଟଣାରୁ ପ୍ରକାଶ ଯେ, ଯାଜପୁର ଜିଲା ବରୀ ଅଞ୍ଚଳର ସୁଶାନ୍ତ କୁମାର ପତି ଅଣନିଃଶ୍ୱାସୀ ଅନୁଭବ କରୁଥିଲେ। ଚିକିତ୍ସା ନିମନ୍ତେ ସେ ଏସ୍‌ସିବି ମେଡିକାଲକୁ ଆସିଥିଲେ। ପ୍ରାଥମିକ ପରୀକ୍ଷା ନିରୀକ୍ଷା କରାଯିବା ପରେ ତାଙ୍କୁ ସିଟିଭିଏସ୍ ବିଭାଗରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା ରିପୋର୍ଟରୁ ଜଣାପଡ଼ିଥିଲା ଯେ, ତାଙ୍କ ହୃତ୍‌ପିଣ୍ଡରୁ ଫୁସଫୁସକୁ ସଂଯୋଗ କରିଥିବା ଡାହାଣ ରକ୍ତନଳୀରେ ରକ୍ତଜମାଟ ହୋଇଥିବା ଯୋଗୁ ରକ୍ତ ସଞ୍ଚାଳନ ଠିକ ଭାବେ ହୋଇ ପାରୁ ନ ଥିଲା। ସେହିପରି ବାମପାର୍ଶ୍ୱର ରକ୍ତବାହୀ ନଳୀରେ ମଧ୍ୟ ରକ୍ତପ୍ରବାହ ସମ୍ପୂର୍ଣ୍ଣ ଭାବେ ହେଉ ନ ଥିଲା। ଏପରି କ୍ଷେତ୍ରରେ ରୋଗୀଙ୍କଠାରେ ତୁରନ୍ତ ଅସ୍ତ୍ରୋପଚାର ଆବଶ୍ୟକ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ ଅନୁଭବ କରିଥିଲେ। ଡା. ପଟ୍ଟନାୟକଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର, ନିଶ୍ଚେତନ ଏବଂ ରକ୍ତ ସଞ୍ଚାଳକ ଏଭଳି ୩ଟି ଦଳ ଗଠନ ହୋଇଥିଲା। ନିଶ୍ଚେତନ ଏବଂ ରକ୍ତ ସଞ୍ଚାଳକ ଦଳ କୃତ୍ରିମ ଫୁସ୍‌ଫୁସ୍ ମେଶିନ ଦ୍ୱାରା ରକ୍ତବାହୀ ନଳୀକୁ ବାଇପାସ୍ କରିଥିଲେ। ଦୁଇଟି ଯାକ ନଳୀରୁ ଜମାଟ ହୋଇଥିବା ରକ୍ତକୁ ବାହାର କରାଯାଇଥିଲା। ଏହି ଜଟିଳ ଅସ୍ତ୍ରୋପଚାର ସଂପୂର୍ଣ୍ଣ ସଫଳ ହୋଇଥିବା କୁହାଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ପଟ୍ଟନାୟକଙ୍କ ସମେତ ସହକାରୀ ପ୍ରଫେସର ଡ. ସାରଦା ପ୍ରସନ୍ନ ସାହୁ, ସହକାରୀ ପ୍ରଫେସର ଡ. ଚିତ୍ତରଞ୍ଜନ ଥାଟୋଇ, ନିଶ୍ଚେତନ ବିଭାଗ ବିଶେଷଜ୍ଞ ଡା. ଦେବାଶିଷ ସ୍ୱାଇଁ, ଡା. ଅରୁଣ ସାହୁ, ଡା. ସୌଭାଗ୍ୟ, ରକ୍ତ ସଞ୍ଚାଳନ ବିଶେଷଜ୍ଞ ଡା. ସନାତନ, ଡା. ସୁଶାନ୍ତ ଅସ୍ତ୍ରୋପଚାରରେ ସହଯୋଗ କରିଥିଲେ। ଏଭଳି ଜଟିଳ ଅସ୍ତ୍ରୋପଚାର ଏସ୍‌ସିବିରେ ଦ୍ୱିତୀୟ ଥର ପାଇଁ ହୋଇଛି। ଏବେ ସରକାର ଅତ୍ୟାଧୁନିକ ଚିକିତ୍ସା ଯନ୍ତ୍ରପାତି ଯୋଗାଇ ଦେଇଥିବାରୁ ରୋଗୀଙ୍କୁ ମାଗଣାରେ ଏଭଳି ଜଟିଳ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ସମ୍ଭବ ହୋଇପାରୁଛି ବୋଲି ସିଟିଭିଏସ୍ ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ କହିଛନ୍ତି।

## ସଂକ୍ଷେପରେ

### ଚାଷୀ ସତ୍ୟାଗ୍ରହ: ବାଲିଅନ୍ତାରେ ରାତି କାଟିଲେ ଚାଷୀ

ବାଲିଅନ୍ତା,୧୭।୧୦(ଡି. ଏନ୍.ଏ.): ନବନିର୍ମାଣ କୃଷକ ସଂଗଠନର ଆହ୍ୱାନକ୍ରମେ ବିଭିନ୍ନ ଦାବି ନେଇ ମଙ୍ଗଳବାର ଭୁବନେଶ୍ୱରରେ ଚାଷୀ ସତ୍ୟାଗ୍ରହ ଅନୁଷ୍ଠିତ ହେବ। ଏଥିରେ ସାମିଲ ହେବା ପାଇଁ ଶତାଧିକ ଚାଷୀ ଆସିଥିବା ବେଳେ ସୋମବାର ବାଲିଅନ୍ତାରେ ପହଞ୍ଚିଛନ୍ତି। ସ୍ଥାନୀୟ ହାଟପଡ଼ିଆରେ ଥିବା ପର୍ଯ୍ୟଟନ ବିଭାଗର ସଭା ମଣ୍ଡପ, ପଞ୍ଚାୟତ କଲ୍ୟାଣ ମଣ୍ଡପ ଓ ଶ୍ରୀ ନିକୁଞ୍ଜ ବିହାରୀ ମନ୍ଦିର ବେଢ଼ାରେ ଏମାନେ ରାତ୍ରିଯାପନ କରିଥିଲେ। ମଙ୍ଗଳବାର ସକାଳେ ଚାଷୀମାନେ ଏଠାରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ। ଚାଷୀଙ୍କ ସୁରକ୍ଷା ନେଇ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଚାଷୀମାନେ ଭୁବନେଶ୍ୱର ଅଭିମୁଖେ ଆସିଛନ୍ତି।

### ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍, ଯୁବକ ଗିରଫ

ସାଲେପୁର,୧୭।୧୦(ଡି.ଏନ୍.ଏ.)- ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ତା'ର ଅଶ୍ଳୀଳ ଭିଡ଼ିଓ ମୋବାଇଲ୍‌ରେ ଉତ୍ତୋଳନ କରି ସୋସିଆଲ୍ ମିଡ଼ିଆରେ ଭାଇରାଲ କରିବା ଅଭିଯୋଗରେ ସୋମବାର ସାଲେପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଭାତପଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କୁ ତିଳିଦା ଗ୍ରାମର ରିଜୁଆନ୍ ଅହମ୍ମଦ(୧୯) ପ୍ରେମ କରୁଥିଲେ। ତା' ସହିତ ବିଶ୍ୱାସ ଜନ୍ମାଇ ତା'ର ଅଶ୍ଳୀଳ ଭିଡ଼ିଓକୁ ମୋବାଇଲ୍‌ରେ ଉତ୍ତୋଳନ କରି ତାହାକୁ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ କରିଦେଇଥିଲେ। ଏ ନେଇ ନାବାଳିକା ଜଣକ ସାଲେପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୧୪/୨୦୨୨ରେ ମାମଲା ରୁଜୁ କରି ରିଜୁଆନ୍‌ଙ୍କୁ ଗିରଫ କରି ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି।

### ବିଦ୍ୟୁତ୍ ଆଘାତରେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ

ନରସିଂହପୁର, ୧୭।୧୦ (ସ୍ୱ.ପ୍ର): ନରସିଂହପୁର ବ୍ଲକ କାନପୁର ଥାନା ଅନ୍ତର୍ଗତ ଚମ୍ପେଶ୍ୱରଠାରେ ଘର କାମ କରୁଥିବା ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚସାବାରବାଟି ଗ୍ରାମର ବିଚିତ୍ରାନନ୍ଦ ସ୍ୱାଇଁ। ଜଣେ ବ୍ୟକ୍ତିଙ୍କ ଘରେ ଛାତ ପକାଇବା ପାଇଁ ସେଣ୍ଟ୍ରିଂ କାମ କରୁଥିବା ବେଳେ ନିକଟରେ ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବିଚିତ୍ରାନନ୍ଦ ଜଣେ ଗରିବ ଲୋକ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଚମ୍ପେଶ୍ୱର ସମିତି ସଭ୍ୟ ବିପିନ ବିହାରୀ ପଣ୍ଡା ସରକାରଙ୍କୁ ଅନୁରୋଧ କରିଛନ୍ତି ।

### ଚର୍ଚ୍ଚିକା ପୀଠର ବିକାଶ ହେବ

**ସେବାୟତଙ୍କ ସହ ଆଲୋଚନା କଲେ ଜିଲାପାଳ**

ବାଙ୍କୀ, ୧୭।୧୦(ସ୍ୱ.ପ୍ର): କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ବାଙ୍କୀ ଗସ୍ତ କରି ପ୍ରଥମେ ମା' ଚର୍ଚ୍ଚିକାଙ୍କୁ ଦର୍ଶନ କରିଥିଲେ। ମନ୍ଦିରର ଶୂନ୍ୟମଣ୍ଡପ ଇନ୍‌ଟାକ ଦ୍ୱାରା କିପରି କାର୍ଯ୍ୟ ତ୍ୱରାନ୍ୱିତ ହେଉଛି ତାହା ପଚାରି ବୁଝିଥିଲେ। ଏହା ସହ ମନ୍ଦିରର କ'ଣ କ'ଣ ଉନ୍ନତିମୂଳକ କାର୍ଯ୍ୟ କରିହେବ ସେ ସମ୍ପର୍କରେ ସେବାୟତ ଓ ଟ୍ରଷ୍ଟିମାନଙ୍କ ସହ ଆଲୋଚନା କରିଥିଲେ। ମନ୍ଦିର ଚତୁଃପାର୍ଶ୍ୱରେ ଥିବା ସେବାୟତ, ଅଣସେବାୟତଙ୍କ ବାସଗୃହ ଓ ଜାଗା ଚିହ୍ନଟ କରି ସେମାନଙ୍କୁ କିପରି ଅନ୍ୟତ୍ର ସ୍ଥାନ ଯୋଗାଇହେବ କିମ୍ବା ସେବାୟତମାନଙ୍କୁ ପୁରୁଣା ଚିନିକଳଠାରେ ମା'ଚର୍ଚ୍ଚିକାଙ୍କ ନାମରେ ଥିବା ଜାଗାରେ ଥଇଥାନ କରାଯାଇପାରିବ ସେ ସମ୍ପର୍କରେ ବାଙ୍କୀ ତହସିଲଦାର ସତ୍ୟନାରାୟଣ ପଣ୍ଡାଙ୍କ ସହ ଆଲୋଚନା କରି ଏହି କାର୍ଯ୍ୟକୁ ଖୁବଶୀଘ୍ର କାର୍ଯ୍ୟକାରିତା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ମନ୍ଦିର ପାଦ ଦେଶରେ ଥିବା ପୁରାଣ ପ୍ରସିଦ୍ଧ ରେଣୁକା ନଦୀର ଉନ୍ନତି କରିବା ସହ ତାହାକୁ ସରକାରୀ ଜାଗାରେ କିପରି ଭୁକ୍ତ କରିହେବ ସେଥିପାଇଁ ଦଖଲରେ ଥିବା ଜମି ମାଲିକଙ୍କ ସହ ଆଲୋଚନା କରିବା ପାଇଁ ଜିଲାପାଳ ତହସିଲଦାରଙ୍କୁ କହିଥିଲେ। ଜିଲାପାଳଙ୍କ ଆଲୋଚନାରେ ମନ୍ଦିର ଟ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ନୀଳମଣି ମହାପାତ୍ର, ପ୍ରଶାନ୍ତ କୁମାର ମହାପାତ୍ର, ସୁଶାନ୍ତ ମହାପାତ୍ର, ଉପନଗରପାଳ ତଥା ସ୍ଥାନୀୟ କାଉନ୍ସିଲର ସେବାୟତ ସନ୍ତୋଷ କୁମାର ରଣା ଓ ବହୁ ଯୁବ ସେବାୟତ ଉପସ୍ଥିତ ରହି ଉନ୍ନତିକରଣ ପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କଟକ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବାଙ୍କୀ ଉପଜିଲାପାଳ ରଞ୍ଜନ ଜେନା ଉପସ୍ଥିତ ଥିଲେ।

# ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗକୁ ଖୋଜୁଛି ଇଓଡବ୍ଲ୍ୟୁ

**ବେଆଇନ ଅର୍ଥ କାରବାର ମାମଲା**

- ସାଧାରଣ ଲୋକଙ୍କୁ ଫସାଇ ଖୋଲିଛନ୍ତି ବହୁ ଆକାଉଣ୍ଟ
- ଅପହରଣ ଘଟଣାରେ ଟଙ୍କା ଜମା କରିଥିଲେ ତାମିଲନାଡ଼ୁ ବାସିନ୍ଦା
- ଏଜେଣ୍ଟଙ୍କୁ ପଚରାଉଚରା, ହୋଇପାରନ୍ତି ଗିରଫ

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ସାଧାରଣ ଲୋକଙ୍କୁ ଫସାଇ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କରେ ବହୁ ଆକାଉଣ୍ଟ ଖୋଲିଛି ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗ। ଓଡ଼ିଶା ସମେତ ସାରା ଦେଶରେ ଏହାର ର୍‍ୟାକେଟ କାର୍ଯ୍ୟ କରୁଛି। ଉକ୍ତ ଆକାଉଣ୍ଟ ମାଧ୍ୟମରେ ବେଆଇନ ଅର୍ଥ କାରବାର ହେଉଥିବା ସୂଚନା ମିଳିବା ପରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଓଡ଼ିଶାରେ ଆକାଉଣ୍ଟ ଖୋଲାଇବାରେ ସହଯୋଗ କରିଥିବା ଏଜେଣ୍ଟଙ୍କୁ ପଚରାଉଚରା କରିବା ସହ ଏହି ବେଆଇନ ଅର୍ଥ କାରବାର ପଛରେ ସମ୍ପୃକ୍ତ ଅପରାଧୀ ଗ୍ୟାଙ୍ଗକୁ ଧରିବାକୁ ଇଓଡବ୍ଲ୍ୟୁ ଉଦ୍ୟମ ଚଳାଇଛି।

ଇଓଡବ୍ଲ୍ୟୁ ତଦନ୍ତବେଳେ ଜାଣିବାକୁ ପାଇଛି ଯେ, ରାଜସ୍ଥାନର ଯଶପାଲ ସିଂ ଏବଂ ତାଙ୍କର ୨ ଜଣ ସହଯୋଗୀ ଗତ ମାର୍ଚ୍ଚରେ ଭୁବନେଶ୍ୱର କଳ୍ପନା ଛକଠାରେ ସୁବିର ବେନିୟାଙ୍କ ସମେତ ତାଙ୍କ ବନ୍ଧୁ ରାଜେନ୍ଦ୍ର ହରିଜନ, ଉପେନ୍ଦ୍ର ସମର୍ଥ ଓ ଧନସିଂ ହରିଜନଙ୍କ ସହ ଭେଟ ହୋଇଥିଲେ। ସେମାନଙ୍କ ମଧ୍ୟରେ ଆପରାଧିକ ଯୋଜନା ପାଇଁ ଡିଲ୍ ହୋଇଥିଲା। ସେହି ଅନୁସାରେ, ସୁବିର ବେନିୟା ଏବଂ ତାଙ୍କ ସାଙ୍ଗମାନେ ଉକ୍ତ ଅପରାଧୀ ଗ୍ୟାଙ୍ଗକୁ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କରେ ବହୁ ଆକାଉଣ୍ଟ ଖୋଲି ଉକ୍ତ ନମ୍ବର ପଠାଇବେ ବୋଲି କହିଥିଲେ। ଏଥିସହ ଗ୍ୟାଙ୍ଗ ଦେଇଥିବା ନମ୍ବରକୁ ସେମାନେ ଉକ୍ତ ବ୍ୟାଙ୍କରେ ଯୋଡ଼ିବାକୁ କଥା ହୋଇଥିଲେ। ଏହାପରେ ସୁବିର ବେନିୟା ଏବଂ ତାଙ୍କ ସାଙ୍ଗମାନେ ନବରଙ୍ଗପୁରର ସାଧାରଣ ଲୋକଙ୍କୁ ଫସାଇ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଭଳି ସରକାରୀ ଯୋଜନାରେ ଟଙ୍କା ଆସିବାର ପ୍ରତିଶ୍ରୁତି ଦେଇ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କରେ ଏକାଧିକ ଆକାଉଣ୍ଟ ଖୋଲିଥିଲେ। ଏଥିରେ ଗ୍ରାମ ଡାକ ସେବକ ଏବଂ ବ୍ରାଞ୍ଚ୍ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ମଧ୍ୟ ସହଯୋଗ କରିଥିଲେ। ତେବେ ତଦନ୍ତ ସମୟରେ ନବରଙ୍ଗପୁର ଜିଲାର ଧାନସୁଳି, ଭୁଜିଆଗଡ଼ୁ ଏବଂ ମୁଷାପାଳ ଅଞ୍ଚଳରେ ଥିବା ବ୍ରାଞ୍ଚରେ ପ୍ରାୟ ୨୫୦ଟି ଆକାଉଣ୍ଟ ଖୋଲାଯାଇଥିଲା। ତେବେ କେତେକ ଆକାଉଣ୍ଟରେ ବେଆଇନ ଅର୍ଥ କାରବାର ହୋଇଥିବା ଇଓଡବ୍ଲ୍ୟୁ ତଦନ୍ତବେଳେ ଜାଣିବାକୁ ପାଇଛି। ସେପ୍ଟେମ୍ବର ୨୩ରେ ତାମିଲନାଡ଼ୁର ଜଣେ ବାସିନ୍ଦାଙ୍କ ଅଭିଯୋଗ ଆଧାରରେ ଏକ ଅପହରଣ ମାମଲା ରୁଜୁ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପଚରାଉଚରାବେଳେ ସେ ବେଆଇନ ଭାବେ ନେଇଥିବା ଅର୍ଥକୁ ଉମରକୋଟ ଅଞ୍ଚଳର ୪ ଜଣ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିବା କହିଥିଲେ। ତେଣୁ ଏହି ଗ୍ୟାଙ୍ଗ ବେଆଇନ୍ ଅର୍ଥ କାରବାର ପାଇଁ ଏଭଳି ଆକାଉଣ୍ଟ ଖୋଲୁଥିବା ସ୍ପଷ୍ଟ ହୋଇଛି। ରାଜ୍ୟର ଅନ୍ୟ ଜିଲାରେ ମଧ୍ୟ ଆକାଉଣ୍ଟ ଖୋଲାଯାଇଥିବା ବେଳେ ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ମୁମ୍ବାଇ ଓ ଜମ୍ମୁ-କଶ୍ମୀର ଆଦି ସ୍ଥାନରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ୍ ବ୍ୟାଙ୍କରେ ଏଭଳି ବହୁ ଆକାଉଣ୍ଟ ଖୋଲି ଅପରାଧୀ ଗ୍ୟାଙ୍ଗ ବେଆଇନ ଅର୍ଥ କାରବାର କରୁଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ତେବେ କିଛିଦିନ ମଧ୍ୟରେ ଇଓଡବ୍ଲ୍ୟୁ ଏହି ଗ୍ୟାଙ୍ଗର ଏଜେଣ୍ଟମାନଙ୍କୁ ଗିରଫ କରିପାରେ ବୋଲି ସୂଚନା ମିଳିଛି।




ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ସହ ସମ୍ପର୍କ ଥିବା ରାଜନେତା, ଅଫିସରଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦାବିରେ ସୋମବାର ଭାଜପା ପକ୍ଷରୁ ଭୁବନେଶ୍ୱର ପାୱାର ହାଉସ୍ ଛକରୁ କମିଶନରେଟ ପୋଲିସ ମୁଖ୍ୟାଳୟ ପର୍ଯ୍ୟନ୍ତ ବାହାରିଥିବା ଶୋଭାଯାତ୍ରା।

### ଖଦି ଓ ଗ୍ରାମୋଦ୍ୟୋଗ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା

ପୁରୁଣା ଭୁବନେଶ୍ୱର,୧୭।୧୦ (ଡି.ଏନ୍.ଏ.)

ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବିଭାଗର ଅଧ୍ୟକ୍ଷ ଭାବେ ସଂଗ୍ରାମ କେଶରୀ ପାଇକରାୟ ସୋମବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଶୁଭେଚ୍ଛୁ କାର୍ଯ୍ୟାଳୟରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ। ଏହି ପ୍ରରିପ୍ରେକ୍ଷୀରେ ବଡ଼ଗଡ଼ ଗଣେଶ ମହୋତ୍ସବ କମିଟି ସେକ୍ରେଟାରି ସଂଗ୍ରାମ ମାର୍ଥା, ସଭ୍ୟ ଅଦିତ୍ୟ ଗଜେନ୍ଦ୍ର, ସୌମ୍ୟରଞ୍ଜନ ସେଠୀ, ଆଶିଷ ମହାନ୍ତି ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ।

# ପ୍ରେମରେ ବିଫଳ ହେବାରୁ ବୋମାମାଡ଼



ବୋମାମାଡରେ ଭାଙ୍ଗିଯାଇଥିବା କବାଟ ।

ନରସିଂହପୁର, ୧୭।୧୦ (ସ୍ୱ.ପ୍ର)

ଜଣେ ନାବାଳିକାଙ୍କୁ ଏକ ତରଫା ପ୍ରେମ ନିବେଦନ କରି ବିଫଳ ହେବା ପରେ ପ୍ରତିହିଂସା ପରାୟଣ ହୋଇ ଯୁବତୀଙ୍କ ଘର ଉପରକୁ ବୋମାମାଡ଼ କରି ଫେରାର ହୋଇଯାଇଛନ୍ତି ଯୁବକ। ନରସିଂହପୁର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଚକ୍ରଗଡ଼ ଗ୍ରାମର ମେଘା ନାୟକଙ୍କ ପୁଅ ଦୀପୁନା ନାୟକ (୨୨) ସେହି ଗ୍ରାମର ଦଶମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ଭଲ ପାଇ ଆସୁଥିଲେ। ଛାତ୍ରୀ ଜଣଙ୍କୁ ବିଭିନ୍ନ ସମୟରେ ରାସ୍ତାରେ ଅଟକାଇ ପ୍ରେମ ନିବେଦନ କରିଆସୁଥିଲେ। କିନ୍ତୁ ଛାତ୍ରୀ ଜଣଙ୍କ ଏହାକୁ ଅସ୍ୱୀକାର କରୁଥିଲେ। ଗତ ୧୪ ତାରିଖରେ ଛାତ୍ରୀ ଜଣଙ୍କ ସ୍କୁଲରୁ ଘରକୁ ଫେରୁଥିବା ବେଳେ ରାସ୍ତାରେ ଲୁଚି ରହିଥିବା ଦୀପୁନା ତାଙ୍କୁ ବାହା ହେବା ପାଇଁ ନିବେଦନ କରିବା ସହ ଭଲ ନ ପାଇଲେ ନାବାଳିକାଙ୍କୁ ଉଠାଇ ନେବା ସହ ତାଙ୍କ ଘରକୁ ବୋମା ମାଡ଼ କରିବାକୁ ଧମକ ଦେଇଥିଲେ। ଏହି ସମୟରେ ସେହି ଗ୍ରାମର ଜଣେ ଛାତ୍ର ଘଟଣା ସ୍ଥଳରେ ପହଞ୍ଚି ଯିବାରୁ ଛାତ୍ରୀ ଜଣଙ୍କ ସୁରକ୍ଷିତ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ରାଗରେ ଜର୍ଜରିତ ହୋଇ ଦୀପୁନା ରବିବାର ରାତିରେ ଛାତ୍ରୀଙ୍କ ଘର କବାଟ ଉପରକୁ ୪ଟି ବୋମାମାଡ଼ କରିଥିଲେ। ସୋମବାର ଛାତ୍ରୀର ମା' ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋମାର କିଛି ଅଂଶ ଜବତ କରିଛି। ଦୀପୁନା ଫେରାର ଥିବାରୁ ତାଙ୍କ ନାମରେ କେସ ନମ୍ବର ୨୨୧/ ୨୨ ରୁଜୁକରି ଗିରଫ କରିବା ପାଇଁ ପ୍ରୟାସ ଜାରିରହିଛି ବୋଲି ଥାନା ଅଧିକାରୀ ଅଭୟ ବେହେରା ସୂଚନା ଦେଇଛନ୍ତି।

# ସ୍ପେନ, ଗୁଏଟ୍‌ମାଲା ରାଷ୍ଟ୍ରଦୂତଙ୍କ ବଡ଼ମ୍ବା ଗସ୍ତ




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ସ୍ପେନ ଓ ଗୁଏଟ୍‌ମାଲା ରାଷ୍ଟ୍ରଦୂତଙ୍କ ସହ ଅନ୍ୟମାନେ।

**ତନ୍ତବାୟ ସହଯୋଗ ସମିତି ଓ ହ୍ୟାଣ୍ଡଲୁମ ପରିଦର୍ଶନ**

ବଡ଼ମ୍ବା,୧୭।୧୦(ଡି.ଏନ.ଏ)

ସ୍ପେନ ରାଷ୍ଟ୍ରଦୂତ ଦିନେଶ ପଟ୍ଟନାୟକ ଓ ଗୁଏଟ୍‌ମାଲା ରାଷ୍ଟ୍ରଦୂତ ମନୋଜ ମହାପାତ୍ର କଟକ ଜିଲା ବଡ଼ମ୍ବା ଅଞ୍ଚଳ ଗସ୍ତ କରିଥିଲେ। ବିଶେଷ କରି ବଡ଼ମ୍ବାର ବୀରବରପୁର, ମହୁଲିଆ ଓ ମାଣିଆବନ୍ଧ ଅଞ୍ଚଳ ପରିଦର୍ଶନ କରିଥିଲେ। ଅଭିମାନପୁର ପଞ୍ଚାୟତର ବୀରବରପୁର ସ୍ଥିତ ତନ୍ତବାୟ ସହଯୋଗ ସମିତି ଠାରେ ପହଞ୍ଚିବା ପରେ ସମିତି କର୍ମକର୍ତ୍ତା ସୁବାସ ଦେବନାଥ, ରମେଶ କୁଣ୍ଡୁ, ପ୍ରମୋଦ ପାତ୍ର, ବିଭୂତି ପଣ୍ଡା ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସମେତ ଅଭିମାନପୁର ପଞ୍ଚାୟତ ସରପଞ୍ଚ ସବିତା ନାଏକ ଓ ସମିତି ସଭ୍ୟା ସୋମାରାଣୀ ନାଏକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମହୁଲିଆ ଗ୍ରାମରେ ପହଞ୍ଚି ସ୍ଫୁର୍ତ୍ତି ଦ୍ୱାରା ପରିଚାଳିତ ହ୍ୟାଣ୍ଡଲୁମ କ୍ଲଷ୍ଟର ଦେଖି ପ୍ରଶଂସା କରିଥିଲେ। ମାଣିଆବନ୍ଧ ବୁଦ୍ଧବିହାରଠାରେ ସାଧାରଣ ସଭାରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟତଃ ତନ୍ତବାୟ ସାମଗ୍ରୀଗୁଡ଼ିକର ବିଦେଶରେ ଚାହିଦା ବଢ଼ାଯିବା ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ଜିଲାପାଳ ଭବାନୀ ଶଙ୍କର ଚୟନୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ ନାୟକ ଓ ବିଭିନ୍ନ ହ୍ୟାଣ୍ଡଲୁମର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଚିନ୍ତା ବଢ଼ାଉଛନ୍ତି ଯାଯାବର

**ପଦକ୍ଷେପ ନେଉନି ପ୍ରଶାସନ**

- ଚୋରି, ଭିକ୍ଷାବୃତ୍ତିରେ ଲିପ୍ତ
- ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କୁ କରୁଛନ୍ତି ହଇରାଣ

ପୁରୀ ଅଫିସ,୧୭।୧୦

ରାଜ୍ୟ ବାହାରୁ ଆସୁଥିବା ଯାଯାବର (ବଞ୍ଜାରା)ଙ୍କ ସଂଖ୍ୟା ଶ୍ରୀକ୍ଷେତ୍ରରେ ବଢ଼ିବାରେ ଲାଗିଛି। ପୁରୀ ସହରର ବିଭିନ୍ନ ସ୍ଥାନରେ ତମ୍ବୁ ଟାଣି ଯାଯାବରମାନେ ରହୁଥିବାବେଳେ ଅସାମାଜିକ ଓ ଆପରାଧିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ଏମାନଙ୍କ କାର୍ଯ୍ୟକଳାପରେ ସହରବାସୀଙ୍କ ସମେତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଅତିଷ୍ଠ ହୋଇପଡ଼ିଲେଣି। ଯାଯାବରଙ୍କ ମଧ୍ୟରୁ ନାବାଳିକା ଓ ନାବାଳକ ଭିକ୍ଷାବୃତ୍ତି କରୁଥିବାବେଳେ ସାବାଳକମାନେ ଚୋରି, ଛିନ୍‌ତାଇ ଭଳି ଆପରାଧିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ସେହିପରି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଦେଖିଲେ ଦୌଡ଼ିଯାଇ ଗୋଡ଼ ଧରି ଟଙ୍କା ମାଗୁଛନ୍ତି। ଟଙ୍କା ନ ଦେଲେ ହଇରାଣ ହରକତ କରୁଛନ୍ତି। ବିଶେଷକରି ତାଳବଣିଆ, ଭୂଦାନ ଓ ପେଣ୍ଟକଟା ଅଞ୍ଚଳରେ ଏମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ପୋଲିସ ସଂପୃକ୍ତ ଯାଯାବରମାନଙ୍କୁ ଘଉଡ଼ାଉଥିଲେ ମଧ୍ୟ ସେମାନେ ଗୋଟିଏ ସ୍ଥାନରୁ ଉଠିଯାଇ ଅନ୍ୟ ସ୍ଥାନରେ ତମ୍ବୁ ତିଆରି କରି ରହୁଛନ୍ତି। ଫଳରେ ସେମାନେ ଏବେ ପ୍ରଶାସନ ଓ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛନ୍ତି।

ପୁରୀ ସହରରେ ୫ ଶହରୁ ଉର୍ଦ୍ଧ୍ୱ ଯାଯାବର ବିଭିନ୍ନ ରାଜ୍ୟରୁ ଆସି ରହିଛନ୍ତି। ଏମାନେ ମୁଖ୍ୟତଃ ରାଜସ୍ଥାନ, ହରିୟାଣା ଓ ପଶ୍ଚିମବଙ୍ଗର ହୋଇଥିବାବେଳେ ଲାମ୍ବାଡ଼ି, ଲୋହାର, ଗୁଜର ଓ ଗୋପେ ଭଳି ଆଦିବାସୀ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ଏମାନଙ୍କ ପାଖରେ ଆଧାର କାର୍ଡ କିମ୍ବା ଭୋଟର ପରିଚୟପତ୍ର ନାହିଁ। ଏମାନଙ୍କ ମଧ୍ୟରୁ କେତେଜଣ କିଛି ମାସ ଅନ୍ତରରେ କୁଆଡ଼େ ଚାଲିଯାଉଛନ୍ତି ଏବଂ ଟ୍ରେନ୍ ଯୋଗେ ପୁଣି ନୂଆ ଯାଯାବର ଆସି ପହଞ୍ଚୁଛନ୍ତି। ଏମାନେ ସହରର ବିଭିନ୍ନ ସ୍ଥାନରେ ସରକାରୀ ଜମି ମାଡ଼ିବସି ଅସ୍ଥାୟୀ ଶିବିର କରି ରହୁଛନ୍ତି। ପୁରୀ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ଦେବାଶିଷ ରଥ କହିଛନ୍ତି, ଅଧିକାଂଶ ଶିଶୁଙ୍କ ମାତାପିତା ସେମାନଙ୍କ ସହ ନାହାନ୍ତି। ଶିଶୁଙ୍କୁ ଭିକ୍ଷାବୃତ୍ତି କରାଇବା ପାଇଁ ମାତାପିତାଙ୍କ ଠାରୁ ସମ୍ପର୍କୀୟମାନେ ଆଣିଛନ୍ତି। ଶିଶୁମାନେ ଅନାଥ ନୁହଁନ୍ତି ବୋଲି ସେମାନଙ୍କ ସହ ଆଲୋଚନାରୁ ଜଣାପଡ଼ିଛି। ତାଙ୍କ ମାତାପିତା ଯାଯାବର ଭାବେ ଅନ୍ୟ କୌଣସି ସ୍ଥାନ କିମ୍ବା ରାଜ୍ୟରେ ବୁଲୁଥିବା ରଥ କହିଛନ୍ତି। ଭାରତୀୟ ସାମାଜିକ ବିଜ୍ଞାନ ବିଶେଷଜ୍ଞ ପ୍ରଭୁଦତ୍ତ ମହାପାତ୍ର କହିଛନ୍ତି, ଏମାନେ ବିଭିନ୍ନ ରାଜ୍ୟ ବୁଲି ମେଳା, ଯାତ୍ରା ଓ ଉତ୍ସବରେ ଲୁହାବସ୍ତୁ, ଆୟୁର୍ବେଦିକ ଦ୍ରବ୍ୟ ବିକ୍ରି ସହ ଚିତା କୁଟାଇବା କାମ କରିଥାଆନ୍ତି। ମାତ୍ର ବିଜ୍ଞାନର ପ୍ରଗତି ସହ ଏମାନେ ବିଂଶଦଶ ଶତାବ୍ଦୀରେ ନିଜ ଜୀବିକା ହରାଇ ଏବେ ଏକ ଆପରାଧିକ ଗୋଷ୍ଠୀରେ ପରିଣତ ହୋଇସାରିଲେଣି। ପ୍ରଶାସନ ଏମାନଙ୍କ ପାଇଁ ପୁନର୍ବାସ ବ୍ୟବସ୍ଥା କରିବା ଦରକାର। ଅନ୍ୟପକ୍ଷରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ରାଜ୍ୟ ବାହାରୁ ଆସି ଜବରଦଖଲ କରି ରହୁଥିବା ଲୋକଙ୍କ ପାଇଁ ପୁନର୍ବାସ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକ୍ଷମ ନାହିଁ। ଯେଉଁଠାରେ ଏଭଳି ଯାଯାବରଙ୍କୁ ଜବରଦଖଲ କରିଥିବା ଦେଖିବାକୁ ମିଳୁଛି, ସେଠାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଶିଶୁଙ୍କୁ ଭିକ୍ଷାବୃତ୍ତିରୁ ନିବୃତ୍ତ ରଖିବା ପାଇଁ ଜିଲା ଶିଶୁ କଲ୍ୟାଣ କମିଟି ସହିତ ସମନ୍ୱୟରେ କାର୍ଯ୍ୟ କରାଯାଉଛି। ସମୁଦ୍ରକୂଳ ଥାନା ଆଇଆଇସି ଚିନ୍ମୟ ରାଉତ କହିଛନ୍ତି, ଗତ ମାସରେ ୧୦ରୁ ଉର୍ଦ୍ଧ୍ୱ ଯାଯାବର ଆପରାଧିକ ମାମଲାରେ ଜଡ଼ିତ ଥିବା ଅଭିଯୋଗ ହୋଇଛି। ପୋଲିସ ସେମାନଙ୍କୁ ଚେତାବନୀ ଦେଇ ଛାଡ଼ିଛି।

# ଧବଳେଶ୍ୱର ପୀଠରେ ୨୫ ହଜାର ଶ୍ରଦ୍ଧାଳୁ

ଖୁଣ୍ଟୁଣୀ,୧୭।୧୦(ଡି.ଏନ.ଏ)

**କାର୍ତ୍ତିକ ମାସର ୨ୟ ସୋମବାର**



ପୁଣ୍ୟମାସ କାର୍ତ୍ତିକର ଆଜି ଥିଲା ଦ୍ୱିତୀୟ ସୋମବାର ସହ ଗର୍ଭଣା ସଂକ୍ରାନ୍ତି। କଟକ ଉପକଣ୍ଠ ମଧୁସୂଦନ ସେତୁଠାରୁ ଆଠଗଡ଼ର ଶୈବପୀଠ ଧବଳେଶ୍ୱରରେ ବାବା ଧବଳେଶ୍ୱରଙ୍କୁ ଦର୍ଶନ ପାଇଁ ପ୍ରତ୍ୟୁଷରୁ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଠାକୁରଙ୍କ ନୀତିପାଳିଆ କୁଳମଣି ପତ୍ରିଙ୍କ ଦ୍ୱାରା ଭୋର ସାଢ଼େ ୩ଟାରୁ ମନ୍ଦିରର ଦ୍ୱାର ଫିଟା ଯାଇ ପହଡ଼ ଖୋଲାଯିବା ପରେ ମଙ୍ଗଳ ଆଳତି, ଅଗୁର ମିଶ୍ରିତ ସୁବାସିତ ୧୦୮ଗରା ନଦୀଜଳରେ ପ୍ରଭୁଙ୍କ ସ୍ନାନ ଓ ମାର୍ଜନା କରାଯିବା ପରେ ଗନ୍ଧ ଚନ୍ଦନ କରାଯାଇ ବଲ୍ଲଭ ଭୋଗ, ମଙ୍ଗଳାର୍ପଣ ଖେଚୁଡ଼ି ଭୋଗ ଲାଗି କରାଯାଇଥିଲା। ଏହାପରେ ଆଳତି କରାଯାଇ ଠାକୁରଙ୍କୁ ଶୃଙ୍ଗାର ବେଶରେ ସଜ୍ଜିତ କରାଯାଇଥିଲା। ଏହାପରେ ଦୈନନ୍ଦିନ ନୀତିଭୋଗ ଠାକୁରଙ୍କ ନିକଟରେ ଲାଗି ହୋଇଥିଲା। ପ୍ରତ୍ୟୁଷ ୫ଟାରେ ସାଧାରଣ ଭକ୍ତଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲାଯାଇଥିଲା ବୋଲି ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରି କହିଛନ୍ତି। ବାତ୍ୟାର ପ୍ରଚାର ସାଙ୍ଗକୁ ସୂର୍ଯ୍ୟ ପରଗ ହେବାକୁ ଥିବାରୁ ଆସନ୍ତା ସୋମବାର ସେଭଳି ଭକ୍ତ ନ ହେବାର ଆଶଙ୍କା କରି ଏଥର ବିଭିନ୍ନ ସ୍ଥାନରୁ ୨୫ହଜାରରୁ ଅଧିକ ଭକ୍ତଙ୍କ ପୀଠକୁ ସୁଅ ଛୁଟିଥିଲା ବୋଲି ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି। ଶ୍ରଦ୍ଧାଳୁ ଝୁଲାପୋଲରେ ଆସି ଧାଡ଼ିରେ ଛିଡା ହୋଇ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରଥିଲେ। ସନ୍ଧ୍ୟା ଆଳତି ପରେ ପୀଠରେ ଧବଳେଶ୍ୱରଙ୍କ ପଞ୍ଚାନନ ମେଳା ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ପକ୍ଷରୁ ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ତିଗିରିଆ ତହସିଲଦାର ପ୍ରମୋଦ ବାସ୍କେ, କଟକ ଅତିରିକ୍ତ ସହକାରୀ ଦେୱୋତ୍ତର ଆୟୁକ୍ତ ସଞ୍ଜୟ ଆଚାର୍ଯ୍ୟ ପ୍ରମୁଖ ପୀଠରେ ଉପସ୍ଥିତ ଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ବିଭିନ୍ନ ଥାନାର ପୋଲିସ ଓ ୨ ପ୍ଲାଟୁନ ଫୋର୍ସ ଉପସ୍ଥିତ ଥିଲେ।

# ଆୟ ବୃଦ୍ଧି ପାଇଁ ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟା ଆପଣାଇବାକୁ ପରାମର୍ଶ

ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ)




**ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ସମ୍ମିଳନୀ**

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନଠାରେ ସୋମବାର ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆଦିଲ୍ଲୀ ପୁସାସ୍ଥିତ ଆଇଏଆର୍‌ଆଇ ମେଳା ଗ୍ରାଉଣ୍ଡଠାରେ ପିଏମ୍ କିଷାନ ସମ୍ମାନ ନିଧିର ୧୨ତମ କିସ୍ତି ପ୍ରଦାନ, ପିଏମ୍ କିଷାନ ସମୃଦ୍ଧି କେନ୍ଦ୍ରର ଉଦ୍‌ଘାଟନ, ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଉର୍ବରକ ପରିଯୋଜନାର ଶୁଭାରମ୍ଭ ଆଦି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ କୃଷକଙ୍କ ଆୟ ବୃଦ୍ଧି ପାଇଁ ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟା ଆପଣେଇବାକୁ ପରାମର୍ଶ ଦେଇଥିଲେ। ଏଥିସହ କୃଷକ ଉତ୍ପାଦକ ସଂଗଠନ, ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି, ମୃତ୍ତିକାର ଉର୍ବରତା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ସୂକ୍ଷ୍ମ ଜଳ ସେଚନ, କିଷାନ ଡ୍ରୋନ୍, ଇ-ନାମ ମାଧ୍ୟମରେ କୃଷି ମାର୍କେଟିଂର ଆଧୁନିକୀକରଣ ଆଦି ବିଷୟ ଉପରେ ଗୁରୁତ୍ୱ ଦେଇଥିଲେ।

ପୂର୍ବତନ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏଥିସହ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ (ପଶୁପାଳନ, ଦୁଗ୍ଧ ଏବଂ ମତ୍ସ୍ୟ ଚାଷ) ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜୈବିକ କୃଷି ଉପରେ ଗୁରୁତ୍ୱ ଦେବା ସହ 'ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା' ଦ୍ୱାରା କିପରି ପ୍ରତି କ୍ଷେତକୁ ପାଣି ଓ କମ୍ ଜଳରେ ଅଧିକ ଫସଲ ହୋଇପାରିବ, ସେ ସମ୍ବନ୍ଧରେ ଉପସ୍ଥିତ କୃଷକଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍‌ର କର୍ପୋରେଟ ମୁଖ୍ୟ ସୁଧୀର ରଞ୍ଜନ ମିଶ୍ର ଯୋଗଦେଇଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ରବୀନ୍ଦ୍ର କୁମାର ପଣ୍ଡା ପ୍ରତିଷ୍ଠାନ ଦ୍ୱାରା ବିକଶିତ ବିଭିନ୍ନ ପ୍ରଦ୍ୟୋଗିକୀର ବ୍ୟବହାର କରି ଜଳ ଉତ୍ପାଦକତା ବୃଦ୍ଧି କରିବା, କୃଷି ଆୟକୁ ଦ୍ୱିଗୁଣିତ କରିବାର ବିଭିନ୍ନ ଉପାୟ କହିଥିଲେ। ଓଡିଶାର ଷ୍ଟାର୍ଟ ଅପ୍ ବାରିଫ୍ଲୋ ଲାବ୍ ପ୍ରାଇଭେଟ ଲିମିଟେଡ୍, କ୍ଲିନୋହେଲଥ ଇନୋଭେଶନ ପ୍ରାଇଭେଟ ଲିମିଟେଡ଼, ଜଳସେଚନ କମ୍ପାନୀ ଜୈନ ଇରିଗେଶନ ଓ ଫିନୋଲେକ୍ସ ଏବଂ ସାର ଉତ୍ପାଦକ କମ୍ପାନୀ ପାରାଦୀପ ଫସ୍‌ଫେଟ ଲିମିଟେଡ୍ ଆଦି ଯୋଗ ଦେଇ କୃଷକଙ୍କୁ ସେମାନଙ୍କ ଟେକ୍ନୋଲୋଜି ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାୟ ୫ଶହ କୃଷକ, କୃଷି ଇନ୍‌ପୁଟ କମ୍ପାନୀ, ଷ୍ଟାର୍ଟଅପ୍ ଏବଂ ଏନ୍‌ଜିଓ କର୍ମକର୍ତ୍ତା ସମ୍ମିଳନୀରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଚୋରି ଘଟଣାରେ ୬ ଗିରଫ

**ବାଲୁଗାଁ,୧୭।୧୦(ଡି.ଏନ୍.ଏ):** ବିଭିନ୍ନ ଅପରାଧମୂଳକ କାର୍ଯ୍ୟକୁ ପ୍ରତିହିତ କରିବା ଏବଂ ଅପରାଧୀଙ୍କୁ ଗିରଫ ପାଇଁ ପୋଲିସ ଅଣ୍ଟା ଭିଡ଼ିଛି। ଏଥିପାଇଁ ଖୋର୍ଦ୍ଧା ଏସ୍‌ପି ସମସ୍ତ ଥାନା ଅଧିକାରୀଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଚୋରି ଓ ଲୁଟ ଆଦି ବିଭିନ୍ନ ଘଟଣାରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, କିଛି ଦିନ ପୂର୍ବେ ଲୁହାରଡ୍ ଚୋରି ଘଟଣାରେ ଦୁଇ ଲୁହା ବେପାରୀଙ୍କ ସମେତ ମୋଟ ୫ ଜଣଙ୍କୁ ପୋଲିସ ଗିରଫ କରଛି। ଏମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ସେହିପରି ଗୋପୀନାଥପୁର ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ଠାରୁ ବାଣପୁର ଅଞ୍ଚଳର ଜଣେ ଦୁର୍ବୃତ୍ତ ମୋବାଇଲ ଫୋନ ଓ ପର୍ସ ଛଡାଇ ନେଇଥିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ମୋବାଇଲ ଓ ୩ ହଜାର ଟଙ୍କା ଜବତ ହୋଇଛି।

### ରକ୍ତଦାନ ଶିବିର

**ନିରାକାରପୁର,୧୭।୧୦(ଡି.ଏନ୍.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନ ଅବସରରେ ନିରାକାରପୁର ସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ବିଜେଡି ଜିଲା ଉପସଭାପତି ବିପିନ କୁମାର ଜୟସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୦୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବ ସଙ୍ଗଠକ ଶୁଭମ ଦାଶ, ୧୨ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ପୂର୍ବତନ ଜିଲାପରିଷଦ ରବୀନ୍ଦ୍ର କୁମାର ରାଉତରାୟ, ଅନିଲ ସେନାପତି, ଚିତ୍ତରଞ୍ଜନ ମହାରଣା, ଲାକ୍ଷ୍ମୀକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଧଉଳିରେ ପଥପ୍ରାନ୍ତ ଯାତ୍ରୀ ବିଶ୍ରାମାଗାର କରାଯାଉ

**ପୁରୁଣା ଭୁବନେଶ୍ୱର,୧୭।୧୦(ଡି.ଏନ୍.ଏ.):** ଶାନ୍ତିସ୍ତୁପ ଧଉଳି ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର। ପ୍ରତ୍ୟେକଦିନ ଏଠାକୁ ରାଜ୍ୟ ସମେତ ଦେଶ ବିଦେଶରୁ ପର୍ଯ୍ୟଟକ ଆସିଥାନ୍ତି। ରାଜ୍ୟ ସରକାର ବିଭିନ୍ନ ତୀର୍ଥ କ୍ଷେତ୍ର ଓ ଐତିହ୍ୟ ସ୍ମାରକୀର ପୁନରୁଦ୍ଧାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏହି କ୍ଷେତ୍ରଟି ଅବହେଳିତ ହୋଇ ରହିଛି। ଏକ ରୋପ ୱେ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏଯାଏଁ ପୂରଣ ହୋଇନାହିଁ। ଶୌଚାଳୟ କିମ୍ବା ବିଶ୍ରାମାଗାର ସୁବିଧା ନାହିଁ। ଏହି ପର୍ଯ୍ୟଟନକ୍ଷେତ୍ରର ବିକାଶ ପୂର୍ବକ ସରକାରଙ୍କ ପକ୍ଷରୁ ଏଠାରେ ଏକ ରୋପ ୱେ, ପଥପ୍ରାନ୍ତ ଯାତ୍ରୀ ବିଶ୍ରାମଗାର ଓ ଶୌଚାଳୟର ନିର୍ମାଣ କରିବା ପାଇଁ ଏକାମ୍ର ଜନଜାଗରଣ ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକ, ଆଞ୍ଚଳିକ ବିକାଶ ପରିଷଦର ସଭାପତି ବୃନ୍ଦାବନ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

### ବାଣ ବ୍ୟବସାୟ ପାଇଁ ଭୂମିପୂଜନ



**ଜଟଣୀ,୧୭।୧୦(ଡି.ଏନ୍.ଏ):** ଜଟଣୀରେ ବାଣ ବ୍ୟବସାୟ ପାଇଁ ସୋମବାର ଭୂମି ପୂଜନ କରାଯାଇଛି। ଖୁଚୁରା ବାଣ ବ୍ୟବସାୟୀ ସଙ୍ଘ ପକ୍ଷରୁ ପ୍ରତିବର୍ଷପରି ଦୀପାବଳିକୁ ଦୃଷ୍ଟିରେ ରଖି ବାଣ ବ୍ୟବସାୟ ପାଇଁ ସ୍ଥାନୀୟ ଷଣ୍ଢପୁରସ୍ଥିତ ଏମସିସି-୨ ଏବଂ ଆଦର୍ଶ ବିଦ୍ୟାଳୟ ନିକଟ ଖେଳପଡ଼ିଆ ଠାରେ ପ୍ରଶାସନ ପକ୍ଷରୁ ସ୍ଥାନ ପ୍ରଦାନ କରାଯାଇଛି। କରୋନା ପାଇଁ ଗତ ଦୁଇ ବର୍ଷ ବ୍ୟବସାୟରେ କ୍ଷତି ସହି ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଏଥର ଭଲ ବ୍ୟବସାୟ ହେବ ବୋଲି ଆଶା ରଖିଛନ୍ତି ବ୍ୟବସାୟୀ। ସ୍ଥାନୀୟ ପୋଲିସ, ଅଗ୍ନିଶମ ଓ ପୌର ପ୍ରଶାନ ପକ୍ଷରୁ ସମସ୍ତ ସୁବିଧା କରାଯାଇଥିବା ସଂଘ ସଭାପତି ଜୟନ୍ତ ପଲାଇ କହିଛନ୍ତି। ସରକାରୀ ନିୟମ ଅନୁଯାୟୀ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବ୍ୟବସାୟ ଚାଲୁ ରହିବା ସହିତ ୪୮ଟି ଅସ୍ଥାୟୀ ଦୋକାନ ସ୍ଥାପନ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ସ୍କୁଲ ଗେଟ୍‌ରେ ପୁଣି ଝୁଲିଲା ତାଲା

## ୨ ଦଫା ଦାବିରେ ଅଭିଭାବକଙ୍କ ଧାରଣା

**ନିରାକାରପୁର,୧୭।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ ବଡ଼ପୋଖରିଆ ପଞ୍ଚାୟତରେ ରହିଛି ବୋଡ଼ଙ୍ଗରାପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରୁ ବଦଳି ହୋଇଥିବା ଶିକ୍ଷକ କିଶୋର କୁମାର ଦାସଙ୍କୁ ପୁନଃ ନିଯୁକ୍ତି ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ପୁଷ୍ପଲତା ଶ୍ରୀଚନ୍ଦନଙ୍କୁ ୧୫ ତାରିଖ ସୁଦ୍ଧା ଦାୟିତ୍ୱ ହସ୍ତାନ୍ତର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ବ୍ଲକ୍ ଶିକ୍ଷାଧିକାରୀ। ତେବେ ପ୍ରତିଶ୍ରୁତି ପୂରଣ ନ ହେବାରୁ ଅଭିଭାବକ ଓ ଗ୍ରାମବାସୀ ସୋମବାର ପୁଣି ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାହତ ସୃଷ୍ଟି ହୋଇଛି।

ସୂଚନାଥାଉ କି, ଉପରୋକ୍ତ ଦୁଇ ଦାବି ନେଇ ସେପ୍ଟେମ୍ବର ୨୭ ଓ ୨୮ ତାରିଖରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଖବରପାଇ ଟାଙ୍ଗୀ ଏବିଇଓ ସାବିତ୍ରୀ ସାହୁ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଧାରଣା ପ୍ରତ୍ୟାହୃତ ହୋଇ ନ ଥିଲା। ଏନେଇ ଏବିଇଓ ସାହୁ ବିଇଓଙ୍କୁ ଫୋନ ମାଧ୍ୟମରେ ଘଟଣା ସମ୍ପର୍କରେ ଜଣାଇଥିଲେ। ଗତ ଶନିବାର ତଥା ୧୫ ତାରିଖ ସୁଦ୍ଧା ଦାବି ପୂରଣ ହେବ ବୋଲି ବିଇଓ ହ୍ୱାଟସଆପ ମାଧ୍ୟମରେ ଲିଖିତ ପ୍ରତିଶ୍ରୁତି ଏବିଇଓଙ୍କ ମୋବାଇଲକୁ ପଠାଇଥିଲେ। ପରେ ଏବିଇଓ ଧାରଣାକାରୀଙ୍କୁ ପ୍ରଦାନ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ପ୍ରତିଶ୍ରୁତି ମୁତାବକ ଦାବି ପୂରଣ ନ ହେବାରୁ ପୁଣି ସ୍କୁଲ ଗେଟରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ତାଲା ପକାଇଛୁ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ଗୀତାଞ୍ଜଳି ପ୍ରଧାନ କହିଛନ୍ତି। ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ୍ ୯୬ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନିମନ୍ତେ ୨ଶିକ୍ଷକ ନିୟୋଜିତ ଅଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଛୁଟିରେ ଅଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଏବିଇଓ ସାହୁ କୁହନ୍ତି, ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଛୁଟିରେ ଅଛନ୍ତି। ପାଠପଢ଼ାରେ ବାଧା ଉପୁଜିବା ଆଶଙ୍କାରେ ଜଣେ ଶିକ୍ଷକଙ୍କୁ ସ୍କୁଲକୁ ପଠାଇଥିଲୁ। ହେଲେ ଅଭିଭାବକମାନେ ତାଙ୍କୁ ବିଦ୍ୟାଳୟ ଭିତରକୁ ଛାଡ଼ିଲେ ନାହିଁ। ବଦଳି ହୋଇଥିବା ଶିକ୍ଷକଙ୍କୁ ପୁଣି ଫେରାଇ ଆଣିବା ଆମ ହାତରେ ନାହିଁ । ଅଭିଭାବକମାନେ ପୁଣି ସ୍କୁଲରେ ତାଲା ପକାଇଥିବା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ ବୋଲି ସେ କହିଛନ୍ତି।



ସ୍କୁଲ ଗେଟ୍‌ରେ ତାଲା ପକାଇ ଅଭିଭାବକମାନେ ଧାରଣାରେ ବସିଛନ୍ତି।

# ୧୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

## ବେପାରୀ ଗିରଫ

**ଖୋର୍ଦ୍ଧା ଅଫିସ,୧୭।୧୦**

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ଥମିବାର ନାଁ ଧରୁନି। କୋଲ୍‌କାତା, ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳା ବାଟ ଦେଇ ଖୋର୍ଦ୍ଧାକୁ ଆସୁଛି ବ୍ରାଉନ୍‌ସୁଗାର। ଏଠାରୁ ବିଭିନ୍ନ ପଡ଼ୋଶୀ ଜିଲା, ଗ୍ରାମାଞ୍ଚଳକୁ ପଠାଯାଉଛି। ଭୁବନେଶ୍ୱର, କଟକରେ ଏସ୍‌ଟିଏଫ୍‌ର ବାରମ୍ବାର ଚଢ଼ାଉ ପରେ ମାଫିଆମାନେ ଖୋର୍ଦ୍ଧାକୁ ସୁରକ୍ଷିତ ସ୍ଥାନଭାବେ ବାଛି ନେଇଛନ୍ତି। ଅନ୍ୟପଟେ ଯୁବପିଢ଼ୀ ନିଶା ଏବଂ ସ୍ୱଳ୍ପ ସମୟରେ ଅଧିକ ରୋଜଗାର ଲାଳସାରେ ବିପଦଗାମୀ ହେଉଛନ୍ତି। ସୋମବାର ଖୋର୍ଦ୍ଧା ଅବକାରୀ ପୋଲିସ ଜଟଣୀ ଥାନା ଅଧୀନ ରଥିପୁର ଗ୍ରାମରେ ଚଢ଼ାଉ କରି ୧୦୬ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ସହ ଉକ୍ତ ଗ୍ରାମ ଜମିର ଖାନ(୩୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଅବକାରୀ ଥାନାରେ ଏନ୍‌ଡିପିଏସ ଆକ୍ଟ ୨୧(ବି)ରେ ଏକ ମାମଲା(ନଂ.୫୧/୨୨) ରୁଜୁ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୧୦ଲକ୍ଷ ୬୦ହଜାର ଟଙ୍କା ହେବ। ସୂଚନା ମୁତାବକ, ଅଭିଯୁକ୍ତ ଜଣଙ୍କ ଗତ କିଛି ଦିନ ହେବ ରଥିପୁରରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିବା ନେଇ ଅବକାରୀ ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ଏହା ଉପରେ ନଜର ରଖିଥିଲା। ବ୍ରାଉନସୁଗାର ବିକ୍ରି କରୁଥିବା ଖବରପାଇ ଅବକାରୀ ପୋଲିସ ଗ୍ରାହକ ବେଶରେ ପହଞ୍ଚି ତାଙ୍କୁ କାବୁ କରିଥିଲେ। ଏହି ଚଢ଼ାଉରେ ଅବକାରୀ ଇନିସ୍ପେକ୍ଟର ଭୈରବ ସ୍ୱାଇଁ, ଅବକାରୀ ମୋବାଇଲ ୟୁନିଟ୍ ଇନିସ୍ପେକ୍ଟର ରାଜଶେଖର ସାଇଁ, ଏସଆଇ ବି.ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଏକ୍କା, ଖୋର୍ଦ୍ଧାର ରଞ୍ଜନ ଦାସଙ୍କ ସମେତ ଅନ୍ୟ ମୋବାଇଲ ଷ୍ଟାଫ ସାମିଲ ଥିଲେ।



ଅଭିଯୁକ୍ତ ଜମିର ଖାନ।

## 'ସଂସ୍କୃତିକୁ ବଞ୍ଚାଇ ରଖେ ପର୍ବପର୍ବାଣି'

**ଜଟଣୀ,୧୭।୧୦(ଡି.ଏନ୍.ଏ)**

ଜଟଣୀ ପୌରାଞ୍ଚଳ ଅଧୀନ ଗଜପତିନଗରର ବିନାୟକ କ୍ଲବ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା'ଗଜଲକ୍ଷ୍ମୀ ପୂଜା ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ସନ୍ତୋଷ ଜେନା ଯୋଗଦେଇଥିଲେ। ଅତିଥିଭାବେ ଖବରଦାତା ରବୀନ୍ଦ୍ରନାଥ ମହାକୁଡ଼, ଯୁବ ସଙ୍ଗଠକ ରତିକାନ୍ତ ଦାଶ, ସି. ମୁରଲୀ ରାଓ, ମହେଶ ବାବୁ ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତିକୁ ବଞ୍ଚାଇ ରଖିଛି ପର୍ବପର୍ବାଣୀ ବୋଲି ମତପ୍ରକାଶ ପାଇଥିଲା। କ୍ଲବର ସଭାପତି ସାଗର ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଦିଲୀପ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଶିବ କୁମାର ଦାସମଞ୍ଚ ପରିଚାଳନା କରିଥିଲେ। କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିଲା।




ଜଟଣୀ: ଗଜପତିନଗର ବିନାୟକ କ୍ଲବ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଇଡ୍‌କୋ ହାତକୁ ଯିବ ୩୫୦ ଏକର ଜମି

**ବେଗୁନିଆ,୧୭।୧୦(ଡି.ଏନ୍.ଏ)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଗଢ଼ି ଉଠିବ ଶିଳ୍ପାୟନ। ବେକାରୀଙ୍କୁ କାମ ଯୋଗାଇ ଦେବ ଇଡକୋ (ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ କର୍ପୋରେଶନ)। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଦେଶନାମା ଜାରି କରାଯାଇଛି। ବେଗୁନିଆ ତହସିଲ କୁଶପଲ୍ଲା ମୌଜାର ୩୫୦ ଏକର ସରକାରୀ ଜମି ଚିହ୍ନଟ କରାଯାଇଛି। ମାପଚୁପ ପରେ ଇଡକୋକୁ ହସ୍ତାନ୍ତର କରାଯିବ ବୋଲି ତହସିଲଦାର ପୃଥ୍ୱିରାଜ ମଣ୍ଡଳ କହିଛନ୍ତି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ବେଗୁନିଆ ବ୍ଲକ ପ୍ରଶାସନ ଉକ୍ତ ମୌଜା ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ।

# ଗ୍ରାହକଙ୍କ ମନ ଜିଣୁଛି ମିଶନ ଶକ୍ତି କାଫେ

**ଖୋର୍ଦ୍ଧା ଅଫିସ,୧୭।୧୦**

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଆନୁକୂଲ୍ୟରେ ବ୍ଲକ ଫେଡେରେସନ (ବିଏଲଏଫ) ପକ୍ଷରୁ ଖୋଲାଯାଇଛି ମିଶନ କାଫେ। ଏଠାରେ ମହିଳାଙ୍କ ଦ୍ୱାରା ଓଡ଼ିଆ ପାରମ୍ପାରିକ ଖାଦ୍ୟ ଚକୁଳି, ବରା, ପକୁଡି, ସିଙ୍ଗଡା, ଇଡଲି, ରୁଟି ଡାଲମା ସହ ଚା, କଫି, ବିଭିନ୍ନ ପ୍ରକାର ବିସ୍କୁଟ ଆଦି ବିକ୍ରି କରାଯାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ପରିଷଦ କାର୍ଯ୍ୟାଳୟ ସମେତ ବିଭିନ୍ନ ବିଭାଗ ରହିଛି। ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ସମେତ ବିଭିନ୍ନ କାମରେ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଏହି କାଫେରେ ଖାଇବା ପାଇଁ ଭିଡ଼ ଜମାଇଥାନ୍ତି। ସ୍ୱଳ୍ପ ଦାମରେ ସୁଆଦିଆ ଏବଂ ଉନ୍ନତମାନର ଖାଦ୍ୟ ପାଇଁ ପୂର୍ବାହ୍ନ୧୦ଟାରୁ ରାତି ୭ଟା ପର୍ଯ୍ୟନ୍ତ ଗ୍ରାହକଙ୍କ ଭିଡ଼ ଜମିଥାଏ। କାଫେରେ ଭଲ ଖାଇବା ମିଳୁଥିବା ଖବର ପ୍ରଚାରିତ ହେବା ପରେ ଏବେ ବାହାର ଲୋକେ ମଧ୍ୟ ଏଠାକୁ ଆସୁଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, କିଛି ଦିନ ପୂର୍ବେ ମିଶନ ଶକ୍ତି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସ୍ଥାନୀୟ ବିଧାୟକ, ଜିଲାପାଳ ଏହି କାଫେକୁ ଉଦ୍‌ଘାଟନ କରିଥିଲେ। ଧୀରେ ଧୀରେ ଏହାର ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଜିଲା ପ୍ରଶାସନ ଏବଂ ବିଭିନ୍ନ ବିଭାଗ ପକ୍ଷରୁ ଆୟୋଜିତ ବୈଠକରେ ଏଠାରୁ ଟିଫିନ ନିଆଯାଉଛି ବୋଲି କାଫେରେ କାର୍ଯ୍ୟରତ ମଞ୍ଜୁଲତା ଦାଶ, ସ୍ୱପ୍ନାସାଗର ସାମନ୍ତରାୟ କହିଛନ୍ତି। ଏଥିସହିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାମାଜିକ କାର୍ଯ୍ୟକ୍ରମରେ ଆବଶ୍ୟକ ଖାଦ୍ୟ ପାଇଁ ଅର୍ଡର ଦେଉଛନ୍ତି। ଦୈନିକ ୩ରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର ହେଉଛି। ଆଗାମୀ ଦିନରେ ଲୋକଙ୍କ ଆଗ୍ରହକୁ ଦେଖି ମିଲସ୍ ବ୍ୟବସ୍ଥା ଲାଗି ଯୋଜନା ରହିଛି ବୋଲି କହିଛନ୍ତି। ଏନେଇ ଜିଲା ପରିଷଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଦିଗନ୍ତ ରାଉତରାୟ କୁହନ୍ତି, ଜିଲାରେ ମିଶନ ଶକ୍ତି ଆନୁକୂଲ୍ୟରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା, ଟାଙ୍ଗୀ, ବାଣପୁର ଏବଂ ବିଏମସିରେ ମିଶନ କାଫେ ଖୋଲାଯାଇଛି। ଖୁବଶୀଘ୍ର ଅନ୍ୟ ବ୍ଲକରେ ଖୋଲାଯିବ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ଘର ଯୋଗାଇ ଦିଆଯାଉଛି। ସେଠାରେ ସେମାନେ ନିଜସ୍ୱ ଖର୍ଚ୍ଚରେ କାଫେ ଖୋଲିବା ବ୍ୟବସ୍ଥା କରୁଛନ୍ତି। ଏସଏଚଜି ଗ୍ରୁପ ମହିଳାଙ୍କ ଦକ୍ଷତା ବିକାଶ, ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ମାର୍କେଟିଂ, ଖାଦ୍ୟ ନିରାପତ୍ତା ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବା ବ୍ୟବସ୍ଥା କରାଯାଉଛି।

ବ୍ଲକ ମିଶନଶକ୍ତି ସଭାପତି ସୁକାନ୍ତି ସାହୁ କୁହନ୍ତି, ପୂର୍ବରୁ ଗ୍ରାମାଞ୍ଚଳରେ କମ୍ ଶିକ୍ଷିତା ମହିଳାମାନେ ରୋଷଇ ଘର ମଧ୍ୟରେ ସୀମିତ ରହିଯାଉଥିଲେ। ଏବେ ମହିଳାମାନେ ଗ୍ରୁପ ହୋଇ ଆଚାର, ବଡ଼ି ପାମ୍ପଡ, ଘରୋଇ ସାଜସଜ୍ଜା ପ୍ରସ୍ତୁତ କରୁଛନ୍ତି। ବିଭିନ୍ନ ସ୍ଥାନରେ ରାଜ୍ୟ ଓ ଜାତୀୟ ସ୍ତରୀୟ ମେଳାରେ ନିଜ ସାମଗ୍ରୀର ନିଜେ ବିକ୍ରି କରୁଛନ୍ତି। ଏବେ ମିଶନ କାଫେ ଜରିଆରେ ମହିଳାମାନେ ଆଉ ପାଦେ ଆଗକୁ ବଢିବାର ସୁଯୋଗ ମିଳିଛି। ଗୋଟିଏ ସ୍ଥାନରେ ବ୍ଲକର ବିଭିନ୍ନ ଗ୍ରୁପ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି ହୋଇପାରିବା ସହ ମାର୍କେଟିଂ ବ୍ୟବସ୍ଥା ହୋଇପାରିବ। ଏହା ଦ୍ୱାରା ମହିଳାମାନେ ସ୍ୱରୋଜଗାର ହେବା ସହ ସେମାନଙ୍କ ଆତ୍ମସ୍ୱାଭିମାନ ମଧ୍ୟ ବୃଦ୍ଧି ପାଇବ।



## ୩୫୧ ଅଭିଯୋଗରୁ ୨୧ ସମାଧାନ



ଜନଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

**ବୋଲଗଡ଼,୧୭।୧୦(ଡି.ଏନ୍.ଏ.)**

ବୋଲଗଡ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିବା ସହ ଏହାର ସମାଧାନ ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୋଟ୍ ୩୫୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ବ୍ୟକ୍ତିଗତ ୩୪୧ ଓ ସାମୁହିକ ୧୦ ଅଭିଯୋଗ ରହିଥିଲା। ଏଥିରୁ ୨୧ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜଣେ ଅଭିଯୋଗକାରୀଙ୍କୁ ଜିଲା ରେଡକ୍ରସ ସଂସ୍ଥାରୁ ୫ହଜାର ଟଙ୍କା ଆର୍ଥିକ ଅନୁଦାନ, ୫ଜଣ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକେଲ ଏବଂ ୩ଜଣଙ୍କୁ ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୩୩୦ ଅଭିଯୋଗ ସାମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଜନଶୁଣାଣି ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ବିଡିଓ ଧୋବେଇ ଚରଣ ନାୟକ, ତହସିଲଦାର ସନ୍ତୋଷିନୀ ଦାସ, ଜିଲା ଓ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣିରେ ୨ଶହରୁ ଉର୍ଦ୍ଧ୍ୱ ଅଭିଯୋଗ ପକ୍କାଘର ନିର୍ମାଣ ସଂକ୍ରାନ୍ତୀୟ ହୋଇଥିବା ଜଣାପଡ଼ିଛି। ଶାନ୍ତିଶୃଙ୍ଖଳା ରକ୍ଷାର ପାଇଁ ସ୍ଥାନୀୟ ଥାନାଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ପୂଜା କମିଟିକୁ ସମ୍ବର୍ଦ୍ଧନା

**ଖୋର୍ଦ୍ଧା ଅଫିସ,୧୭।୧୦**

ଖୋର୍ଦ୍ଧା ବ୍ୟବସାୟୀ ସଂଘ ମିଳିତ ଭସାଣି କମିଟି ଆନୁକୂଲ୍ୟରେ ରବିବାର ଆୟୋଜିତ ସମୂହ ଭସାଣି ଉତ୍ସବରେ ଯୋଗଦେଇଥିବା ପୂଜା କମିଟିକୁ ନୂଆବସଷ୍ଟାଣ୍ଡ ଠାରେ ମଧୁସୂଦନ ନଗର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଜ୍ୟ ମହିଳା ବିଜେଡି ଉପସଭାପତି ବାସନ୍ତୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ପୂଜା କମିଟିର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ୍ ଗୋଦାବରୀ ମିଶ୍ର, ମହମ୍ମଦ ଆୟୁବ, ସୃଷ୍ଟିରାଜ ତ୍ରିପାଠୀ, ଅମିୟ ମହାନ୍ତି, ଈଶ୍ୱର ଚନ୍ଦ୍ର ମଙ୍ଗରାଜ, ସାହିତ୍ୟିକ ଜ୍ଞାନ ରଞ୍ଜନ ଦାସ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଜାରି ରହିଥିଲା। ଏହି ଅବସରରେ କୁନିକୁନି କଳାକାର ଓଡ଼ିଶୀ, ଲୋକନୃତ୍ୟ ପରିବେଷଣ କରିଥିଲେ।




ରାଜ୍ୟ ମହିଳା ବିଜେଡି ଉପସଭାପତି ବାସନ୍ତୀ ମହାପାତ୍ର ପୂଜା କମିଟିକୁ ସମ୍ବର୍ଦ୍ଧିତ କରୁଛନ୍ତି।

# ବେଆଇନ ପାହାଚ ଭାଙ୍ଗିବାକୁ ନିର୍ଦ୍ଦେଶ

## ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତି ପରଖିଲେ ଜିଲାପାଳ

- ଘରୋଇ ଆମ୍ବୁଲାନ୍ସ ଦର ତାଲିକା ଲାଗିବ
- ସ୍ୱଚ୍ଛତା, ଉତ୍ତମ ସେବାକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୭।୧୦**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଆସି ସୋମବାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ। ମେଡିକାଲରେ ସ୍ୱଚ୍ଛତା, ବିଶୁଦ୍ଧ ପାନୀୟଜଳ, ରୋଗୀଙ୍କୁ ଉତ୍ତମ ସେବା ଉପରେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ୱାର୍ଡ ବୁଲିବା ସହ ରୋଗୀଙ୍କୁ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ମାତୃ ଓ ଶିଶୁ ଯତ୍ନ କେନ୍ଦ୍ର ବୁଲି ଉପଲବ୍ଧ ସେବା ଠିକ୍ ଭାବେ ମିଳୁଛି କି ନାହିଁ, ସେ ସମ୍ପର୍କରେ ରୋଗୀଙ୍କ ସହ ଆଲୋଚନା କରିଥିଲେ। ମେଡିକାଲରେ ପାଚେରିକୁ ଲାଗି ବେଆଇନ ଭାବେ ନିର୍ମାଣ ହୋଇଥିବା ପଥର ପାହଚ ଭାଙ୍ଗିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ ପରିସରରେ ନିର୍ମାଣଧୀନ ଅକ୍ସିଜେନ ପ୍ଲାଣ୍ଟ, କୋଭିଡ ପରୀକ୍ଷା କେନ୍ଦ୍ର, ନିର୍ମାଣଧିନ ପ୍ରକଳ୍ପ ସମୀକ୍ଷା ସହ ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆହର କେନ୍ଦ୍ର ବୁଲି ଦେଖିଥିଲେ। କେନ୍ଦ୍ରରେ ସ୍ୱଚ୍ଛତା, ଖାଦ୍ୟର ମାନ ପରଖିବା ସହ ଆହାର କେନ୍ଦ୍ରକୁ ବ୍ୟବସ୍ଥିତ ଏବଂ ଖାଦ୍ୟ ସଂଖ୍ୟା ବୃଦ୍ଧି ଲାଗି ପୌର ନିର୍ବାହୀ ଅଧିକାରୀ ଏବଂ ସିଡିଏମଓଙ୍କୁ କହିଥିଲେ। ମେଡିକାଲ ପରିସରରେ ଘରୋଇ ଆମ୍ବୁଲାନ୍ସ, ଅଟୋ ଏବଂ ଉଠାଦୋକାନୀଙ୍କୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମେଡିକାଲ ପରିସରରେ କୌଣସି ଉଠାଦୋକାନ ରହିବ ନାହିଁ। ଘରୋଇ ଆମ୍ବୁଲାନ୍ସ ଏବଂ ଅଟୋ ଗୁଡିକ ଫିଟନେସ୍, ଲାଇସେନ୍ସ ନବୀକରଣ ସମ୍ପର୍କରେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲରେ ଘରୋଇ ଆମ୍ବୁଲାନ୍ସ ଗୁଡିକ ରୋଗୀଙ୍କ ଠାରୁ ଚଢା ଦର ନେଉଥିବା ନେଇ ଅଭିଯୋଗ ଆସୁଛି। କୌଣସି ଘରୋଇ ଆମ୍ବୁଲାନ୍ସ ରୋଗୀଙ୍କୁ ହଇରାଣ କରୁଥିବା ଅଭିଯୋଗ ଆସିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ତୁରନ୍ତ ଘରୋଇ ଆମ୍ବୁଲାନ୍ସ ଦର ତାଲିକା ଟଙ୍ଗାଇବା ବ୍ୟବସ୍ଥା କରିବାକୁ ସିଡିଏମଓ ଏବଂ ମେଡିକାଲ କର୍ତ୍ତୃପକ୍ଷଙ୍କୁ କହିଥିଲେ। ମେଡିକାଲ ପରିସରରେ ଅସମାଜିକ କାର୍ଯ୍ୟକଳାପ, ରୋଗୀଙ୍କୁ ହଇରାଣ ଭଳି ଅଭିଯୋଗ ଆସିଲେ, ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ କହିଥିଲେ। ଏହି ଗସ୍ତ ବେଳେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ସିଡିଏମଓ ଡା.ଆର୍ତ୍ତବନ୍ଧୁ ନାୟକ, ମେଡିକାଲ ଅଧୀକ୍ଷକ ବିଶ୍ୱମୋହନ ମିଶ୍ର, ମେଡିକାଲ ମ୍ୟାନେଜର ଡା.ବିନାୟକ ପାଣିଗ୍ରାହୀ, ସଙ୍ଗୀତା ସ୍ୱାଇଁ, ଡା.ସରୋଜ ନାୟକ, ତହସିଲଦାର ଇପ୍‌ସିତ ସାହୁ, ଆଦର୍ଶ ଥାନାଧିକାରୀ ତାରିକ୍ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଆସିଥିବା ଜିଲାପାଳ ଓ ଅନ୍ୟମାନେ।

## ଏସ୍‌ସିଏସ୍ କଲେଜ କ୍ୟାଣ୍ଟିନ କାର୍ଯ୍ୟକ୍ଷମ ଦାବି

ପୁରୀ ଅଫିସ: ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୀର୍ଘଦିନ ଧରି ବନ୍ଦ ପଡ଼ିଥିବା କ୍ୟାଣ୍ଟିନ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସୋମବାର ଏବିଭିପି ପକ୍ଷରୁ ଅଧକ୍ଷଙ୍କୁ ଦାବିପତ୍ର ଦିଆଯାଇଛି। ଏହି କଲେଜରେ ୫ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ପାଠ ପଢୁଛନ୍ତି। ମାତ୍ର କ୍ୟାଣ୍ଟିନ ବନ୍ଦ ପଡ଼ିବା ଲଜ୍ଜାଜନକ ବିଷୟ। ଛାତ୍ରୀଛାତ୍ରମାନେ ଖାଇବା ପାଇଁ ବାହାରକୁ ଯାଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଏସସିଏସ କ୍ୟାମ୍ପସର ଏବିଭିପି ସଭାପତି ଜ୍ଞାନରଞ୍ଜନ ନାୟକ ଅଭିଯୋଗ କରିଛନ୍ତି। ଦାବିପତ୍ର ଦେବା ସମୟରେ ଚନ୍ଦନ କୁମାର ସାହୁ, ରୋହନ କୁମାର ଜେନା, ଦିବ୍ୟରଞ୍ଜନ ପ୍ରଧାନ, ଶୁଭମ ଦାସ, ପ୍ରିୟାଂଶୀ ହୋତା, ଅର୍ପିତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୧୦।୨୦୨୨

| ୫, ୨୧, ୪୩୪ ଟଙ୍କା | |
|---|---|
| ସୁନା | ୪.୯୦୦ ଗ୍ରାମ |
| ରୁପା | ୫.୯୦୦ ଗ୍ରାମ |

## ଚିକିତ୍ସିତ ହେଲେ ୬୭୪ ଦିବ୍ୟାଙ୍ଗ

କଣାସ,୧୭।୧୦(ସ୍ୱ.ପ୍ର.)- ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସୋମବାର କଣାସ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ପୁରୀ ସହାୟତାରେ କଣାସ ବ୍ଲକ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ବିଡିଓ ଲୋଚନ ଦାସ ଉଦ୍‌ଘାଟନ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୩୭୦ଜଣ, ଇ.ଏନ୍.ଟି ବିଭାଗରେ ୧୨୯ଜଣ, ଏମ୍.ଆର୍ ବିଭାଗରେ ୭୪ଜଣ, ଚକ୍ଷୁ ବିଭାଗରେ ୧୦୧ଜଣ ଦିବ୍ୟାଙ୍ଗଙ୍କୁ ଡାକ୍ତର ପରୀକ୍ଷାନିରୀକ୍ଷା କରିଥିଲେ। ଶିବିରରେ ଜିଲାସ୍ତରୀୟ ସ୍ୱନାମଧନ୍ୟ ଡାକ୍ତରମାନେ ଯୋଗଦେଇଥିଲେ। ଏଥିରେ ବ୍ଲକ କର୍ମଚାରୀ, ଅଙ୍ଗନୱାଡି କର୍ମଚାରୀ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ସହାୟତା କରିଥିଲେ।

## ନାଗ ଦେବତାଙ୍କୁ ନଗର ପରିକ୍ରମା, ପୂଜାର୍ଚ୍ଚନା

### ନିଆରା ପରମ୍ପରା

ପୁରୀ ଅଫିସ,୧୭।୧୦
ଗର୍ଭଣା ସଂକ୍ରାନ୍ତିରେ ଶ୍ରୀକ୍ଷେତ୍ରରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଗୋଟିଏ ହାଣ୍ଡିରେ ଏକ ନାଗସାପ ରଖାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ପରେ ସେହି ନାଗସାପକୁ ନଗର ପରିକ୍ରମା କରାଯିବା ସହ ମାନସିକଧାରୀଙ୍କ ଦ୍ୱାର ସମ୍ମୁଖରେ ପୂଜା କରାଯାଏ। ଏହି ଅବସରରେ ଶ୍ରଦ୍ଧାଳୁଙ୍କୁ ଗଦ ପ୍ରଦାନ କରାଯାଇଥାଏ। ସନ୍ଧ୍ୟାରେ ଉକ୍ତ ସାପକୁ ନେଇ ଜଙ୍ଗଲରେ ଛାଡ଼ି ଦିଆଯାଇଥାଏ। ଲୋକକଥା ଅନୁଯାୟୀ, ଉକ୍ତ ଦିନ ଗଦକୁ ସେବନ କଲେ ସର୍ପ ଦଂଶନର ଭୟ ନ ଥାଏ ବୋଲି ବିଶ୍ୱାସ ରହିଛି। ତୁଳା ସଂକ୍ରାନ୍ତି ବା ଗର୍ଭଣା ସଂକ୍ରାନ୍ତି ଅବସରରେ ସୋମବାର ଏଭଳି ପରମ୍ପରା ପାଳନ କରାଯାଇଥିଲା। ବିଭିନ୍ନ ସାହିରେ ନାଗ ଦେବତାଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଗଦ ପ୍ରଦାନ କରାଯାଇଥିଲା।

## ବିଡିଓଙ୍କ ଯୋଗଦାନ

କଣାସ,୧୭।୧୦(ସ୍ୱ.ପ୍ର.)- କଣାସ ବ୍ଲକ ନୂତନ ବିଡିଓ ଭାବେ ପବିତ୍ର ବେହେରା ସୋମବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କଣାସ ବିଡିଓ ଲୋଚନ ଦାସଙ୍କର ସାକ୍ଷୀଗୋପାଳ ବଦଳି ହୋଇଯିବାରୁ ବେହେରା ଦାୟିତ୍ୱ ସମ୍ଭାଳିଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତଙ୍କ ଅଧ୍ୟକ୍ଷତାରେ ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ବିଦାୟ ସମ୍ବର୍ଦ୍ଧନା ନିମନ୍ତେ ଏକ ସଭା ସମିତି ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସଭାରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ ବିଦାୟ ନେଉଥିବା ବିଡିଓ ଦାସ, ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ବିଡିଓ ପବିତ୍ର ବେହେରା, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ, କଣାସ ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହି ୨ ଅଧିକାରୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଓ ବିଦାୟ ଦେଇଥିଲେ। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ସାହୁପଡା ସରପଞ୍ଚ ଭିକାରୀ ବଳିୟାରସିଂ, ବଡାଲ ସରପଞ୍ଚ ଧନେଶ୍ୱର ଲେଙ୍କା ଓ ଅନେକ ସରପଞ୍ଚ ନୂତନ ବିଡିଓଙ୍କୁ ସ୍ୱାଗତ କରିଥିଲେ।

## ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କଣାସ,୧୭।୧୦(ସ୍ୱ.ପ୍ର.)- ନୀଳାଚଳ ସେବା ପ୍ରତିଷ୍ଠାନ ଦୟାବିହାର କଣାସଠାରେ ୩ଦିନିଆ ବ୍ଲକ ପକ୍ଷରୁ ୱାର୍ଡମେମ୍ବରଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଣାସ ବିଡିଓ ଲୋଚନ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ କଣ୍ଡୁରୁଚରଣ ଚମ୍ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶିକ୍ଷାବିତ୍ ସୁଦର୍ଶନ ପରିଡା ଓ ବଡାଲ ସରପଞ୍ଚ ଧନେଶ୍ୱର ଲେଙ୍କା ଯୋଗଦେଇ ପଞ୍ଚାୟତ ଉନ୍ନତି ପାଇଁ ୱାର୍ଡମେମ୍ବରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସୂଚନା ଦେଇଥିଲେ। ଶିବିରରେ ବଡାଲ, ଗଡବଳଭଦ୍ରପୁର, ଦିବ୍ୟସିଂହପୁର, ଗଡସାହି ପଞ୍ଚାୟତର ୫୦ ୱାର୍ଡମେମ୍ବର ସାମିଲ ହୋଇଥିଲେ।

# ‘ସଫଳ ଚାଷୀ ଅନ୍ୟମାନଙ୍କ ପାଇଁ ପ୍ରେରଣା’

### ପୁରୀ କେବିକେରେ ପ୍ରଧାନମନ୍ତ୍ରୀ-କୃଷକ ସମ୍ମାନ ସମାରୋହ

ସାକ୍ଷୀଗୋପାଳ,୧୭।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)



ସମାରୋହରେ ଅତିଥିମାନେ ଜଣେ ମହିଳା ଚାଷୀଙ୍କୁ କୃଷକ ସମ୍ମାନ ପ୍ରଦାନ କରୁଛନ୍ତି।

ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ର(କେବିକେ) ମୁଖ୍ୟ କାର୍ଯ୍ୟାଳୟ ସାକ୍ଷୀଗୋପାଳରେ ପ୍ରଧାନମନ୍ତ୍ରୀ– କୃଷକ ସମ୍ମାନ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଗବେଷଣା ବିଭାଗର ଅଧ୍ୟକ୍ଷ ପ୍ରଫେସର ଡ. ସଂଗ୍ରାମ କେଶରୀ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ବାରମ୍ବାର ପ୍ରାକୃତିକ ବିପତ୍ତି କୃଷକମାନଙ୍କର ଅର୍ଥନୈତିକ ଦୁର୍ଗତିର କାରଣ ହେଉଛି। ତେଣୁ କୃଷକମାନେ ଆଧୁନିକ ଜ୍ଞାନ କୌଶଳ, ଅତ୍ୟାଧୁନିକ ଯନ୍ତ୍ରପାତି ଉପଯୋଗ ଜରିଆରେ କିପରି ଉନ୍ନତ ପ୍ରଣାଳୀ ଚାଷ ପ୍ରତି ସଚେତନ ହୋଇପାରିବେ ସେନେଇ ଡ. ସ୍ୱାଇଁ ପରାମର୍ଶ ଦେଇଥିଲେ।

ପୁରୀ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡା. ସଞ୍ଜୟ କୁମାର ମହାନ୍ତି ସୁପ୍ରତିକୂଳ ପରିସ୍ଥିତିରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଚାଷୀମାନଙ୍କ ସହିତ ସବୁବେଳେ ରହିଛନ୍ତି ବୋଲି ପ୍ରତିଶ୍ରୁତି ଦେଇଥିଲେ। ବେୟର କ୍ରପ ସାଇନ୍ସ (ଓଡ଼ିଶା ଶାଖା), ସିଶା, ଇରି ଏବଂ କୃଷି ବିଜ୍ଞାନ କେନ୍ଦ୍ର ପୁରୀ ଜିଲାର କୃଷକମାନଙ୍କ ସହ ଯନ୍ତ୍ର ମାଧ୍ୟମରେ ଧାଡ଼ି ବୁଣା ଧାନ ଚାଷ ଜନିତ ଜ୍ଞାନକୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଶସ୍ୟ ବିଶେଷଜ୍ଞ ଡା. ବିମଳ ପାଣ୍ଡେ ଧାଡ଼ି ବୁଣା ଧାନ ଚାଷ ଏବଂ ତାର ରୋଗ ପୋକ ଦମନ ବିଷୟରେ ଅନେକ ତଥ୍ୟ ପ୍ରଦାନ କରିଥିଲେ। ସିସା ପ୍ରକଳ୍ପର ମୁଖ୍ୟ ଡ. ଅଶୋକ ଯାଦବ ଯନ୍ତ୍ରଚାଳିତ ଧାଡ଼ି ବୁଣା ଧାନ ଚାଷ କୃଷକମାନଙ୍କ ମଧ୍ୟରେ ଆଦୃତ ହୋଇପାରିବ ବୋଲି ଆଶ୍ୱାସନା ଦେଇଥିଲେ। ଅନ୍ୟ ଚାଷୀମାନଙ୍କ ପାଇଁ ପ୍ରେରଣା ଦାୟକ ହୋଇଥିବା ସଫଳଚାଷୀମାନଙ୍କୁ ପ୍ରଧାନ ମନ୍ତ୍ରୀ କୃଷକ ସମାରୋହରେ ୨୪ଜଣ କୃଷି ଉଦ୍ୟୋଗୀ ଭାବେ ଅତିଥିମାନେ ପ୍ରମାଣ ପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ଦ୍ୱାରା ଆୟୋଜିତ କୃଷକ ସମାରୋହରେ ୧୧ ବ୍ଲକରୁ ୨୫୦ରୁ ଊର୍ଦ୍ଧ୍ୱ କୃଷିଜୀବୀ ମହିଳା ଓ କୃଷକ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର କୃଷି ଯନ୍ତ୍ରୀକରଣ ବୈଜ୍ଞାନିକ ଡ. ଦିପଶିଖା ପରମଜିତା, ଗୃହ ବିଜ୍ଞାନୀ ଡ. ସୁମିତା ଆଚାର୍ଯ୍ୟ, ସମ୍ପ୍ରସାରଣ ବୈଜ୍ଞାନିକ ଶୋଣିତା ରାନୀ ସେଠୀ, କୃଷକ ଭାଇ ଓ ଭଉଣୀମାନଙ୍କୁ ଉତ୍ସାହିତ କରିଥିଲେ। ଧାନ, ପାନ, ପନିପରିବା, ଫଳ, ଫୁଲ, କଦଳୀ, ଡାଲି, ମାଛ, କୁକୁଡ଼ା, ତକ, ଗାଈ ଓ ମହୁଚାଷୀ ଏଂ ଜୈବିକ ସାର ଆଦି କୃଷି ଉପକରଣ ପ୍ରସ୍ତୁତକାରୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚାଷ ପ୍ରଣାଳୀରେ ଉନ୍ନତି ପାଇଁ କୃଷି ବୈଜ୍ଞାନିକଙ୍କ ପରାମର୍ଶ

ଗୋପ,୧୭।୧୦(ଡି. ଏନ୍.ଏ.)

ଚାଷ କାର୍ଯ୍ୟର ଅଗ୍ରଗତି ନେଇ ପୁରୀ ଓ ଭୁବନେଶ୍ୱରର କେତେଜଣ କୃଷି ବୈଜ୍ଞାନିକ ସୋମବାର ପିପିଲି ବ୍ଲକ ଅଞ୍ଚଳର ବିଭିନ୍ନ ଚାଷୀଙ୍କ ନିକଟକୁ ପରିଦର୍ଶନ କରିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ମାଳିବାରାହୀ ଗ୍ରାମର ଧାନ ଚାଷୀଙ୍କ ସହିତ ପୁରୀର କୃଷି ବୈଜ୍ଞାନିକ ରମେଶ ଚନ୍ଦ୍ର ଦାସ ଓ ଭୁବନେଶ୍ୱର ଓୟୁଏଟିର ବୈଜ୍ଞାନିକ ସଂଗ୍ରାମ କେଶରୀ ସ୍ୱାଇଁଙ୍କ ସମେତ ଅନ୍ୟ ବୈଜ୍ଞାନିକମାନେ ଭେଟି ଚାଷ କାର୍ଯ୍ୟ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଛନ୍ତି। ଧାଡ଼ି ରୁଆ ହୋଇଥିବା ଧାନଜମି ଦେଖିବା ସହ କିପରି କମ୍ ଖର୍ଚ୍ଚରେ ଅଧିକ ଅମଳ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ପରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପିପିଲି ମାଳିବାରାହୀ ଅଞ୍ଚଳର ଚାଷୀଙ୍କ ସମେତ ପୁରୀ ଜିଲାର କେତେଜଣ ଚାଷୀଙ୍କୁ ନେଇ ଏକ ପରାମର୍ଶ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ମେକାନାଇଜ ଡିଏସ୍‌ଆର୍ ଟେକ୍ନୋଲୋଜି ପ୍ରଣାଳୀରେ ଚାଷ କରି କିପରି ସ୍ୱଳ୍ପ ବ୍ୟୟରେ ଅଧିକ ଉତ୍ପାଦନ କରି ଲାଭବାନ ହୋଇପାରିବ ସେନେଇ ଆଲୋଚନା ହୋଇଥଲା। ଏହି କାର୍ଯ୍ୟକ୍ରମରେ ଚାଷୀଙ୍କ ସହ ଓୟୁଏଟିର ବରିଷ୍ଠ ବିଶେଷଜ୍ଞ, ପୁରୀ ଜିଲା ମୁଖ୍ୟ କୃଷି ଅଧିକାରୀ ଏବଂ ସତ୍ୟବାଦୀ କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ବାହାର ରାଜ୍ୟର କେତେଜଣ ବୈଜ୍ଞାନିକଙ୍କ ସହ ଶତାଧିକ ଚାଷୀ ଯୋଗଦେଇଥିଲେ। ବିଶେଷକରି ଏହି ଡିଏସ୍‌ଆର୍ ଟେକ୍ନୋଲୋଜିରେ ଚାଷ କଲେ ଚାଷୀ ଲେବର ସମସ୍ୟାରୁ ମୁକୁଳି ଅଧିକ ଲାଭବାନ ହୋଇପାରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ୫.୮୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା,୧୭।୧୦(ଡି.ଏନ୍.ଏ.)

ନିମାପଡ଼ା ଥାନା ପୋଲିସ ଚଢାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ରେଞ୍ଚ ଶାସନ ଗ୍ରାମର ବସନ୍ତ କୁମାର ଜେନା(୪୦)। ତାଙ୍କ ପାଖରୁ ୫୮ ଗ୍ରାମ ଚୋରା ବ୍ରାଉନସୁଗାର, ୧ ହଜାର ଟଙ୍କା ଏବଂ ଏକ ମୋବାଇଲ ଫୋନ ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୫ ଲକ୍ଷ ୮୦ ହଜାର ଟଙ୍କା ହେବ। ଏନେଇ ପୋଲିସ ଦଫା ୨୧ (ବି) ଏନ୍‌ଡିପିସି ଆକ୍ଟରେ ଏକ ମାମଲା (ନଂ. ୩୫୦/୨୨) ରୁଜୁ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଦେବାଶିଷ୍ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ପୋଲିସ ବିଶେଷସୂତ୍ରରୁ ଖବରପାଇ ବସନ୍ତଙ୍କ ଘରେ ଚଢାଉ କରି ତାଙ୍କୁ ଧରିବାରେ ସଫଳ ହୋଇଥିଲା। ସବ୍‌ଇନ୍ସପେକ୍ଟର ତଅପୋଇ ନାୟକ ଏହି ମାମଲାର ତଦନ୍ତ ଚଳାଇଛନ୍ତି। ଆଇଆଇସି ଦଳେଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଚଢାଉରେ ସାମିଲ ହୋଇଥିଲେ।


ଗର୍ଭଣା ସଂକ୍ରାନ୍ତି ଅବସରରେ ସୋମବାର ନାଗଦେବତାଙ୍କୁ ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରାରେ ପୁରୀ ସହର ପରିକ୍ରମା କରାଯାଉଛି।

## ସେବା ହିଁ ମନୁଷ୍ୟ ଜୀବନର ଶ୍ରେଷ୍ଠ ଧର୍ମ

ପୁରୀ ଅଫିସ, ୧୭।୧୦

ବୈରୀପୁରସ୍ଥିତ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ୭ଦିନିଆ ଜାତୀୟ ସେବା ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସୁରତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଡା. ପ୍ରଭାତ ରଞ୍ଜନ ମହାପାତ୍ର ଯୋଗଦେଇ ସେବା ହିଁ ମନୁଷ୍ୟ ଜୀବନର ଶ୍ରେଷ୍ଠ ଧର୍ମ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଯୋଗଦେଇ ଗୋପବନ୍ଧୁ ଦାସ ଓ ସ୍ୱାମୀ ବିବେକାନନ୍ଦଙ୍କ ଭଳି ଛାତ୍ରୀଛାତ୍ରମାନେ ଦେଶସେବାରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ଜିତେନ୍ଦ୍ର ନାରାୟଣ ମିଶ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ବିରାଟ କିଶୋର ନାୟକ, ପ୍ରୋଗ୍ରାମ ଅଫିସର୍ ଅର୍ଜୁନ ସାହୁ, ବାସନ୍ତୀ ଦାଶ, ଗ୍ରନ୍ଥାଗାରିକ କୃଷ୍ଣଚନ୍ଦ୍ର ପ୍ରଧାନ, ମୁଖ୍ୟ କିରାଣି ଦୁର୍ଯ୍ୟୋଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ତାରା ପଣ୍ଡା ଓ ପ୍ରଜ୍ଞା ପ୍ରିୟଦର୍ଶିନୀ ନିଜ ଅନୁଭୂତି ପ୍ରକାଶ କରିଥିଲେ। ପୁରାତନ ଛାତ୍ର ପପୁ ରାଉତ ସେବାକାର୍ଯ୍ୟ ବିଜ୍ଞାପନ ସର୍ବସ୍ୱ ହେବା ଉଚିତ ନୁହେଁ ବୋଲି ମତ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଶୁଭ୍ରଜିତ ନାୟକ ଧନ୍ୟବାଦ ଦେଇଥିଲେ।

## ରାସ୍ତା ମରାମତି ନ ହେଲେ ଆନ୍ଦୋଳନ

### ଜିଲାପାଳଙ୍କୁ ଦାବିପତ୍ର ଦେଲା ବ୍ୟବସାୟୀ ସଂଘ

ପୁରୀ ଅଫିସ, ୧୭।୧୦

ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରୁ ରତ୍ନଚିରା ସେତୁପର୍ଯ୍ୟନ୍ତ ରାସ୍ତାର ମରାମତି ଓ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା କରାଯିବାକୁ ସାକ୍ଷୀଗୋପାଳ ବଡ଼ ବଜାର ବ୍ୟବସାୟୀ ସଂଘ ଦାବି କରିଛି। ଏ ନେଇ ସୋମବାର ସଂଘ ପକ୍ଷରୁ ଜିଲାପାଳ ସମର୍ଥ ବର୍ମାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରୁ ରତ୍ନଚିରା ସେତୁ ପର୍ଯ୍ୟନ୍ତ ବର୍ଷ ବର୍ଷ ଧରି ରାସ୍ତାକାମ ହୋଇପାରିନାହିଁ। ଡ୍ରେନ୍ ବ୍ୟବସ୍ଥା ନାହିଁ। ଏହି ରାସ୍ତା ଦେଇ ପ୍ରତ୍ୟହ ତୀର୍ଥଯାତ୍ରୀ ଗାଡ଼ି ଚଳାଚଳ କରୁଛି। ମାତ୍ର ରାସ୍ତାରେ ଖାଲଖମା ହୋଇଥିବାରୁ ବର୍ଷାଜଳ ଜମି ରହି ଯାତାୟତରେ ସମସ୍ୟା ଉପୁଜୁଛି। ଆସନ୍ତା ମାସ ୨ତାରିଖରେ ରାଧାପାଦ ଦର୍ଶନ ପଡୁଥିବାରୁ ବହୁ ଭକ୍ତଙ୍କ ସମାଗମ ହେବ। ଭକ୍ତମାନେ ହଇରାଣ ହେବେ। ତେଣୁ ତୁରନ୍ତ ସାକ୍ଷୀଗୋପାଳ ବସଷ୍ଟାଣ୍ଡଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ କଂକ୍ରିଟ୍ କରାଯିବା ସହ ଡ୍ରେନ୍ ନିର୍ମାଣ କରାଯାଉ। ନଚେତ ଆନ୍ଦୋଳନ କରାଯିବ ବୋଲି ସଂଘର ସଭାପତି ବୀରେନ୍ଦ୍ର ଭୂଷଣ ହୋତା କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ହୋତାଙ୍କ ସହ ଉପସଭାପତି ଶଙ୍କର ପ୍ରଧାନ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ଏବଂ ସହସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଫସଲ ଉତ୍ପାଦନ ବୃଦ୍ଧି ସହ ସଂରକ୍ଷଣ ଆହ୍ୱାନ

କଣାସ,୧୭।୧୦(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଗଡସାହି ପଞ୍ଚାୟତର ବେଣାଗାଁ ଗ୍ରାମରେ ପ୍ରତିଷ୍ଠିତ ବେଣାଗାଁ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ରବିବାର ନାବାର୍ଡ ସହାୟତାରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦୁର୍ଗପତି ପୋଲିସ ଓଡ଼ିଶା ବିଷ୍ଣୁପଦ ଦାସ ଯୋଗଦେଇ ବିଶ୍ୱ ଖାଦ୍ୟ ଦିବସ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଆଗକୁ ଦେଖାଦେବାକୁ ଥିବା ଖାଦ୍ୟ ସଙ୍କଟ ଯୋଗୁ ଆମକୁ ଫସଲ ଉତ୍ପାଦନ ବୃଦ୍ଧି କରି ତାକୁ ସଂରକ୍ଷଣ କରିବାକୁ କହିଥିଲେ। ଆଲୋଚନାଚକ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ, ଅଙ୍ଗନୱାଡି, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଗ୍ରାମ୍ୟ କୃଷି ବିକାଶ ପରିଷଦ, ପୁରୀ ସାଧାରଣ ସମ୍ପାଦକ ପ୍ରତାପ କୁମାର ପହାନ୍ତସିଂ, ଅତିଥିମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। ଅତିଥିଭାବେ ଗଡସାହି ସରପଞ୍ଚ ବିଭୂତି ଭୂଷଣ ବେବର୍ତ୍ତା, ସମିତିସଭ୍ୟ ବଦ୍ରିନାଥ ମହାରଥା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ବେହେରା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନଗେନ୍ଦ୍ର ସୁନ୍ଦରାୟ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ଦଳସିଂ, ଶିକ୍ଷାବିତ୍ ପରିକ୍ଷିତ ଜେନା, ମୃତ୍ୟୁଞ୍ଜୟ ବଡଜେନା, ମତ୍ସ୍ୟ ତାଲିମଦାତା ନରେଶ ସ୍ୱାଇଁ, ଅଳକା ଦାସ, ଖାଦ୍ୟ ପ୍ରକ୍ରିୟାକରଣ ତାଲିମଦାତା ସଂଯୁକ୍ତା ପହାନ୍ତସିଂ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ନାୟକ ଧନ୍ୟବାଦ ଦେଇଥିଲେ।

## ୪ରେ ଭକ୍ତ ଦାସିଆଙ୍କ ଜୟନ୍ତୀ ଉତ୍ସବ

ପିପିଲି,୧୭।୧୦(ଡି.ଏନ୍.ଏ./ସ୍ୱ.ପ୍ର.)

ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ ଉତ୍ସବ ନଭେମ୍ବର ୪ତାରିଖରେ ଭକ୍ତଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲାର ପିପିଲି ନିକଟସ୍ଥ ବାଲିଗାଁରେ ପାଳିତ ହେବା ନିମନ୍ତେ ଭକ୍ତ ଦାସିଆ ସ୍ମୃତି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଅଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ସୋୟା ବିଶ୍ୱବିଦ୍ୟାଳୟର କୁଳପତି ଡା. ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ପୀଠର ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ଗତ ଆର୍ଥିକ ବର୍ଷର ଆୟବ୍ୟୟକୁ ଅନୁଷ୍ଠାନର ସମୀକ୍ଷକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସତ୍ୟରଞ୍ଜନ ମିଶ୍ରଙ୍କ ଦ୍ୱାରା ଉପସ୍ଥାପନ ହୋଇଥିଲା। ଜୟନ୍ତୀ ଉତ୍ସବରେ ନବନିର୍ମିତ ଭକ୍ତନିବାସ ଗୃହର ଉନ୍ମୋଚନ ନିମନ୍ତେ ଆବଶ୍ୟକ ବାକି କାର୍ଯ୍ୟକୁ ଶୀଘ୍ର ସାରିବା ନିମନ୍ତେ ଧାର୍ମିକ ବ୍ୟକ୍ତି ବିଶେଷଙ୍କ ସହଯୋଗରେ ପୂର୍ଣ୍ଣାଙ୍ଗ କରାଯିବାକୁ ସ୍ଥିର କରାଯାଇଥିଲା। ଭକ୍ତଙ୍କ ଜୟନ୍ତୀ ଉତ୍ସବ ନିମନ୍ତେ ବିଭିନ୍ନ କାର୍ଯ୍ୟଧାରା ସ୍ଥିର କରାଯାଇ ପ୍ରତ୍ୟେକ ସଦସ୍ୟ ଏଥିନିମନ୍ତେ ନିଜ ନିଜର ସ୍ୱଚ୍ଛଳତା ଅନୁଯାୟୀ ସହଯୋଗ କରିବାକୁ ସଭାପତି ଅନୁରୋଧ କରିଥିଲେ। ଆଲୋଚନାରେ ସୋୟା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡା.ରାଜେନ୍ଦ୍ର ପ୍ରସାଦ ମହାନ୍ତି, ପାରାଦ୍ୱୀପ ବନ୍ଦରର ପୂର୍ବତନ ସଚୀବ ପ୍ରଭାତ ନନ୍ଦ, ଷ୍ଟେଟବ୍ୟାଙ୍କ–ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟର ପୂର୍ବତନ ଏଜିଏମ୍ ଲକ୍ଷ୍ମୀନାରାୟଣ ଦାଶ, ସାମାଜିକ କର୍ମୀ ଜୟପ୍ରକାଶ ମିଶ୍ର, ରୋଟାରୀୟାନ୍ ରୋହିତ କର, ସଦସ୍ୟ ସତ୍ୟବାଦୀ ଦାଶ, ପ୍ରେମଲତା ଦେବୀ, ଦୀପ୍ତିରଞ୍ଜନ ମହାନ୍ତି, ଶ୍ରଦ୍ଧାଞ୍ଜଳି ଦାସ, ମନୋରଞ୍ଜନ ମହାନ୍ତି, ବିଷ୍ଣୁଚରଣ ଜେନା, ଡା. ମନୋରଞ୍ଜନ ପଟ୍ଟନାୟକ, କାମେଶ୍ୱର ରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଟ୍ରଷ୍ଟି ଅର୍ଜୁନ ଚରଣ ସାମଲ ଧନ୍ୟବାଦ ଦେଇଥିଲେ।



ବୈଠକରେ ଭକ୍ତ ଦାସିଆ ସ୍ମୃତି କମିଟିର କର୍ମକର୍ତ୍ତାମାନେ।

## ବାଳିକା, ବାଳକ ବିଭାଗରେ ପୁରୀ ଚାମ୍ପିୟନ୍

- ବେଣୁଧର, ପୂର୍ଣ୍ଣିମା ଶ୍ରେଷ୍ଠ ଗୋଲ୍‌କିପର
- ପିଲାଙ୍କ ପାଇଁ କ୍ରୀଡ଼ା ଗୁରୁତ୍ୱପୂର୍ଣ୍ଣ: ଗଣଶିକ୍ଷା ମନ୍ତ୍ରୀ

ପୁରୀ ଅଫିସ,୧୭।୧୦


ଅତିଥିଙ୍କ ଗହଣରେ ଚାମ୍ପିୟନ୍ ହୋଇଥିବା ପୁରୀ ପୌରସଂସ୍ଥା ଦଳର ଖେଳାଳି।

ପୁରୀ ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଫୁଟବଲ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ୫ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ଉଭୟ ବାଳକ ଓ ବାଳିକା ବିଭାଗରେ ୧୮ଟି ଟିମ୍‌ର ୨୭୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେହିଭଳି କ୍ରୀଡ଼ା ପରିଚାଳନା ଦାୟିତ୍ୱରେ ୩୫ ଜଣ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ଓ ଶୃଙ୍ଖଳିତ ଜୀବନଚର୍ଯ୍ୟା ପାଇଁ କ୍ରୀଡ଼ାର ଯଥେଷ୍ଟ ଭୂମିକା ରହିଛି। ଏଣୁ କ୍ରୀଡ଼ା ଭିତ୍ତିଭୂମି ଓ ଖେଳାଳିଙ୍କ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ସର୍ବଦା ଚେଷ୍ଟା କରିଆସୁଛନ୍ତି। ତୃଣମୂଳ ସ୍ତରରୁ ସୁଦକ୍ଷ ଖେଳାଳିଙ୍କୁ ଚୟନ କରିବା ପାଇଁ ବିଦ୍ୟାଳୟସ୍ତରେ ଏଭଳି ପ୍ରତିଯୋଗିତା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି।

ବାଳକ ବିଭାଗରେ ପୁରୀ ପୌରସଂସ୍ଥା ଦଳ ଚାମ୍ପିୟନ୍ ଓ ଗୋପ ବ୍ଲକ ରନର୍ସଅପ୍ ହୋଇଛି। ସେହିଭଳି ବାଳିକା ବିଭାଗରେ ପୁରୀ ପୌରସଂସ୍ଥା ଦଳ ଚାମ୍ପିୟନ୍ ଓ ନିମାପଡ଼ା ବ୍ଲକ ରନର୍ସ ଅପ୍ ହୋଇଛି। ଶ୍ରେଷ୍ଠ ଗୋଲକିପର ଭାବେ ବେଣୁଧର ମାଝି ଓ ବାଳିକା ବିଭାଗରେ ପୂର୍ଣ୍ଣିମା ନାୟକଙ୍କୁ ଚୟନ କରାଯାଇ ସମ୍ମାନିତ କରାଯାଇଛି। ଶ୍ରେଷ୍ଠ ଖେଳାଳି ଭାବେ ଆୟୁଷା ପ୍ରିୟଦର୍ଶିନୀ ଓ ଶ୍ରେଷ୍ଠ ଡିଫେନସର୍ ଭାବେ ଗୋପୀନାଥ ଟୁଡୁ ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ବିଦ୍ୟାଳୟଗୁଡ଼ିକୁ ଫୁଟବଲ୍ ବଣ୍ଟନ କରାଯାଇଥିଲା। ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଫୁଟବଲ୍ ବଣ୍ଟନ କରିଥିଲେ। କ୍ରୀଡ଼ାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଉଦ୍ୟମ ଆରମ୍ଭ ହୋଇଛି। ୪୩ହଜାର ଫୁଟବଲ୍ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଯୋଗାଇ ଦିଆଯାଉଛି। ସୋମବାର ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ୧୪୪୦ ଫୁଟବଲ୍ ବଣ୍ଟନ ହୋଇଛି। ଏଥିସହ ପ୍ରତ୍ୟେକ ବ୍ଲକର କ୍ରୀଡ଼ା ସମ୍ପାଦକଙ୍କୁ ସାର୍ଟିଫିକେଟ୍, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମର୍ଥା, ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ମହାନ୍ତି ଏବଂ ଜିଲାର ଅନ୍ୟ ଶିକ୍ଷାଧିକାରୀ ତଥା ଶିକ୍ଷକମାନେ ଯୋଗଦେଇଥିଲେ। ଶ୍ରେଷ୍ଠ ଗୋଲ୍‌କିପର ବେଣୁଧର ମାଝି କହିଛନ୍ତି, କରୋନା ପରେ ଜିଲାସ୍ତରୀୟ କ୍ରୀଡ଼ାରେ ଏହା ଏକ ବଡ଼ ସୁଯୋଗ ଥିଲା। ଆମେମାନେ କ୍ରୀଡ଼ା ପ୍ରଦର୍ଶନର ଏକ ସୁଯୋଗ ପାଇଲୁ। ରାଜ୍ୟ ସରକାରଙ୍କ ଏଭଳି ଉଦ୍ୟମ ନିହାତି ପକ୍ଷେ ପ୍ରଶଂସନୀୟ।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### କମେଣ୍ଟମରାକୁ ବିରୋଧ କରିବାରୁ ଖଣ୍ଡାରେ ଆକ୍ରମଣ

ବାଲକାଟୀ,୧୭।୧୦(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ବାଲକାଟୀରେ ସୋମବାର ଜଣେ ଯୁବକ ରାସ୍ତା ମଝିରେ ଆକ୍ରମଣର ଶିକାର ହୋଇ ଆହତ ହୋଇଛନ୍ତି। ସେ ହେଲେ ବାଲକାଟୀ ଫାଣ୍ଡି ଅନ୍ତର୍ଗତ ସାତକାଣିଆ ଗ୍ରାମର ସଞ୍ଜୟ ଦାଶ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲକାଟୀ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏନେଇ ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ନାୟକ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ସନ୍ଧ୍ୟାରାଣୀ ଶନିବାର ମଧ୍ୟାହ୍ନ ୧୨ଟା ସମୟରେ ବାଲକାଟୀ କଲେଜକୁ ଯାଉଥିଲେ। ଏକ ପାନ ଦୋକାନରେ ବସିଥିବା କେତେକ ଯୁବକ ତାଙ୍କୁ କମେଣ୍ଟ ମାରିଥିଲେ। ଏହି ଘଟଣାକୁ ନେଇ ସଞ୍ଜୟ ଓ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସଞ୍ଜୟ ସୋମବାର ସାଙ୍ଗଙ୍କ ସହ ବାଇକ୍‌ରେ ବଜାରକୁ ଯାଉଥିଲା ବେଳେ ଅଭିଯୁକ୍ତ ୨ ଯୁବକ ସଞ୍ଜୟଙ୍କୁ ଖଣ୍ଡା ଚୋଟ ପକାଇବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ଏକ ଅଟୋ ସେମାନଙ୍କ ମଝିରେ ପଶିଯିବାରୁ ସେ ରକ୍ଷା ପାଇଥିଲେ। ଲୋକ ରୁଣ୍ଡ ହେବାରୁ ସେମାନେ ସେଠାରୁ ପଳାଇଥିଲେ।

### ରମାଦେବୀ ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗର ପୁରାତନ ଛାତ୍ରୀ ସମ୍ମିଳନୀ

ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡି ଚରଣ ରଥଙ୍କ ଅଧ୍ୟକ୍ଷତାରେ ହିନ୍ଦୀ ବିଭାଗର ପୁରାତନ ଛାତ୍ରୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହିନ୍ଦୀ ବିଭାଗର ବରିଷ୍ଠ ବିଦ୍ୱାନ ଡ. ସୁଧାଂଶୁ କୁମାର ନାୟକ ଯୋଗଦେଇ ଉଦବୋଧନ ଦେଇ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ହିନ୍ଦୀ ବିଭାଗର ସ୍ନାତକ ଓ ସ୍ନାତକୋତ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭାଗ ମୁଖ୍ୟ ଡ. ସୁଶାନ୍ତ କୁମାର ବିଶ୍ୱାଳ, ରମାଦେବୀ ବିଶ୍ୱବିଦ୍ୟାଳୟ ଡ. କୁନା ପଣ୍ଡା ଓ ଡ. ବିମଳା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସମ୍ମିଳନୀରେ ହିନ୍ଦୀ ବିଭାଗର ମୁଖ୍ୟ ଡ. ସ୍ନେହଲତା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିଥି ଅଧ୍ୟାପିକା ବିଷ୍ଣୁପ୍ରିୟା ଭୁକ୍ତା ମଞ୍ଚ ପରିଚାଳନା କରିଥିଲେ। ରଶ୍ମିରେଖା ବେହେରା ଧନ୍ୟବାଦ ଦେଇଥିଲେ।

### ଧଉଳିରେ ପଥପ୍ରାନ୍ତ ଯାତ୍ରୀ ବିଶ୍ରାମାଗାର କରାଯାଉ

ପୁରୁଣା ଭୁବନେଶ୍ୱର,୧୭।୧୦(ଡି.ଏନ୍.ଏ.): ଶାନ୍ତିସ୍ତୂପ ଧଉଳି ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର। ପ୍ରତ୍ୟେକ ଦିନ ଏଠାକୁ ରାଜ୍ୟ ସମେତ ଦେଶ ବିଦେଶରୁ ପର୍ଯ୍ୟଟକ ଆସିଥାନ୍ତି। ରାଜ୍ୟ ସରକାର ବିଭିନ୍ନ ତୀର୍ଥକ୍ଷେତ୍ର ଓ ଐତିହ୍ୟ ସ୍ମାରକୀର ପୁନରୁଦ୍ଧାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏହି କ୍ଷେତ୍ରଟି ଅବହେଳିତ ହୋଇ ରହିଛି। ଏଠାରେ ଏକ ରୋପ୍‌ୱେ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏଯାଏ ତାହା ପୂରଣ ହୋଇନାହିଁ। ଶୌଚାଳୟ କିମ୍ବା ବିଶ୍ରାମାଗାର ସୁବିଧା ନାହିଁ। ସରକାରଙ୍କ ପକ୍ଷରୁ ଏକ ରୋପ୍ ୱେ, ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ଏକାମ୍ର ଜନଜାଗରଣ ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ବୃନ୍ଦାବନ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ବସ୍ତିବାସିନ୍ଦାଙ୍କୁ ମିଳିବ ଜମି ଅଧିକାର ପ୍ରମାଣପତ୍ର

- ବିଏମ୍‌ସି-ସୂତ୍ର କନସଲ୍‌ଟାନ୍ସି ମଧ୍ୟରେ ଚୁକ୍ତି
- ୨ ବର୍ଷ ମଧ୍ୟରେ ହିତାଧିକାରୀ ଚିହ୍ନଟ କରିବ ସଂସ୍ଥା

ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ)

ଜାଗା ମିଶନ୍ ଜରିଆରେ ବସ୍ତିବାସିନ୍ଦାଙ୍କୁ ପକ୍କା ଘର ଯୋଗାଇଦେବା ସହ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରଦାନ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଜାଗା ମିଶନ୍‌ରେ ବସ୍ତିଗୁଡ଼ିକୁ ବିଜୁ ଆଦର୍ଶ କଲୋନୀରେ ରୂପାନ୍ତରିତ କରାଯାଉଛି। ତେବେ ବସ୍ତି ବାସିନ୍ଦାଙ୍କୁ ଜମି ଅଧିକାର ପ୍ରମାଣପତ୍ର ଦେବା ପାଇଁ ଏବେ ବିଏମ୍‌ସି ତତ୍ପରତା ପ୍ରକାଶ କରିଛି। ମହାନଗର ନିଗମ ଅଞ୍ଚଳରେ ଥିବା ୪୩୬ଟି ବସ୍ତିରେ ସର୍ଭେ କରି ଉପଯୁକ୍ତ ବସ୍ତିବାସିନ୍ଦାଙ୍କୁ ଚିହ୍ନଟ କରିବା ପାଇଁ ବିଏମ୍‌ସି ସୋମବାର ଘରୋଇ ସଂସ୍ଥା 'ସୂତ୍ର କନସଲ୍‌ଟାନ୍ସି ପ୍ରାଇଭେଟ ଲିମିଟେଡ୍' ସହିତ ଚୁକ୍ତି କରିଛି। ୨ବର୍ଷ ମଧ୍ୟରେ ଏହି ବସ୍ତିଗୁଡ଼ିକରେ ସଂସ୍ଥା ସର୍ଭେ କରିବା ପରେ ସେମାନଙ୍କୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯିବ। ଏନେଇ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ



ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସହ ସୂତ୍ର କନସଲ୍‌ଟାନ୍ସି ପ୍ରାଇଭେଟ ଲିମିଟେଡର ନିର୍ବାହୀ ନିର୍ଦ୍ଦେଶିକା ସୁନୀତା ଦାଶ ଚୁକ୍ତି ସ୍ୱାକ୍ଷର କରୁଛନ୍ତି।

ସଂସ୍ଥାର ନିର୍ବାହୀ ନିର୍ଦ୍ଦେଶିକା ସୁନୀତା ଦାଶଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି।

୨୦୧୭ ପୂର୍ବରୁ ଯେଉଁମାନେ ବସ୍ତିରେ ରହୁଥିବେ ସେମାନଙ୍କୁ ଏହି ଅଧିକାର ମିଳିବ। ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ରାସନ କାର୍ଡ ଆଧାରରେ ବସ୍ତିବାସିନ୍ଦାମାନେ ସେଠାରେ ୨୦୧୭ ପୂର୍ବରୁ ରହୁଛନ୍ତି କି ନାହିଁ ତାହା ସ୍ପଷ୍ଟ ହେବ। ତେବେ ସର୍ଭେ କାର୍ଯ୍ୟକ୍ରମ ଯେପରି ସୂଚାରୁରୂପେ ସମ୍ପାଦନ ହୋଇପାରିବ ସେ ନେଇ ପୂର୍ବରୁ କର୍ମଚାରୀ ଓ କର୍ପୋରେଟରଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେମାନେ ଏହି ସଂସ୍ଥାକୁ ସର୍ଭେରେ ସହାୟତା କରିବେ। ଏଥିରେ ବିଏମ୍‌ସି ୪୩୬ ବସ୍ତିରେ ରହୁଥିବା ପ୍ରାୟ ୧ଲକ୍ଷ ପରିବାରଙ୍କୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିବାକୁ ଯୋଜନା କରିଛି। ଠିକା ସଂସ୍ଥା ବସ୍ତିବାସିନ୍ଦାଙ୍କ ଏକ ଡାଟାବେସ୍ ପ୍ରସ୍ତୁତ କରିବ। ଏଥିରେ ସମସ୍ତ ତଥ୍ୟ ରହିବ। ବାୟୋମେଟ୍ରିକ ତଥ୍ୟ ସହ ଜିପିଏସ, ଫଟୋ ଅପ୍‌ଲୋଡ଼ କରାଯିବ। ଏଥିସହ ପ୍ରତ୍ୟେକ ଘରକୁ ସ୍ୱତନ୍ତ୍ର ନମ୍ବର ପ୍ରଦାନ କରାଯିବ। ନମ୍ବର ଆଧାରରେ ଘରର ତଥ୍ୟ ଖୋଜିଲେ ଯେଭଳି ନିମିଷକେ ମିଳିଯାଉଥିବ ସେଭଳି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚୁକ୍ତିନାମା ସ୍ୱାକ୍ଷର ସମୟରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କ ସହ ଡେପୁଟି କମିସନର ରମେଶ ଚନ୍ଦ୍ର ଜେନା ଉପସ୍ଥିତ ଥିଲେ।

# ରାସ୍ତାରେ ଜଳିଗଲା ମାର୍ବଲ ବୋଝେଇ ଟ୍ରକ୍




ଭୁବନେଶ୍ୱର,୧୭।୧୦ (ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣି ନିକଟ ରସୁଲଗଡ଼ ଓଭରବ୍ରିଜ୍ ଉପରେ ମାର୍ବଲ ବୋଝେଇ ଏକ ଆଇଚର ଟ୍ରକ୍ ଜଳିଯାଇଛି। ଉକ୍ତ ଗାଡ଼ିଟି ହଂସପାଳରୁ ବରମୁଣ୍ଡା ଯାଉଥିବାବେଳେ ରାତି ୮ଟା ସମୟରେ ଏହି ଘଟଣା ଘଟିଥିଲା। ଓଭରବ୍ରିଜ ଉପରେ ହଠାତ୍ ଗାଡ଼ିରୁ ଧୂଆଁ ବାହାରିବା ପରେ ହଠାତ୍ ନିଆଁ ଲାଗି ଯାଇଥିଲା। ଏହା ଜାଣିବା ପରେ ଡ୍ରାଇଭର ଗାଡ଼ିକୁ ବ୍ରେକ୍ କରି ବାହାରି ଆସିଥିଲେ। ଟ୍ରକ୍‌ଟି ହୁତୁହୁତୁ ହୋଇ ଜଳୁଥିବା ଦେଖି ଲୋକେ ସେଠାକୁ ଦୌଡ଼ିଥିଲେ। ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗାଡ଼ିର ଆଗ ଭାଗ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଶର୍ଟ ସର୍କିଟ ଯୋଗୁଁ ଏଭଳି ଘଟିଥିବା କୁହାଯାଉଛି। ଏଥିପାଇଁ ଜାତୀୟ ରାଜପଥର ଉକ୍ତ ପାର୍ଶ୍ୱରେ କିଛି ସମୟ ଟ୍ରାଫିକ ଜାମ ହୋଇଥିଲା।




ଉଠାଦୋକାନୀଙ୍କୁ ସ୍ଥାୟୀ ଦୋକାନ ଗୃହ ପ୍ରଦାନ ଦାବିରେ ଏଆଇଟିୟୁସି ଓ ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ବିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ବିଏମ୍‌ସି ଅଫିସ ଘେରିଲେ ଉଠାଦୋକାନୀ

ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଠେଲାଗାଡ଼ି ହଟାଇବା ନିଷ୍ପତ୍ତିର ପ୍ରତିବାଦ କରି ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ବିଏମ୍‌ସି ଅଫିସ ଘେରାଉ କରାଯାଇଥିଲା। ଏଆଇଟିୟୁସି ସହ ଅନୁବନ୍ଧିତ ବ୍ୟବସାୟୀ ସଂଘ ସଭାପତି ସୁର ଜେନାଙ୍କ ନେତୃତ୍ୱରେ ଉଠାଦୋକାନୀମାନେ ରାସ୍ତାକୁ ଓହ୍ଲାଇବା ସହ ବିଏମ୍‌ସି କମିଶନରଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଉଠାଦୋକାନୀଙ୍କ ଏକ ଶୋଭାଯାତ୍ରା ଅଶୋକନଗରସ୍ଥିତ ଭଗବତୀ ଭବନରୁ ବାହାରି ରାଜମହଲ ଛକ ଓ କଳ୍ପନା ଛକ ଦେଇ ବିଏମ୍‌ସି ଅଫିସ ପାଖରେ ପହଞ୍ଚିଥିଲା। ଉଠାଦୋକାନୀଙ୍କ ସମସ୍ୟା ବିଷୟରେ

### ସ୍ୱଚ୍ଛତା ନିୟମ ମାନିଲେ ଭାଙ୍ଗିବନି ଠେଲା, ପ୍ରତିଶ୍ରୁତି ଦେଲେ କମିଶନର

ଆଲୋଚନା କରିବାକୁ କମିଶନର ବିଜୟ ଅମୃତା କୁଲାଙ୍ଗେ ସଂଘର ପ୍ରତିନିଧିଙ୍କୁ ଡାକିଥିଲେ। ପ୍ରତିନିଧି ଦଳ କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ସହ ସେମାନଙ୍କ ଥଇଥାନ ସମ୍ପର୍କରେ କେତେକ ପ୍ରସ୍ତାବ ରଖିଥିଲେ। ଅପରପକ୍ଷେ ଠେଲା ଦୋକାନ ପାଖ ସଫାସୁତୁରା ରଖିବା ଏବଂ ସ୍ୱଚ୍ଛତା ନିୟମ ପାଳନ କରି ବ୍ୟବସାୟ କଲେ ଠେଲା ଭଙ୍ଗାଯିବ ନାହିଁ ବୋଲି କମିଶନର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା। ଏହି ଆନ୍ଦୋଳନରେ ନୀଳମଣି ସାହୁ, ଭରତ ସାହୁ, ବିକ୍ରମ ସ୍ୱାଇଁ, ଦେବ ସାହୁ, ବଟକୃଷ୍ଣ ସାହୁ ପ୍ରମୁଖ ସାମିଲ ଥିଲେ।

# 'ଚନ୍ଦ୍ରଶେଖର ରଥଙ୍କ କବିତା, ସଂସ୍କୃତ ରଚନା ଉପରେ ଅଧିକ ଗବେଷଣା ହେଉ'

ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡି ଚରଣ ରଥଙ୍କ ତତ୍ତ୍ୱାବଧାନରେ 'ମନୀଷୀ ଚନ୍ଦ୍ରଶେଖର ରଥଙ୍କ ଜୀବନ ଓ ସାହିତ୍ୟ' ସମ୍ପର୍କିତ ଏକ ଜାତୀୟ ସମ୍ମାନ ସୋମବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଆଲୋଚକ ପ୍ରଫେସର ନଟବର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାରସ୍ୱତ ସାଧକ ଚନ୍ଦ୍ରଶେଖର ରଥଙ୍କ ସାମଗ୍ରିକ ସୃଷ୍ଟି ଓ ସାଧନା ସମ୍ପର୍କିତ ବହୁ ବିଶ୍ଳେଷଣାତ୍ମକ ତଥ୍ୟ ପ୍ରଦାନ କରିଥିଲେ। ଚନ୍ଦ୍ରଶେଖର ରଥ ଫାଉଣ୍ଡେଶନର ଆବାହକ ପ୍ରାବନ୍ଧିକ ଶଶିଭୂଷଣ ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅବଗତ କରିବା ସହ ତାଙ୍କ ସମ୍ପର୍କରେ ଅନ୍ତରଙ୍ଗ ସ୍ମୃତିଚାରଣ କରିଥିଲେ। ଚନ୍ଦ୍ରଶେଖରଙ୍କ କବିତା ଓ ସଂସ୍କୃତ ରଚନା ବିଷୟରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମ୍ମାନ ସଭାପତି ପ୍ରଫେସର ସଂଘମିତ୍ରା ମିଶ୍ର ଚନ୍ଦ୍ରଶେଖରଙ୍କ ପ୍ରବନ୍ଧ ସାହିତ୍ୟ ସମ୍ପର୍କିତ ବ୍ୟାପକ ଆଲୋଚନା କରିଥିଲେ। ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଚାରୁବାଳା ରଥ, ଡ.ଅସୀତ ମହାନ୍ତି, ଡା. ରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଅଧିବେଶନରେ ଓଡ଼ିଆ ବିଭାଗର ଅତିଥି ଅଧ୍ୟାପିକା ଡ. ସୋନାଲୀ ସାହୁ ୧୨ଟି ସନ୍ଦର୍ଭ ପାଠର ପରିଚାଳନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟା ଡ. ସଂଘମିତ୍ରା ଭଞ୍ଜ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।

### ୨୦ରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ): ଚଳିତ ବର୍ଷ ଗୁରୁଦିବସରେ ଆଦର୍ଶ ଶିକ୍ଷକ ଭାବେ ପୁରୀ ଜିଲା ନିମାପଡ଼ା ବାଙ୍ଗୁରକ୍ଷପାଟଣାର ଈଶ୍ୱର ଚନ୍ଦ୍ର ନାୟକଙ୍କୁ 'ରାଷ୍ଟ୍ରୀୟ ପୁରସ୍କାର' ପ୍ରଦାନ କରାଯାଇଛି। ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇ ସେ ନିଜ ଅଞ୍ଚଳ ତଥା ରାଜ୍ୟବାସୀଙ୍କ ପାଇଁ ଗୌରବ ଆଣିଛନ୍ତି। ଏହି ପରିପ୍ରେକ୍ଷୀରେ ନିଖିଳ ଉତ୍କଳ ଶାକାହାରି ରଂଗଣୀ ସମାଜ ପକ୍ଷରୁ ଆସନ୍ତା ୨୦ ତାରିଖରେ ସୂଚନା ଭବନଠାରେ ଈଶ୍ୱରଙ୍କୁ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି, ବିଧାୟକ ଅନନ୍ତ ନାରାୟଣ ଜେନା ଓ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର (ଡ.) ସବିତା ଆଚାର୍ଯ୍ୟ, କୁଳପତି ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ସଭାପତି କିଶୋର ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହରିହର ସାହୁ ପ୍ରମୁଖ ସୂଚନା ଦେଇଛନ୍ତି।

# ହୃତ୍‌ପିଣ୍ଡ-ଫୁସ୍‌ଫୁସ୍ ସଂଯୋଗୀ ନଳୀରୁ କଢ଼ାଗଲା ଜମାଟ ରକ୍ତ

କଟକ ଅଫିସ,୧୭।୧୦:

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲରେ ଏକ ଜଟିଳ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ଜଣେ ରୋଗୀ ଆକ୍ୟୁଟ ପଲମୋନାରୀ ଥ୍ରମ୍ବୋଏମ୍ବୋଲିଜମ୍ ରୋଗରେ ଆକ୍ରାନ୍ତ ହୋଇ କାର୍ଡିଓ ଥେରାସିସ୍ ଆଣ୍ଡ ଭସ୍କୁଲାର ସର୍ଜରୀ (ସିଟିଭିଏସ୍) ବିଭାଗରେ ଭର୍ତ୍ତି ହୋଇଥିଲେ। ରୋଗୀଙ୍କ ହୃତ୍‌ପିଣ୍ଡରୁ ଫୁସ୍‌ଫୁସ୍‌କୁ ସଂଯୋଗ କରିଥିବା ଦୁଇଟି ରକ୍ତନଳୀରେ ରକ୍ତଜମାଟ ହୋଇଥିଲା। ଦୁଇଟି ରକ୍ତନଳୀରେ ଜମାଟ ବାନ୍ଧିଥିବା ରକ୍ତକୁ କାଢ଼ିବା ପାଇଁ ଡାକ୍ତରୀଦଳକୁ ପ୍ରାୟ ୭ଘଣ୍ଟା ଲାଗିଥିଲା। ରକ୍ତନଳୀରୁ ଜମାଟ ରକ୍ତ କଢାଯିବା ପରେ ରୋଗୀ ଜଣଙ୍କୁ ଏବେ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ରୋଗୀଙ୍କୁ ଏହି ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯାଉଛି।

ଘଟଣାରୁ ପ୍ରକାଶ ଯେ, ଯାଜପୁର

### ଏସ୍‌ସିବିରେ ଜଟିଳ ଅସ୍ତ୍ରୋପଚାର ସଫଳ

ଜିଲା ବରୀ ଅଞ୍ଚଳର ସୁଶାନ୍ତ କୁମାର ପତି ଅଣନିଃଶ୍ୱାସୀ ଅନୁଭବ କରୁଥିଲେ। ଚିକିତ୍ସା ନିମନ୍ତେ ସେ ଏସ୍‌ସିବି ମେଡିକାଲକୁ ଆସିଥିଲେ। ପ୍ରାଥମିକ ପରୀକ୍ଷା ନିରୀକ୍ଷା କରାଯିବା ପରେ ତାଙ୍କୁ ସିଟିଭିଏସ୍ ବିଭାଗରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା ରିପୋର୍ଟରୁ ଜଣାପଡ଼ିଥିଲା ଯେ, ତାଙ୍କ ହୃତ୍‌ପିଣ୍ଡରୁ ଫୁସଫୁସକୁ ସଂଯୋଗ କରିଥିବା ଡାହାଣ ରକ୍ତନଳୀରେ ରକ୍ତଜମାଟ ହୋଇଥିବା ଯୋଗୁ ରକ୍ତ ସଞ୍ଚାଳନ ଠିକ ଭାବେ ହୋଇ ପାରୁ ନ ଥିଲା। ସେହିପରି ବାମପାର୍ଶ୍ୱର ରକ୍ତବାହୀ ନଳୀରେ ମଧ୍ୟ ରକ୍ତପ୍ରବାହ ସମ୍ପୂର୍ଣ୍ଣ ଭାବେ ହେଉ ନ ଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର, ନିଶ୍ଚେତନ ଏବଂ ରକ୍ତ ସଞ୍ଚାଳକ ଏଭଳି ୩ଟି ଦଳ ଗଠନ ହୋଇଥିଲା। ନିଶ୍ଚେତନ ଏବଂ ରକ୍ତ ସଞ୍ଚାଳକ ଦଳ କୃତ୍ରିମ ଫୁସ୍‌ଫୁସ୍ ମେଶିନ ଦ୍ୱାରା ରକ୍ତବାହୀ ନଳୀକୁ ବାଇପାସ୍ କରିଥିଲେ। ଦୁଇଟି ଯାକ ନଳୀରୁ ଜମାଟ ହୋଇଥିବା ରକ୍ତକୁ ବାହାର କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ପଟ୍ଟନାୟକଙ୍କ ସମେତ ସହକାରୀ ପ୍ରଫେସର ଡ. ସାରଦା ପ୍ରସନ୍ନ ସାହୁ, ସହକାରୀ ପ୍ରଫେସର ଡ. ଚିତ୍ତରଞ୍ଜନ ଥାଟୋଇ, ନିଶ୍ଚେତନ ବିଭାଗ ବିଶେଷଜ୍ଞ ଡା. ଦେବାଶିଷ ସ୍ୱାଇଁ, ଡା. ଅରୁଣ ସାହୁ, ଡା. ସୌଭାଗ୍ୟ, ରକ୍ତ ସଞ୍ଚାଳନ ବିଶେଷଜ୍ଞ ଡା. ସନାତନ, ଡା. ସୁଶାନ୍ତ ଅସ୍ତ୍ରୋପଚାରରେ ସହଯୋଗ କରିଥିଲେ। ଏଭଳି ଜଟିଳ ଅସ୍ତ୍ରୋପଚାର ଏସ୍‌ସିବିରେ ଦ୍ୱିତୀୟ ଥର ପାଇଁ ହୋଇଛି। ସରକାର ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦେଇଥିବାରୁ ରୋଗୀଙ୍କୁ ମାଗଣାରେ ଏଭଳି ଜଟିଳ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ସମ୍ଭବ ହୋଇପାରୁଛି ବୋଲି ସିଟିଭିଏସ୍ ମୁଖ୍ୟ ପ୍ରଫେସର ପଟ୍ଟନାୟକ କହିଛନ୍ତି।

# 'ସୁସ୍ଥ ମନ, ଶରୀର ପାଇଁ ପାଠ ସହ ଖେଳର ଆବଶ୍ୟକତା ରହିଛି'



ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ସହ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଓ ଅନ୍ୟମାନେ।

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

### ଛାତ୍ରୀଛାତ୍ରଙ୍କୁ ଫୁଟ୍‌ବଲ ବଣ୍ଟନ

ଭୁବନେଶ୍ୱରସ୍ଥିତ ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲ ପରିସରରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଛାତ୍ରୀଛାତ୍ରଙ୍କୁ ଫୁଟବଲ ବଣ୍ଟନ କରିଛନ୍ତି। ଏହି ଅବସରରେ ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଫୁଟବଲ ତଥା ଅନ୍ୟାନ୍ୟ ଖେଳକୁଦର ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ, ସୁସ୍ଥ ମନ ପାଇଁ ସୁସ୍ଥ ଶରୀର ଦରକାର। ସୁସ୍ଥ ଶରୀର ପାଇଁ ଖେଳକୁଦର ଆବଶ୍ୟକତା ରହିଛି। ତେଣୁ ପାଠ ସହ ଖେଳକୁଦ କରିବାକୁ ସାହା ପିଲାମାନଙ୍କୁ ହୃଦ୍‌ବୋଧ କରାଇଥିଲେ। କାର୍ଯ୍ୟକ୍ରମରେ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ସରୋଜ କୁମାର ବେହେରା ଫୁଟ୍‌ବଲ ଖେଳ ପ୍ରତି ପିଲାମାନଙ୍କୁ ଉତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ବିଶ୍ୱନାଥ ତରାଇ, ଓସେପାର ଉପନିର୍ଦ୍ଦେଶକ ମହେଶ୍ୱର ସାହୁ, ସହ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ପରିଷଦ, ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପିଲାମାନଙ୍କୁ ୩୬୮ଟି ଫୁଟବଲ ବଣ୍ଟନ କରାଯାଇଥିଲା।

# ନାମକୁ ମାତ୍ର ଡଷ୍ଟବିନ୍‌ମୁକ୍ତ ଭୁବନେଶ୍ୱର

ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ)

ସ୍ମାର୍ଟସିଟି ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢି ତୋଳିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ଖୁବ୍ ଶୀଘ୍ର ଭୁବନେଶ୍ୱରକୁ ଡଷ୍ଟବିନ୍‌ମୁକ୍ତ କରିବା ପାଇଁ ଯୋଜନା କରାଯାଉଛି। ବାହାରେ କେଉଁଠାରେ ଅଳିଆ ପକାଯିବ ନାହିଁ, ସଫେଇ କର୍ମଚାରୀମାନେ ଅଳିଆ ଉଠାଇବେ। ନହେଲେ ଜରିମାନା ଆଦାୟ କରାଯିବାକୁ ନିୟମ କରାଯାଇଛି। ବିଏମ୍‌ସି ସହରରେ ସ୍ୱଚ୍ଛତା ଆପଣାଇବା ପାଇଁ ପ୍ରାଣପଣେ ଚେଷ୍ଟା କରୁଥିବା ଏବଂ ସଫଳ ହେଉଥିବା ନେଇ ପ୍ରତିଦିନ ଟୁଇଟ୍ କରାଯାଉଛି। ପ୍ରତିଦିନ ନିଜର ଦକ୍ଷତାକୁ ନେଇ ବିଏମ୍‌ସି ଡିଣ୍ଡିମ ପିଟୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଏବେ ବି ବିଭିନ୍ନ ସ୍ଥାନରେ ଡଷ୍ଟବିନ୍ ରହିଥିବା ବେଳେ ସେଠାରେ ଅଳିଆ ଭର୍ତ୍ତିହୋଇ ରହୁଛି। ୱାର୍ଡ ନଂ ୩୬ ଅନ୍ତର୍ଗତ ଭୌମନଗର ୟୁନିଟ-୪ ମାର୍କେଟ ରାସ୍ତାରେ ଏଭଳି ଦୃଶ୍ୟ ପ୍ରତିଦିନ ଦେଖିବାକୁ ମିଳୁଛି। ଡଷ୍ଟବିନ୍‌ରେ ଅଳିଆ ଭର୍ତ୍ତି ହେବା ସହ ଏହାର ଆଖପାଖ ରାସ୍ତା କଡ଼ରେ ଆବର୍ଜନା ଗଦା କରାଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଖୋଦ୍ ବିଏମ୍‌ସିର ସଫେଇ କର୍ମଚାରୀମାନେ ଏହାକୁ ଗଦା କରୁଛନ୍ତି। ଅଳିଆ ଗାଡ଼ି ଆସି ସେଠାରୁ ଅଳିଆ ନେବା ପରେ ପୁଣି ଥରେ ସେହିଠାରେ ଅଳିଆ ଜମା କରାଯାଉଛି। ପୁରୁଣା ଏଜି କଲୋନୀର



ୟୁନିଟ୍ ୪ ଭୌମନଗର ମାର୍କେଟ ରାସ୍ତାରେ ପଡ଼ିଥିବା ବିଏମ୍‌ସିର ଡଷ୍ଟବିନ୍ ଓ କୁଢ଼ କୁଢ଼ ଅଳିଆ।

### ରାସ୍ତା କଡ଼ରେ ଅଳିଆ ଗଦା

ପ୍ରବେଶ ରାସ୍ତା ହୋଇଥିବାରୁ ରାତି ପାହିଲେ ଲୋକଙ୍କ ଯାତାୟାତ ଆରମ୍ଭ ହେଉଛି। ସେହିପରି ପାଖରେ ଇଲେକ୍ଟ୍ରି ଅଫିସ ଥିବାରୁ ପ୍ରତିଦିନ ଆଖପାଖର ଲୋକମାନେ ବିଲ୍ ପଇଠ କରିବାକୁ ସେହି ଅଞ୍ଚଳକୁ ଯାଉଛନ୍ତି। ଏଭଳି ଏକ ମୁଖ୍ୟ ରାସ୍ତାରେ ପରିମଳ ବ୍ୟବସ୍ଥା ଦୁର୍ବିସହ ହୋଇ ପଡିଥିବାବେଳେ ବିଏମ୍‌ସି କର୍ତ୍ତୃପକ୍ଷ ଆଖି ବୁଜି ଦେଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ଅଳିଆ ପକାଇବା ପାଇଁ ଆଉ ଜାଗା କୋଉଠୁ ଆଣିବୁ ବୋଲି ସମ୍ପୃକ୍ତ ୱାର୍ଡ ଅଫିସର କହିଛନ୍ତି। ସବୁବେଳେ ସେଇଠି ଅଳିଆ ପଡୁଛି, ତେଣୁ ପିଲାମାନେ ସେଠାରେ ଅଳିଆ ପକାଉଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରାସ୍ତାରେ ଜଳିଗଲା ମାର୍ବଲ ବୋଝେଇ ଟ୍ରକ



**ଭୁବନେଶ୍ୱର,୧୭।୧୦ (ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣି ନିକଟ ରସୁଲଗଡ଼ ଓଭରବ୍ରିଜ୍ ଉପରେ ମାର୍ବଲ ବୋଝେଇ ଏକ ଆଇଚର ଟ୍ରକ୍ ଜଳିଯାଇଛି। ଉକ୍ତ ଗାଡିଟି ହଂସପାଳରୁ ବରମୁଣ୍ଡା ଯାଉଥିବାବେଳେ ରାତି ୮ଟା ସମୟରେ ଏହି ଘଟଣା ଘଟିଥିଲା। ଓଭରବ୍ରିଜ ଉପରେ ହଠାତ୍ ଗାଡିରୁ ଧୂଆଁ ବାହାରିବା ପରେ ହଠାତ୍ ନିଆଁ ଲାଗି ଯାଇଥିଲା। ଏହା ଜାଣିବା ପରେ ଡ୍ରାଇଭର ଗାଡିକୁ ବ୍ରେକ୍ କରି ବାହାରି ଆସିଥିଲେ। ଟ୍ରକ୍‌ଟି ହୁତୁହୁତୁ ହୋଇ ଜଳୁଥିବା ଦେଖି ଲୋକେ ସେଠାକୁ ଦୌଡ଼ିଥିଲେ। ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ ସମ୍ଭବ ହୋଇ ନ ଥିଲା। ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗାଡିର ଆଗ ଭାଗ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ଶର୍ଟ ସର୍କିଟ ଯୋଗୁଁ ଏଭଳି ଘଟିଥିବା କୁହାଯାଉଛି। ଏଥିପାଇଁ ଜାତୀୟ ରାଜପଥର ଉକ୍ତ ପାର୍ଶ୍ୱରେ କିଛି ସମୟ ଟ୍ରାଫିକ ଜାମ ହୋଇଥିଲା।

### ମହିଳା କଲ୍ୟାଣ ସଙ୍ଗଠନର ପୁରସ୍କାର ବିତରଣ ଉତ୍ସବ

**ଜଟଣୀ,୧୭।୧୦(ଡି.ଏନ୍.ଏ):** ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ଖୋର୍ଦ୍ଧାରୋଡ୍ ପକ୍ଷରୁ ଅଫିସରସ କ୍ଲବ ପରିସରରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ କିମ୍ବା ଚିତ୍ରାଙ୍କନ ପ୍ରତିଯୋଗିତାର ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଥିଲା। ସଙ୍ଗଠନର ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା ଉଭୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଙ୍ଗଠନର ଉପ-ସଭାନେତ୍ରୀ ସୀମା ପାନୱାର, ପଲ୍ଲବୀ ଚୌହାନ, ମହିଳା କଲ୍ୟାଣ ସଙ୍ଗଠନର ସଚିବ ଏବଂ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### 'ଚନ୍ଦ୍ରଶେଖର ରଥଙ୍କ କବିତା, ସଂସ୍କୃତ ରଚନା ଉପରେ ଅଧିକ ଗବେଷଣା ହେଉ'

**ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଚଣ୍ଡି ଚରଣ ରଥଙ୍କ ତତ୍ତ୍ୱାବଧାନରେ 'ମନୀଷୀ ଚନ୍ଦ୍ରଶେଖର ରଥଙ୍କ ଜୀବନ ଓ ସାହିତ୍ୟ' ସମ୍ପର୍କିତ ଏକ ଜାତୀୟ ସମ୍ମାନ ସୋମବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଉଦ୍‌ଘାଟନ କରିଥିଲେ। ପ୍ରଫେସର ନଟବର ଶତପଥୀ ମୁଖ୍ୟବକ୍ତା, ପ୍ରାବନ୍ଧିକ ଶଶିଭୂଷଣ ରଥ କାର୍ଯକ୍ରମର ଉଦ୍ଦେଶ୍ୟ ବିଷୟରେ କହିବା ସହ ଚନ୍ଦ୍ରଶେଖରଙ୍କ କବିତା ଓ ସଂସ୍କୃତ ରଚନା ବିଷୟରେ ଗବେଷଣାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

# ଚିନ୍ତା ବଢ଼ାଉଛନ୍ତି ଯାଯାବର

**ପୁରୀ ଅଫିସ,୧୭।୧୦**

ରାଜ୍ୟ ବାହାରୁ ଆସୁଥିବା ଯାଯାବର (ବଞ୍ଜାରା)ଙ୍କ ସଂଖ୍ୟା ଶ୍ରୀକ୍ଷେତ୍ରରେ ବଢ଼ିବାରେ ଲାଗିଛି। ପୁରୀ ସହରର ବିଭିନ୍ନ ସ୍ଥାନରେ ତମ୍ବୁ ଟାଣି ଅସ୍ଥାୟୀ ଭାବେ ଯାଯାବରମାନେ ରହୁଥିବାବେଳେ ଅସାମାଜିକ ଓ ଆପରାଧିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ଏମାନଙ୍କ କାର୍ଯ୍ୟକଳାପରେ ସହରବାସୀଙ୍କ ସମେତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଅତିଷ୍ଠ ହୋଇପଡ଼ିଲେଣି। ଯାଯାବରଙ୍କ ମଧ୍ୟରୁ ନାବାଳିକା ଓ ନାବାଳକ ଭିକ୍ଷାବୃତ୍ତି କରୁଥିବାବେଳେ ସାବାଳକମାନେ ଚୋରି, ଛିନ୍‌ତାଇ ଭଳି ଆପରାଧିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ସେହିପରି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଦେଖିଲେ ଦୌଡ଼ିଯାଇ ଗୋଡ଼ ଧରି ଟଙ୍କା ମାଗୁଛନ୍ତି। ଟଙ୍କା ନ ଦେଲେ ହଇରାଣ ହରକତ କରୁଛନ୍ତି। ବିଶେଷକରି ତାଳବଣିଆ, ଭୂଦାନ ଓ ପେଣ୍ଠକଟା ଅଞ୍ଚଳରେ ଏମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ପୋଲିସ ସଂପୃକ୍ତ ଯାଯାବରମାନଙ୍କୁ ଘଉଡ଼ାଉଥିଲେ ମଧ ସେମାନେ ଗୋଟିଏ ସ୍ଥାନରୁ ଉଠିଯାଇ ଅନ୍ୟ ସ୍ଥାନରେ ତମ୍ବୁ ତିଆରି କରି ରହୁଛନ୍ତି। ଫଳରେ ସେମାନେ ଏବେ ପ୍ରଶାସନ ଓ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛନ୍ତି।

ପୁରୀ ସହରରେ ୫ ଶହରୁ ଉର୍ଦ୍ଧ୍ୱ ଯାଯାବର ବିଭିନ୍ନ ରାଜ୍ୟରୁ ଆସି ରହିଛନ୍ତି। ଏମାନେ ମୁଖ୍ୟତଃ ରାଜସ୍ଥାନ, ହରିୟାଣା ଓ ପଶ୍ଚିମବଙ୍ଗର ହୋଇଥିବାବେଳେ ଲାମ୍ବାଡ଼ି, ଲୋହାର, ଗୁଜ୍ଜର ଓ ଗୋପେ ଭଳି ଆଦିବାସୀ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ଏହି ଯାଯାବରମାନଙ୍କ ଛୋଟ ପିଲାମାନେ ରାସ୍ତାରେ ଲୋକଙ୍କୁ ଦେଖିଲେ ତାଙ୍କ ଗୋଡ଼ ଧରି ବସି ରହୁଛନ୍ତି। ଟଙ୍କା ନ ଦେବା ପର୍ଯ୍ୟନ୍ତ ଗୋଡ଼ ଛାଡୁନାହାନ୍ତି। ଏମାନଙ୍କୁ ଏଭଳି କରିବା ପାଇଁ ସମ୍ପ୍ରଦାୟର ବରିଷ୍ଠ ବ୍ୟକ୍ତିମାନେ ତାଲିମ ଦେଉଛନ୍ତି। ପୁରୀ ଜିଲା ଶିଶୁ ସୁରକ୍ଷା ଟିମ୍ ଏବଂ ଚାଇଲ୍ଡ ହେଲ୍ପଲାଇନ୍ ଶିଶୁ ଶ୍ରମିକ ଓ ଭିକ୍ଷାବୃତ୍ତିରେ ଲିପ୍ତ ପିଲାଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରୁଥିଲେ ମଧ ଯାଯାବର ପିଲାଙ୍କ ପ୍ରତି ପ୍ରଶାସନର ନଜର ନାହିଁ। ଯଦି କେବେ ପୋଲିସ ଏହି ପିଲାଙ୍କୁ ଉଦ୍ଧାର କରି ଆଣେ ତା'ହେଲେ ସେମାନଙ୍କ ମୁରବିମାନେ ଆସି କାକୁତିମିନତି ହୋଇ ସେମାନଙ୍କୁ ନେଇଯାନ୍ତି। ମାତ୍ର ପରେ ପୁଣି ଯଥା ପୂର୍ବଂ ତଥା ପରମ୍ ଭଳି ସ୍ଥିତି ଦେଖିବାକୁ ମିଳେ। ସେହିପରି ସାବାଳକମାନେ ଛିନ୍‌ତାଇ ସହ ଛୋଟ ଦୋକାନ, ଘରୁ ଚୋରି କରିଥାନ୍ତି। ସବୁଠାରୁ ବଡ଼ କଥା, ଏମାନଙ୍କ ପାଖରେ ଆଧାର କାର୍ଡ କିମ୍ବା ଭୋଟର ପରିଚୟପତ୍ର ନାହିଁ। ଏଣୁ ବାସ୍ତବରେ ଏମାନଙ୍କ ପରିଚୟ କ'ଣ, ତାହା ଜାଣିବା ପୋଲିସ ଓ ପ୍ରଶାସନ ପାଇଁ କଷ୍ଟକର ହୋଇପଡ଼ିଛି। ସେହିଭଳି ଏମାନଙ୍କ ମଧ୍ୟରୁ କେତେଜଣ କିଛି ମାସ ଅନ୍ତରରେ କୁଆଡ଼େ ଚାଲିଯାଉଛନ୍ତି ଏବଂ ଟ୍ରେନ୍ ଯୋଗେ ପୁଣି ନୂଆ ଯାଯାବର ଆସି ପହଞ୍ଚୁଛନ୍ତି। ଏମାନେ ସହରର ବିଭିନ୍ନ ସ୍ଥାନରେ ସରକାରୀ ଜମି ମାଡ଼ିବସି ଅସ୍ଥାୟୀ ଶିବିର କରି ରହୁଥିବା ସୂଚନା ମିଳିଛି।



ପୁରୀ ସହରରେ ଯାଯାବରମାନେ ରହିବା ଲାଗି ତମ୍ବୁ ତିଆରି କରିଛନ୍ତି।

ପୁରୀ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ଦେବାଶିଷ ରଥ କହିଛନ୍ତି, ଅଧିକାଂଶ ଶିଶୁଙ୍କ ମାତାପିତା ସେମାନଙ୍କ ସହ ନାହାନ୍ତି। ଶିଶୁଙ୍କୁ ଭିକ୍ଷାବୃତ୍ତି କରାଇବା ପାଇଁ ମାତାପିତାଙ୍କଠାରୁ ଅଣାଯାଇଛି। ସମ୍ପର୍କୀୟମାନଙ୍କ ସହ ଶିଶୁମାନେ ଆସିଛନ୍ତି। ଶିଶୁମାନେ ଅନାଥ ନୁହଁନ୍ତି ବୋଲି ସେମାନଙ୍କ ସହ ଆଲୋଚନାରୁ ଜଣାପଡ଼ିଛି। ତାଙ୍କ ମାତାପିତା ଯାଯାବର ଭାବେ ଅନ୍ୟ କୌଣସି ସ୍ଥାନ କିମ୍ବା ରାଜ୍ୟରେ ବୁଲୁଛନ୍ତି। ସେହିଭଳି ଖୁବ୍ ଛୋଟ ବୟସର ପିଲାମାନେ ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ। ସେମାନଙ୍କୁ ଯେକୌଣସି ସ୍ଥାନରେ ଛାଡ଼ି ଦିଆଗଲେ ବି ସେମାନେ ନିଜ ସମ୍ପର୍କୀୟଙ୍କ ପାଖକୁ ଫେରିପାରୁଛନ୍ତି। ବିଶେଷ କରି ଯାଯାବର ଆଦିବାସୀ ସମ୍ପ୍ରଦାୟର ଲୋକେ କେଉଁ କେଉଁ ସ୍ଥାନକୁ ସାମୂହିକ ଭାବେ ଯାତ୍ରା କରୁଛନ୍ତି ତାହା ଶିଶୁମାନଙ୍କୁ ଜଣାରହୁଛି। ଗୋଟିଏ ସ୍ଥାନରେ କିଛି ଦିନ ରହିବା ପରେ ଅନ୍ୟ ସ୍ଥାନକୁ ଚାଲିଯିବା କିମ୍ବା ବ୍ୟକ୍ତିମାନଙ୍କୁ ପରିବର୍ତ୍ତିତ କରି ପୁରୁଣା ସ୍ଥାନରେ ରହିବା ହେଉଛି ଯାଯାବର ଶ୍ରେଣୀର ଲୋକଙ୍କ କାର୍ଯ୍ୟ। ଏମାନେ ପ୍ରବାସୀ ଭାବେ ଦେଖାଯାଉଥିଲେ ମଧ ପ୍ରକୃତ ପକ୍ଷେ ପ୍ରବାସୀ ନୁହନ୍ତି। ସରକାର ଏମାନଙ୍କ ପାଇଁ ପୁନର୍ବାସ ବ୍ୟବସ୍ଥା କରିବା ଦରକାର ବୋଲି ରଥ କହିଛନ୍ତି। ଅନ୍ୟପକ୍ଷରେ ଆପରାଧିକ କାର୍ଯ୍ୟରେ ଯାଯାବରମାନେ ଜଡ଼ିତ ରହୁଥିଲେ ମଧ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ନେଇପାରୁନାହିଁ। ପରିଚୟ ନ ଥିବାରୁ ପୋଲିସ କେବଳ ତାଗିଦ କରି ଛାଡ଼ିବାକୁ ବାଧ ହେଉଛି। ତେବେ ଏମାନଙ୍କୁ ହଟାଇବାକୁ ପ୍ରଶାସନ ସ୍ୱତନ୍ତ୍ର ପଦକ୍ଷେପ ନେବା ଆବଶ୍ୟକ ବୋଲି ଅନେକେ ମତ ଦେଉଛନ୍ତି।

ଏ ନେଇ ଭାରତୀୟ ସାମାଜିକ ବିଜ୍ଞାନ ବିଶେଷଜ୍ଞ ପ୍ରଭୁଦତ୍ତ ମହାପାତ୍ର କହିଛନ୍ତି, ପୁରୀରେ ରହୁଥିବା ଏହି ଯାଯାବରମାନେ ସାରା ରାଜ୍ୟରେ ଘୁରି ବୁଲୁଛନ୍ତି। ଏମାନେ ନିଜ ଜୀବିକା ହରାଇବା କାରଣରୁ ଭିକ୍ଷା ଓ ଚୋରି ଭଳି ବୃତ୍ତିକୁ ଆପଣେଇସାରିଲେଣି। ମୁଖ୍ୟତଃ ଏହି ଆଦିବାସୀମାନେ ବିଭିନ୍ନ ରାଜ୍ୟ ବୁଲି ବଡ଼ ମେଳା, ଯାତ୍ରା ଓ ଉତ୍ସବ ସମୟରେ ଲୁହାବସ୍ତୁ ନିର୍ମାଣ, ଗୁଳ୍ମ, ଲତା ତଥା ଆୟୁର୍ବେଦିକ ଦ୍ରବ୍ୟ ବିକ୍ରି ସହ ଚିତା କୁଟାଇବା ଭଳି କାମ କରିଥାଆନ୍ତି। ମାତ୍ର ବିଜ୍ଞାନର ପ୍ରଗତି ସହ ଏମାନେ ବିଂଶଦଶ ଶତାବ୍ଦୀରେ ନିଜ ଜୀବିକା ହରାଇ ଏବେ ଏକ ଆପରାଧିକ ଗୋଷ୍ଠୀରେ ପରିଣତ ହୋଇସାରିଲେଣି। ତେବେ ପ୍ରଶାସନ ଏମାନଙ୍କ ପାଇଁ ପୁନର୍ବାସ ବ୍ୟବସ୍ଥା କରିବା ଦରକାର ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ରାଜ୍ୟ ବାହାରୁ ଆସି ଜବରଦଖଲ କରି ରହୁଥିବା ଲୋକଙ୍କ ପାଇଁ ପୁନର୍ବାସ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକ୍ଷମ ନାହିଁ। ଯେଉଁଠାରେ ଏଭଳି ଯାଯାବର ଶ୍ରେଣୀର ଲୋକଙ୍କୁ ଜବରଦଖଲ କରିଥିବା ଦେଖିବାକୁ ମିଳୁଛି, ସେଠାରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଶିଶୁମାନଙ୍କୁ ଭିକ୍ଷାବୃତ୍ତିରୁ ନିବୃତ୍ତ ରଖିବା ପାଇଁ ଜିଲା ଶିଶୁ କଲ୍ୟାଣ କମିଟି ସହିତ ସମନ୍ୱୟରେ କାର୍ଯ୍ୟ କରାଯାଉଛି। ସେହିପରି ସମୁଦ୍ରକୂଳ ଥାନା ଆଇଆଇସି ଚିନ୍ମୟ ରାଉତ କହିଛନ୍ତି, ଗତ ମାସରେ ୧୦ରୁ ଉର୍ଦ୍ଧ୍ୱ ଯାଯାବର ଆପରାଧିକ ମାମଲାରେ ଜଡ଼ିତ ଥିବା ଅଭିଯୋଗ ହୋଇଛି। ପୋଲିସ ସେମାନଙ୍କୁ ଚେତାବନୀ ଦେଇ ଛାଡ଼ିଛି। ତେବେ କୌଣସି ବଡ଼ ଅପରାଧରେ ଏମାନେ ସଂଶ୍ଳିଷ୍ଟ ରହୁନାହାନ୍ତି। ସେହିପରି ଯାଯାବରମାନଙ୍କୁ ଜବରଦଖଲ ସ୍ଥାନରୁ ସମୟ ସମୟରେ ଉଠାଇ ଦିଆଯାଉଛି।

**ପଦକ୍ଷେପ ନେଉନି ପ୍ରଶାସନ**

- କାହାରି ନାହିଁ ଆଧାର, ଭୋଟର କାର୍ଡ
- ଚୋରି, ଭିକ୍ଷାବୃତ୍ତିରେ ଲିପ୍ତ ହେଉଛନ୍ତି
- ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କୁ କରୁଛନ୍ତି ହଇରାଣ



ଜଟଣୀ: ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ଖୋର୍ଦ୍ଧାରୋଡ୍ ପକ୍ଷରୁ ଅଫିସର୍ସ କ୍ଲବ ପରିସରରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ଥାନାରେ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ପିପିଲି,୧୭।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)**

ପିପିଲି ଥାନା ଅଞ୍ଚଳରେ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନାହାନ୍ତି ପୋଲିସ। ଅଞ୍ଚଳରେ ଜଣେ ଜମି ମାଫିଆ ଜମି ବେପାର ନାଁରେ ନିଶା, ଅଶ୍ଳୀଳ କାମ କରୁଥିବା ଅଭିଯୋଗ ହେଉଥିବା ବେଳେ ତଦନ୍ତ ବଦଳରେ ସେମାନଙ୍କୁ ସୁରକ୍ଷା ଦେଉଛି ପୋଲିସ। ଅଭିଯୋଗ କଲେ ଥାନାରେ ଅଭିଯୋଗକାରୀଙ୍କ ନାମରେ ପାଲଟା ଅଭିଯୋଗ କରୁଛନ୍ତି ପୋଲିସ। ଏପରି କି ଅଭିଯୋଗକାରୀ ମହିଳାଙ୍କୁ ଥାନାକୁ ଡାକି ଦୁର୍ବ୍ୟବହାର କରିଥିବା ମହିଳା ଅଭିଯୋଗ କରିଛନ୍ତି। ଏ ନେଇ ଅଭିଯୋଗକାରିଣୀ ଜଣେ ମହିଳା ସାମାଜିକ କର୍ମୀଙ୍କ ଜରିଆରେ ମାନବ ଅଧିକାର କମିଶନଙ୍କ ସହ ପୁରୀ ଏସ୍‌ପି, ଡିଜିପି ଓ କ୍ରାଇମବ୍ରାଞ୍ଚରେ ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ପିପିଲି ନିକଟ ହରିପୁରଠାରେ ଅଭିଯୋଗକାରିଣୀ ମହିଳା, ପୂର୍ବତନ ଜନପ୍ରତିନିଧି ଏକ ଖବରଦାତା ସମ୍ମିଳନୀ କରି ପୋଲିସ ବିରୋଧରେ ଅଭିଯୋଗ କରି ନ୍ୟାୟ ଦାବି କରିଛନ୍ତି। ଏହାସହ ପିପିଲି ବିଲିପଡା ଗ୍ରାମ ନିକଟରେ ଜଣେ ଜମି ମାଫିଆ ଆପାର୍ଟମେଣ୍ଟ କରି ସ୍ଥାନୀୟ ଲୋକଙ୍କୁ ଠକି ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ସେହି ଆପାର୍ଟମେଣ୍ଟରେ ନିଶା, ବନ୍ଧୁକ ଓ ଦେହ ବେପାର କରାଯାଉଥିବା ପୂର୍ବତନ ସରପଞ୍ଚ ସୁବାଶିଷ ରଥ କହିଛନ୍ତି। ସୂଚନାଥାଉ କି, ପିପିଲି ବିଲିପଡାରେ ଜମି ମାଫିଆ କରିଥିବା ଆପାର୍ଟମେଣ୍ଟରେ ଜମି ବେପାର କହି ନିଶା, ବନ୍ଧୁକ କାରବାର ସହିତ ଦେହ ବ୍ୟବସାୟ ହେଉଥିବା ନେଇ ସ୍ଥାନୀୟଲୋକେ ଅଭିଯୋଗ କରିଛନ୍ତି। ସେହିଭଳି ଜଣେ ମହିଳାଙ୍କୁ ତଦନ୍ତ ଆଳରେ ଥାନାକୁ ଡାକି ଦୁର୍ବ୍ୟବହାର କରିଥିବା ନେଇ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଉକ୍ତ ମହିଳା। ଗତ ୧୪ ତାରିଖରେ ଏ ନେଇ ମହିଳା ଜଣକ ଏସ୍‌ପି ଓ ମାନବାଧିକାର କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ ଅଭିଯୋଗକୁ ବିଚାରକୁ ନେଇ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଥିବା ବେଳେ ନ୍ୟାୟ ନ ମିଳିଲେ ଥାନା ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ମହିଳା କହିଛନ୍ତି। ଏ ନେଇ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ କହିଛନ୍ତି, ଅଭିଯୋଗ ନ ଆସିବା ପର୍ଯ୍ୟନ୍ତ ବିନା ତଦନ୍ତରେ ପୋଲିସ ବିରୋଧରେ କୌଣସି ପ୍ରତିକ୍ରିୟା ଦେଇହେବ ନାହିଁ । ଅଭିଯୋଗ ଆସିଲେ ଏହାର ନିରପକ୍ଷ ତଦନ୍ତ କରାଯିବ ବୋଲି ଏସଡିପିଓ ବରାଳ କହିଛନ୍ତି।

## ୧୫୦ ୟୁନିଟ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୧୭।୧୦**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିବସରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଖୋର୍ଦ୍ଧା ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୫୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯୁବ ଜିଲା ସଭାପତି ରାଜେଶ ପରିଡା ଓ ଛାତ୍ର ଜିଲା ସଭାପତି ବିଶ୍ୱଦୀପ ପ୍ରଧାନଙ୍କ ସଂଯୋଜନାରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି, ରାଜ୍ୟସଭା ସଦସ୍ୟ ମିଜିବୁଲା ଖାନ୍, ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ବିଜେଡି ଜିଲା ସଭାପତି ବିଭୁତି ଭୂଷଣ ବଳବନ୍ତରାୟ, ଓଡିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ ସାହୁ, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ରାଜ୍ୟ ସମ୍ପାଦକ ରୁଦ୍ର ସାମନ୍ତରାୟ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅମିତ ମହାରଣା, ଛାତ୍ର ବିଜେଡି ମହାସଚିବ ଇପ୍ସିତା ସାହୁ, ଛାତ୍ର ବିଜେଡି ବରିଷ୍ଠ ଉପସଭାପତି ପ୍ରଦୋଷ ପରିଡା, ଖୋର୍ଦ୍ଧା ପର୍ଯ୍ୟବେକ୍ଷକ ଦେବୀପ୍ରସାଦ ଲେଙ୍କା, ବିସିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଆଶାଶ୍ରୀ ସାହୁ, ରାଜେଶ ପାଣି, ଜିଲା ଉପସଭାପତି ଦିଲୀପ କୁମାର ହୋତା, ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ବିଜୁ ମହିଳା ଜନତା ଦଳ ଜିଲା ସଭାନେତ୍ରୀ ଗୀତାଞ୍ଜଳି ପାଟ୍ଟଶାଣୀ ପ୍ରମୁଖ ଯୋଗଦେଇଥିଲେ।



ବିଜୁ ଯୁବ ଓ ଛାତ୍ର ଜନତା ଦଳର ଖୋର୍ଦ୍ଧା ପକ୍ଷରୁ ପୂର୍ତ୍ତ ବିଭାଗ ବଙ୍ଗଳା ପରିସରରେ ରକ୍ତଦାନ ଶିବିର ।

## ଫୁଟବଲ ଲୋକାର୍ପଣ କାର୍ଯ୍ୟକ୍ରମ




**ବୋଲଗଡ଼,୧୭।୧୦(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ସଂପୁରସ୍ଥିତ ଚର୍ତୁଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଫୁଟବଲ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ନିରଞ୍ଜନ ନାୟକ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରହଲ୍ଲାଦ ସାହୁ ଓ ଦୟାନିଧି ବେହେରା ଯୋଗଦେଇ ଖେଳର ମାନବୃଦ୍ଧି ସହ ଦକ୍ଷ ଖେଳାଳି ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟକୁ ଫୁଟବଲ ପ୍ରଦାନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଫୁଟବଲ୍ ଲୋକାର୍ପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ଶିକ୍ଷକ ବିଶ୍ୱଜିତ୍ ସରୋଜ କୁମାରଙ୍କ ପରିଚାଳନାରେ ବାଳକ ଓ ଶିକ୍ଷକ ବିଚିତ୍ର କୁମାର ଘଡ଼େଇଙ୍କ ପରିଚାଳନାରେ ବାଳିକାଙ୍କ ମଧ୍ୟରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ,ସ୍ୱର୍ଣ୍ଣଲତା ପ୍ରଧାନ, ଶ୍ରଦ୍ଧାଞ୍ଜଳି ବେହେରା, ସ୍ମିତାସିନ୍ଧୁ ମହାପାତ୍ର, ଶ୍ରୋତାଲିନି ସାହୁ, ସୌଦାମିନୀ ପରିଡ଼ା, ସ୍ନେହଲତା ପାଇକରାୟ, ସମ୍ବିତ କେଦାର କର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର

**କୃଷ୍ଣପ୍ରସାଦ,୧୭।୧୦(ଡି.ଏନ୍.ଏ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଦାଖାଇ ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ପକ୍ଷରୁ ପ୍ରୋଗ୍ରାମ ଅଫିସର ପ୍ରାଧ୍ୟାପକ ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ନୃସିଂହାନନ୍ଦ ପଣ୍ଡା ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଭାବେ ପୂର୍ବତନ ଅଧକ୍ଷ ନୀଳକଣ୍ଠ ତ୍ରିପାଠୀ, ବଜ୍ରକୋଟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଦିଲୀପ କୁମାର ରାଉତରାୟ ଯୋଗଦେଇ ଶିବିର ପରିଦର୍ଶନ କରିଥିଲେ। ପୋଷଣ, ସଡକ ସୁରକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ପାନୀୟଜଳ ସମ୍ପର୍କରେ ସଚେତନ କରାଯାଇଥିଲା। ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀ ଆଲୋକ, ସନ୍ତୋଷ, ପିଣ୍ଟୁ, ତାରା, ଲୋକନାଥ, ତାପସ, ତୋଫାନ, ଶ୍ରୀତମ, ସୁପ୍ରଭା ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ମହାନ୍ତି, ରାଜ କିଶୋର ସାମନ୍ତରାୟ, ମଧୁସୂଦନ ସାହୁ, ଦିନେଶ ରଥ, ରମେଶ ଚନ୍ଦ୍ର ବିଶ୍ୱାଳ, ମହମ୍ମଦ ଜୟନୁଲ ହୁସେନ, ଚନ୍ଦନା ନାୟକ, ରମାନାଥ ପ୍ରଧାନ, ଦିଲୀପ ଦଳେଇ, ବିଶ୍ୱନାଥ ପ୍ରଧାନ, ସୁକାନ୍ତ ଜେନା, ଏସ୍.କେ ଉହାବ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ।



କନ୍ଦାଖାଇ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରମାନେ।

## ଆୟ ବୃଦ୍ଧି ପାଇଁ ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟା ଆପଣାଇବାକୁ ପରାମର୍ଶ

**ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ)**

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନଠାରେ ସୋମବାର ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆଦିଲ୍ଲୀ ପୁସାସ୍ଥିତ ଆଇଏଆର୍ଆଇ ମେଳା ଗ୍ରାଉଣ୍ଡଠାରେ ପିଏମ୍ କିଷାନ ସମ୍ମାନ ନିଧିର ୧୨ତମ କିସ୍ତି ପ୍ରଦାନ, ପିଏମ୍ କିଷାନ ସମୃଦ୍ଧି କେନ୍ଦ୍ରର ଉଦ୍‌ଘାଟନ, ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଉର୍ବରକ ପରିଯୋଜନାର ଶୁଭାରମ୍ଭ ଆଦି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ କୃଷକଙ୍କ ଆୟ ବୃଦ୍ଧି ପାଇଁ ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟା ଆପଣେଇବାକୁ ପରାମର୍ଶ ଦେଇଥିଲେ। ଏଥିସହ କୃଷକ ଉତ୍ପାଦକ ସଂଗଠନ, ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି, ମୃତ୍ତିକାର ଉର୍ବରତା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ସୂକ୍ଷ୍ମ ଜଳ ସେଚନ, କିଷାନ ଡ୍ରୋନ୍, ଇ-ନାମ ମାଧମରେ କୃଷି ମାର୍କେଟିଂର ଆଧୁନିକୀକରଣ ଆଦି ବିଷୟ ଉପରେ ଗୁରୁତ୍ୱ ଦେଇଥିଲେ।




ସମ୍ମିଳନୀରେ ଉପସ୍ଥିତ ଅତିଥି।

ପୂର୍ବତନ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏଥିସହ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ (ପଶୁପାଳନ, ଦୁଗ୍ଧ ଏବଂ ମତ୍ସ୍ୟ ଚାଷ) ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜୈବିକ କୃଷି ଉପରେ ଗୁରୁତ୍ୱ ଦେବା ସହ 'ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା' ଦ୍ୱାରା କିପରି ପ୍ରତି କ୍ଷେତକୁ ପାଣି ଓ କମ୍ ଜଳରେ ଅଧିକ ଫସଲ ହୋଇପାରିବ, ସେ ସମ୍ବନ୍ଧରେ ଉପସ୍ଥିତ କୃଷକଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍‌ର କର୍ପୋରେଟ ମୁଖ୍ୟ ସୁଧୀର ରଞ୍ଜନ ମିଶ୍ର ଯୋଗଦେଇଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ରବୀନ୍ଦ୍ର କୁମାର ପଣ୍ଡା ପ୍ରତିଷ୍ଠାନ ଦ୍ୱାରା ବିକଶିତ ବିଭିନ୍ନ ପ୍ରଦ୍ୟୋଗିକୀର ବ୍ୟବହାର କରି ଜଳ ଉତ୍ପାଦକତା ବୃଦ୍ଧି କରିବା, କୃଷି ଆୟକୁ ଦ୍ୱିଗୁଣିତ କରିବାର ବିଭିନ୍ନ ଉପାୟ କହିଥିଲେ। ଓଡିଶାର ଷ୍ଟାର୍ଟ ଅପ୍ ବାରିଫ୍ଲୋ ଲାବ୍ ପ୍ରାଇଭେଟ ଲିମିଟେଡ୍, କ୍ଲିନୋହେଲଥ ଇନୋଭେଶନ ପ୍ରାଇଭେଟ ଲିମିଟେଡ୍, ଜଳସେଚନ କମ୍ପାନୀ ଜୈନ ଇରିଗେଶନ ଓ ଫିନୋଲେକ୍ସ ଏବଂ ସାର ଉତ୍ପାଦକ କମ୍ପାନୀ ପାରାଦୀପ ଫସ୍‌ଫେଟ ଲିମିଟେଡ୍ ଆଦି ଯୋଗ ଦେଇ କୃଷକଙ୍କୁ ସେମାନଙ୍କ ଟେକ୍ନୋଲୋଜି ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାୟ ୫ଶହ କୃଷକ, କୃଷି ଇନ୍‌ପୁଟ କମ୍ପାନୀ, ଷ୍ଟାର୍ଟଅପ୍ ଏବଂ ଏନ୍‌ଜିଓ କର୍ମକର୍ତ୍ତା ସମ୍ମିଳନୀରେ ଯୋଗଦେଇଥିଲେ।

**ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ସମ୍ମିଳନୀ**

## ଠିକା ନିଯୁକ୍ତି ଉଚ୍ଛେଦ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**କଟକ ଅଫିସ :** ରାଜ୍ୟରେ ଠିକା ନିଯୁକ୍ତିର ଯୁଗ ସରିଲା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସରକାରଙ୍କ ଉକ୍ତ ନିଷ୍ପତ୍ତିକୁ ସ୍ୱାଗତ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି। ସମିତି ପକ୍ଷରୁ ସୋମବାର ପ୍ରେସ୍ ବିବୃତିରେ ଉଲ୍ଲେଖ କରାଯାଇଛି, ୧୮ ବର୍ଷ ଧରି ଠିକା ନିଯୁକ୍ତି ବ୍ୟବସ୍ଥା ଚାଲିଥିଲା। ଉକ୍ତ ତ୍ରୁଟିକୁ ରାଜ୍ୟ ସରକାର ସଂଶୋଧନ କରିଛନ୍ତି। ସେହିପରି ଆଉଟ ସୋର୍ସିଂ ନିଯୁକ୍ତି ବ୍ୟବସ୍ଥାକୁ ଉଚ୍ଛେଦ, ୨୦୨୨ ଜୁଲାଇରୁ ୪% ମହଙ୍ଗା ଭତ୍ତା ସହିତ ୧୮ ମାସର ଏରିଅର ପ୍ରଦାନରେ ରାଜ୍ୟ ସରକାର ଅଗ୍ରାଧିକାର ଦେବାକୁ ସମିତି ପକ୍ଷରୁ ଦାବି କରାଯାଇଛି। ସଭାପତି ଲିଙ୍ଗରାଜ ମହାନ୍ତି, ଶ୍ରୀମତୀ ସାହୁ, ସୁଦର୍ଶନ ପ୍ରଧାନ, ପ୍ରଶାନ୍ତ ମହାନ୍ତି ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁଗ୍ମ ଅଭିଯୋଗ ଶୁଣାଣି: ୮ଟି ତ୍ୱରିତ ସମାଧାନ

**କଟକ ଅଫିସ, ୧୭।୧୦:** ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମୁଦାୟ ୩୦ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା। ଏଥିରେ ବ୍ୟକ୍ତିଗତ ଅଭିଯୋଗ ୨୯ଟି ଥିବାବେଳେ ସାମୂହିକ ଅଭିଯୋଗ ୧ଟି ରହିଥିଲା। ଉକ୍ତ ଅଭିଯୋଗ ମଧ୍ୟରୁ ୮ଟିର ତ୍ୱରିତ ସମାଧାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଶିବୋ ଟପ୍ପୋଙ୍କ ପ୍ରତିନିଧିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଜିଲା ଜରୁରୀ ଅଧିକାରୀ ରାଜଲକ୍ଷ୍ମୀ ଓଝାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସମ୍ଭାବ୍ୟ ବାତ୍ୟା ପାଇଁ କଟକ ସଦରରେ ପ୍ରସ୍ତୁତି

**କଟକ ସଦର, ୧୭।୧୦(ଡି.ଏନ.ଏ):** ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି କଟକ ସଦର ବ୍ଲକ ଅଞ୍ଚଳରେ ବିଡିଓଙ୍କ ଅଧକ୍ଷତାରେ ବ୍ଲକ ସଭାଗୃହରେ ପ୍ରସ୍ତୁତି ବୈଠକ ହୋଇଯାଇଛି। ବିଗତ ବାତ୍ୟା ଭଳି ଏଥର ମଧ ଆଶ୍ରୟସ୍ଥଳୀ ଦାୟିତ୍ୱ ସରପଞ୍ଚମାନଙ୍କ ଉପରେ ନ୍ୟସ୍ତ କରାଯାଇଛି। ବିଡିଓଙ୍କ ମୌଖିକ ଆଦେଶ ବଳରେ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ସ୍କୁଲଗୃହକୁ ହିଁ ବ୍ୟବହାର କରାଯିବ। ଉକ୍ତ ବ୍ଲକ ଅଞ୍ଚଳରେ ଶତକଡା ୮୦ ଭାଗ ପରିବାରଙ୍କ ପକ୍କାଘର ଥିବାବେଳେ ବାକି ୨୦ ଭାଗ ପରିବାର ବାତ୍ୟା ସମୟରେ ଆଶ୍ରୟସ୍ଥଳରେ ମୁଣ୍ଡ ଗୁଞ୍ଜିବେ। ହେଲେ କେତେଜଣ ଲୋକ ଘରେ ରହି କେବଳ ଭୋଜନ ପାଇଁ ରିଲିଫ କ୍ୟାମ୍ପକୁ ଯିବେ ବୋଲି ସୂଚନା ଦେଇଛନ୍ତି। ଯାହାକି ଅଡୁଆ ସୃଷ୍ଟି ହୋଇପାରେ। ୨୦୧୯ ବାତ୍ୟା ଫନୀ ବେଳେ ରିଲିଫ୍ ବଣ୍ଟନ ସହ କ୍ଷୟକ୍ଷତି ଆକଳନ ବ୍ୟାପକ ଅନିୟମିତତା ଦେଖାଦେଇଥିଲା। ଶତାଧିକ କୋଠଘର ବାତ୍ୟାରେ ଉଡ଼ିଯାଇଥିଲା। ସେଥିପାଇଁ ବିବାଦ ମୁଣ୍ଡ ଟେକିଥିଲା। ଏଥର ଯେପରି ବେନିୟମ କାମ ନ ହୁଏ ସେଥିପ୍ରତି ଦୃଷ୍ଟି ରଖିବା ପାଇଁ ବିଡିଓ ରାଜୀବ ଲୋଚନ ପରିଡ଼ା ସମସ୍ତଙ୍କୁ ତାଗିଦ କରିଛନ୍ତି। ୨୦୨୧ ମସିହାର ବାତ୍ୟା ୟାଶ୍‌ରେ କଟକ ସଦର ସମେତ ଜିଲାର କୌଣସି ଅଞ୍ଚଳ ପ୍ରଭାବିତ ହୋଇ ନ ଥିବାବେଳେ କଟକ ସଦର ବ୍ଲକରୁ କ୍ଷୟକ୍ଷତି ର ଏକ ଲମ୍ବା ତାଲିକା ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା। ଏଥିରେ ସାଧାରଣ ଲୋକଙ୍କର କୌଣସି କ୍ଷତି ହୋଇ ନ ଥିବାବେଳେ ସରକାରୀ କୋଠା ଉଡ଼ିଯାଇଥିବା ଦର୍ଶାଯାଇଥିଲା। ଅବଶ୍ୟ ପରେ ମିଛ ବୋଲି ଜଣାପଡ଼ିବା ପରେ ଜିଲା ପ୍ରଶାସନ ତାକୁ ଅଗ୍ରାହ୍ୟ କରିଥିଲା।

### ସାଇକେଲରେ କେଦାରନାଥ ଯାତ୍ରା କରି ଫେରିଲେ ଦୀପକ

**କଟକ ଅଫିସ, ୧୭।୧୦:** ସାଇକେଲରେ କେଦାରନାଥ ଯାତ୍ରା କରି ସୋମବାର ଟ୍ରେନରେ କଟକ ଫେରିଛନ୍ତି କଟକର ଏକ ଯୁବକ। ଗତ ସେପ୍ଟେମ୍ବର ୧୨ରେ ଖାନନଗର ଅଞ୍ଚଳର ଦୀପକ ପ୍ରଧାନ ବାଲିଯାତ୍ରା ପଡିଆରୁ ସାଇକେଲ ଧରି କେଦାରନାଥ ଯାତ୍ରା ଆରମ୍ଭ କରିଥିଲେ। ଏକ ମାସ ମଧ୍ୟରେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ନେଇ ଦୀପକ ଲକ୍ଷ୍ୟ ଧାର୍ଯ୍ୟ କରି ଯାତ୍ରା ଆରମ୍ଭ କରିଥିଲେ। ପରେ ସେ ସାଇକେଲରେ ବଦ୍ରିନାଥ ମଧ ଯାଇଥିଲେ। ଶେଷରେ ସାଇକେଲ ନେଇ ସେ ସମୁଦାୟ ୨୬ ଦିନର ଯାତ୍ରା କରି ୩୫ ଦିନ ପରେ ଘରକୁ ଫେରିଛନ୍ତି।

# ୭ ଦିନରେ ରିପୋର୍ଟ ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ

## ଓଏଲ୍‌ଏମ୍ ଦୁର୍ନୀତି ଘଟଣା

■ ୨୪ ଘଣ୍ଟା ପରେ ଧାରଣାରୁ ଉଠିଲେ ମହିଳା

**ମଙ୍ଗୁଳି, ୧୭।୧୦(ଡି.ଏନ୍.ଏ.)**

ଓଡ଼ିଶା ଜୀବିକା ମିଶନ ସଂଘ(ଓଏଲ୍‌ଏମ୍)ରେ ଦୁର୍ନୀତି ହୋଇଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଇନ୍ଦ୍ରାଣୀପାଟଣା ପଞ୍ଚାୟତର ଏସ୍‌ଏଚ୍‌ଜି ମହିଳାମାନେ ଅଭିଯୋଗ ଆଣି ବ୍ଲକ କାର୍ଯ୍ୟାଳୟ ଆଗରେ ବସିଥିବା ଧାରଣା ୨୪ଘଣ୍ଟା ପରେ ଉଠିଛନ୍ତି। ସୋମବାର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ସହ ଉକ୍ତ ଅଭିଯୋଗର ତଦନ୍ତ କରି ୭ଦିନ ରିପୋର୍ଟ ଦେବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତଦନ୍ତରେ ଦୁର୍ନୀତି ହୋଇଥିବା ଜଣାପଡ଼ିଲେ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ମଧ ଦେଇଛନ୍ତି।

ଓଏଲ୍‌ଏମ୍ ଅଧୀନ ଇନ୍ଦ୍ରାଣୀପାଟଣା ପଞ୍ଚାୟତରେ ଥିବା ଏକ ମହାସଂଘରେ ବିଭିନ୍ନ ଦୁର୍ନୀତି ହୋଇଥିବା ନେଇ ୭ମହିଳା ଗୋଷ୍ଠୀ ବିଡିଓ ଆଶୁତୋଷ ମିଶ୍ରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଡିଓ ଗତ ଦୁଇ ମାସ ଧରି ଅଭିଯୋଗର କୌଣସି ତଦନ୍ତ ନ କରିବାରୁ ଶୁକ୍ରବାର ସଂଘର ମହିଳାମାନେ କାର୍ଯ୍ୟାଳୟରେ ତାଲା ପକାଇ ବିଡିଓଙ୍କୁ ଘେରାଉ କରିବା, ଶନିବାର ସନ୍ଧ୍ୟାରେ ଧାରଣା ଦେବା ପରେ ମଧ କୌଣସି ନିଷ୍କର୍ଷ ବାହାରି ନଥିଲା। ଖବରପାଇ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଶନିବାର ମଧ୍ୟରାତ୍ରିରେ ପହଞ୍ଚି ମହିଳାଙ୍କ ସହ ଆଲୋଚନା କରି ରବିବାର ସୁଦ୍ଧା ସମାଧାନ କରାଯିବ ବୋଲି କହିଥିଲେ। କିନ୍ତୁ ରବିବାର ମହିଳାମାନେ ଆଲୋଚନା ପାଇଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ତାଲା ପଡିଥିବାର ଦେଖି ଗେଟ ସମ୍ମୁଖରେ ପୁଣି ରାତିସାରା ଧାରଣାରେ ବସିଥିଲେ। ଏପରିକି ସୋମବାର ବିଡିଓ କି କୌଣସି କର୍ମଚାରୀ କାର୍ଯ୍ୟାଳୟକୁ ଆସି ନ ଥିଲେ। ଧାରଣାକୁ ସମର୍ଥନ ଜଣାଇ ଭାଜପା ନେତା ପ୍ରମୋଦ ସାହୁ ଏବଂ ସରପଞ୍ଚଙ୍କ ପ୍ରତିନିଧି ବିନୟ ମଲ୍ଲିକ ଧାରଣାରେ ସାମିଲ ହୋଇଥିଲେ। ଦୀର୍ଘ ୨୪ଘଣ୍ଟା ଧାରଣାରେ ବସିବା ପରେ ଅପରାହ୍ନରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ତହସିଲଦାର ଚୌଧୁରୀ ପ୍ରଜନନ ଦାସ, ବିଡିଓ ଆଶୁତୋଷ ମିଶ୍ର, ଏସଡିପିଓ ସତ୍ୟବ୍ରତ ଲେଙ୍କା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଉପଜିଲାପାଳ ଧାରଣାକାରୀଙ୍କ ଅଭିଯୋଗକୁ ଭିତ୍ତି କରି ୭ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ସହ ମହିଳାମାନଙ୍କୁ ନ୍ୟାୟ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଇନ୍ଦ୍ରାଣିପାଟଣାର ଜାଗୃତି ମହାସଂଘରେ ୭ଟି ଏସ୍‌ଏଚ୍‌ଜି ଗ୍ରୁପକୁ ସାମିଲ କରାଗଲା ବୋଲି ଏକ ଦସ୍ତଖତ ସମ୍ବଳିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ପରେ ଧାରଣାକାରୀଙ୍କୁ ଧାରଣାସ୍ଥଳରୁ ଉଠାଇ ବ୍ଲକକୁ ନେଇ ଜଳପାନ କରାଇଥିଲେ। ମହିଳା ଗୋଷ୍ଠୀର ସଭାନେତ୍ରୀ ଇତିଶ୍ରୀ ସ୍ୱାଇଁ, ମାନସୀ ଦାସ ଓ ଅନ୍ୟ ସଦସ୍ୟାମାନେ ଉପଜିଲାପାଳଙ୍କୁ ଧନ୍ୟବାଦ ଦେଇଛନ୍ତି।


ଧାରଣା ଦେଇଥିବା ମହିଳାମାନଙ୍କୁ ପୂର୍ବତନ ବିଧାୟକ ଓ ଅଧିକାରୀମାନେ ବୁଝାଶୁଝା କରୁଛନ୍ତି।

# ଧବଳେଶ୍ୱର ପୀଠରେ ୨୫ ହଜାର ଶ୍ରଦ୍ଧାଳୁ

## କାର୍ତ୍ତିକ ମାସର ୨ୟ ସୋମବାର



**ଖୁଣ୍ଟୁଣୀ, ୧୭।୧୦(ଡି.ଏନ.ଏ)**

ପୁଣ୍ୟମାସ କାର୍ତ୍ତିକର ଆଜି ଥିଲା ଦ୍ୱିତୀୟ ସୋମବାର ସହ ଗର୍ଭଣା ସଂକ୍ରାନ୍ତି। କଟକ ଉପକଣ୍ଠ ମଧୁସୂଦନ ସେତୁଠାରୁ ଆଠଗଡ଼ର ଶୈବପୀଠ ଧବଳେଶ୍ୱରରେ ବାବା ଧବଳେଶ୍ୱରଙ୍କୁ ଦର୍ଶନ ପାଇଁ ପ୍ରତ୍ୟୁଷରୁ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଠାକୁରଙ୍କ ନୀତିପାଳିଆ କୁଳମଣି ପତ୍ରିଙ୍କ ଦ୍ୱାରା ଭୋର ସାଢ଼େ ୩ଟାରୁ ମନ୍ଦିରର ଦ୍ୱାର ଫିଟା ଯାଇ ପହଡ଼ ଖୋଲାଯିବା ପରେ ମଙ୍ଗଳ ଆଳତି, ଅଗୁର ମିଶ୍ରିତ ସୁବାସିତ ୧୦୮ଗରା ନଦୀଜଳରେ ପ୍ରଭୁଙ୍କ ସ୍ନାନ ଓ ମାର୍ଜନା କରାଯିବା ପରେ ଗନ୍ଧ ଚନ୍ଦନ କରାଯାଇ ବଲ୍ଲଭ ଭୋଗ, ମଙ୍ଗଳାର୍ପଣ ଖେଚୁଡ଼ି ଭୋଗ ଲାଗି କରାଯାଇଥିଲା। ଏହାପରେ ଆଳତି କରାଯାଇ ଠାକୁରଙ୍କୁ ଶୃଙ୍ଗାର ବେଶରେ ସଜ୍ଜିତ କରାଯାଇଥିଲା। ଏହାପରେ ଦୈନନ୍ଦିନ ନୀତିଭୋଗ ଠାକୁରଙ୍କ ନିକଟରେ ଲାଗି ହୋଇଥିଲା। ପ୍ରତ୍ୟୁଷ ୫ଟାରେ ସାଧାରଣ ଭକ୍ତଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲାଯାଇଥିଲା ବୋଲି ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରି କହିଛନ୍ତି। ବାତ୍ୟାର ପ୍ରଚାର ସାଙ୍ଗକୁ ସୂର୍ଯ୍ୟ ପରଗ ହେବାକୁ ଥିବାରୁ ଆସନ୍ତା ସୋମବାର ସେଭଳି ଭକ୍ତ ନ ହେବାର ଆଶଙ୍କା କରି ଏଥର ବିଭିନ୍ନ ସ୍ଥାନରୁ ୨୫ହଜାରରୁ ଅଧିକ ଭକ୍ତଙ୍କ ପୀଠକୁ ସୁଅ ଛୁଟିଥିଲା ବୋଲି ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି। ଶ୍ରଦ୍ଧାଳୁ ଝୁଲାପୋଲରେ ଆସି ଧାଡ଼ିରେ ଛିଡା ହୋଇ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରଥିଲେ। ସନ୍ଧ୍ୟା ଆଳତି ପରେ ପୀଠରେ ଧବଳେଶ୍ୱରଙ୍କ ପଞ୍ଚାନନ ମେଳା ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ପକ୍ଷରୁ ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ତିଗିରିଆ ତହସିଲଦାର ପ୍ରମୋଦ ବାସ୍କେ, କଟକ ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ ସଞ୍ଜୟ ଆଚାର୍ଯ୍ୟ ପ୍ରମୁଖ ପୀଠରେ ଉପସ୍ଥିତ ଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ବିଭିନ୍ନ ଥାନାର ପୋଲିସ ଓ ୨ ପ୍ଲାଟୁନ ଫୋର୍ସ ଉପସ୍ଥିତ ଥିଲେ।



ସିଏମ୍‌ସିରେ କାର୍ଯ୍ୟରତ ଅଳିଆ ସଂଗ୍ରହ ଗାଡି ଡ୍ରାଇଭର ଓ ଲୋଡରଙ୍କ ବିଭିନ୍ନ ଦାବି ନେଇ ସୋମବାର ସିଏମ୍‌ସି ସମ୍ମୁଖରେ ପ୍ରତିବାଦ।

# ଡ୍ରାଇଭର, ଲୋଡରଙ୍କ ସିଏମ୍‌ସି ସମ୍ମୁଖରେ ପ୍ରତିବାଦ

**କଟକ ଅଫିସ, ୧୭।୧୦**

କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନରେ କାମ କରୁଥିବା ଅଳିଆ ସଂଗ୍ରହ ଗାଡିର ଡ୍ରାଇଭର ଓ ଲୋଡରମାନଙ୍କ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ସିଏମ୍‌ସି ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ସିଏମସିର ପରିମଳ ପରିଚାଳନାକୁ ସମ୍ପୂର୍ଣ୍ଣ ଘରୋଇକରଣ କରିବାକୁ ଯାଉଥିବା ବେଳେ ପରିମଳ ପରିଚାଳନାରେ ନିୟୋଜିତ ଅଳିଆ ସଂଗ୍ରହ ଓ ସଫେଇ କର୍ମୀମାନେ କର୍ମସଂସ୍ଥାନ କ୍ଷେତ୍ରରେ ବାଧା ଉପୁଜିବା ନେଇ ଭୟ ଓ ଆଶଙ୍କା ମଧ୍ୟରେ ରହିଛନ୍ତି । ଏହି ପରିପ୍ରେକ୍ଷୀରେ ଅଳିଆ ସଂଗ୍ରହ କାମକୁ କୌଣସି ଏଜେନ୍ସିକୁ ନ ଦେଇ ସିଏମ୍‌ସି ପରିଚାଳନା କରିବା, ସିଏମ୍‌ସି ଅଧୀନରେ ଡ୍ରାଇଭର ଓ ଲୋଡରଙ୍କୁ କାମ କରାଇବା, ସମସ୍ତଙ୍କୁ ପରିଚୟ ପତ୍ର ଦେବା ଓ ସରକାରୀ ନିୟମରେ ପାରିଶ୍ରମିକ ଦେବା ପ୍ରମୁଖ ଦାବି ଆନ୍ଦୋଳନକାରୀଙ୍କ ପକ୍ଷରୁ କରାଯାଇଥିଲା। ଆନ୍ଦୋଳନସ୍ଥଳକୁ ସିଏମ୍‌ସି ଅଧିକାରୀମାନେ ଆସି ପୂର୍ବ ସରକାରୀ ନିୟମ ମୁତାବକ ପାରିଶ୍ରମିକ ଦିଆଯିବା ସହ ପରିଚୟପତ୍ର ଦିଆଯିବାର ଘୋଷଣା କରିବା ପରେ ଆନ୍ଦୋଳନ ହଟିଥିଲା। ଆନ୍ଦୋଳନରେ ଶ୍ରମିକ ନେତା ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବିଷ୍ଣୁ ନାୟକ, ବିଜୟ ବେହେରା, ବାପି ନାୟକ, ମୁନା ନାୟକ, ଦିଲୀପ ଘୋଷ, ରିଙ୍କୁ ନାୟକ, ତପନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶିର ସଭାପତି, ପ୍ରତାପ ସମ୍ପାଦକ

### ବରିଷ୍ଠ ନାଗରିକ କ୍ଲବର କର୍ମକର୍ତ୍ତା ଚୟନ

**ଚୌଦ୍ୱାର, ୧୭।୧୦(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଚାରବାଟିଆ ହାଉସିଂ ବୋର୍ଡସ୍ଥିତ ବରିଷ୍ଠ ନାଗରିକ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କ୍ଲବର ସଦସ୍ୟମାନେ ଯୋଗଦେଇ କ୍ଲବର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ଉପାଧ୍ୟକ୍ଷ ସାମଲଙ୍କୁ ଅନୁରୋଧ କରିଥିଲେ। କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଶିଶିର କୁମାର ଶତପଥୀ, ପ୍ରତାପ ସାମଲ, ସୁଶାନ୍ତ ସାହୁ, ଗୌରାଙ୍ଗ ଦାସ, ଅଜୟ ସ୍ୱାଇଁଙ୍କୁ ଯଥାକ୍ରମେ ସଭାପତି, ଉପ ସଭାପତି, ସମ୍ପାଦକ, ସଂଯୋଜକ ଓ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଗୋକୁଳଚନ୍ଦ୍ର ରାଉତଙ୍କ ସମେତ ୧୬ଜଣ ସଦସ୍ୟଙ୍କୁ ପରିଚାଳନା କର୍ମକର୍ତ୍ତା ଭାବେ ଚୟନ କରାଯାଇଥିଲା। ବିଜୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# କରୋନାରେ ଆମ୍ବୁଲାନ୍ସ ନାଁରେ ଅର୍ଥ ଲୁଟ୍

**କଟକ ଅଫିସ, ୧୭।୧୦**

କରୋନା କାଳରେ ଆମ୍ବୁଲାନ୍ସ ନାଁରେ ଅର୍ଥ ଲୁଟ୍ ଅଭିଯୋଗ ଆଣିଛି ସଚେତନ ନାଗରିକ ମହାସଭା। କରୋନା ସମୟରେ ଜିଲା ସ୍ୱାସ୍ଥ୍ୟ ମିଶନ ପକ୍ଷରୁ କରୋନା ରୋଗୀଙ୍କୁ ନେବା ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା ହୋଇଥିଲା, ଯେଉଁଥିରେ ପ୍ରତି ଆମ୍ବୁଲାନ୍ସକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଆକାଉଣ୍ଟରୁ ୧୫ଶହ ଟଙ୍କା ଏବଂ ୧୦ ଲିଟର ତେଲ(ପେଟ୍ରୋଲ-ଡିଜେଲ) ଦୈନିକ ଦିଆଯାଉଥିଲା। ୨୦୨୦ ଜୁଲାଇରୁ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ସେବାରେ ୮୦ଟିରୁ ଊର୍ଦ୍ଧ୍ୱ ଆମ୍ବୁଲାନ୍ସ ଲାଗିଥିଲା। ଏହା ସମ୍ପୂର୍ଣ୍ଣ ମାଗଣା ସେବା ଥିଲା। କିନ୍ତୁ ଏଠାରେ ଆମ୍ବୁଲାନ୍ସ ନାଁରେ ଏକାଧିକ ବାଇକ୍ ନମ୍ବର ଦେଇ ଲକ୍ଷାଧିକ ଟଙ୍କା ହରିଲୁଟ୍ କରାଯାଇଥିବା କଥା ସୂଚନା ଅଧିକାର ଆଇନ ବଳରେ ଜଣାପଡିଥିବା ସଂଘ କହିଛି। ଏପରିକି ଏକ ଇନୋଭା ଗାଡ଼ି(ଓଡି-୨୯-ଏ-୦୦୦୯)ରେ ମଧ କରୋନା ରୋଗୀ ବୋହିବା ନାଁରେ ୪୦ ଲିଟର ତେଲ ପଡିଥିଲା। ୨ ବାଇକ୍‌ଚାଳକଙ୍କୁ ଆମ୍ବୁଲାନ୍ସ ଭାବେ ୧୦ଲିଟର ତେଲ ଟୋକନ ଦିଆଯାଇଛି। ଉଦାହରଣସ୍ୱରୂପ ଓଡି ୦୫ ଏକ୍ୟୁ ୯୮୯୭, ଓଡି ୦୫ ଏକ୍ୟୁ ୩୦୭, ଓଡି ୦୫ ଏକ୍ସ ୨୬୧୬, ଓଡି ୦୫ ଏଜେ ୩୧୮୯(ଟିଭିଏସ ଏକ୍ସଏଲ), ଓଡି ୦୫ ଏକେ ୩୧୮୯, ଓଆର ୦୨ ବିଏ ୬୬୪୨(ଡିଭିଏସ ସ୍କୁଟି) ଭଳି ଏକାଧିକ ବାଇକରେ ରୋଗୀ ବୁହାଯାଇଥିବା ଦର୍ଶାଇ ଅର୍ଥ ଲୁଟ୍ କରାଯାଇଛି। ଓଡ଼ିଶାରେ ଏହି ଯୋଜନାରେ ନିୟୋଜିତ ହୋଇଥିବା ଗାଡ଼ି ନମ୍ବର ସବୁ ଯାଞ୍ଚ କରାଯାଉ ଏବଂ ଯେଉଁଠି ଏଭଳି ଦୁର୍ନୀତିର ସୂଚନା ମିଳିଛି ସେଠାକାର ସ୍ୱାସ୍ଥ୍ୟ ମିଶନ ଅଧିକାରୀଙ୍କ ବ୍ୟାଙ୍କ ଖାତା ଯାଞ୍ଚ କରାଯାଉ ଏବଂ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ହାଇକୋର୍ଟ ଦ୍ୱାରା ତଦନ୍ତ ହେଉ ବୋଲି ସଚେତନ ନାଗରିକ ମହାସଭା ଦାବି କରିଛି। ଏନେଇ ସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ମହାସଭା ଆବାହକ ବୃନ୍ଦାବନ ଦାସ ଆଜାଦଙ୍କ ନେତୃତ୍ୱରେ ଆଡଭୋକେଟ ଅମରେନ୍ଦ୍ର ମହାନ୍ତି, ସଞ୍ଜୟ ନାୟକ, ବାବୁ ବୈଦ୍ୟ, କୃଷ୍ଣଚନ୍ଦ୍ର ନନ୍ଦୀ, କଙ୍କା ମୁର୍ମୁ, ହୀରା ମୁର୍ମୁ, ସାଧୁ ହେମ୍ବ୍ରମ, ପାର୍ବତୀ ମୁର୍ମୁ, ସସ୍ମିତା ବାରିକ, ମାତି ମୁର୍ମୁ, ମାଳତି ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# କାଦୁଅ ରାସ୍ତାରେ ବସି ଗ୍ରାମବାସୀଙ୍କ ପ୍ରତିବାଦ

**କଣ୍ଟାପଡା, ୧୭।୧୦(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ଶିରସୁନ୍ଦରପୁର ଗ୍ରାମର ୯ନଂ. ୱାର୍ଡ ବାରଘରିଆ ସାହି ରାସ୍ତା ଅବହେଳିତ ଦୀର୍ଘଦିନ ଧରି ଅବସ୍ଥାରେ ରହିଛି। ରାସ୍ତା ସାରା ଖାଲଖମା ହୋଇଥିବା ବେଳେ କାଦୁଅ ଥିବାରୁ ଯାତାୟାତରେ ଅସୁବିଧା ହେଉଛି। ଏ ନେଇ ସ୍ଥାନୀୟ ଲୋକେ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। ତେଣୁ ଉକ୍ତ ଗ୍ରାମର ଲୋକମାନେ କାଦୁଅ ରାସ୍ତାରେ ବସି ପ୍ରତିବାଦ ଜଣାଇବା ସହ ରାସ୍ତା ମରାମତି ପାଇଁ ଦାବି କରିଛନ୍ତି। ଏଥିସହ ସାମାଜିକ କର୍ମକର୍ତ୍ତା ଅଭିମନ୍ୟୁ ମଲିକ ଏ ସମ୍ପର୍କରେ କଟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କାକଟପୁର ବ୍ରାଞ୍ଚ କେନାଲର ବାମପାର୍ଶ୍ୱରେ ଥିବା ଉକ୍ତ ସାହିରେ ପ୍ରାୟ ୩୫୦ଜଣ ବସବାସ କରୁଛନ୍ତି। ଏହି ସାହିକୁ ଯିବା ପାଇଁ ପ୍ରାୟ ୧କିମି ରାସ୍ତା ଥିବାବେଳେ ମରାମତି ଅଭାବରୁ ଖାଲଖମାରେ ପୂରି ରହିଛି। ଏହି ରାସ୍ତା ଗ୍ରାମର ମୁଖ୍ୟ ରାସ୍ତା ଥିବାରୁ ଗ୍ରାମବାସୀ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ବର୍ଷାଦିନେ ରାସ୍ତାର ଦୂରାବସ୍ଥା ଯୋଗୁ ଛାତ୍ରୀଛାତ୍ର ସ୍କୁଲ ଯିବାପାଇଁ ହଇରାଣ ହେଉଥାନ୍ତି। ଏପରିକି ଜରୁରୀ ସମୟରେ ଉକ୍ତ ସାହି ଭିତରକୁ ଆମ୍ବୁଲାନ୍ସଟିଏ ମଧ ଯିବା ସମ୍ଭବ ହୋଇ ନ ଥାଏ। ଫଳରେ ରୋଗୀଙ୍କୁ ଖଟିଆରେ ୧କିମି ଦୂରରୁ ବୁହାଇ ଅଣାଯାଇଥାଏ। ଏବେ କିଛିଦିନ ହେବ ଲଘୁଚାପ ବର୍ଷା ହୋଇଥିବାରୁ ମାଟି ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇଯାଇଛି। ଫଳରେ ଯାତାୟାତ ବେଳେ ଲୋକେ ହଇରାଣ ହେଉଛନ୍ତି। ତେଣୁ ଉକ୍ତ ସାହି ରାସ୍ତା ମରାମତି ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# କଲେଜ ଉନ୍ନୟନ କାର୍ଯ୍ୟ ତଦାରଖ କଲେ ବିଧାୟକ

**କଟକ ସଦର, ୧୭।୧୦(ଡି. ଏନ୍.ଏ.)**

କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ସୋମବାର ଅଚାନକ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜ ପରିଦର୍ଶନରେ ଆସିଥିଲେ। କଲେଜ ପରିସରରେ ପ୍ରବେଶ କରି ବିଧାୟକ ସିଧାସଳଖ ନିର୍ମାଣାଧୀନ ଶ୍ରେଣୀ ଗୃହର କାର୍ଯ୍ୟ ତଦାରଖ କରିଥିଲେ। କାମରେ ବ୍ୟବହୃତ ରଡ୍ ସମ୍ପର୍କରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ବିକାଶ ଭୂୟାଁଙ୍କୁ ପଚାରି ବୁଝିଥିଲେ। କାମରେ କୌଣସି ପ୍ରକାରର ସାଲିସ ନ କରିବାକୁ ଯନ୍ତ୍ରୀମାନଙ୍କୁ ତାଗିଦ କରିଥିଲେ। ଯଦି କେହି କଲେଜର ଶୁଭେଚ୍ଛୁ ଭାବେ କାମ ସମ୍ପର୍କରେ ଉପଯୁକ୍ତ ପରାମର୍ଶ ଦେଉଥାଏ, ତାହାହେଲେ ତାକୁ ଗ୍ରହଣ କରିବାକୁ କହିଥିଲେ। ଯଦି କେହି ନିଜର ସ୍ୱାର୍ଥ ପାଇଁ କଲେଜ ବିରୋଧରେ ଅପପ୍ରଚାର କରି ଉନ୍ନୟନମୂଳକ କାମରେ ବାଧା ପହଞ୍ଚାଇବାର ଉଦ୍ୟମ କରେ ତାହାହେଲେ ସେଥିପ୍ରତି ଭ୍ରୁକ୍ଷେପ ନ କରି ଠିକ୍ ସମୟର ନିର୍ମାଣ ଶେଷ କରିବାକୁ ବିଧାୟକ ବେହେରା କହିଥିଲେ। ସୂଚନାଯୋଗ୍ୟ, ନିକଟରେ ପୁରୁଣା ରଡ଼ ବ୍ୟବହାର କରାଯାଇ କୋଠା କାମ କରାଯାଉଛି ବୋଲି ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଇଥିଲା। ଅଧ୍ୟକ୍ଷ ଶାରଦା ପ୍ରସନ୍ନ ମହାପାତ୍ର, ଅଧାପକ ପ୍ରଦୀପ ବିଶ୍ୱାଳ ପ୍ରମୁଖ ଗସ୍ତ ସମୟରେ ଉପସ୍ଥିତ ଥିଲେ।

# ବାଲ୍ୟ ବିବାହ ସମ୍ପୂର୍ଣ୍ଣ ବନ୍ଦ ହେବା ଜରୁରୀ

## ବାଲ୍ୟ ବିବାହ ନିରାକରଣ ଅଭିଯାନ

**କଟକ ଅଫିସ, ୧୭।୧୦**

ଉତ୍କଳ ସେବକ ସମାଜ ପକ୍ଷରୁ ବାଲ୍ୟବିବାହ ନିରାକରଣ ଅଭିଯାନ ଜିଲାସ୍ତରୀୟ କାର୍ଯ୍ୟକ୍ରମ ମହାନଦୀ ବିହାରସ୍ଥିତ ମହାନଦୀ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସାମାଜିକ ସମସ୍ୟା ଏକ ଜାତୀୟ ଲକ୍ଷ୍ୟ ବୋଲି ମତପ୍ରଦାନ କରିଥିଲେ। ସେ ବାଲ୍ୟବିବାହ ନିରାକରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ସିଏମସି ମେୟର ସୁବାସ ସିଂ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଲ୍ୟ ବିବାହ ଭଳି ଏକ ମଧ୍ୟଯୁଗୀୟ ପରମ୍ପରାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ସେମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଜୋର ଦେବାର ଆବଶ୍ୟକ ରହିଛି ବୋଲି କହିଥିଲେ। ଏଥିସହ ମେୟର ସିଂ ଏହି ଉପଲକ୍ଷେ ଆୟୋଜିତ ମହମବତୀ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ମନ୍ଦାକିନୀ ଜେମା, ଜିଲା ସମାଜ କଲ୍ୟାଣ ଅଧିକାରୀ ସବିତା ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡ଼ାଇ, ମହାନଦୀ ବିହାର ଡେଭ୍‌ଲପମେଣ୍ଟ ଆସୋସିଏଶନ ସଭାପତି ରବିନାରାୟଣ ଶତପଥୀ, ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟର ସଭାପତି ଇଂ ଗୋପାଳ କୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ, ମଳୟ ଷଡଙ୍ଗୀ ଓ ନିରୁପମା ଆଚାର୍ଯ୍ୟ ସଞ୍ଚାଳନ କରିଥିବା ବେଳେ ବ୍ଲକ ମହିଳା ମହାସଂଘର ଉପଦେଷ୍ଟା ପ୍ରିୟମ୍ବଦା ନାୟକ ଧନ୍ୟବାଦ ଦେଇଥିଲେ।

# ବାଳିକାରେ କଟକ ସଦର, ବାଳକରେ ଟାଙ୍ଗୀ ବ୍ଲକ ଚାମ୍ପିୟନ

## ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

**କଟକ ଅଫିସ, ୧୭।୧୦**

କଟକ ଜିଲା ବିଦ୍ୟାଳୟ କ୍ରୀଡ଼ା ସମିତି ଆନୁକୂଲ୍ୟରେ ବିଡ଼ାନାସୀ ଖେଳ ପଡିଆରେ ଚାଲିଥିବା ୧୭ ବର୍ଷରୁ କମ୍ ବାଳିକା ବାଳକ ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ୧୪ଟି ବ୍ଲକର ବାଳିକାବାଳକମାନେ ଅଂଶଗ୍ରହଣ କରିଥିଲେ। ସୋମବାର ଅନୁଷ୍ଠିତ ଫାଇନାଲ ଖେଳରେ ବାଳିକା ବିଭାଗରେ କଟକ ସଦର ବ୍ଲକ ଚାମ୍ପିୟନ ହୋଇଥିବା ବେଳେ ଆଠଗଡ ବ୍ଲକ ରନର୍ସ ଅପ୍ ଏବଂ ବାଳକ ବିଭାଗରେ ଟାଙ୍ଗୀ ବ୍ଲକ କଟକ ସଦର ବ୍ଲକକୁ ୨-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି ।

ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଭାପତି କିଶୋର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଳିକା ବିଭାଗରେ କଟକ ସଦର ବ୍ଲକ ଓ ବାଳକ ବିଭାଗରେ ଟାଙ୍ଗୀ ବ୍ଲକକୁ ଚାମ୍ପିୟନ ଟ୍ରଫି ଏବଂ ଆଠଗଡ ଓ କଟକ ସଦର ବ୍ଲକକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ଓଡ଼ିଶା ଆଥଲେଟିକ ସଂଘର ସମ୍ପାଦକ ଆଶୀର୍ବାଦ ବେହେରା ମୁଖ୍ୟବକ୍ତା, ବିଡାନାସୀ ଷ୍ଟାଡିୟମର ସମ୍ପାଦକ ବିରେନ ବେହେରା ସମ୍ମାନିତ ଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୀପ୍ତିମୟୀ ଶୁଭଦର୍ଶନୀ, ଡ. ସନ୍ତୋଷ କୁମାର ରାଉତ, ସୋନାମିକା ରାଏ, ଜିଲା କ୍ରୀଡା ଶିକ୍ଷା ଅଧିକାରୀ ସୌଦାମିନୀ ଦାସ, ଜିଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତ ରାୟ, ଫୁଟବଲ୍ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଜିଲା ବିଜ୍ଞାନ ସୁପରଭାଇଜର ଅକ୍ଷୟ କୁମାର ନନ୍ଦ, ପ୍ରଧାନ ଶିକ୍ଷକ ସୁକାନ୍ତ ଚନ୍ଦ୍ର ଷଡ଼ଙ୍ଗୀ, ଚୌଧୁରୀ ରମାକାନ୍ତ ପ୍ରହରାଜ, ଅଶୋକ କୁମାର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ଡ. ଅନୁସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଯୋଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।



ବିଡ଼ାନାସୀ ଖେଳ ପଡିଆରେ ଚାଲିଥିବା ୧୭ ବର୍ଷରୁ କମ୍ ବାଳିକା ବାଳକ ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତାରେ ଚାମ୍ପିୟନ ବାଳକ ଦଳ।


ଫୁଟବଲ ପ୍ରତିଯୋଗିତାରେ ଚାମ୍ପିୟନ ବାଳିକା ଦଳ।

## ସଂକ୍ଷେପରେ

### ନ୍ୟାୟ ଦାବିରେ ଆମରଣ ଅନଶନ

ପୁରୀ ଅଫିସ, ୧୭।୧୦: ସରକାରୀ ଜାଗାରେ ଥିବା ନାଳକୁ ଗ୍ରାମର କେତେଜଣ ବ୍ୟକ୍ତି ବନ୍ଦ କରିବାରୁ ବର୍ଷାଦିନେ ଘର ଚାରିପଟେ ପାଣି ଜମି ରହୁଛି। ତେଣୁ ଗ୍ରାମର ଅନେକ ପରିବାର ହଇରାଣ ହେଉଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ବଳଙ୍ଗା ଥାନା ଅନ୍ତର୍ଗତ ପୁରୁଣାବୁଢାକେରା ଗ୍ରାମର ବେଣୁଧର ସାମନ୍ତରାୟ ଓ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପରିବାର ସହ କେତୋଟି ପରିବାର ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କରି ନିରାଶ ହେବା ପରେ ଶେଷରେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

### ପର୍ଯ୍ୟଟକଙ୍କ ବେକରୁ ଚେନ୍ ଲୁଟ୍: ଜଣେ ଗିରଫ

ପୁରୀ ଅଫିସ, ୧୭।୧୦: ଜଣେ ପର୍ଯ୍ୟଟକଙ୍କ ବେକରୁ ସୁନାଚେନ୍ ଲୁଟ ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ମହିଳା ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ଧାନକେରା କୁମ୍ଭସାହିର ମଞ୍ଜୁ ପ୍ରଧାନ। ପୋଲିସ ତାଙ୍କଠାରୁ ୨୦ ଗ୍ରାମ ଓଜନର ସୁନାଚେନ୍ ଜବତ କରିଛି। ଏନେଇ ପୋଲିସ ଏକ କେସ୍ (ନଂ. ୧୦୧/୨୨) ରୁଜୁ କରିଛି। ଶ୍ରୀମନ୍ଦିର ନିକଟରେ କଟକର ଜୟଶ୍ରୀ ପୃଷ୍ଟିଙ୍କ ମା'ଙ୍କ ବେକରୁ ସୁନାଚେନ୍ ଛିଡ଼ାଇ ନେଇ ମଞ୍ଜୁ ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ଜୟଶ୍ରୀଙ୍କ ପାଟି ଶୁଣି ସେଠାରେ ଥିବା ପୋଲିସ କର୍ମଚାରୀ ମଞ୍ଜୁଙ୍କୁ କାବୁ କରିଥିଲେ। ଏ ନେଇ ସିଂହଦ୍ୱାର ଥାନାରେ ଜୟଶ୍ରୀ ଏତଲା ଦେଇଥିଲେ।

### ଖାଦ୍ୟ ଉତ୍ପାଦନ, ସୁଷମ ବଣ୍ଟନ ଉପରେ ଗୁରୁତ୍ୱ

ପୁରୀ ଅଫିସ, ୧୭।୧୦: ମହିଳା ବିକାଶ ସଙ୍ଗଠନ ପକ୍ଷରୁ ରବିବାର ସିଦ୍ଧମହାବୀରପାଟଣାସ୍ଥିତ କାର୍ଯ୍ୟାଳୟରେ ସଭାନେତ୍ରୀ ମଧୁସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ନୀଳାଚଳ କୃଷକ ମହାସଂଘର ସଭାପତି ଗୋପୀନାଥ ମିଶ୍ର ଯୋଗଦେଇ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଖାଦ୍ୟାଭାବ ଭଳି ସମସ୍ୟା ଉପୁଜିବାକୁ ଯାଉଛି। ମହିଳାମାନେ ଆମ ଦେଶର ମେରୁଦଣ୍ଡ ଓ ସେମାନେ ସ୍ୱାବଲମ୍ବୀ ହେଲେ ଖାଦ୍ୟାଭାବ ସମସ୍ୟା ଉପୁଜିବ ନାହିଁ। ଯୁଗ୍ମସମ୍ପାଦିକା ମଧୁସ୍ମିତା ସେନାପତି ଖାଦ୍ୟ ଉତ୍ପାଦନ ଓ ସୁଷମ ବଣ୍ଟନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ନୀଳାଚଳ କୃଷକ ମହାସଂଘ ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ମହିଳା ସଙ୍ଗଠନ ସମ୍ପାଦିକା ରାଜଲକ୍ଷ୍ମୀ ଛୋଟରାୟ, ଅସ୍ତରଙ୍ଗ ସଭାନେତ୍ରୀ ସୁସ୍ମିତା ସ୍ୱାଇଁ, ସଙ୍ଗଠିକା ରୋଜାଲିନ୍ ବଳବନ୍ତରାୟ, କୋଷାଧ୍ୟକ୍ଷା ଚିନାମଣି ମାଣିଆ, ବୋଲଗଡ଼ର ସୁପ୍ରିୟା ପାହାଡ଼ସିଂ, ଖୋର୍ଦ୍ଧାର ଶୁଭଲକ୍ଷ୍ମୀ ତ୍ରିପାଠୀ, କଟକ ସଭାନେତ୍ରୀ ମାନସୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିଲୋଚନପୁର ସରପଞ୍ଚ ଧନ୍ୟବାଦ ଦେଇଥିଲେ।

### ଖାଦ୍ୟ ନଷ୍ଟ ନ କରି ବାଣ୍ଟିବାକୁ ଆହ୍ୱାନ

ପୁରୀ ଅଫିସ, ୧୭।୧୦: ବିଶ୍ୱ ଖାଦ୍ୟ ଦିବସ ଅବସରରେ ରବିବାର 'ଉର୍ଜାବାନ ଓଡ଼ିଶା' ପରିବାର ପକ୍ଷରୁ ଲୋକନାଥ ଘାଟ ନିକଟରେ ଦିବ୍ୟାଙ୍ଗମାନଙ୍କୁ ଖାଦ୍ୟ ବିତରଣ କରାଯାଇଛି। ସଦସ୍ୟା ସଦସ୍ୟମାନେ ରୋଷେଇ କରି ପ୍ରାୟ ୨୦୦ ଦିବ୍ୟାଙ୍ଗଙ୍କୁ ନିଜ ହାତରେ ଖୁଆଇ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଙ୍ଗଠନର ସଭାପତି ସନ୍ତୋଷ ସେନାପତି ଉଦ୍‌ଘାଟନ କରି କହିଥିଲେ, ଅନ୍ନ ହେଉଛି ବ୍ରହ୍ମ। ତେଣୁ ଏହାକୁ ନଷ୍ଟ ନ କରି ବିତରଣ କଲେ ଅନେକ ଲୋକଙ୍କ କ୍ଷୁଧା ନିବାରଣ ହୋଇପାରିବ। ସେହିପରି ସମ୍ପାଦିକା ନିହାରିକା ତ୍ରିପାଠୀ ସଂଘର୍ଷ ମଧ୍ୟରେ ସଦସ୍ୟମାନେ କିପରି ଦୀର୍ଘ ବର୍ଷ ଧରି ଦୈନିକ ଖାଦ୍ୟ ବିତରଣ କରୁଛନ୍ତି ତାହା କହିଥିଲେ। ଖାଦ୍ୟ ସଂଗ୍ରହ ପାଇଁ ସଙ୍ଗଠନ ପକ୍ଷରୁ ୮୨୪୯୪୬୭୦୩୪ ନମ୍ବର ଜାରି କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମରେ ବଳକା ଖାଦ୍ୟ ନଷ୍ଟ ନ କରି ଜନସାଧାରଣ ଯୋଗାଯୋଗ କଲେ ତାହା ସଂଗ୍ରହ କରାଯାଇ ଲୋକଙ୍କୁ ବିତରଣ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଉପଦେଷ୍ଟା ପୁଷ୍ପଜିତ ମହାପାତ୍ର, ଆଇନ ପରାମର୍ଶଦାତା ଅନିଲ କୁମାର ସାହୁ, ବିଶ୍ୱଜିତ ପ୍ରଧାନ, ପ୍ରଭାସ ରଥ, ଗିରିଜା ଶଙ୍କର ଦାସ, ଗଜେନ୍ଦ୍ର ସେନାପତି, ଜିତେନ୍ଦ୍ର ପାତ୍ର, ରଙ୍ଗଲତା ପଟ୍ଟନାୟକ, ଦିଲୀପ ଡିଣ୍ଡିରା, ଧନେଶ୍ୱର ପାତ୍ର, ହରପ୍ରସାଦ ନନ୍ଦ, ମନ୍ମଥ ଦାଶ, ବିଭୁ ପ୍ରସାଦ ନନ୍ଦ, ସଚ୍ଚିଦାନନ୍ଦ ବିଶୋଇ, ମନୋଜ ନାୟକ, ଆଶିଷ ମଲ୍ଲିକ, ଆଦର୍ଶ ମିଶ୍ର ଏବଂ ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚିନ୍ତା ବଢ଼ାଉଛନ୍ତି ଯାଯାବର

**ପଦକ୍ଷେପ ନେଉନି ପ୍ରଶାସନ**
- ଚୋରି, ଭିକ୍ଷାବୃତ୍ତିରେ ଲିପ୍ତ ହେଉଛନ୍ତି
- ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କୁ କରୁଛନ୍ତି ହଇରାଣ

ପୁରୀ ଅଫିସ,୧୭।୧୦

ରାଜ୍ୟ ବାହାରୁ ଆସୁଥିବା ଯାଯାବର (ବଞ୍ଜାରା)ଙ୍କ ସଂଖ୍ୟା ଶ୍ରୀକ୍ଷେତ୍ରରେ ବଢ଼ିବାରେ ଲାଗିଛି। ପୁରୀ ସହରର ବିଭିନ୍ନ ସ୍ଥାନରେ ତମ୍ବୁ ଟାଣି ଅସ୍ଥାୟୀ ଭାବେ ଯାଯାବରମାନେ ରହୁଥିବାବେଳେ ଅସାମାଜିକ ଓ ଆପରାଧିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ଏମାନଙ୍କ କାର୍ଯ୍ୟକଳାପରେ ସହରବାସୀଙ୍କ ସମେତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଅତିଷ୍ଠ ହୋଇପଡ଼ିଲେଣି। ଯାଯାବରଙ୍କ ମଧ୍ୟରୁ ନାବାଳିକା ଓ ନାବାଳକ ଭିକ୍ଷାବୃତ୍ତି କରୁଥିବାବେଳେ ସାବାଳକମାନେ ଚୋରି, ଛିନ୍‌ତାଇ ଭଳି ଆପରାଧିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ସେହିପରି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଦେଖିଲେ ଦୌଡ଼ିଯାଇ ଗୋଡ଼ ଧରି ଟଙ୍କା ମାଗୁଛନ୍ତି। ଟଙ୍କା ନ ଦେଲେ ହଇରାଣ ହରକତ କରୁଛନ୍ତି। ବିଶେଷକରି ତାଳବଣିଆ, ଭୂଦାନ ଓ ପେଣ୍ଠକଟା ଅଞ୍ଚଳରେ ଏମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ପୋଲିସ ସଂପୃକ୍ତ ଯାଯାବରମାନଙ୍କୁ ଘଉଡ଼ାଉଥିଲେ ମଧ୍ୟ ସେମାନେ ଗୋଟିଏ ସ୍ଥାନରୁ ଉଠିଯାଇ ଅନ୍ୟ ସ୍ଥାନରେ ତମ୍ବୁ ତିଆରି କରି ରହୁଛନ୍ତି। ଫଳରେ ସେମାନେ ଏବେ ପ୍ରଶାସନ ଓ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛନ୍ତି।

ପୁରୀ ସହରରେ ୫ ଶହରୁ ଊର୍ଦ୍ଧ୍ୱ ଯାଯାବର ବିଭିନ୍ନ ରାଜ୍ୟରୁ ଆସି ରହିଛନ୍ତି। ଏମାନେ ମୁଖ୍ୟତଃ ରାଜସ୍ଥାନ, ହରିୟାଣା ଓ ପଶ୍ଚିମବଙ୍ଗର ହୋଇଥିବାବେଳେ ଲାମ୍ବାଡ଼ି, ଲୋହାର, ଗୁଜ୍ଜର ଓ ଗୋପେ ଭଳି ଆଦିବାସୀ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ଏହି ଯାଯାବରମାନଙ୍କ ଛୋଟ ପିଲାମାନେ ରାସ୍ତାରେ ଲୋକଙ୍କୁ ଦେଖିଲେ ତାଙ୍କ ଗୋଡ଼ ଧରି ବସି ରହୁଛନ୍ତି। ଟଙ୍କା ନ ଦେବା ପର୍ଯ୍ୟନ୍ତ ଗୋଡ଼ ଛାଡ଼ୁନାହାନ୍ତି। ଏମାନଙ୍କୁ ଏଭଳି କରିବା ପାଇଁ ସମ୍ପ୍ରଦାୟର ବରିଷ୍ଠ ବ୍ୟକ୍ତିମାନେ ତାଲିମ ଦେଉଛନ୍ତି। ପୁରୀ ଜିଲା ଶିଶୁ ସୁରକ୍ଷା ଟିମ୍ ଏବଂ ଚାଇଲ୍ଡ ହେଲ୍ପଲାଇନ୍ ଶିଶୁ ଶ୍ରମିକ ଓ ଭିକ୍ଷାବୃତ୍ତିରେ ଲିପ୍ତ ପିଲାଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରୁଥିଲେ ମଧ୍ୟ ଯାଯାବର ପିଲାଙ୍କ ପ୍ରତି ପ୍ରଶାସନର ନଜର ନାହିଁ। ଯଦି କେବେ ପୋଲିସ ଏହି ପିଲାଙ୍କୁ ଉଦ୍ଧାର କରି ଆଣେ ତା'ହେଲେ ସେମାନଙ୍କ ମୁରବିମାନେ ଆସି କାକୁତିମିନତି ହୋଇ ସେମାନଙ୍କୁ ନେଇଯାନ୍ତି। ମାତ୍ର ପରେ ପୁଣି ଯଥା ପୂର୍ବଂ ତଥା ପରମ୍ ଭଳି ସ୍ଥିତି ଦେଖିବାକୁ ମିଳେ। ସେହିପରି ସାବାଳକମାନେ ଛିନ୍‌ତାଇ ସହ ଛୋଟ ଦୋକାନ, ଘରୁ ଚୋରି କରିଥାନ୍ତି। ସବୁଠାରୁ ବଡ଼ କଥା, ଏମାନଙ୍କ ପାଖରେ ଆଧାର କାର୍ଡ କିମ୍ବା ଭୋଟର ପରିଚୟପତ୍ର ନାହିଁ।



ପୁରୀ ସହରରେ ଯାଯାବରମାନେ ରହିବା ଲାଗି ତମ୍ବୁ ତିଆରି କରିଛନ୍ତି।

ଏଣୁ ବାସ୍ତବରେ ଏମାନଙ୍କ ପରିଚୟ କ'ଣ, ତାହା ଜାଣିବା ପୋଲିସ ଓ ପ୍ରଶାସନ ପାଇଁ କଷ୍ଟକର ହୋଇପଡ଼ିଛି। ସେହିଭଳି ଏମାନଙ୍କ ମଧ୍ୟରୁ କେତେଜଣ କିଛି ମାସ ଅନ୍ତରରେ କୁଆଡ଼େ ଚାଲିଯାଉଛନ୍ତି ଏବଂ ଟ୍ରେନ୍ ଯୋଗେ ପୁଣି ନୂଆ ଯାଯାବର ଆସି ପହଞ୍ଚୁଛନ୍ତି। ଏମାନେ ସହରର ବିଭିନ୍ନ ସ୍ଥାନରେ ସରକାରୀ ଜମି ମାଡ଼ିବସି ଅସ୍ଥାୟୀ ଶିବିର କରି ରହୁଥିବା ସୂଚନା ମିଳିଛି।

ପୁରୀ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ଦେବାଶିଷ ରଥ କହିଛନ୍ତି, ଅଧିକାଂଶ ଶିଶୁଙ୍କ ମାତାପିତା ସେମାନଙ୍କ ସହ ନାହାନ୍ତି। ଶିଶୁଙ୍କୁ ଭିକ୍ଷାବୃତ୍ତି କରାଇବା ପାଇଁ ମାତାପିତାଙ୍କଠାରୁ ଅଣାଯାଇଛି। ସମ୍ପର୍କୀୟମାନଙ୍କ ସହ ଶିଶୁମାନେ ଆସିଛନ୍ତି। ଶିଶୁମାନେ ଅନାଥ ନୁହଁନ୍ତି ବୋଲି ସେମାନଙ୍କ ସହ ଆଲୋଚନାରୁ ଜଣାପଡ଼ିଛି। ତାଙ୍କ ମାତାପିତା ଯାଯାବର ଭାବେ ଅନ୍ୟ କୌଣସି ସ୍ଥାନ କିମ୍ବା ରାଜ୍ୟରେ ବୁଲୁଛନ୍ତି। ସେହିଭଳି ଖୁବ୍ ଛୋଟ ବୟସର ପିଲାମାନେ ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ। ସେମାନଙ୍କୁ ଯେକୌଣସି ସ୍ଥାନରେ ଛାଡ଼ି ଦିଆଗଲେ ବି ସେମାନେ ନିଜ ସମ୍ପର୍କୀୟଙ୍କ ପାଖକୁ ଫେରିପାରୁଛନ୍ତି। ବିଶେଷ କରି ଯାଯାବର ଆଦିବାସୀ ସମ୍ପ୍ରଦାୟର ଲୋକେ କେଉଁ କେଉଁ ସ୍ଥାନକୁ ସାମୂହିକ ଭାବେ ଯାତ୍ରା କରୁଛନ୍ତି ତାହା ଶିଶୁମାନଙ୍କୁ ଜଣାରହୁଛି। ଗୋଟିଏ ସ୍ଥାନରେ କିଛି ଦିନ ରହିବା ପରେ ଅନ୍ୟ ସ୍ଥାନକୁ ଚାଲିଯିବା କିମ୍ବା ବ୍ୟକ୍ତିମାନଙ୍କୁ ପରିବର୍ତ୍ତିତ କରି ପୁରୁଣା ସ୍ଥାନରେ ରହିବା ହେଉଛି ଯାଯାବର ଶ୍ରେଣୀର ଲୋକଙ୍କ କାର୍ଯ୍ୟ। ଏମାନେ ପ୍ରବାସୀ ଭାବେ ଦେଖାଯାଉଥିଲେ ମଧ୍ୟ ପ୍ରକୃତ ପକ୍ଷେ ପ୍ରବାସୀ ନୁହନ୍ତି। ସରକାର ଏମାନଙ୍କ ପାଇଁ ପୁନର୍ବାସ ବ୍ୟବସ୍ଥା କରିବା ଦରକାର ବୋଲି ରଥ କହିଛନ୍ତି। ଅନ୍ୟପକ୍ଷରେ ଆପରାଧିକ କାର୍ଯ୍ୟରେ ଯାଯାବରମାନେ ଜଡ଼ିତ ରହୁଥିଲେ ମଧ୍ୟ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ନେଇପାରୁନାହିଁ। ପରିଚୟ ନ ଥିବାରୁ ପୋଲିସ କେବଳ ତାଗିଦ କରି ଛାଡ଼ିବାକୁ ବାଧ ହେଉଛି। ତେବେ ଏମାନଙ୍କୁ ହଟାଇବାକୁ ପ୍ରଶାସନ ସ୍ୱତନ୍ତ୍ର ପଦକ୍ଷେପ ନେବା ଆବଶ୍ୟକ ବୋଲି ଅନେକେ ମତ ଦେଉଛନ୍ତି।

ଏ ନେଇ ଭାରତୀୟ ସାମାଜିକ ବିଜ୍ଞାନ ବିଶେଷଜ୍ଞ ପ୍ରଭୁଦତ୍ତ ମହାପାତ୍ର କହିଛନ୍ତି, ପୁରୀରେ ରହୁଥିବା ଏହି ଯାଯାବରମାନେ ସାରା ରାଜ୍ୟରେ ଘୁରି ବୁଲୁଛନ୍ତି। ଏମାନେ ନିଜ ଜୀବିକା ହରାଇବା କାରଣରୁ ଭିକ୍ଷା ଓ ଚୋରି ଭଳି ବୃତ୍ତିକୁ ଆପଣେଇସାରିଲେଣି। ମୁଖ୍ୟତଃ ଏହି ଆଦିବାସୀମାନେ ବିଭିନ୍ନ ରାଜ୍ୟ ବୁଲି ବଡ଼ ମେଳା, ଯାତ୍ରା ଓ ଉତ୍ସବ ସମୟରେ ଲୁହାବସ୍ତୁ ନିର୍ମାଣ, ଗୁଜ୍ଜ, ଲତା ତଥା ଆୟୁର୍ବେଦିକ ଦ୍ରବ୍ୟ ବିକ୍ରି ସହ ଚିତା କୁଟାଇବା ଭଳି କାମ କରିଥାଆନ୍ତି। ମାତ୍ର ବିଜ୍ଞାନର ପ୍ରଗତି ସହ ଏମାନେ ବିଂଶଦଶ ଶତାବ୍ଦୀରେ ନିଜ ଜୀବିକା ହରାଇ ଏବେ ଏକ ଆପରାଧିକ ଗୋଷ୍ଠୀରେ ପରିଣତ ହୋଇସାରିଲେଣି। ତେବେ ପ୍ରଶାସନ ଏମାନଙ୍କ ପାଇଁ ପୁନର୍ବାସ ବ୍ୟବସ୍ଥା କରିବା ଦରକାର ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ରାଜ୍ୟ ବାହାରୁ ଆସି ଜବରଦଖଲ କରି ରହୁଥିବା ଲୋକଙ୍କ ପାଇଁ ପୁନର୍ବାସ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକ୍ଷମ ନାହିଁ। ଯେଉଁଠାରେ ଏଭଳି ଯାଯାବର ଶ୍ରେଣୀର ଲୋକଙ୍କୁ ଜବରଦଖଲ କରିଥିବା ଦେଖିବାକୁ ମିଳୁଛି, ସେଠାରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଶିଶୁମାନଙ୍କୁ ଭିକ୍ଷାବୃତ୍ତିରୁ ନିବୃତ୍ତ ରଖିବା ପାଇଁ ଜିଲା ଶିଶୁ କଲ୍ୟାଣ କମିଟି ସହିତ ସମନ୍ୱୟରେ କାର୍ଯ୍ୟ କରାଯାଉଛି। ସେହିପରି ସମୁଦ୍ରକୂଳ ଥାନା ଆଇଆଇସି ଚିନ୍ମୟ ରାଉତ କହିଛନ୍ତି, ଗତ ମାସରେ ୧୦ରୁ ଊର୍ଦ୍ଧ୍ୱ ଯାଯାବର ଆପରାଧିକ ମାମଲାରେ ଜଡ଼ିତ ଥିବା ଅଭିଯୋଗ ହୋଇଛି। ପୋଲିସ ସେମାନଙ୍କୁ ଚେତାବନୀ ଦେଇ ଛାଡ଼ିଛି। ତେବେ କୌଣସି ବଡ଼ ଅପରାଧରେ ଏମାନେ ସଂଶ୍ଲିଷ୍ଟ ରହୁନାହାନ୍ତି। ସେହିପରି ଯାଯାବରମାନଙ୍କୁ ଜବରଦଖଲ ସ୍ଥାନରୁ ସମୟ ସମୟରେ ଉଠାଇ ଦିଆଯାଉଛି।




ପୁରୀ ରେଳଷ୍ଟେଶନ ନିକଟ ବସ୍ତିରେ ସୋମବାର ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା।

## ନିଶାମୁକ୍ତ ଭାରତ ପାଇଁ ସଚେତନତା ସୃଷ୍ଟି କଲେ ଛାତ୍ରୀଛାତ୍ର

ପୁରୀ ଅଫିସ, ୧୭।୧୦

ଆନ୍ଦୋଳନ, ଅନଶନ କି ଆଇନ୍ ନୁହେଁ, ଆଜିର ବିଦ୍ୟାର୍ଥୀମାନେ ନିଜ ଓ ନିଜ ପରିବାର ଠାରୁ ନିଶାମୁକ୍ତ ଭାରତ ଅଭିଯାନ ଆରମ୍ଭ କରିବେ। କଳି, ବିବାଦ କି କ୍ରୋଧ ନୁହେଁ,ଏକ ଶୃଙ୍ଖଳିତ ସମାଜ, ସୁସ୍ଥ ପରିବେଶ ଓ ସୁନ୍ଦର ଭବିଷ୍ୟତ ପାଇଁ ପିଲାମାନେ ଏଣିକି ଅଳି, ପ୍ରାର୍ଥନା ଓ ନିବେଦନ ମାଧ୍ୟମରେ ଘରୁ, ପରିବାରରୁ, ଗାଁ ଓ ବସ୍ତିରୁ ହଟାଇବେ ନିଶା। ଯେପରି ନିଶାଦ୍ରବ୍ୟକୁ ନେଇ ଆଉ ଘରେ ଘରେ ସୃଷ୍ଟି ହେବନି ହିଂସା ଓ ରୋଗ ସେଥିଲାଗି ଜନସାଧାରଣଙ୍କୁ ସଚେତନ କରାଇବେ। ଏଭଳି ଆହ୍ୱାନ ଦେଇ ଗିରଳ ନିକଟସ୍ଥ ଅନ୍ନପୂର୍ଣ୍ଣା ବନବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶପଥ ନେଇଛନ୍ତି। ତପୋଭୂମି ଟ୍ରଷ୍ଟ ପକ୍ଷରୁ ଶିକ୍ଷାବିତ୍ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବଦ୍ରି ମିଶ୍ର, ବଳରାମ ପଣ୍ଡା, ଭାସ୍କର ନାୟକ, ମନୋରଞ୍ଜନ ମିଶ୍ର, ମଧୁସୂଦନ ମିଶ୍ର, ନବୀନ ଶତପଥୀ, ଉଷାରାଣୀ ନାୟକ, ଦେବୀପ୍ରସାଦ ରଥ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଶାମୁକ୍ତ ଭାରତ ସଂକ୍ରାନ୍ତରେ ଉଦବୋଧନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ଚିତ୍ତରୂପା ଷଡ଼ଙ୍ଗୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ଛାଟୋଇ, ଦୀପା ମିଶ୍ର, ମନୋଜ ଦଳେଇ, ହରିହର ସାହୁ, ବିଷ୍ଣୁ ଚରଣ ରାଉତ, ମୁକ୍ତିମଣି ଜେନା, ସଙ୍ଗୀତା ନାୟକ ଏବଂ ଉପେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଶିବିରରେ ୩୧ ଅଭିଯୋଗର ଶୁଣାଣି

ଗୋପ,୧୭।୧୦(ଡି.ଏନ୍.ଏ.)

ଗୋପ ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଜନ ଶୁଣାଣିଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଜନ ଶୁଣାଣି ଶିବିରରେ ଉପଜିଲାପାଳ ଭବତାରଣ ସାହୁ, ଏସ୍‌ପି କେ. ବିଶାଲ ସିଂ, ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ବିଡିଓ ଦୀପ୍ତିରାଣୀ ଦାସ, ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସମସ୍ୟା ଶୁଣିଥିଲେ। ଏହି ଶିବିରରେ ମାତ୍ର ୩୧ଟି ଅଭିଯୋଗ ଆସିଥିବା ବେଳେ ଅଧିକାଂଶ ଅଭିଯୋଗ ବିଭାଗୀୟ ଅଧିକାରୀମାନଙ୍କୁ ଡକାଯାଇ ସମାଧାନ କରାଯାଇଥିଲା। ମୁଖ୍ୟତଃ ଆବାସ ଗୃହ, ଭତ୍ତା ସହିତ ଅନ୍ୟ ବିଭାଗୀୟ ସମ୍ପର୍କିତ ଅଭିଯୋଗ ଆସିଥିଲା। ବିଶେଷ କରି ଅଣ୍ଡରା-ଇଚ୍ଛାପୁରରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୧୧ ଶହରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ଲଗାଯାଇଥିବା ସମୟରେ ଚଳିତବର୍ଷ କୁଶଭଦ୍ରା ଓ ଧନୁଆ ବନ୍ୟା ଜଳ ଦୀର୍ଘ ୨ସପ୍ତାହ ଧରି ରହିବା ଫଳରେ ସମସ୍ତ ଗଛ ବନ୍ୟା ଜଳରେ ନଷ୍ଟ ହୋଇଯାଇଥିବାରୁ ତୁରନ୍ତ ନୂତନ ଗଛ ଲଗାଯିବାକୁ ଗ୍ରାମବାସୀ ଦାବି କରିଥିଲେ। ସୂଚନାଯୋଗ୍ୟ, ବିଡିଓ ଦୀପ୍ତିରାଣୀ ଦାସ ପ୍ରତ୍ୟେକ ଦିନ ଯେଉଁ ସବୁ ଅଭିଯୋଗ ଆସିଥାଏ, ସେଗୁଡ଼ିକୁ ଦୃଷ୍ଟି ଦେଇ ସମାଧାନ କରୁଥିବାରୁ ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ସେତଟା ଅଭିଯୋଗ ଆସି ନ ଥିଲା । ଏହି ଜନଶୁଣାଣି ଶିବିରରେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିବା ଅଧିକାରୀମାନେ।

## ଥାନାରେ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ପିପିଲି,୧୭।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ଥାନା ଅଞ୍ଚଳରେ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନାହାନ୍ତି ପୋଲିସ। ଅଞ୍ଚଳରେ ଜଣେ ଜମି ମାଫିଆ ଜମି ବେପାର ନାଁରେ ନିଶା, ଅଶ୍ଳୀଳ କାମ କରୁଥିବା ଅଭିଯୋଗ ହେଉଥିବା ବେଳେ ତଦନ୍ତ ବଦଳରେ ସେମାନଙ୍କୁ ସୁରକ୍ଷା ଦେଉଛି ପୋଲିସ। ଅଭିଯୋଗ କଲେ ଥାନାରେ ଅଭିଯୋଗକାରୀଙ୍କ ନାମରେ ପାଲଟା ଅଭିଯୋଗ କରୁଛନ୍ତି ପୋଲିସ। ଏପରି କି ଅଭିଯୋଗକାରୀ ମହିଳାଙ୍କୁ ଥାନାକୁ ଡାକି ଦୁର୍ବ୍ୟବହାର କରିଥିବା ମହିଳା ଅଭିଯୋଗ କରିଛନ୍ତି। ଏ ନେଇ ଅଭିଯୋଗକାରିଣୀ ଜଣେ ମହିଳା ସାମାଜିକ କର୍ମୀଙ୍କ ଜରିଆରେ ମାନବ ଅଧିକାର କମିଶନଙ୍କ ସହ ପୁରୀ ଏସ୍‌ପି, ଡିଜିପି ଓ କ୍ରାଇମବ୍ରାଞ୍ଚରେ ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ପିପିଲି ନିକଟ ହରିପୁରଠାରେ ଅଭିଯୋଗକାରିଣୀ ମହିଳା, ପୂର୍ବତନ ଜନପ୍ରତିନିଧି ଏକ ଖବରଦାତା ସମ୍ମିଳନୀ କରି ପୋଲିସ ବିରୋଧରେ ଅଭିଯୋଗ କରି ନ୍ୟାୟ ଦାବି କରିଛନ୍ତି। ଏହାସହ ପିପିଲି ବିଲିପଡା ଗ୍ରାମ ନିକଟରେ ଜଣେ ଜମି ମାଫିଆ ଆପାର୍ଟମେଣ୍ଟ କରି ସ୍ଥାନୀୟ ଲୋକଙ୍କୁ ଠକି ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ସେହି ଆପାର୍ଟମେଣ୍ଟରେ ନିଶା, ବନ୍ଧୁକ ଓ ଦେହ ବେପାର କରାଯାଉଥିବା ପୂର୍ବତନ ସରପଞ୍ଚ ସୁବାଶିଷ ରଥ କହିଛନ୍ତି। ସୂଚନାଥାଉ କି, ପିପିଲି ବିଲିପଡାରେ ଜମି ମାଫିଆ କରିଥିବା ଆପାର୍ଟମେଣ୍ଟରେ ଜମି ବେପାର କହି ନିଶା, ବନ୍ଧୁକ କାରବାର ସହିତ ଦେହ ବ୍ୟବସାୟ ହେଉଥିବା ନେଇ ସ୍ଥାନୀୟଲୋକେ ଅଭିଯୋଗ କରିଛନ୍ତି। ସେହିଭଳି ଜଣେ ମହିଳାଙ୍କୁ ତଦନ୍ତ ଆଳରେ ଥାନାକୁ ଡାକି ଦୁର୍ବ୍ୟବହାର କରିଥିବା ନେଇ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଉକ୍ତ ମହିଳା। ଗତ ୧୪ ତାରିଖରେ ଏ ନେଇ ମହିଳା ଜଣକ ଏସ୍‌ପି ଓ ମାନବାଧିକାର କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ ଅଭିଯୋଗକୁ ବିଚାରକୁ ନେଇ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଥିବା ବେଳେ ନ୍ୟାୟ ନ ମିଳିଲେ ଥାନା ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ମହିଳା କହିଛନ୍ତି। ଏ ନେଇ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ କହିଛନ୍ତି, ଅଭିଯୋଗ ନ ଆସିବା ପର୍ଯ୍ୟନ୍ତ ବିନା ତଦନ୍ତରେ ପୋଲିସ ବିରୋଧରେ କୌଣସି ପ୍ରତିକ୍ରିୟା ଦେଇହେବ ନାହିଁ । ତେବେ ଅଭିଯୋଗ ଆସିଲେ ଏହାର ନିରପକ୍ଷ ତଦନ୍ତ କରାଯିବ ବୋଲି ଏସଡିପିଓ ବରାଳ କହିଛନ୍ତି।

## ମଙ୍ଗଳା ମନ୍ଦିରରେ ଲାଗିଲା ବଡ଼ ଘଣ୍ଟି

କାକଟପୁର,୧୭।୧୦(ଡି.ଏନ୍.ଏ.)

ଲୋକେ କିଛି ମନସ୍କାମନା ନେଇ ମା' ମଙ୍ଗଳାଙ୍କ ପାଖକୁ ଦର୍ଶନ ପାଇଁ ଆସି ମାନସିକ ରଖିଥାନ୍ତି। ମାନସିକ ପୂର୍ଣ୍ଣ ହେବା ପରେ ରଖିଥିବା ମାନସିକ ଅନୁସାରେ ଦାନ ଦକ୍ଷିଣା ଦେଇଥାନ୍ତି। ସୋମବାର ଜଣେ ମାନସିକଧାରୀ ଖୋର୍ଦ୍ଧାର ନାରାୟଣ ମହାନ୍ତିଙ୍କ ମାନସିକ ପୂର୍ଣ୍ଣ ହୋଇଛି। ସେଥିନେଇ ସେ ପ୍ରଦାନ କରିଥିବା ୧ କୁଇଣ୍ଟାଲ ୨୦ କେଜିରୁ ଊର୍ଦ୍ଧ୍ୱ ଓଜନର ଘଣ୍ଟି ସୋମବାର ମନ୍ଦିରରେ ଲଗାଯାଇଛି। ଏହାର ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ମନ୍ଦିର ଟ୍ରଷ୍ଟ ବୋର୍ଡ଼ ସଭାପତି ତଥା ତହସିଲଦାର ବିରଞ୍ଚି ନାରାୟଣ ବେହେରାଙ୍କ ନିର୍ଦ୍ଦେଶ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ନାରାୟଣଙ୍କ କୁଳ ପୁରୋହିତ ତଥା ବରିଷ୍ଠ ପୂଜାପଣ୍ଡା ଲଳିତ ଦୀକ୍ଷିତ ଓ ଶରତ ଦୀକ୍ଷିତ ଉପସ୍ଥିତ ରହି ଏହି କାର୍ଯ୍ୟ ସମ୍ପାଦନା କରିଥିଲେ।



ମଙ୍ଗଳା ମନ୍ଦିରରେ ଘଣ୍ଟି ଲଗାଯିବା ଅବସରରେ ଉପସ୍ଥିତ ସେବାୟତ ଓ ଅନ୍ୟମାନେ।

## ନୀଳାଚଳ ଅର୍ବାନ ହାଟରେ ହସ୍ତତନ୍ତ, ହସ୍ତଶିଳ୍ପ ମେଳା

ପୁରୀ ଅଫିସ,୧୭।୧୦

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଚଳିତ ବର୍ଷ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ପୁରୀ ନୀଳାଚଳ ହାଟରେ ଆୟୋଜିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରେ ଥିବା ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ଓ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଲୁଗାର ବିକ୍ରୟ ବୃଦ୍ଧି ଉଦ୍ଦେଶ୍ୟରେ ଏହି ମେଳାର ଆୟୋଜନ କରାଯାଇଛି। ସୋମବାର ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ରାଜ୍ୟର ବରଗଡ଼, କଟକ, ସୋନପୁର, ଆଠଗଡ଼, ଢେଙ୍କାନାଳ, ବାରିପଦା, ଖୋର୍ଦ୍ଧା, ନୟାଗଡ଼, କଳାହାଣ୍ଡି, ବଲାଙ୍ଗୀର ଓ ବୌଦ୍ଧ ବୟନମଣ୍ଡଳୀରୁ ୧୮ ଜଣ ରାଜ୍ୟ ତଥା ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ଯୋଗଦେଇଛନ୍ତି। ପ୍ରଶାସନ ପକ୍ଷରୁ ୩୩ଟି ଦେୟମୁକ୍ତ ଷ୍ଟଲ ପ୍ରଦାନ କରାଯାଇଛି। ଏହି ମେଳା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସମ୍ପ୍ରତି ହସ୍ତତନ୍ତ ଲୁଗା ଉପରେ ୧୦ ପ୍ରତିଶତ ରିହାତି ରହିଛି। ତେଣୁ ଗ୍ରାହକମାନେ ନୀଳାଚଳ ହାଟ ପରିଭ୍ରମଣରେ ଆସି ସମ୍ବଲପୁରୀ ଓ ଅନ୍ୟାନ୍ୟ ବସ୍ତ୍ର ଖରିଦ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଏହି ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା ଆୟୋଜନ ଉତ୍ସବରେ ସମ୍ବଲପୁର ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ନାଗ, ଜିଲା ଶିଳ୍ପ କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀଚନ୍ଦନ, ହେମନ୍ତ କୁମାର ମିଶ୍ର ଏବଂ ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ନୀଳାଚଳ ହାଟରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ପ୍ରଚେଷ୍ଟାରେ ଗତ ଜୁଲାଇ ୧୦ରୁ ୧୮ ତାରିଖ ପର୍ଯ୍ୟନ୍ତ ବଜାର ବସିଥିଲା। ଏହି ସମୟ ମଧ୍ୟରେ ସର୍ବମୋଟ୍ ୧ କୋଟି ୨୬ ଲକ୍ଷ ୫୨ ହଜାର ଟଙ୍କାର ବେପାର ହୋଇଥିଲା। ୧ ଲକ୍ଷ ୨୫ ହଜାର ଲୋକ ନୀଳାଚଳ ଅର୍ବାନ ହାଟ ବୁଲିବାକୁ ଆସି ବସ୍ତ୍ରମେଳା ଦେଖିଥିଲେ।



ହସ୍ତତନ୍ତ, ହସ୍ତଶିଳ୍ପ ମେଳାର ଏକ ଷ୍ଟଲରେ ଅତିଥିମାନେ ବସ୍ତ୍ର ଦେଖୁଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଓଆଇଏମ୍ଏସ୍ଇଏଏସ୍‌ର ମିଳିତ ଆନୁକୂଲ୍ୟରେ ଓଡ଼ିଶାରେ ସାମ୍ପ୍ରତିକ ପ୍ରତ୍ନତାତ୍ତ୍ୱିକ ଖନନ କର୍ମଶାଳା, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସଂସ୍କୃତି ବିହାର, ପୂର୍ବାହ୍ନ ୧୦ଟା।
- ପ୍ରଥମ ତ୍ରିକଳିଙ୍ଗ ଐତିହାସିକ ବୃତ୍ତ ଚଳଚ୍ଚିତ୍ର ଉତ୍ସବ, ଲୋହିଆ ଭବନ, ସନ୍ଧ୍ୟା ୬ଟା ୩୦।

# ରେଳଧାରଣାରୁ ମୃତଦେହ ଜବତ

## ପରିଚୟ ଖୋଜୁଛି ପୋଲିସ

ଭୁବନେଶ୍ୱର,୧୭।୧୦ (ବ୍ୟୁରୋ): ଖାରବେଳ ନଗର ଥାନା ଅନ୍ତର୍ଗତ ସତ୍ୟବିହାରସ୍ଥିତ ରେଳ ଧାରଣରୁ ଜଣେ ବ୍ୟକ୍ତିଙ୍କ କ୍ଷତବିକ୍ଷତ ମୃତଦେହକୁ ଜିଆର୍‌ପି ଥାନା ପୋଲିସ ଜବତ କରିଛି। ତାଙ୍କ ପରିଚୟ ପତ୍ର ମିଳି ନ ଥିବାବେଳେ ସେ ପିନ୍ଧିଥିବା ବେଲ୍ଟରୁ ଏକ ସିକ୍ୟୁରିଟି ସଂସ୍ଥାର କର୍ମଚାରୀ ବୋଲି ସନ୍ଦେହ କରାଯାଉଛି। ସୋମବାର ସକାଳେ ମୃତଦେହଟି ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏଥିସହ ମୃତଦେହ ପଡ଼ିଥିବା ସ୍ଥାନରୁ ଏକ ସିକ୍ୟୁରିଟି ସଂସ୍ଥାର ବେଲ୍ଟକୁ ଜବତ କରି ତଦନ୍ତ ଚଳାଇଛି। ଉକ୍ତ ବ୍ୟକ୍ତିଙ୍କ ବେକ କଟିଯାଇଥିବାବେଳେ କାନ୍ଧ ମୂଳରୁ ବାହୁଟି ଅଧାଛିଣ୍ଡା ଅବସ୍ଥାରେ ରହିବା ସହ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ରହିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନାହିଁ। ବେକ ଓ ପାରିପାର୍ଶ୍ୱିକ ସ୍ଥିତିରୁ କୌଣସି ଟ୍ରେନ୍ ଧକ୍କା ଦେଇଥିବା ଜଣାପଡୁଥିଲେ ମଧ କେହି ହତ୍ୟା ପରେ ଟ୍ରେନ୍ ଲାଇନ୍‌କୁ ଫିଙ୍ଗି ଦେବା ସନ୍ଦେହକୁ ଏଡାଇ ଦିଆଯାଇ ନ ପାରେ। ତେବେ ଏହା ଦୁର୍ଘଟଣା ନା ହତ୍ୟା ସେନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ପରିଚୟ ଖୋଜୁଛି ପୋଲିସ।

# ସାଇବର ଠକେଇ: ୯୮ ହଜାର ଫେରି ପାଇଲେ ମହିଳା

ଭୁବନେଶ୍ୱର,୧୭।୧୦ (ବ୍ୟୁରୋ) : ସାଇବର ଠକଙ୍କଠାରୁ ଟଙ୍କା ଫେରାଇ ଆଣିବାରେ ସାଇବର ଥାନା ପୋଲିସ ସଫଳ ହୋଇଛି। ପାନ୍ କାର୍ଡ ଅପଡେଟ୍ ବାହାନାରେ ସାଇବର ଠକ ଜଣେ ମହିଳାଙ୍କ ଆକାଉଣ୍ଟରୁ ୯୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ। ଏ ନେଇ ମହିଳା ଜଣକ ଜିରୋ ଆୱାର ଅର୍ଥାତ୍ ଘଟଣାର ୨୪ ଘଣ୍ଟା ମଧ୍ୟରେ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ତୁରନ୍ତ ଉକ୍ତ ଆକାଉଣ୍ଟକୁ ସିଜ୍ କରିଦେଇଥିଲେ। ପରେ ଉକ୍ତ ଆକାଉଣ୍ଟରୁ ଟଙ୍କା ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉକ୍ତ ମହିଳାଙ୍କ ଆକାଉଣ୍ଟକୁ ସୋମବାର ସମସ୍ତ ଟଙ୍କା ଫେରି ଆସିଛି। ସୂଚନାନୁସାରେ, ଗତ ସପ୍ତାହରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଲକ୍ଷ୍ମୀପ୍ରିୟା ରାଉତ ପାନ୍‌କାର୍ଡ ଅପଡେଟ୍ କରିବା ପାଇଁ ତାଙ୍କ ମୋବାଇଲ୍ ଫୋନ୍‌କୁ ଏକ ମେସେଜ୍ ଆସିଥିଲା। ଉକ୍ତ ମେସେଜ୍‌ରେ ଥିବା ଲିଙ୍କ୍‌କୁ କ୍ଲିକ୍ କରିବା ପରେ ତାଙ୍କ ଆକାଉଣ୍ଟରୁ ୯୮ ହଜାର ୯୫୪ ଟଙ୍କା କଟି ଯାଇଥିଲା। ଏହାପରେ ମହିଳା ଜଣକ ସଙ୍ଗେ ସଙ୍ଗେ ସାଇବର ହେଲ୍ପଲାଇନ୍ ନମ୍ବରରେ କଲ୍ କରିବା ସହ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଥାନାରେ ଅଭିଯୋଗ କରିଥିଲେ।

# ଲିଫ୍ଟରେ ଫସିଲେ ୩ ହବିଷିଆଳି

ପୁରୀ ଅଫିସ,୧୭।୧୦

ବୃନ୍ଦାବତୀ ନିବାସରେ ସୋମବାର ସନ୍ଧ୍ୟାରେ ଅଭାବନୀୟ ଘଟଣା ଘଟିଛି। ୩ଜଣ ହବିଷିଆଳି ଶ୍ରୀମନ୍ଦିରରୁ ଦାରୁଦିଅଁଙ୍କ ଦର୍ଶନ ସାରି ବୃନ୍ଦାବତୀ ନିବାସକୁ ଫେରିବାବେଳେ ଲିଫ୍ଟରେ ଫସିଯାଇଥିଲେ। ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ୩ଜଣ ହବିଷିଆଳି ବନ୍ଦ ଲିଫ୍ଟ ଭିତରେ ଫସି ରହିଥିଲେ। ସେମାନଙ୍କ କାନ୍ଦବୋବାଳି ଶୁଣିବା ପରେ ରେଡକ୍ରସ କର୍ମଚାରୀମାନେ ଲିଫ୍ଟ ଭିତରେ କେହି ଫସି ରହିଥିବା ଜାଣିପାରିଥିଲେ। ଏହାପରେ ଲିଫ୍ଟ କର୍ମଚାରୀଙ୍କ ସହଯୋଗରେ ମାଷ୍ଟର ଚାବି ଯୋଗେ ଲିଫ୍ଟକୁ ତଳକୁ ଅଣାଯାଇ ୩ ହବିଷିଆଳିଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ନୟାଗଡ଼ ନିବାସୀ କୁନି ଆଚାର୍ଯ୍ୟ ଅଚେତ ହୋଇଯାଇଥିଲେ। ଅସୁସ୍ଥ ଅବସ୍ଥାରେ ତାଙ୍କୁ ବୃନ୍ଦାବତୀ ନିବାସର ଅସ୍ଥାୟୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ

- ଅଧଘଣ୍ଟା ପରେ ଉଦ୍ଧାର, ଜଣେ ଅଚେତ ହୋଇପଡ଼ିଥିଲେ
- ଦାରୁଦିଅଁଙ୍କ ଦର୍ଶନ ସାରି ବୃନ୍ଦାବତୀ ନିବାସକୁ ଫେରୁଥିଲେ

ନିଆଯାଇଥିଲା। ପରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ବିରଜା ଶଙ୍କର ରଥ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କୁନି ଭୟଭୀତ ହେବା କାରଣରୁ ତାଙ୍କର ସ୍ନାୟୁକ୍ରିୟା ସାମାନ୍ୟ ପ୍ରଭାବିତ ହୋଇଥିଲା। ତେବେ ଖୁବ୍ କମ୍ ସମୟ ମଧ୍ୟରେ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ହୋଇଥିଲା ବୋଲି ଅତିରିକ୍ତ ଚିକିତ୍ସାଧିକାରୀ କହିଥିଲେ। ଜିଲାପାଳ ସମର୍ଥ ବର୍ମା ଏବଂ ଉପଜିଲାପାଳ ଭବତାରଣ ସାହୁ ଘଟଣାସ୍ଥଳରେ ପହଞ୍ଚି ଅସୁସ୍ଥ ହବିଷିଆଳି ଓ ବୃନ୍ଦାବତୀ ନିବାସର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ।

ଘଟଣା ଅନୁଯାୟୀ, ଶ୍ରୀମନ୍ଦିରରୁ ଦର୍ଶନ ସାରି ଫେରିବା ପରେ ହବିଷିଆଳିମାନେ ବୃନ୍ଦାବତୀ ନିବାସ ଲିଫ୍ଟ ପାଖରେ ପହଞ୍ଚିଥିଲେ। ବୃନ୍ଦାବତୀ ନିବାସରେ ଥିବା ସମସ୍ତ ୬ଟି ଲିଫ୍ଟରେ ସୁରକ୍ଷାକର୍ମୀ ମୁତୟନ ରହିଛନ୍ତି। ହବିଷିଆଳିମାନଙ୍କୁ ଲିଫ୍ଟ ଯୋଗେ ନେବା ଆଣିବା କରିବା ଦାୟିତ୍ୱ ସୁରକ୍ଷାକର୍ମୀଙ୍କ ଉପରେ ନ୍ୟସ୍ତ ହୋଇଥାଏ। ତେବେ ସୁରକ୍ଷାକର୍ମୀ ପରିସ୍ରା କରିବାକୁ ଯାଇଥିବାବେଳେ ୩ ଜଣ ହବିଷିଆଳି ତାଙ୍କୁ ଅପେକ୍ଷା ନ କରି ପଛ ପଟ ଲିଫ୍ଟ ମଧ୍ୟକୁ ଚାଲିଯାଇ ସୁଇଚ ମାରିଥିଲେ। ତେବେ ମନଇଚ୍ଛା ସୁଇଚ ମାରିବା ଫଳରେ ଲିଫ୍ଟ ଅଧାରେ ଅଟକି ଯାଇଥିଲା। ଏହାପରେ ଲିଫ୍ଟ ଭିତରୁ ହବିଷିଆଳିମାନେ ଚିତ୍କାର କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ବୃନ୍ଦାବତୀ ନିବାସ ଦାୟିତ୍ୱରେ ଥିବା ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲିଫ୍ଟ ମ୍ୟାନ୍‌ଙ୍କ ସହ ଯୋଗାଯୋଗ କରିଥିଲେ। ଲିଫ୍ଟ ମ୍ୟାନ ମାନୁଆଲି ମାଷ୍ଟର କି' ଯୋଗେ ଲିଫ୍ଟକୁ ଖୋଲିବାପରେ ହବିଷିଆଳିମାନଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ହବିଷିଆଳିମାନେ ବାହାରକୁ ଆସିବା ପରେ ଜଣେ ଅସୁସ୍ଥ ହୋଇପଡ଼ିଥିବାବେଳେ ଅନ୍ୟ ଦୁଇଜଣ ସ୍ୱାଭାବିକ ସ୍ଥିତିରେ ରହିଥିଲେ। ସେମାନଙ୍କୁ ଗ୍ଲୁକୋଜ ପିଇବାକୁ ଦିଆଯାଇଥିଲା। ଏ ନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ହବିଷିଆଳିମାନେ ଲିଫ୍ଟ ପରିଚାଳନା ସମ୍ପର୍କରେ ଜାଣି ନ ଥିବାରୁ ସୁରକ୍ଷାକର୍ମୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। କମ୍ ସମୟ ପାଇଁ ସୁରକ୍ଷାକର୍ମୀ ନ ରହିବା ସମୟରେ ହବିଷିଆଳିମାନେ ଲିଫ୍ଟରେ ଚଢ଼ିଯାଇଥିଲେ। ତେବେ ସୁରକ୍ଷାକର୍ମୀଙ୍କୁ ଅଧିକ ସତର୍କ ଓ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।



କଟକ ବିଡ଼ାନାସୀ କୁମ୍ଭାର ସାହି ଅଞ୍ଚଳରେ ଜଣେ ମହିଳା ଦୀପାବଳି ପାଇଁ ମାଟିରେ ତିଆରି ଦୀପ, ସରା, କଳସକୁ ଘରେ ସଜେଇ ରଖୁଛନ୍ତି।

# ଯୁକ୍ତ୨ ପରୀକ୍ଷକ ତାଲିକା ପାଇଁ ଶିକ୍ଷକଙ୍କ ତଥ୍ୟ ମାଗିଲା ସିଏଚ୍ଏସ୍ଇ

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବାର୍ଷିକ ପରୀକ୍ଷା ୨୦୨୩ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପରୀକ୍ଷା ନିୟନ୍ତ୍ରକ ସବୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ/କମ୍ପୋଜିଟ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ପରୀକ୍ଷକ ତାଲିକା ପ୍ରସ୍ତୁତି ପାଇଁ ଯୋଗ୍ୟ ଶିକ୍ଷକଙ୍କ ତଥ୍ୟ ମାଗିଛନ୍ତି। ଆସନ୍ତା ୧୯ ତାରିଖରୁ ନଭେମ୍ବର ୭ ମଧ୍ୟରେ ଜୁନିଅର ଅଧ୍ୟାପକ/ପିଜିଟି ପାହ୍ୟା ଉପରକୁ ଥିବା ସମସ୍ତ ଯୋଗ୍ୟ ଶିକ୍ଷକଙ୍କ ତାଲିକା ସାମ୍ସ ପୋର୍ଟାଲରେ ଉପଲବ୍ଧ ଫର୍ମାଟରେ ଦେବା ପାଇଁ କୁହାଯାଇଛି। ଅସମ୍ପୂର୍ଣ୍ଣ/ଭୁଲ ତଥ୍ୟ ଦାଖଲ କରିଥିଲେ କିମ୍ବା ଆଦୌ ତଥ୍ୟ ପ୍ରଦାନ କରି ନ ଥିଲେ ସମ୍ପୃକ୍ତ କଲେଜ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ଜଣାଇ ଦିଆଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

# କାମ ନ କଲେ ଚେଙ୍କ, ନିସ୍ତୁକ ମାଡ଼

## ରାଜଧାନୀରେ ନାବାଳିକାଙ୍କୁ ନିର୍ଯାତନା





ଭୁବନେଶ୍ୱର,୧୭।୧୦ (ବ୍ୟୁରୋ)

ଜଣେ ନାବାଳିକାଙ୍କୁ ଘରେ ରଖି କାମ କରାଉଥିଲେ। ଅବହେଳା କଲେ ବେଲଣା କାଠିରେ ବାଡ଼େଇବା ସହ ରୁଟି ସେକାରେ ଶରୀରର ବିଭିନ୍ନ ସ୍ଥାନରେ ଚେଙ୍କ ଦେଇ ନିର୍ଯାତନା ଦେଉଥିଲେ। ଏଭଳି ଏକ ଅମାନବୀୟ ଘଟଣା ନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ଚାଇଲ୍ଡ ଲାଇନ, ପୋଲିସ ଓ ଶ୍ରମ ଅଧିକାରୀଙ୍କ ଉଦ୍ୟମରେ ୧୩ ବର୍ଷିୟା ନାବାଳିକାଙ୍କୁ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସତ୍ୟବିହାରସ୍ଥିତ ସତ୍ୟ ଏନକ୍ଲେଭରେ ରହୁଥିବା ଦମ୍ପତି ରଶ୍ମୀରଞ୍ଜନ ଜେନା ଓ ପ୍ରତିମା ନାୟକଙ୍କ ଘରୁ ସୋମବାର ଉଦ୍ଧାର କରାଯାଇଛି। ନାବାଳିକା ଜଣକ କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ବୋଲି ଜଣାପଡିଛି। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ସେ ତାଙ୍କ ଗାଁ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ୨୦୨୧ ଫେବୃୟାରୀରେ ପ୍ରତିମାଙ୍କ ବାପା ଅନନ୍ତ ତାଙ୍କୁ କାମରେ ନିୟୋଜିତ ଉଦ୍ଦେଶ୍ୟରେ ଭୁବନେଶ୍ୱର ଆଣି ଝିଅ, ଜ୍ୱାଇଁ ଘରେ ଛାଡ଼ିଥିଲେ। ନାବାଳିକାଙ୍କୁ ନିଜ ଘରେ ଘରୋଇ ଚାକର ଭାବରେ ନିୟୋଜିତ କରାଇଥିଲେ ଦମ୍ପତି। କୌଣସି କାମରେ ତ୍ରୁଟି ହେଲେ ତାଙ୍କୁ ନିର୍ମମ ଅତ୍ୟାଚାର କରୁଥିଲେ। ବେଲଣା କାଠିରେ ମୁଣ୍ଡ, ପିଠିକୁ ମାଡ଼ ମାରୁଥିଲେ। ଏପରିକି ରୁଟି ସେକାରେ ଚେଙ୍କ ଦେଉଥିଲେ। ତାଙ୍କ ଶରୀରର ଅନେକ ସ୍ଥାନରେ ପୋଡ଼ା କ୍ଷତ ଚିହ୍ନ ଦେଖିବାକୁ ମିଳିଛି। ନାବାଳିକାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ ବିଶ୍ୱ ଜୀବନ ସେବା ସଂଘ ଓପନ ସେଣ୍ଟରରେ ରଖାଯାଇଛି। ଏ ନେଇ ମଞ୍ଚେଶ୍ୱର ଥାନାରେ ଦମ୍ପତିଙ୍କ ବିରୋଧରେ ଅଭିଯୋଗ କରାଯାଇଥିବା ଚାଇଲ୍ଡ ଲାଇନ ଅଧ୍ୟକ୍ଷ ବେଣୁଧର ସେନାପତି ସୂଚନା ଦେଇଛନ୍ତି।

### ଉଦ୍ଧାର କଲା ଚାଇଲ୍ଡଲାଇନ୍

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରୀତମ



@ ଗୌତମ



@ ଦୀପକ



@ ନୀଳମଣି



@ ଜ୍ଞାନରଞ୍ଜନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ମୁକ୍ତି ଥିଏଟର ଗ୍ରୁପ୍ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟ୍ୟ ଉତ୍ସବର ସୋମବାର ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ନାଟକ 'ମଧୁସୂଦନ ନନ୍ଦ ବୟସ ୭୮'ର ଏକ ଦୃଶ୍ୟ।



ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ନୂତନ ଅଧ୍ୟକ୍ଷ ଭାବେ ସଂଗ୍ରାମକେଶରୀ ପାଇକରାୟ ସୋମବାର ଦାୟିତ୍ୱ ଗ୍ରହଣ କରିବା ଅବସରରେ ତାଙ୍କୁ ସ୍ୱାଗତ କରାଯାଉଛି।



କଟକ ବିଡାନାସୀ ପଡିଆରେ ଚାଲିଥିବା ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ସୋମବାର ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

## ବରଗଡ଼ ଧନୁଯାତ୍ରା: ଏଥର ବଦଳିବେ କଂସ କଳାକାର

ବରଗଡ଼ ଅଫିସ,୧୭।୧୦: ବିଶ୍ୱପ୍ରସିଦ୍ଧ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ପାଇଁ ଚଳିତଥର କଂସ କଳାକାର ଚୟନ କରାଯିବ। ସୋମବାର ସନ୍ଧ୍ୟାରେ ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଧନୁଯାତ୍ରା କାର୍ଯ୍ୟକାରୀ କମିଟି ବୈଠକରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି। ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିବାକୁ ଇଚ୍ଛୁକ ଥିବା କଳାକାରମାନେ ଏଥିପାଇଁ ପ୍ରଥମେ ଆବେଦନ କରିବେ। ଏହାପରେ କଳାକାର ଚୟନ କରାଯିବ ବୋଲି ଜଣାପଡ଼ିଛି। ଉକ୍ତ ବୈଠକରେ ବରଗଡ଼ ଏମ୍ପି ସୁରେଶ ପୂଜାରୀ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଏସ୍ପି ପରମାର ସ୍ମିତ ପୁରୁଷୋତ୍ତମ ଦାସ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଓମିକ୍ରନ୍‌ର ନୂଆ ଭାରିଆଣ୍ଟ ବିଏଫ୍-୭

## ଦୀପାବଳିରେ ବଢ଼ିପାରେ ସଂକ୍ରମଣ



ନୂଆଦିଲ୍ଲୀ,୧୭।୧୦

ଦେଶରେ କୋଭିଡ୍ ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇଥିବାବେଳେ ଓମିକ୍ରନ୍‌ର ଆଉ ଏକ ନୂଆ ସବ୍‌ଭାରିଆଣ୍ଟ ଚିହ୍ନଟ ହୋଇଥିବାରୁ ଏହା ଚିନ୍ତା ବଢ଼ାଇ ଦେଇଛି। ଦୀପାବଳି ବେଳକୁ ଦେଶରେ କୋଭିଡ୍ ସଂକ୍ରମଣ ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ସେଥିପାଇଁ ପାର୍ବଣ ଋତୁରେ ଅଧିକ ସତର୍କ ରହିବା ଲାଗି ପରାମର୍ଶ ଦିଆଯାଇଛି। ବିଏଫ୍.୭ ନାମକ ଏହି ସବ୍‌ଭାରିଆଣ୍ଟ ଅଧିକ ସଂକ୍ରାମକ ଓ ଶୀଘ୍ର ବ୍ୟାପିଥାଏ। ଗୁଜରାଟର ବାୟୋଟେକ୍‌ନୋଲୋଜି ରିସର୍ଚ୍ଚ ସେଣ୍ଟର ବିଏଫ୍.୭ର ପ୍ରଥମ ମାମଲା ଠାବ କରିଛି।

ଚାଇନାର ମଙ୍ଗୋଲିଆରେ ପ୍ରଥମେ ବିଏ.୫.୧.୭ ଏବଂ ବିଏଫ୍.୭ ଚିହ୍ନଟ ହେବା ପରେ ଏହା ଅନ୍ୟ ଦେଶକୁ ବ୍ୟାପି ସାନି ବିପଦ ସୃଷ୍ଟି କରିଛି। ଚାଇନାରେ ନିକଟରେ ସଂକ୍ରମଣ ବୃଦ୍ଧି ପାଇବାର କାରଣ ଏହି ଦୁଇ ସବ୍‌ଭାରିଆଣ୍ଟ ବୋଲି କୁହାଯାଉଛି। ଏହା ଅତି ଦ୍ରୁତ ବେଗରେ ସଂକ୍ରମିତ ହେଉଥିବାବେଳେ ଏବେ ବ୍ରିଟେନ, ଆମେରିକା, ଅଷ୍ଟ୍ରେଲିଆ, ବେଲ୍‌ଜିୟମ ପ୍ରଭୃତି ଦେଶକୁ ବ୍ୟାପିସାରିଲାଣି। ଓମିକ୍ରନ୍ ବିଏଫ୍.୭ର ବିଶେଷତ୍ୱ ହେଉଛି ଏହା କୋଭିଡ୍‌ର ପୂର୍ବ ସଂକ୍ରମଣ ଏବଂ ଟିକା ନେବା ଦ୍ୱାରା ଶରୀରରେ ସୃଷ୍ଟି ହୋଇଥିବା ଆଣ୍ଟିବଡ଼ିକୁ ଚକ୍‌ମା ଦେଖାଇବାକୁ ସମର୍ଥ। ପୂର୍ବ ଭାରିଆଣ୍ଟଗୁଡ଼ିକ ତୁଳନାରେ ଏହା ଅଧିକ ଶୀଘ୍ର ବ୍ୟାପିବ ବୋଲି କୁହାଯାଉଛି। ସେଥିପାଇଁ ଆଗାମୀ ଦୁଇ/ତିନି ସପ୍ତାହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୋଭିଡ୍ ସଂକ୍ରମଣ ଏବେ ବି ଜାରି ରହିଛି। ଏଥିସହିତ ନୂଆ ଭାରିଆଣ୍ଟ ବିଭିନ୍ନ ଦେଶରେ ଦେଖାଗଲାଣି। ତେଣୁ ଆମେ ଏହାର ପଞ୍ଝାରୁ ବର୍ତ୍ତିଯାଇପାରିବା ନାହିଁ। ଆଗକୁ ପାର୍ବଣ ଥିବାରୁ ସତର୍କତା ଅବଲମ୍ବ କରିବା ଜରୁରୀ ବୋଲି ନ୍ୟାଶନାଲ ଟେକ୍‌ନିକାଲ ଆଡଭାଇଜରୀ ଗ୍ରୁପ୍ ଅଫ୍ ଇମ୍ୟୁନାଇଜେଶନ(ଏନ୍‌ଟିଏଜିଆଇ)ର ଅଧକ୍ଷ ଡ. ଏନ୍.କେ. ଆରୋରା କହିଛନ୍ତି।



ମାସକୁ ୨୧ହଜାର ଟଙ୍କା ଦରମା ଦାବିରେ ସୋମବାର ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

# 'ଇ-ଜଳାଶୟ, ଇ-କ୍ୟାଡ୍' ବ୍ୟବସ୍ଥାର ଶୁଭାରମ୍ଭ

## ଜଳାଶୟର ଅବସ୍ଥିତି ସମ୍ପର୍କରେ ତଥ୍ୟ ମିଳିବ: ମନ୍ତ୍ରୀ

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ଜଳସମ୍ପଦ ବିଭାଗ ଦୁଇଟି ୱେବ୍ ତଥା ମୋବାଇଲ ଆପ୍ଲିକେଶନ ଯଥା 'ଇ-ଜଳାଶୟ' ଏବଂ 'ଇ-କ୍ୟାଡ୍' (ସେଚାଞ୍ଚଳ ଉନ୍ନୟନ) ବ୍ୟବସ୍ଥାର ଶୁଭାରମ୍ଭ ସୋମବାର କରିଛି। ଏହି କାର୍ଯ୍ୟକ୍ରମକୁ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ଜଳସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସାହୁ କହିଛନ୍ତି, ପ୍ରତ୍ୟେକ ଜୀବଜଗତ ପାଇଁ ଜଳର ଆବଶ୍ୟକତା ଅଛି। ଓଡ଼ିଶାରେ ପାନୀୟ ଜଳ ସାଙ୍ଗକୁ କୃଷି, ଶିଳ୍ପ ଆଦି ପ୍ରତ୍ୟେକ କ୍ଷେତ୍ରରେ ଜଳର ଆବଶ୍ୟକତା ପୂରଣ କରିବାକୁ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ଆମ ରାଜ୍ୟରେ ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳସେଚନ ଓ ବ୍ୟାରେଜ୍ ଆଦି ବ୍ୟବସ୍ଥାରେ ବିଭିନ୍ନ ଜଳଭଣ୍ଡାରରେ ଯେତିକି ପରିମାଣର ଜଳ ସଞ୍ଚୟ ହୋଇ ରହୁଛି ସେସବୁକୁ ଚାଷୀଙ୍କ ଆବଶ୍ୟକତା ସମୟରେ ଯେପରି ଠିକ୍ ସମୟରେ ପହଞ୍ଚିପାରିବ ସେଥିପ୍ରତି ପ୍ରାଥମିକତା ଦେବାର ଅଛି। ଇ-ଜଳାଶୟ ପୋର୍ଟାଲ ଯୋଗୁ ରାଜ୍ୟର ବିଭିନ୍ନ ଜିଲା, ବ୍ଲକ, ଗ୍ରାମପଞ୍ଚାୟତ ଓ ଗ୍ରାମସ୍ତରରେ ଥିବା ବିଭିନ୍ନ ଜଳାଶୟର ଅବସ୍ଥିତି, ଜଳଧାରଣର କ୍ଷମତା ସମ୍ପର୍କରେ ତଥ୍ୟ ଜଣାଯିବ। ଏହା ସହିତ ଜଳ ସଞ୍ଚୟର ସ୍ଥିତିକୁ ଦେଖି ସେହି ଅନୁସାରେ ବିନିଯୋଗ କରାଯାଇପାରିବ ବୋଲି ସେ କହିଛନ୍ତି। ସେହିପରି ଜଳ ସୁପରିଚାଳନାରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ରାଜ୍ୟର ପ୍ରାୟ ୩୭ ହଜାର ପାଣି ପଞ୍ଚାୟତର ସ୍ଥିତି, ସେସବୁର ପରିଚାଳନା ଓ କାର୍ଯ୍ୟ ସମ୍ପର୍କରେ ସଦ୍ୟତମ ତଥ୍ୟ ଉପଲବ୍ଧ ହେବାରେ ଇ-କ୍ୟାଡ୍ ବ୍ୟବସ୍ଥା ଏକ ପ୍ରମୁଖ ଡାଟାବେସ୍ ଭାବେ ସହାୟତା ଯୋଗାଇଦେବ। କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ରାଜ୍ୟରେ ଜଳସମ୍ପଦର ବିକାଶ ଓ ଜଳସେଚନର ସୁବିଧା ପାଇଁ ୫-ଟି ଉପକ୍ରମର ବ୍ୟବହାର କରାଯାଉଛି। ଇ-ଜଳାଶୟ ପୋର୍ଟାଲରେ ଜଳସମ୍ପଦ ବିଭାଗ ଅଧୀନରେ ଥିବା ବିଭିନ୍ନ ବ୍ୟବସ୍ଥାରେ ରାଜ୍ୟର ପ୍ରାୟ ୧୯ ହଜାର ଜଳାଶୟର ଜଳଭଣ୍ଡାର ସମ୍ପର୍କରେ ତଥ୍ୟ ଉପଲବ୍ଧ ହୋଇଥିବା ଗର୍ଗ କହିଛନ୍ତି। ଆଗାମୀ ଦିନରେ ଜଳସେଚନ ପରିଚାଳନା, ବିଭିନ୍ନ ପ୍ରକଳ୍ପ ପରିଚାଳନା ଓ ଜଳବାୟୁ ପୂର୍ବାନୁମାନ ସ୍ଥିତିକୁ ଦେଖି ବିଭାଗରେ ମୋଡ୍ୟୁଲମାନ ପ୍ରସ୍ତୁତ କରାଯାଉଥିବା ସମ୍ପର୍କରେ ଗର୍ଗ ସୂଚନା ଦେଇଛନ୍ତି। ଏହି ଅବସରରେ ବିଭାଗ ତରଫରୁ ଏକ ପତ୍ରିକା ଇ-କ୍ୟାଡ୍ ଉନ୍ମୋଚନ କରାଯାଇଛି।




ଜଳସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ସୋମବାର 'ଇ-ଜଳାଶୟ, ଇ-କ୍ୟାଡ୍' ବ୍ୟବସ୍ଥାର ଶୁଭାରମ୍ଭ ଅବସରରେ ମନ୍ତ୍ରୀ ଟୁକୁନି ସାହୁ ଓ ବିଭାଗୀୟ ଅଧିକାରୀମାନେ ଇ-କ୍ୟାଡ୍ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

# ଶ୍ରୀମନ୍ଦିରରେ ଗର୍ଭଣା ସଂକ୍ରାନ୍ତି ନୀତି

ପୁରୀ ଅଫିସ,୧୭।୧୦

ତୁଳା ସଂକ୍ରାନ୍ତି ବା ଗର୍ଭଣା ସଂକ୍ରାନ୍ତି ଅବସରରେ ସୋମବାର ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଛି। ଗୋପାଳବଲ୍ଲଭ, ସକାଳ ଧୂପ, ବାଲଭୋଗ, ପ୍ରଥମ ଭୋଗ ମଣ୍ଡପ ସରିବା ପରେ ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଘଟୁଆରୀ ଘରୁ ରୁପାପିଙ୍ଗଣ ମଧ୍ୟରେ ଚନ୍ଦନ ରଖାଯାଇ ପାଟବସ୍ତ୍ର ଆବୃତ୍ତ ପୂର୍ବକ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ପଟୁଆରରେ ରତ୍ନସିଂହାସନକୁ ବିଜେ ହୋଇଥିଲା। ପରେ ତିନିବାଡ଼ରେ ସର୍ବାଙ୍ଗ ନୀତି ହୋଇଥିଲା। ଶ୍ରୀବିଗ୍ରହମାନେ ଛଅ'ମୂର୍ତ୍ତି ଅଳଙ୍କାର ଓ ନୂଆଲୁଗା ଲାଗିହୋଇ ବେଶ ହୋଇଥିଲେ। ମଧ୍ୟାହ୍ନ ଧୂପ ଉଠିବା ପରେ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତଙ୍କ ଦ୍ୱାରା ପ୍ରସାଦ ଲାଗି ବଢ଼ିଥିଲା ଓ ୩ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ଭୋଗ ପୂଜା ବସିଥିଲା। ଟେରା ପଡ଼ିବା ପରେ ମହାପ୍ରଭୁଙ୍କ ବାଡ଼ର ପୂଜାପଣ୍ଡା ବାହାରକୁ ଆସିବା ସହ ରୋଷ ପାଇକ ରୋଷ ଭିତରେ ଅଲଗା ରଖୁଥିବା ଏକ ଓଳି ଓରିଆ ଅନ୍ନ (ଶଙ୍ଖୁଡ଼ି) ନେଇ ଶ୍ରୀମନ୍ଦିରର ୮ଟି ସ୍ଥାନରେ ବାଢ଼ିଥିଲେ। ଏହାକୁ 'ବଳି' କୁହାଯାଏ। ଏହାପରେ ପୂଜାପଣ୍ଡା ମଧ୍ୟାହ୍ନ ଧୂପ ପୂଜା ଶେଷ କରିଥିଲେ। ଭୋଗ ସରି ପ୍ରସାଦ ବାହାରିଲା ପରେ ପାଣି ପଡ଼ି ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା।

# ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ହୋଇପାରିଲାନି

## ବର୍ଷା-ଅନୁଭବଙ୍କ ବିବାହ ବିଚ୍ଛେଦ ମାମଲା

କଟକ ଅଫିସ,୧୭।୧୦

ଏମ୍ପି ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାହ ବିଚ୍ଛେଦ ମାମଲାରେ ସୋମବାର ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ହୋଇପାରିନାହିଁ। କଟକ ପରିବାର ଅଦାଲତରେ ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ ସୋମବାର ଧାର୍ଯ୍ୟ ହୋଇଥିଲା। ତେବେ ସାକ୍ଷ୍ୟ ସମ୍ବନ୍ଧୀୟ କାଗଜପତ୍ରର ନକଲ ଅନୁଭବଙ୍କ ପକ୍ଷଙ୍କୁ ଦିଆଯାଇ ନ ଥିବାରୁ ସାକ୍ଷ୍ୟ ଗ୍ରହଣ ସମ୍ଭବ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ଅନୁଭବଙ୍କ ରିଭ୍ୟୁ ପିଟିଶନ ଉପରେ ଶୁଣାଣି ଶେଷ ହୋଇଛି। ଉଭୟ ପକ୍ଷଙ୍କଠାରୁ ଶୁଣିବା ପରେ ବିଚାରପତି ରାୟ ସଂରକ୍ଷିତ ରଖିଛନ୍ତି। ମୂଳ ପିଟିଶନରେ ଅନୁଭବ ଏବଂ ବର୍ଷାଙ୍କ ବିବାହ ଦିଲ୍ଲୀରେ ହୋଇଥିବା ଦର୍ଶାଯାଇଥିଲା। ମାତ୍ର ଅନୁଭବ ଏହା ଟାଇପଜନିତ ତ୍ରୁଟି ବୋଲି ଦର୍ଶାଇ ବିବାହ ସ୍ଥାନ ଦିଲ୍ଲୀ ପରିବର୍ତ୍ତେ ଭୁବନେଶ୍ୱର କରାଯିବା ନିମନ୍ତେ ପିଟିଶନ ଦାୟର କରି ଶୁଣାଣି ଲାଗି ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ। ତେବେ ବର୍ଷାଙ୍କ ପକ୍ଷରୁ ଏହି ସଂଶୋଧନକୁ ବିରୋଧ କରି ଆପତ୍ତି ଦିଆଯାଇଥିଲା। ଅନ୍ୟପକ୍ଷରେ ବିଭିନ୍ନ ଆଳ ଦେଖାଇ ପ୍ରତିପକ୍ଷ ନ୍ୟାୟ ପ୍ରକ୍ରିୟାରେ ବିଳମ୍ବ କରାଉଥିବାରୁ ସୋମବାର ସାକ୍ଷ୍ୟ ଗ୍ରହଣ ହୋଇପାରିଲାନାହିଁ ବୋଲି ଅନୁଭବଙ୍କ ଓକିଲ ଲଳିତେନ୍ଦୁ ମିଶ୍ର କହିଛନ୍ତି। ଏଥିସହ ଦାୟର ରିଭ୍ୟୁ ପିଟିଶନରେ ଆବଶ୍ୟକ ସଂଶୋଧନ ହେଲେ ଉଭୟ ପକ୍ଷର କୌଣସି ହାନି ହେବନାହିଁ ବୋଲି ଯୁକ୍ତିଯୁକ୍ତ ତଥ୍ୟ କୋର୍ଟରେ ଉପସ୍ଥାପନ କରାଯାଇଥିବା ମିଶ୍ର କହିଛନ୍ତି।

# ଗଛରେ ପିଟିହେଲା ଆମ୍ବୁଲାନ୍ସ: ରୋଗୀଙ୍କ ସମେତ ୨ ମୃତ

ଭବାନୀପାଟଣା,୧୭।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ମଣ୍ଡି ନିକଟରେ ରବିବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଆମ୍ବୁଲାନ୍ସ ରାସ୍ତା ପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ରୋଗୀଙ୍କ ସମେତ ଜଣେ ଆମ୍ବୁଲାନ୍ସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତ ରୋଗୀ ହେଲେ ଜୟପାଟଣା ବ୍ଲକ କପୁରମାଲ ଗ୍ରାମର ସୁମିତ୍ରା ଦୁର୍ଗା (୫୦) ଏବଂ କଳମପୁର ବ୍ଲକ ପଣ୍ଡିଗାଁର ଆମ୍ବୁଲାନ୍ସ କର୍ମଚାରୀ ଡମ୍ବରୁଧର ଶବର (୨୫)। ଜୟପାଟଣା ଡାକ୍ତରଖାନାରୁ ଝାଡ଼ାବାନ୍ତି ଆକ୍ରାନ୍ତ ସୁମିତ୍ରାଙ୍କୁ ୧୦୮




ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ଆମ୍ବୁଲାନ୍ସ ପଛରେ ସୁମିତ୍ରାଙ୍କ ସମେତ ତାଙ୍କ ସ୍ୱାମୀ, ପୁଅ ଓ ନାତୁଣୀ ବସିଥିଲେ। ମହିଚଲା ମଣ୍ଡି ନିକଟରେ ଆମ୍ବୁଲାନ୍ସ ଦୁର୍ଘଟଣା ହେବାରୁ ଗୁରୁତର ସୁମିତ୍ରା ଓ ଡମ୍ବରୁଧରଙ୍କୁ ପ୍ରଥମେ ଜୁନାଗଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ସୁମିତ୍ରାଙ୍କୁ ମୃତ ଘୋଷଣା କରିଥିବାବେଳେ ହେଲପରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡମ୍ବରୁଧରଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ମୃତ ସୁମିତ୍ରାଙ୍କ ସ୍ୱାମୀ ଶଙ୍କର ଦୁର୍ଗା ମଧ୍ୟ ଆହତ ହୋଇଛନ୍ତି।

# ଏନ୍‌ଏଚ୍ଆର୍‌ସିରେ ମାମଲା ରୁଜୁ

## ୩ ଶିଶୁଙ୍କୁ ଅକ୍ସିଜେନ୍ ଦେବା ଘଟଣା

ବ୍ରହ୍ମପୁର ଅଫିସ,୧୭।୧୦

ବ୍ରହ୍ମପୁର ବଡ଼ ମେଡିକାଲରେ ଗୋଟିଏ ସିଲିଣ୍ଡରରୁ ୩ଶିଶୁଙ୍କୁ ଅକ୍ସିଜେନ୍ ଯୋଗାଣ ଘଟଣାର ତଦନ୍ତ ଜାରି ରହିଛି। ଏହା ମାନବ ଅଧିକାର କମିଶନ୍ (ଏନ୍‌ଏଚ୍ଆରସି)ଙ୍କ ନିକଟରେ ପହଞ୍ଚିଛି। ବ୍ରହ୍ମପୁର ସହରର ଯୁବ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ମିଶ୍ର ଏନ୍‌ଏଚ୍ଆରସିରେ ପିଟିଶନ୍ ଦାଏର କରିଛନ୍ତି। ରୋଗୀସେବାରେ ଉନ୍ନତି ଆଣିବା ସହିତ ମାନବ ଅଧିକାର ସୁରକ୍ଷା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଜାରି କରିବାକୁ ମିଶ୍ର ତାଙ୍କ ପିଟିଶନରେ ଆବେଦନ କରିଛନ୍ତି। ଏନ୍‌ଏଚ୍ଆରସି ଏହି ପିଟିଶନ୍ ଗ୍ରହଣ କରିଛନ୍ତି।

ପ୍ରକାଶ ଯେ, ଡାକ୍ତରଙ୍କ ପରାମର୍ଶ କ୍ରମେ ୪ଜଣ ଶିଶୁଙ୍କ ଇକୋ ପରୀକ୍ଷା ପାଇଁ ଏସ୍ଏନ୍‌ସିୟୁରୁ ସୁପରସ୍ପେସାଲିଟି ବ୍ଲକ ହୃଦ୍‌ରୋଗ ବିଭାଗକୁ ଗତ ଶନିବାର ନିଆ ଯାଉଥିଲା। ଏହି ସମୟରେ ଗୋଟିଏ ସିଲିଣ୍ଡରରୁ ୩ଟି ପାଇପ୍ ଯୋଗେ ୩ଜଣ ଶିଶୁଙ୍କୁ ଅକ୍ସିଜେନ୍ ଯୋଗାଣ ହେଉଥିଲା। ଆଟେଣ୍ଡାଣ୍ଟ ଜଣଙ୍କ ସିଲିଣ୍ଡର୍ ଟାଣି ନେଉଥିବା ଦେଖାଯାଇଥିବା ବେଳେ ମା'ମାନେ ଶିଶୁଙ୍କୁ କୋଳରେ ଧରିଥିଲେ। ସେପଟେ ଏହି ଶିଶୁମାନେ ଏସ୍ଏନ୍‌ସିୟୁରେ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କୁ ଅକ୍ସିଜେନର ଆବଶ୍ୟକତା ପଡ଼ିନଥିଲା। ତେବେ ଇକୋ ପରୀକ୍ଷା ପାଇଁ ନେବା ବେଳେ ତାଙ୍କୁ କିଏ ଅକ୍ସିଜେନ୍ ଦେଲେ ସେହି ଘଟଣାର ତଦନ୍ତ ପାଇଁ ବଡ଼ ଡାକ୍ତରଖାନା ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ମୁଖ୍ୟ ଘଟଣାର ତଦନ୍ତ ଜାରି ରଖିଛନ୍ତି। ରିପୋର୍ଟ ଆସିବା ପରେ ପ୍ରକୃତ କଥା ଜଣାପଡ଼ିବ ବୋଲି ଅଧୀକ୍ଷକ କହିଛନ୍ତି।



# ଅତିରିକ୍ତ ତହସିଲଦାର, ଆର୍‌ଆଇଙ୍କୁ ଆକ୍ରମଣ

- ବାଲି ବୋଝେଇ ଟ୍ରାକ୍ଟର ଧରିବାକୁ ଯାଇଥିଲେ
- ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ଚଢ଼ାଉ

ଲୋଇସିଂହା,୧୭।୧୦(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଆଗଲପୁରରେ ବେଆଇନଭାବେ ଅଙ୍ଗନଦୀରୁ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ଧରିବାକୁ ଯାଇ ରବିବାର ରାତିରେ ଦୁଇଜଣ ରାଜସ୍ୱ ଅଧିକାରୀ ଆକ୍ରମଣର ଶିକାର ହୋଇଛନ୍ତି। ସେମାନେ ହେଲେ ଆଗଲପୁର ଅତିରିକ୍ତ ତହସିଲଦାର ପ୍ରଭାକର ପଧାନ ଓ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ସୁଶାନ୍ତ ପଟେଲ। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଅଧିକାରୀଙ୍କୁ ଉଦ୍ଧାର କରିଥଲା। ସୋମବାର ଆହତ ଅଧିକାରୀଦ୍ୱୟ ତହସିଲଦାର ସୂଚିତା ପୁଷ୍ପାଙ୍କ ସହିତ ଲୋଇସିଂହା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଏକ ମାମଲା( ୩୫୧/୨୨) ରୁଜୁକରି ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଚଳାଇଥିବା ଆଇଆଇସି ରଶ୍ମିତା ବେହେରା କହିଛନ୍ତି।

ଆଗଲପୁର ନିକଟରେ ଅଙ୍ଗନଦୀ ଘାଟରୁ ବେଆଇନଭାବେ ବାଲି ଚୋରାଚାଲାଣ ଚାଲିଥିବା ନେଇ ତହସିଲ ଅଫିସରେ ଅଭିଯୋଗ ହୋଇଥିଲା। ରବିବାର ରାତିରେ ଅତିରିକ୍ତ ତହସିଲଦାର ପଧାନ ଓ ରାଜସ୍ୱ ନିରୀକ୍ଷକ ପଟେଲ ତହସିଲ ଅଫିସ ସମ୍ମୁଖରେ ଜଗି ରହିଥିଲେ। ଏହି ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର (ଓଡି୦୩ ଏସ୍ ୮୯୩୪) ଉକ୍ତ ରାସ୍ତା ଦେଇ ଆସୁଥିବାରୁ ଅଧିକାରୀଦ୍ୱୟ ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ଡ୍ରାଇଭର ଦ୍ରୁତଗତିରେ ଗାଡ଼ି ନେଇ ପଳାଇଯାଇଥିଲେ। ସେମାନେ ଏକ ବାଇକରେ ଟ୍ରାକ୍ଟରର ପିଛା କରିଥିଲେ। କିଛି ବାଟ ଗଲା ପରେ ରାସ୍ତା ଉପରକୁ ୯ରୁ ୧୦ଜଣ ମହିଳା ଓ ପୁରୁଷ ଚାଲି ଆସି ସେମାନଙ୍କୁ ଅଟକାଇଥିଲେ। କିଛି ବୁଝିବା ପୂର୍ବରୁ ଉଭୟଙ୍କୁ ସେମାନେ ଆକ୍ରମଣ କରିଥିଲେ। ଅତିରିକ୍ତ ତହସିଲଦାରଙ୍କ ମୁହଁ ଫାଟି ଯାଇଥିବା ବେଳେ ଆର୍‌ଆଇଙ୍କ ହାତରେ ଆଘାତ ଲାଗିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଅଧିକାରୀଙ୍କୁ ଉଦ୍ଧାରକରି ଆଗଲପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇଛି। ଟ୍ରାକ୍ଟର ଜବତ ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ କୁହାଯାଇଥିବା ଉପଜିଲାପାଳ କୁମାର ନାଗଭୂଷଣ କହିଛନ୍ତି।

# ସୀମାନ୍ତରେ ମାଓବାଦୀ ହିଂସା

## ପ୍ରଜାକୋର୍ଟରେ ଦୁଇଜଣଙ୍କୁ ହତ୍ୟା

ମାଲକାନଗିରି,୧୭।୧୦(ଡି.ଏନ୍.ଏ.)

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁରଠାରେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀମାନେ ରବିବାର ରାତିରେ ପ୍ରଜାକୋର୍ଟରେ ଦୁଇ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ସେମାନେ ହେଲେ ପେଡାକର୍ମା ଅଞ୍ଚଳର ରାଜୁ ମୋଡିୟମ ଏବଂ ପୁସନାର ଗ୍ରାମର ଦୁଲା କୋଡମେ। ବିଜାପୁର ଥାନା ଅନ୍ତର୍ଗତ ପେଡାକର୍ମାଠାରେ ପ୍ରଜାକୋର୍ଟରେ ରାଜୁ ଏବଂ ଦୁଲାଙ୍କୁ ଦୋଷୀ ସଜାଇ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏ ନେଇ ବିଜାପୁର ଅତିରିକ୍ତ ଏସ୍ପି ଅଞ୍ଜାନେ ଭାରଶନିଙ୍କୁ ପଚାରିବାରୁ, ଏ ପର୍ଯ୍ୟନ୍ତ ପୋଲିସ ନିକଟରେ କୌଣସି ହତ୍ୟା ଅଭିଯୋଗ ହୋଇ ନ ଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ନିଜପଟୁ ଘଟଣାର ତଦନ୍ତ ଚଳାଇଥିବା ସେ କହିଛନ୍ତି।

## ଗୁଳିବିନିମୟବେଳେ ଏଏସ୍ଆଇ ଗୁରୁତର

ମାଲକାନଗିରି,୧୭।୧୦(ଡି.ଏନ୍.ଏ.)

ଛତିଶଗଡ଼ର ବିଜାପୁର ଜିଲା ତେରମ ଥାନା ଅଞ୍ଚଳରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ଜଣେ ପୋଲିସ ଅଧିକାରୀ ଗୁରୁତର ହୋଇଛନ୍ତି। ସେ ହେଲେ ତେରମ ଥାନାର ଏଏସ୍ଆଇ ରାଜେଶ ସୂର୍ଯ୍ୟବଂଶୀ। କୋମ୍ବିଂ ଅପରେଶନ ସାରି କ୍ୟାମ୍ପକୁ ଫେରୁଥିବାବେଳେ ଲୁଚି ରହିଥିବା ମାଓବାଦୀ ସେମାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଯବାନମାନେ ମଧ୍ୟ ପାଲଟା ଗୁଳି ଚଳାଇଥିଲେ। ଏହି ସମୟରେ ମାଓବାଦୀଙ୍କ ଗୁଳିରେ ଏଏସ୍ଆଇ ଗୁରୁତର ହୋଇଥିଲେ। ସାଥୀ ଯବାନ ତାଙ୍କୁ ପ୍ରଥମେ ବିଜାପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ହେଲିକପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରିଛନ୍ତି। କୋବ୍ରା ଓ ଏସ୍‌ଟିଏଫ୍ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଥିବା ବସ୍ତର ଆଇଜି ସୁନ୍ଦର ରାଜ ପି ସୂଚନା ଦେଇଛନ୍ତି।



ଗୁରୁତର ଏଏସ୍ଆଇ ରଜେଶ ସୂର୍ଯ୍ୟବଂଶୀ

## ୫ ଗାଡ଼ି, ମେଶିନ ଜାଳିଦେଲେ

ମାଲକାନଗିରି,୧୭।୧୦(ଡି.ଏନ୍.ଏ.)

ଛତିଶଗଡ଼ର କଙ୍କେର୍ ଜିଲା ଅନ୍ତର୍ଗତ ଚାର୍‌ଗାଁଓ ଠାରେ ରାସ୍ତାକାମରେ ନିୟୋଜିତ ୫ ଗାଡ଼ି ଏବଂ ମେଶିନ ମାଓବାଦୀ ଜାଳି ଦେଇଛନ୍ତି। କାମ ସରିବା ପରେ ରାତିରେ ଗାଡ଼ିଗୁଡ଼ିକୁ ଅନ୍ୟତ୍ର ରଖାଯାଇଥିବାବେଳେ ସଶସ୍ତ୍ର ମାଓବାଦୀ ରାତିରେ ଆସି ନିଆଁ ଲଗାଇ ଦେଇଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା କଙ୍କେର୍ ଏସ୍ପି ଶଲଭ ସିହ୍ନା ସୂଚନା ଦେଇଛନ୍ତି।





ମାଓବାଦୀ ଜାଳିଦେଇଥିବା ଗାଡ଼ି।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଜାରି ସତ୍ତ୍ୱେ ଶେୟାର ବଜାରର କାରବାର ଭଲ ରହିଛି। କାରଣ ଗତ ସପ୍ତାହର କାରବାର ଏକ ପ୍ରକାରର ଅସ୍ଥିରତା ମଧ୍ୟରେ ଶେଷ ହୋଇଥିଲା। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନର କାରବାର ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୪୯୧ (୪୯୧.୦୧) ପଏଣ୍ଟ ବୃଦ୍ଧି ପାଇ ୫୮,୪୧୧ (୫୮,୪୧୦.୯୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୨୬ (୧୨୬.୧୦) ପଏଣ୍ଟ ବଢ଼ି ୧୭,୩୧୨ (୧୭,୩୧୧.୮୦) ଅଙ୍କରେ ବନ୍ଦ ହୋଇଥିବା ଜଣାପଡ଼ିଛି।

# ଏଲ୍ଆଇସିର ନୂତନ ପ୍ଲାନ୍ 'ଧନ ବର୍ଷା' ଉନ୍ମୋଚିତ



ମୁମ୍ବାଇଠାରେ ଏଲ୍ଆଇସିର ନୂତନ ପ୍ଲାନ୍ 'ଧନ ବର୍ଷା'ର ଉନ୍ମୋଚନ ଅବସରରେ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ପୋଷ୍ଟର ରିଲିଜ୍ କରୁଛନ୍ତି।

**ମୁମ୍ବାଇ,୧୭।୧୦**

ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)ର ନୂତନ ପ୍ଲାନ 'ଧନ ବର୍ଷା'(ପ୍ଲାନ ନମ୍ବର-୮୬୬) ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁମ୍ବାଇଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉକ୍ତ ପ୍ଲାନର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏପରିକି ସୋମବାର (୧୭ ଅକ୍ଟୋବର) ଠାରୁ ଉକ୍ତ ପ୍ଲାନ ବଜାରରେ ଉପଲବ୍ଧ ହେବବୋଲି ନିଗମ ପକ୍ଷରୁ କୁହାଯାଇଛି। ସେହିଭଳି ଏହା ଏକ ନନ୍-ଲିଙ୍କ୍ଡ, ନନ୍-ପାର୍ଟିସିପେଟିଙ୍ଗ, ବ୍ୟକ୍ତିଗତ, ସଞ୍ଚୟ, ଏକକ ପ୍ରିମିୟମ୍ ଜୀବନ ବୀମା ଯୋଜନା ହୋଇଥିବା ବେଳେ ଯାହା ସୁରକ୍ଷା ଏବଂ ସଞ୍ଚୟର ଏକ ମିଶ୍ରଣ ପ୍ରଦାନ କରିଥାଏ। ଏହି ଯୋଜନା ପରିବାର ପାଇଁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଯଦି ନୀତି ଅବଧି ମଧ୍ୟରେ ନିଶ୍ଚିତ ଜୀବନ ଭାବେ ଦୁର୍ଭାଗ୍ୟଜନକ ମୃତ୍ୟୁ ହୁଏ, ଏହା ମଧ୍ୟ ବଞ୍ଚିଥିବା ଜୀବନ ପାଇଁ ପରିପକ୍ୱତା ତାରିଖ ଉପରେ ଗ୍ୟାରେଣ୍ଟି ଯୁକ୍ତ ଲମ୍ପସମ୍ ପରିମାଣ ପ୍ରଦାନ କରିଥାଏ। ଉଲ୍ଲେଖଯୋଗ୍ୟ ଏହି ଯୋଜନା ପାଇଁ ୟୁଆଇଏନ ୫୧୨ଏନ ୩୪୯ଭି୦୧ ପ୍ଲାନ ରହିଛି। ଏହା ଚଳିତ ଆର୍ଥିକ ବର୍ଷ(୨୦୨୩ ମାର୍ଚ୍ଚ ୩୧)ର ଶେଷ ପର୍ଯ୍ୟନ୍ତ ବିକ୍ରୟ ପାଇଁ ଉପଲବ୍ଧ ହେବ। ସେହିପରି ଏହି ପ୍ଲାନର ମନୋନୀତ ମୌଳିକ ରାଶି ସୁନିଶ୍ଚିତ ପାଇଁ ଅନେକ ସୁବିଧା ଦିଆଯାଉଛି। ପ୍ରସ୍ତାବକ ଏହି ପ୍ଲାନକୁ ୧୦ କିମ୍ବା ୧୫ ବର୍ଷ ପାଇଁ ବାଛି ପାରିବେ। ୧୦ ବର୍ଷ ଅବଧି ପାଇଁ ସର୍ବନିମ୍ନ ବୟସ ହେଉଛି ୮ ବର୍ଷ ଏବଂ ୧୫ ବର୍ଷ ନୀତି ଅବଧି ପାଇଁ ୩ ବର୍ଷ ଆବଶ୍ୟକ। ଏହାର ସର୍ବାଧିକ ବୟସ ୩୫ ରୁ ୬୦ ବର୍ଷ ମଧ୍ୟରେ ବଦଳିଥାଏ, ଯାହା ମନୋନୀତ ମୃତ୍ୟୁ ଉପରେ ନିର୍ଭର କରିଥାଏ। ସର୍ବନିମ୍ନ ମୌଳିକ ରାଶି ହେଉଛି ୧,୨୫,୦୦୦ ଟଙ୍କା ଏବଂ ସର୍ବାଧିକ ମୌଳିକ ରାଶି ପାଇଁ କୌଣସି ସୀମା ନାହିଁ।

# ଟ୍ରାଇ ପକ୍ଷରୁ ଡ୍ରାଇଭ ଟେଷ୍ଟ ରିପୋର୍ଟ ଜାରି

**ନୂଆଦିଲ୍ଲୀ,୧୭।୧୦**

ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ପକ୍ଷରୁ ଦୂରସଞ୍ଚାର ସେବା ପ୍ରଦାନକାରୀଙ୍କ ସହାୟତାରେ ଦେଶର ୧୫ଟି ସହରରେ ଡ୍ରାଇଭ ଟେଷ୍ଟ କରାଯିବା ସହ ତା'ର ରିପୋର୍ଟ ମଧ୍ୟ ଜାରି କରାଯାଇଛି। ସୋମବାର ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ ଜଳନ୍ଧର, ଅମ୍ବାଲା, ଆଇଜଲ, କୋଷ୍ଟାଇ, ଇମ୍ଫାଲ, କିଷନଗଞ୍ଜ, ପୋର୍ଟବ୍ଲେୟାର, ବିଲାସପୁର, ଗ୍ୱାଲିୟର, ମିରଟ, ଅହମ୍ମଦନଗର, ଚିକମଙ୍ଗଲୁର, ୱାରଙ୍ଗଲ, କଟକ ଏବଂ କୋଏମ୍ବାଟୁର ସହ ୨ଟି ରାଜପଥ ମିରଟ-ଆଗ୍ରା ଓ ଗ୍ୱାଲିୟର-ଗୁନା ସହ ଗୋଟିଏ ରେଳ ମାର୍ଗ- ରାୟଗଡ଼ରୁ ଡୋଙ୍ଗରଗଡ଼ ପର୍ଯ୍ୟନ୍ତ ମଧ୍ୟ ଡ୍ରାଇଭ ଟେଷ୍ଟ କରାଯାଇଥିଲା। ସେଲୁଲାର ମୋବାଇଲ ଟେଲିଫୋନ ସେବା ପ୍ରଦାନକାରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଭଏସ ଏବଂ ଡାଟା ସେବା ପାଇଁ ନେଟୱର୍କର ଗୁଣବତ୍ତା ଆକଳନ ପାଇଁ ଏହି ଟେଷ୍ଟ କରାଯାଇଥିଲା।

# ଏସ୍‌ବିଆଇ ପକ୍ଷରୁ ୨କୋଟିର ସହାୟତା

SBI
State Bank Of India

**ନୂଆଦିଲ୍ଲୀ,୧୭।୧୦**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍ବିଆଇ) ପକ୍ଷରୁ ସଶସ୍ତ୍ର ବଳ ଯୁଦ୍ଧ ଆହତ କଲ୍ୟାଣ ପାଣ୍ଠି (ଏଏଫ୍‌ବିସିଡବ୍ଲ୍ୟୁଏଫ୍)କୁ ୨ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ବିଶେଷକରି ଯୁଦ୍ଧ ବା ଲଢ଼େଇ ସମୟରେ ଆହତ ହୋଇଥିବା ସଶସ୍ତ୍ର ସେନା ଯବାନ ଓ ସେମାନଙ୍କ ଉପରେ ନିର୍ଭରଶୀଳ ଥିବା ଲୋକମାନଙ୍କ କଲ୍ୟାଣ ଓ ସହାୟତା ପାଇଁ ଏହି ପାଣ୍ଠି ପ୍ରଦାନ କରାଯାଇଛି। ଅପରପକ୍ଷରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଦ୍ୱାରା ନୂତନ ଭାବେ ଲୋକାର୍ପଣ କରାଯାଇଥିବା 'ମା ଭାରତୀ କେ ସପୁତ' ନାମକ ଏକ ୱେବସାଇଟ୍ ଜରିଆରେ ମଧ୍ୟ ଏସବିଆଇ ଉକ୍ତ ପାଣ୍ଠି ପ୍ରଦାନ କରିଛି। ନୂଆଦିଲ୍ଲୀ ଜାତୀୟ ଯୁଦ୍ଧ ସ୍ମାରକୀ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ୱେବସାଇଟ୍‌ର ଶୁଭାରମ୍ଭ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ ଏଏଫ୍‌ବିସିଡବ୍ଲ୍ୟୁଏଫ୍ ହେଉଛି ଏକ ତ୍ରି-ସେବା ପାଣ୍ଠି ଯାହାକୁ ସକ୍ରିୟ ସାମରିକ କାର୍ଯ୍ୟକ୍ରମରେ ଜୀବନ ହରାଉଥିବା କିମ୍ବା ଗୁରୁତର ଭାବେ ଆହତ ହେଉଥିବା ଯବାନ- ନୌ ସେନା ଯବାନ- ବାୟୁ ସେନା ଯବାନଙ୍କ ପରିବାରକୁ ତତ୍କାଳ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ବ୍ୟବହାର କରାଯାଉଛି।

# ରେଡ୍‌ମି ଏ୧+ ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୭।୧୦**

ଦେଶର ପ୍ରମୁଖ ସ୍ମାର୍ଟ ଫୋନ୍ ଉତ୍ପାଦନକାରୀ କମ୍ପାନୀ 'ସାଓମି ଇଣ୍ଡିଆ'ର ପ୍ରମୁଖ ବ୍ରାଣ୍ଡ ରେଡ୍‌ମି ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରେଡ୍‌ମି ଏ୧+ର ଶୁଭାରମ୍ଭ ଓ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ମାତ୍ର ୬୯୯୯ ଟଙ୍କାରେ ଏଭଳି ଏକ ନୂତନ ଉତ୍ପାଦ (ରେଡ୍‌ମି ଏ୧+) ର ବଜାର ପ୍ରବେଶ ଉପଭୋକ୍ତାଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି। ରେଡ୍‌ମି ଏ୧+ କୁ ଏହାର ସର୍ବୋତମ ଶ୍ରେଣୀର ଫିଚରଗୁଡିକ ସହ ଚମତ୍କାର ମୂଲ୍ୟ ପ୍ରଦାନ କରିବା ପାଇଁ ପ୍ରଥମ ଥର ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ଗ୍ରାହକଙ୍କ ଲାଗି ଡିଜାଇନ୍ କରାଯାଇଛି। ଏକ ଲେଦର୍ ଟେକ୍ସଚର୍ଡ ଡିଜାଇନ୍, ଫିଙ୍ଗର ପ୍ରିଣ୍ଟ ସେନ୍ସର ଓ ଏକ ବିଶାଳ ୫୦୦୦ ଏମ୍ଏଏଚ୍ ବ୍ୟାଟେରି ସହ ପ୍ରଥମ ଥର ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ପାଇଁ ସ୍ୱଳ୍ପ ବଜେଟରେ ଏକ ଉପଯୁକ୍ତ ପସନ୍ଦ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଡିଭାଇସ୍ କ୍ରୟ ପାଇଁ ସ୍ୱତନ୍ତ୍ର ରୂପେ ଫ୍ଲିପ୍‌କାର୍ଟ, ଏମ୍ଆଇ ଡଟ୍ କମ୍ ଓ ଅନ୍ୟ ରିଟେଲ୍ ଷ୍ଟୋର୍‌ଗୁଡିକରେ ମଧ୍ୟ ଉପଲବ୍ଧ ରହିଛି। ଏହାର ୮ ଏମ୍‌ପି ଡୁଆଲ କ୍ୟାମେରା ରିୟର ସେଟ୍‌ଅପ୍ ଉପଭୋକ୍ତାଙ୍କୁ ଆଲୋକ ଓ ସ୍ୱତନ୍ତ୍ର ମୁହୂର୍ତ୍ତଗୁଡିକୁ କ୍ୟାପ୍ଚର କରିବାକୁ ଅନୁମତି ଦେଉଥିବା ବେଳେ ଏହାର ୫ଏମ୍‌ପି ଫ୍ରଣ୍ଟ କ୍ୟାମେରା ପାର୍ବଣ ସେଲ୍‌ଫିଗୁଡିକ ପାଇଁ ଉପଯୁକ୍ତ। ୧୦ଡବ୍ଲ୍ୟୁ ଫାଷ୍ଟ ଚାର୍ଜର୍-ଇନ୍-ବକ୍ସ ସହ ଏକ ୫୦୦୦ ଏମ୍ଏଏଚ୍ ବ୍ୟାଟେରି ସହ ଏହି ସ୍ମାର୍ଟଫୋନ୍ ଏକ ସିଙ୍ଗଲ୍ ଚାର୍ଜରେ ୨ଦିନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଥାଏ। ଏହା ୩ଟି ରଙ୍ଗ ବିକଳ୍ପ ଲାଇଟ୍ ଗ୍ରୀନ୍, ଲାଇଟ୍ ବ୍ଲୁ ଓ ବ୍ଲାକ୍ ଏବଂ ଦୁଇଟି ଷ୍ଟୋରେଜ୍ ଭାରିଆଣ୍ଟ-୨ଜିବି/୩୨ଜିବି ଏବଂ ୩ଜିବି/୩୨ଜିବିରେ ଉପଲବ୍ଧ ହେଉଛି।

# ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଧନତେରାସ ଅଫର

**ଭୁବନେଶ୍ୱର,୧୭।୧୦**

ଓଡ଼ିଶାର ସର୍ବବୃହତ୍ ଜୁଏଲେରି ବ୍ରାଣ୍ଡ୍ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ନିକଟରେ ସର୍ବଶ୍ରେଷ୍ଠ ଧନତେରାସ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଆଲୋକ ଓ ଅମୃତର ପର୍ବ ଦୀପାବଳି ଓ ଧନତେରାସ ଉପଲକ୍ଷେ ଏହି ଅଫର ବ୍ରାଣ୍ଡ୍ ପକ୍ଷରୁ ଅଣାଯାଇଛି। ବ୍ରାଣ୍ଡର ପ୍ରିୟ ଗ୍ରାହକଙ୍କ ପସନ୍ଦ ଓ ଚାହିଦାକୁ ଦୃଷ୍ଟିରେ ରଖି ଦଶ ହଜାରରୁ ଊର୍ଦ୍ଧ୍ୱ ଡିଜାଇନର ଗହଣା ସମ୍ଭାର ଚଳିତ ପାର୍ବଣ ପାଇଁ ପ୍ରସ୍ତୁତ କରାଯାଇଛି। ସର୍ବଶ୍ରେଷ୍ଠ ଧନତେରାସ ଅଫରରେ ପ୍ରତି ୧୦ ଗ୍ରାମ୍ ସୁନା ଗହଣା କିଣା ଉପରେ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ସମ୍ପୂର୍ଣ୍ଣ ମାଗଣା ସହ ସୁନା ଗହଣାର ଗଢା ମଜୁରିରେ ୫୦% ପର୍ଯ୍ୟନ୍ତ ଛାଡ଼ ରହିଛି। ଏହି ଅଫର ଚଳିତ ବର୍ଷ ୨୧ ଅକ୍ଟୋବର ପର୍ଯ୍ୟନ୍ତ ଆଡଭାନ୍ସ ବୁକିଂ କରୁଥିବା ଗ୍ରାହକଙ୍କ ପାଇଁ ଷ୍ଟୋରର ଗହଣା ଉପରେ ଲାଗୁ ହେବ। ସେହିପରି ସର୍ବନିମ୍ନ ଫ୍ଲେକ୍ସିବଲ ସୁନା ଦର ଓ ପୁରୁଣା ଗହଣାର ଏକ୍ସଚେଞ୍ଜ ଉପରେ ୧୦୦% ଏକ୍ସଚେଞ୍ଜ ଭାଲ୍ୟୁ ମିଳିବ। ଅପରପକ୍ଷରେ ଚଳିତ ବର୍ଷର ଧନତେରାସ ଅବସରରେ ଗହଣାର ଦଶ ହଜାରରୁ ଊର୍ଦ୍ଧ୍ୱ ଡିଜାଇନ ସହ ଆମେ ଓଡ଼ିଶାର ଗର୍ବ କୋଣାର୍କ ଦ୍ୱାରା ପ୍ରେରିତ ସ୍ୱେଶାଲ ଅର୍କ ଗହଣାର ମଧ୍ୟ ବଜାର ପ୍ରବେଶ କରାଇଛୁ, ଯାହାର ଗଢ଼ା ମଜୁରି ମାତ୍ର ୪୯୯ଟଙ୍କା ରହିଛି। ସେହିପରି ହୀରା ଗହଣା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ଛାଡ଼, ଆଉ ରୁପା ଗହଣାର ଗଢା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ଛାଡ ରହିଛି।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଓଡ଼ିଶାର ସର୍ବବୃହତ ବ୍ରାଣ୍ଡ୍ ଭାବେ ଅରୁନ୍ଧତୀକୁ ତିଆରି କରିଥିବା ହଜାର ହଜାର ଗ୍ରାହକବନ୍ଧୁଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛୁ। ଏପରିକି ଆମର ନୂତନ କେଲକ୍ସନ୍ 'ଅର୍କ'ର ଆନନ୍ଦ ନେବା ସହ ଧନତେରାସରେ ନିଜର ମନପସନ୍ଦର ଗହଣା ଏବଂ ଆକର୍ଷଣୀୟ ଅଫରର ଭରପୂର ଲାଭ ଉଠାଇବା ପାଇଁ ସମସ୍ତ ଗ୍ରାହକଙ୍କୁ ସାଦର ନିମନ୍ତ୍ରଣ କରୁଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।




# ଜନପଥରେ ହିନ୍ଦୁସ୍ଥାନ ଜୁଏଲର୍ସର ନୂତନ ଶୋ'ରୁମ୍

**ଭୁବନେଶ୍ୱର,୧୭।୧୦**

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ 'ହିନ୍ଦୁସ୍ଥାନ ଜୁଏଲର୍ସ'ର ଆଉ ଏକ ଶୋ'ରୁମ୍ (ଷ୍ଟୋର)ର ଶୁଭାରମ୍ଭ କରାଯାଇଛି। ରବିବାର ପ୍ରତିଷ୍ଠାନର ନୂତନ ଶୋ'ରୁମ୍ ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଛକ (ଜନପଥ)ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ସୁନା, ରୁପା ଓ ହୀରାରେ ନିର୍ମିତ ବିଭିନ୍ନ ବର୍ଗର ଗହଣା ଓ ଅଳଙ୍କାର ଭଳି ଅନେକ ସାମଗ୍ରୀ ବିଭିନ୍ନ ଆକର୍ଷଣୀୟ ଡିଜାଇନରେ ଉପଲବ୍ଧ ରହିଛି। ଏ ସମ୍ପର୍କରେ ହିନ୍ଦୁସ୍ଥାନ ଜୁଏଲର୍ସର ମୁଖ୍ୟ ନିର୍ଦ୍ଦେଶକ ବସନ୍ତ ଲାଲ୍ ବର୍ମା କହିଛନ୍ତି, ବିଶେଷକରି ସୁନାର ପାରମ୍ପରିକ ଓ ଫେଶନ ଡିଜାଇନ ଗହଣା, ରୁପାର ତିଆରି ଗହଣା ଓ ସାମଗ୍ରୀ ମିଳୁଛି। ସେହିଭଳି ଶୋ'ରୁମ୍‌ର ଶୁଭାରମ୍ଭ ଅବସରରେ ବିଭିନ୍ନ ଆକର୍ଷଣୀୟ ଉଦ୍‌ଘାଟନୀ ଅଫରମାନ ମଧ୍ୟ ଉପଲବ୍ଧ ରହିଛି। ଅନ୍ୟାନ୍ୟ ସୁନା ଅଳଙ୍କାର ଉପରେ ୧୦୦% ଗଢା ମଜୁରି ରିହାତି ମିଳୁଥିବା ବେଳେ ରେଗୁଲାର ସୁନା ଅଳଙ୍କାର ଉପରେ ୫୦% ପର୍ଯ୍ୟନ୍ତ ଗଢା ମଜୁରି ରିହାତି ମିଳୁଛି। ତା' ଛଡା ରୁପା ସାମଗ୍ରୀ ଉପରେ ଗଢା ମଜୁରି ଗ୍ରାମ୍ ପ୍ରତି ଫ୍ଲାଟ ୧୦ ଟଙ୍କା ରହିଛି ଏବଂ ଡାଇମଣ୍ଡ ଜୁଏଲାରିର ଏମ୍ଆର୍‌ପି ଉପରେ ୧୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଏହି ଅଫର କେବଳ ପ୍ରତିଷ୍ଠାନର ମାଷ୍ଟର କ୍ୟାଣ୍ଟିନ (ଜନପଥ) ଶୋ'ରୁମରେ ସୀମିତ ସମୟ ପାଇଁ ଉପଲବ୍ଧ। ପ୍ରତ୍ୟେକ କିଣାକିଣି ଉପରେ ଉପହାରର ବ୍ୟବସ୍ଥା ମଧ୍ୟ ରହିଛି।

# ସ୍ୱର୍ଶ ହସ୍ପିଟାଲ୍‌ର 'ୱିନର୍ସ ଅଫ୍ ଲାଇଫ୍'




**ଭୁବନେଶ୍ୱର,୧୭।୧୦**

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ 'ସ୍ୱର୍ଶ ହସ୍ପିଟାଲ' ପକ୍ଷରୁ ବିଶ୍ୱ ସ୍ତନ କର୍କଟ ସଚେତନତା ମାସ ପରିପ୍ରେକ୍ଷୀରେ 'ୱିନର୍ସ ଅଫ୍ ଲାଇଫ୍' ଶୀର୍ଷକ ଏକ କର୍ମଶାଳା ଓ ସଚେତନତା ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ଥିମ୍ 'ଗିଭ୍ ହୋପ୍, ସେଭ୍ ଲାଇଫ୍' ରଖାଯାଇଥିଲା। ଏହି ପରିପ୍ରେକ୍ଷୀରେ ସ୍ୱର୍ଶ ହସ୍ପିଟାଲ୍‌ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତଥା କର୍କଟ ବିଶେଷଜ୍ଞ ପ୍ରଫେସର ଡା. ଘନଶ୍ୟାମ ବିଶ୍ୱାସ, କର୍କଟ ଶଲ୍ୟ ଚିକିତ୍ସକ ଡା. ଦୀପକ ରାଉତ୍‌ରାୟ, କର୍କଟ ଶଲ୍ୟ ଚିକିତ୍ସକ ତଥା ଲାପାରାସ୍କୋପିକ୍ ଏବଂ ବାରିଆଟ୍ରିକ୍ ଚିକିତ୍ସକ ଡା. ମାଧୁରୀ ପଟ୍ଟନାୟକ, କର୍କଟ ଚିକିତ୍ସକ ଡା. ଗଣେଶ ସୁବୁଦ୍ଧି, ହସ୍ପିଟାଲ୍ ଅଧୀକ୍ଷକ ଡା.(ମେଜର) ନାରାୟଣ ମିଶ୍ର ଯୋଗ ଦେଇ ସ୍ତନ କର୍କଟ ସମ୍ପର୍କରେ ବିସ୍ତୃତ ମତ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱର୍ଶ ହସ୍ପିଟାଲ୍‌ର ଡା.ସ୍ୱେତଲିନା ପରିଜା, ଡା. ଦେବାଶିଷ ଦାସ ପରିଚାଳନା କରିଥିଲେ ଏବଂ କର୍କଟ ରୋଗୀମାନଙ୍କୁ ସ୍ୱର୍ଶ ହସ୍ପିଟାଲ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାସ୍ଥ୍ୟଭୂମିର ଅଧକ୍ଷ ସୁବ୍ରତ ବିଶ୍ୱାସ ଥର୍ମାଲ ମାମୋଗ୍ରାଫି କାର୍ଯ୍ୟଶୈଳୀ ଉପରେ କର୍କଟ ରୋଗୀମାନଙ୍କୁ ସଚେତନ କରାଇବା ସହ ଭୁବନେଶ୍ୱର କ୍ୱିଉନ୍ ଲେଡ଼ିଜ୍ ସରକଲ୍‌ର ଅମ୍ରିତା କେଡ଼ିଆ, ଲାଇଅନସ୍ ମିନତୀ ବେହେରା କ୍ୟାନସ୍‌ର ଫାଉଣ୍ଡେସନର ସଭାଧକ୍ଷ ତଥା ସମ୍ପାଦକ ଶୁଚିସ୍ମିତା ପୃଷ୍ଟି, କ୍ରିୟା ଫାଉଣ୍ଡେସନ୍‌ର ଅଧକ୍ଷ ଲିଲି ଜେନାମଣି ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କୁ ସଚେତନ କରାଇଥିଲେ।

# ଆଜି ସରିବ ବିଆଇଟିଏଫ୍

**ଭୁବନେଶ୍ୱର,୧୭।୧୦**

ରାଜ୍ୟର ପ୍ରମୁଖ ଇଭେଣ୍ଟ ଆଣ୍ଡ ପ୍ରଦର୍ଶନୀଭିତ୍ତିକ ଘରୋଇ ସଂସ୍ଥା ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା.ଲିଃ (ଜେଇଏମ୍) ପକ୍ଷରୁ ଆୟୋଜିତ ୭ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା (ବିଆଇଟିଏଫ୍)-୨୦୨୨ର ଶେଷ ଦିନ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ବିଶେଷ କରି ଉକ୍ତ ମେଳା ଚଳିତ ବର୍ଷ ଅକ୍ଟୋବର ୮ ରୁ ୧୮ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜନତା ମଇଦାନ ପରିସରରେ ଉପଲବ୍ଧ ରହିଛି। ଏ ସମ୍ପର୍କରେ ଜେଇଏମ୍‌ର ଏମ୍‌ଡି ସୁଜିତ ଗୁପ୍ତା କହିଛନ୍ତି ଦୀର୍ଘ ୭ ବର୍ଷ ହେବ ଏହି ମେଳାର ଆୟୋଜନ କରାଯାଉଛି। ଚଳିତ ବର୍ଷ ଭଲ ବ୍ୟବସାୟ ସାଙ୍ଗକୁ ଉଭୟ ବ୍ୟବସାୟୀ ଓ ଗ୍ରାହକମାନେ ମଧ୍ୟ ସେମାନଙ୍କର ଆବଶ୍ୟକତା ଓ ଲକ୍ଷ୍ୟ ପୂରଣ କରିପାରିଛନ୍ତି। ଏପରିକି ଉକ୍ତ ମେଳାରେ ୭ଟି ଦେଶ ଏବଂ ୨୦ଟି ରାଜ୍ୟର ୪୦୦ରୁ ଅଧିକ ବ୍ୟବସାୟୀ ଯୋଗଦେଇଥିବା ଜଣାପଡିଛି। ଏଥିରେ ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ଆଭ୍ୟନ୍ତରୀଣ ସାଜସଜ୍ଜା, ଘର ସାଜସଜ୍ଜା, ଫର୍ନିଚର, ଆର୍ଟିଷ୍ଟିକ୍ କଲେକ୍ସନ, ପେଣ୍ଟିଂ, ଜୁଏଲେରି, ଥାଇଲାଣ୍ଡ ଫୁଲ, ପୋଷାକ ପତ୍ର, ରାଜସ୍ଥାନୀ ମାର୍ବଲ୍ସ, ଆଫଗାନିସ୍ତାନ ଡ୍ରାଏ ଫ୍ରୁଟ୍ସ, ବାଂଲାଦେଶ ଶାଢ଼ି, ହାଣ୍ଡିକ୍ରାଫ୍ଟ ଓ ହ୍ୟାଣ୍ଡ୍‌ଲୁମ ଭଳି ଅନେକ ଜିନିଷ ପ୍ରଦର୍ଶିତ ହେଉଛି। ସେହିଭଳି ଚଳିତ ବର୍ଷର ବାଣିଜ୍ୟ ମେଳାରେ ପ୍ରଥମ ଥର ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ସହଯୋଗରେ ମଧ୍ୟ ଏକ ରିଅଲ ଇଷ୍ଟେଟ୍ ମେଳା ଆୟୋଜିତ ହେଉଛି। ଏଥିରେ ବହୁ ନାମୀଦାମୀ ବିଲ୍‌ଡର ମଧ୍ୟ ଅଂଶଗ୍ରହଣ କରିଛନ୍ତି। ବିଶେଷକରି ରିଅଲ ଇଷ୍ଟେଟ୍ ମେଳାରୁ ସମସ୍ତେ ନିଜ ନିଜର ଆବଶ୍ୟକ ମୁତାବକ ବିଭିନ୍ନ ସୁବିଧା ଓ ସେବା ମଧ୍ୟ ପାଇପାରିବେ। ସେହିପରି ମେଳା ପରିସରକୁ ଆସିଥିବା ଦର୍ଶକଙ୍କ ପାଇଁ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ଏକ ସ୍ୱତନ୍ତ୍ର ଫୁଡ୍ ଜୋନ୍ ମଧ୍ୟ ରହିଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତି ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହେଉଛି। ଉକ୍ତ ମେଳା ପ୍ରତିଦିନ ଅପରାହ୍ନ ୨ରୁ ରାତି ୧୦ଘଟିକା ପର୍ଯ୍ୟନ୍ତ ଉପଲବ୍ଧ।




# ହିଣ୍ଡାଲ୍‌କୋ ଦ୍ୱାରା ବିକଶିତ ହୋଇଛି ଆଲୁମିନିୟମ ପଣ୍ୟବାହୀ ରେକ୍

**ଭୁବନେଶ୍ୱର,୧୭।୧୦**



ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ସଂସ୍ଥା ହିଣ୍ଡାଲ୍‌କୋ ପକ୍ଷରୁ ଭାରତର ପ୍ରଥମ ସମସ୍ତ ଆଲୁମିନିୟମ ଫ୍ରେଟ-ରେଳ ରେକ୍ ଚଳାଚଳର ଶୁଭାରମ୍ଭ କରାଯାଇଛି। ଯାହା ପଣ୍ୟ ପରିବହନକୁ ଆଧୁନିକୀକରଣ କରିବା ଏବଂ ଭାରତୀୟ ରେଲୱେ ନିମନ୍ତେ ବିପୁଳ ଅଙ୍ଗାରକାମ୍ଳ ନିର୍ଗମନକୁ ରୋକିବା ପାଇଁ ରାଷ୍ଟ୍ରର ଆକାଂକ୍ଷିତ ଯୋଜନାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେଉଛି। ଏହି ରେକ୍‌ଗୁଡିକ ସମ୍ପ୍ରତି ଚଳାଚଳ କରୁଥିବା ଷ୍ଟିଲ୍ ରେକ୍ ତୁଳନାରେ ୧୮୦ ଟନ୍ ହାଲୁକା ଏବଂ ୫-୧୦% ଅଧିକ ଭାର ବହନ କରିପାରିବ। ଏପରିକି କମ୍ ଶକ୍ତି ବ୍ୟବହାର କରିବା ସହ ରେଳ ଡବା ଏବଂ ରେଳ ଗୁଡିକ ପ୍ରତି ତୁଳନାତ୍ମକ ଭାବେ ଅତି ନଗଣ୍ୟ କ୍ଷୟକ୍ଷତିର ପ୍ରଭାବ ପକାଇବ ବୋଲି ଆଶା କରାଯାଇଛି। ସେହିଭଳି ଓଡ଼ିଶାର ଲପଙ୍ଗାସ୍ଥିତ କମ୍ପାନୀର ଆଦିତ୍ୟ ସ୍ମେଲଟରକୁ କୋଇଲା ପରିବହନ କରିବାକୁ ଥିବା ଏହି ନୂତନ ୬୦- ୱାଗନ ରେକ୍‌ର ଚଳାଚଳକୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିକଟରେ ଉଦଘାଟନ କରିଥିଲେ।

ଏ ସମ୍ପର୍କରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜର ଏମ୍‌ଡି ସତୀଶ ପାଇ କହିଛନ୍ତି, ଭାରତର ପ୍ରଥମ ଆଲୁମିନିୟମ ଫ୍ରେଟ ରେକ୍ ଚଳାଚଳ ଶୁଭାରମ୍ଭ ହେବା, ରାଷ୍ଟ୍ରଗଠନ ଦିଗରେ ଏକ ସ୍ମାର୍ଟ ଏବଂ ଦୀର୍ଘସ୍ଥାୟୀ ସମାଧାନ ଯୋଗାଇଦେବା ନିମନ୍ତେ ଆମର ସାମର୍ଥ୍ୟ ଏବଂ ପ୍ରତିବଦ୍ଧତାର ନିଦର୍ଶନ ହୋଇଛି। ଭାରତୀୟ ରେଳବାଇର ଲଜିଷ୍ଟିକ୍ସକୁ ଅଧିକ ଦକ୍ଷ କରି ଗଢିତୋଳିବା ଏବଂ ଆତ୍ମନିର୍ଭର ଭାରତ ଗଠନ ଲକ୍ଷ୍ୟ କ୍ଷେତ୍ରରେ ଅବଦାନ ରଖିବା ନିମନ୍ତେ ହିଣ୍ଡାଲକୋ ସ୍ଥାନୀୟ ସମ୍ବଳକୁ ନେଇ ବିଶ୍ୱସ୍ତରୀୟ ସର୍ବୋତ୍ତମ ପ୍ରଯୁକ୍ତିକୁ ଏକତ୍ରିତ କରାଇବାରେ ଅଗ୍ରଦୂତ ହୋଇଛି।

## ଜାତୀୟ/ଅନ୍ତର୍ଜାତୀୟ

# ବିଲ୍‌କିସ୍‌ଙ୍କ ବଳାତ୍କାରୀଙ୍କୁ ମୁକ୍ତ କରିବାକୁ କେନ୍ଦ୍ର ମଞ୍ଜୁରୀ ଦେଇଥିଲା

**ନୂଆଦିଲ୍ଲୀ,୧୭।୧୦**

୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ୧୧ ଜଣଙ୍କୁ ଜେଲରୁ ମୁକ୍ତ କରିଦେବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁମୋଦନ କରିଥିଲା। ଗୁଜରାଟ ସରକାର ସୋମବାର ଏକ ସତ୍ୟପାଠ ଜରିଆରେ ସୁପ୍ରିମକୋର୍ଟକୁ ଏହା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ପୁରୁଣା କ୍ଷମା ନୀତି ବଳରେ ଦୋଷୀମାନେ ଗତ ସ୍ୱାଧୀନତା ଦିବସରେ ଜେଲରୁ ଛାଡ଼ ପାଇଥିଲେ। ଏହାକୁ ନେଇ ରାଜନୈତିକ ମହଲରେ ବିବାଦ ଦେଖାଦେଇଥିଲା। ବର୍ତ୍ତମାନର ଆଇନରେ ବଳାତ୍କାର ଅପରାଧୀ କିମ୍ବା ଆଜୀବନ ସଜା କାଟୁଥିବା ବନ୍ଦୀଙ୍କୁ ସମୟ ପୂର୍ବରୁ ମୁକ୍ତ କରିବା ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଟକଣା ରହିଛି। ଗୁଜରାଟ ସରକାରଙ୍କ ୧୯୯୨ କ୍ଷମା ନୀତିରେ ଉକ୍ତ ଧାରା ନ ଥିଲା, ଯାହାକୁ ଆଧାର କରି ଉପଦେଷ୍ଟା କମିଟି ବିଲ୍‌କିସ୍ ବାନୋ ବଳାତ୍କାରୀଙ୍କୁ ମୁକ୍ତ କରିଦେବା ଲାଗି ସୁପାରିସ କରିଥିଲା।



ବିଲ୍‌କିସ୍ ବାନୋ

# ପାଶ୍ଚାତ୍ୟକୁ 'ଜିହାଦ' ଧମକ

**ରିୟାଧ, ୧୭।୧୦**

ତୈଳ ଉତ୍ପାଦନକାରୀ ଦେଶ ସମୂହର ସଙ୍ଗଠନ ଓପେକ୍ ପ୍ଲସ୍ ତେଲ ଉତ୍ପାଦନ ହ୍ରାସ କରିବାକୁ ନିଷ୍ପତ୍ତି ନେବା ପରେ ଆମେରିକା ଓ ସାଉଦି ଆରବ ମଧ୍ୟରେ ବିବାଦ ବଢ଼ିଛି। ଆମେରିକା ମତରେ ସାଉଦି ଆରବ ନେତୃତ୍ୱାଧୀନ ଓପେକ୍ ପ୍ଲସ୍‌ର ଏପରି ପଦକ୍ଷେପ ଦ୍ୱାରା ୟୁକ୍ରେନ୍ ଯୁଦ୍ଧ ପାଇଁ ରୁଷିଆକୁ ବଳ ମିଳିବ। ଏହା ଭିତରେ ସାଉଦିଆରବ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ସମ୍ପର୍କୀୟ ଭାଇ ସାଉଦ୍ ଅଲ୍ ଶାଲନ ପାଶ୍ଚାତ୍ୟ ଦେଶଗୁଡ଼ିକୁ ହିଂସକ ଆକ୍ରମଣ ଧମକ ଦେଇଛନ୍ତି। ଏକ ଭିଡିଓରେ ସେ କହିଛନ୍ତି, କେହି ସାଉଦି ଆରବର ଅସ୍ତିତ୍ୱକୁ ନେଇ ଧମକାଇଲେ ଆମେ ସବୁପ୍ରକାର ବଳିଦାନ ଓ ଜିହାଦ୍ ପାଇଁ ପ୍ରସ୍ତୁତ। ଶାଲନଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହୋଇଛି। ଆସନ୍ତା ନଭେମ୍ବରରେ ଇଣ୍ଡୋନେସିଆରେ ଜି-୨୦ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ କ୍ରାଉନ୍ ପ୍ରିନ୍ସ ମଧ୍ୟ ଯୋଗଦେବେ। ତେବେ ଉଭୟଙ୍କ ମଧ୍ୟରେ ଆଲୋଚନାର କୌଣସି କାର୍ଯ୍ୟକ୍ରମ ନ ଥିବା ରବିବାର ବାଇଡେନ୍ ପ୍ରଶାସନ ପକ୍ଷରୁ କୁହାଯାଇଛି।



ସାଉଦ୍ ଅଲ୍ ଶାଲନ

## ବିପଦରେ ଆମେରିକା-ସାଉଦି ସମ୍ପର୍କ

# ତାଲିବାନ୍ ଦଣ୍ଡରୁ ବର୍ତ୍ତିବା ପାଇଁ ମହିଳାଙ୍କ ଆତ୍ମହତ୍ୟା

**କାବୁଲ, ୧୭।୧୦:** ତାଲିବାନ୍‌ର 'ପଥର ମାଡ଼' ଦଣ୍ଡରୁ ବଞ୍ଚିବା ପାଇଁ ଆଫଗାନିସ୍ତାନ ଘୋର ପ୍ରଦେଶର ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମହିଳା ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଘର ଛାଡ଼ି ପଳାଇଥିଲେ। ତାଲିବାନୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗତ ୧୩ ତାରିଖରେ ସର୍ବସମ୍ମୁଖରେ ମୃତ୍ୟୁଦଣ୍ଡ ଦେଇଥିଲେ। ଶୁକ୍ରବାର ମହିଳାଙ୍କୁ ସର୍ବସାଧାରଣରେ ପଥର ମାଡ଼ କରି ହତ୍ୟା କରିବା ପାଇଁ ତାଲିବାନ ଦଣ୍ଡାଦେଶ ଦେଇଥିଲା। ଏହା ପୂର୍ବରୁ ମହିଳା ଜଣକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି।

# ୟୁପିକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୭।୧୦**

## ଆଶିଷ ମିଶ୍ରାଙ୍କ ଜାମିନ ଆବେଦନ

ଉତ୍ତରପ୍ରଦେଶର ଲଖିମପୁର ଖେରିରେ ଗାଡ଼ି ମଡ଼ାଇ ୪ ଆନ୍ଦୋଳନରତ ଚାଷୀଙ୍କୁ ହତ୍ୟା କରିବା ମାମଲାରେ ମୁଖ୍ୟ ଅଭିଯୁକ୍ତ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ପୁଅ ଆଶିଷ ମିଶ୍ରାଙ୍କ ଜାମିନ ଆବେଦନ ଉପରେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କୁହାଯାଇଛି। ପରବର୍ତ୍ତୀ ଶୁଣାଣି ନଭେମ୍ବର ୭ରେ ହେବ ବୋଲି ଜଷ୍ଟିସ ବି.ଆର୍. ଗଭାଇ ଏବଂ ବି.ଭି. ନାଗରତ୍ନଙ୍କ ଖଣ୍ଡପୀଠ କହିଛନ୍ତି। ଆଶିଷଙ୍କ ଜାମିନ ଆବେଦନ ଉପରେ ହସ୍ତକ୍ଷେପ କରିବାକୁ ଗତ ଜୁଲାଇ ୨୬ରେ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ମନା କରିଦେଇଥିଲେ। ପୂର୍ବରୁ ଆଶିଷଙ୍କୁ ଦିଆଯାଇଥିବା ଜାମିନକୁ ଗତ ଏପ୍ରିଲ ୧୮ରେ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ଏଥିସହିତ ଆଶିଷଙ୍କୁ ସପ୍ତାହେ ମଧ୍ୟରେ ଆତ୍ମସମର୍ପଣ କରିବାକୁ କୁହାଯାଇଥିଲା।



**ପ୍ରୋ କବାଡି ଲିଗ୍:** ଦବଙ୍ଗ ଦିଲ୍ଲୀ କେସି ଓ ହରିୟାଣା ଷ୍ଟିଲର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

# ଥାଲାଇଭାସ୍, ଦବଙ୍ଗ ଦିଲ୍ଲୀ ବିଜୟୀ

**ବେଙ୍ଗାଲୁରୁ,୧୭।୧୦(ପି.ଟି.)**

ସୋମବାର ପ୍ରୋ କବାଡି ଲିଗରେ ତାମିଲ ଥାଲାଇଭାସ ଓ ଦବଙ୍ଗ ଦିଲ୍ଲୀ ବିଜୟୀ ହୋଇଛନ୍ତି। ପାଟନା ପାଇରେଟ୍ସକୁ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୩୩-୩୨ରେ ପରାସ୍ତ କରି ତାମିଲ ଥାଲାଇଭା ପ୍ରଥମ ବିଜୟ ହାସଲ କରିଥିବା ବେଳେ ୫ ମ୍ୟାଚ ଖେଳିଥିବା ଦବଙ୍ଗ ଦିଲ୍ଲୀ କେସି ସମାନ ସଂଖ୍ୟକ ବିଜୟ ହାସଲ କରିଛି। ତାମିଲ ଥାଲାଇଭା ପକ୍ଷରୁ ହିମାଂଶୁ ସିଂ ଚମତ୍କାର ପ୍ରଦର୍ଶନ ସହିତ ୧୧ ପଏଣ୍ଟ ସ୍କୋର କରିଥିଲେ। ଦ୍ୱିତୀୟ ହାଫ୍‌ରେ ଏକଦା ତାମିଲ ଥାଲାଇଭା ୨୧-୧୬ରେ ପଛୁଆ ରହିଥିଲା। ଦୁଇ ରେଡର୍ ହିମାଂଶୁ ଓ ନରେନ୍ଦରଙ୍କ ପ୍ରଦର୍ଶନ ବଳରେ ମ୍ୟାଚ ଜିତି ନେଇଥିଲା ଥାଲାଇଭା। ନରେନ୍ଦର ୯ ପଏଣ୍ଟ ସ୍କୋର କରିଥିଲେ। ଅନ୍ତିମ ମିନିଟରେ ପାଇରେଟ୍ସ ରେଡର ବିକାଶ ଗୁଲିଆ ଆଉଟ ହେବା କାରଣରୁ ପାଇରେଟ୍ସ ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଦବଙ୍ଗ ଦିଲ୍ଲୀ କେସି ୩୮-୩୬ ପଏଣ୍ଟରେ ହରିୟାଣା ଷ୍ଟିଲର୍ସକୁ ପରାସ୍ତ କରିଛି। ଏହି ବିଜୟ ସହିତ ୫ ମ୍ୟାଚରୁ ୨୦ ପଏଣ୍ଟ ପାଇ ଟେବଲ ଶୀର୍ଷରେ ରହିଛି।

# ଶାମି ଜିତାଇଲେ ୱାର୍ମଅପ୍ ମ୍ୟାଚ୍

**ବ୍ରିସ୍‌ବେନ୍,୧୭।୧୦(ପି.ଟି.)**

ମହମ୍ମଦ ଶାମିଙ୍କ ଘାତକ ବୋଲିଂ ଫଳରେ ଅଷ୍ଟ୍ରେଲିଆ ବିପକ୍ଷ ୱାର୍ମଅପ୍ ମ୍ୟାଚ୍‌କୁ ୬ ରନ୍‌ରେ ଜିତିନେଇଛି ଭାରତ। ବ୍ରିସ୍‌ବେନ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ଲୋକେଶ ରାହୁଲ(୫୭) ଓ ସୂର୍ଯ୍ୟକୁମାର ଯାଦବ(୫୦)ଙ୍କ ବ୍ୟାଟିଂରେ ୭ ଉଇକେଟରେ ୧୮୬ ରନ୍ କରିଥିଲା। ଜବାବରେ ନିର୍ଦ୍ଧାରିତ ଓଭରରେ ଅଷ୍ଟ୍ରେଲିଆ ୧୮୦ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଅନ୍ତିମ ଦୁଇ ଓଭରରେ ଅଷ୍ଟ୍ରେଲିଆକୁ ମାତ୍ର ୧୬ ରନ୍ ଆବଶ୍ୟକ ଥିବା ବେଳେ ଅନ୍ତିମ ଓଭର ବୋଲିଂ କରିବାକୁ ଆସିଥିଲେ ମହମ୍ମଦ ଶାମି। ଗୋଟିଏ ପରେ ଗୋଟିଏ ୟର୍କର ମାରିବା ସହିତ ଭାରତକୁ ବିଜୟୀ କରିଥିଲେ। ପ୍ରଥମ ଦୁଇ ବଲ୍‌ରୁ ପ୍ୟାଟ କୁମିନ୍ସ ୪ ରନ୍ କରିଥିବା ବେଳେ ତୃତୀୟ ବଲରେ ବଡ଼ ଶଟ୍ ଖେଳିବାକୁ ଯାଇ ଲଙ୍ଗ ଅନ୍ ବାଉଣ୍ଡାରିରେ କ୍ୟାଚ୍ ହୋଇଥିଲେ। ଚତୁର୍ଥ ବଲ୍‌ରେ ଆଷ୍ଟନ ଆଗର ରନ୍‌ଆଉଟ ହୋଇଥିଲେ। ପରବର୍ତ୍ତୀ ବଲ୍‌ରେ ଏକ ୟର୍କରରେ ଜୋଶ ଇଙ୍ଗଲିସ୍‌ଙ୍କୁ ଆଉଟ କରିଥିଲେ ଶାମି।

ଭାରତ ପକ୍ଷରୁ ଓପ୍‌ନର ଲୋକେଶ ରାହୁଲ ୩୩ ବଲରୁ ୫୭ ରନ୍ କରିଥିଲେ। ରାହୁଲଙ୍କ ଇନିଂସରେ ୬ ଚୌକା ଓ ୩ ଛକା ସାମିଲ ଥିଲା। ରୋହିତ ଶର୍ମା(୧୫) ଓ ବିରାଟ କୋହଲି(୧୯) ଭଲ ଆରମ୍ଭ ପାଇଥିଲେ ହେଁ ଏହାକୁ ବଡ଼ ସ୍କୋରରେ ପରିବର୍ତ୍ତନ କରିପାରି ନ ଥିଲେ। ଶେଷଆଡ଼କୁ ସୂର୍ଯ୍ୟକୁମାର ଯାଦବଙ୍କ ୩୩ ବଲ୍ ୫୦ ରନ୍ ଓ ଦୀନେଶ କାର୍ତ୍ତିକଙ୍କ ୨୦ ରନ୍ ବଳରେ ଭାରତ ୧୮୬ ରନ୍ କରିଥିଲା। ସୂର୍ଯ୍ୟଙ୍କ ଇନିଂସରେ ୬ ଚୌକା ଓ ୧ ଛକା ସାମିଲ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ କେନ୍ ରିଚାର୍ଡସନ୍ ୪ ଉଇକେଟ ନେଇଥିଲେ।

୧୮୭ ରନ୍ ଜବାବରେ ଅଧିନାୟକ ଆରୋନ୍ ଫିଞ୍ଚ ୭୬ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ମାର୍ଶ(୩୫) ଓ ଗ୍ଲେନ୍ ମ୍ୟାକ୍ସୱେଲ(୨୩) ରନ୍‌ର ଇନିଂସ ଖେଳିଥିଲେ। ଶାମି ୩ ଓ ଭୁବନେଶ୍ୱର କୁମାର ୨ ଉଇକେଟ ନେଇଥିଲେ। ଅର୍ଶଦୀପ ସିଂ, ୟୁଜ୍‌ବେନ୍ଦ୍ର ଚହଲ ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ମହମ୍ମଦ ଶାମିଙ୍କୁ ସାବାସୀ ଜଣାଉଛନ୍ତି ଅଧିନାୟକ ରୋହିତ ଶର୍ମା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୮୬/୭( କେ.ଏଲ୍ ରାହୁଲ-୫୭, ସୂର୍ଯ୍ୟକୁମାର ଯାଦବ-୫୦, ଦୀନେଶ କାର୍ତ୍ତିକ-୨୦, ବିରାଟ କୋହଲି-୧୯, କେନ୍ ରିଚାର୍ଡସନ୍-୪/୩୦, ଗ୍ଲେନ୍ ମ୍ୟାକ୍ସୱେଲ-୧/୨୮)। ଅଷ୍ଟ୍ରେଲିଆ ୨୦ ଓଭରରେ ୧୮୦/୧୦( ଆରୋନ୍ ଫିଞ୍ଚ-୭୬, ମିଚେଲ ମାର୍ଶ-୩୫, ଗ୍ଲେନ୍ ମ୍ୟାକ୍ସୱେଲ-୨୩, ମହମ୍ମଦ ଶାମି-୩/୪, ଭୁବନେଶ୍ୱର କୁମାର-୨/୨୦, ୟୁଜ୍‌ବେନ୍ଦ୍ର ଚହଲ-୧/୨୮)।

# ୧୦୦ମିଟର ହର୍ଡଲ୍ସ ଜ୍ୟୋତିଙ୍କ ନୂଆ ଜାତୀୟ ରେକର୍ଡ

**ବେଙ୍ଗାଲୁରୁ, ୧୭।୧୦ (ପି.ଟି.)**



ଜ୍ୟୋତି ୟାରାଜୀ

ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଜ୍ୟୋତି ୟାରାଜୀ ପ୍ରଥମ ଭାରତୀୟ ମହିଳା ଭାବେ ୧୩ ସେକେଣ୍ଡରୁ କମ୍ ସମୟ ମଧ୍ୟରେ ୧୦୦ ମିଟର ହର୍ଡଲ୍ସ ରେସ୍ ଶେଷ କରି ଇତିହାସ ସୃଷ୍ଟି କରିଛନ୍ତି। ଏଥିସହ ସେ ନିଜ ଜାତୀୟ ରେକର୍ଡକୁ ମଧ୍ୟ ଭଙ୍ଗ କରିଛନ୍ତି। ରେଲୱେ ତରଫରୁ ପ୍ରତିନିଧିତ୍ୱ କରୁଥିବା ୟାରାଜୀ ୧୨.୮୨ ସେକେଣ୍ଡ ଟାଇମିଂରେ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ। ପୂର୍ବରୁ ଗାନ୍ଧୀନଗରରେ ଅନୁଷ୍ଠିତ ନ୍ୟାଶନାଲ ଗେମ୍ସରେ ସମାନ ଇଭେଣ୍ଟରେ ତାଙ୍କର ଟାଇମିଂ ୧୨.୭୯ ସେକେଣ୍ଡ ରହିଥିଲା। ହେଲେ ରେସ୍ ବେଳେ ଅନୁକୂଳ ପବନ ସହାୟକ ହୋଇଥିବାରୁ ଏହା ହିସାବକୁ ନିଆ ଯାଇ ନ ଥିଲା। ସେ ମେ' ମାସରେ ୧୩.୦୪ ଟାଇମିଂରେ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିଲେ। ଆନ୍ଧ୍ର ପ୍ରଦେଶର ଏହି ରେଲୱେ ଷ୍ଟାର ଭୁବନେଶ୍ୱରରେ ଟ୍ରେନିଂ ନେଉଛନ୍ତି।

# ଭାରତର ୨୧ ରେସ୍‌ଲର ଅଂଶଗ୍ରହଣରୁ ବଞ୍ଚିତ

**ନୂଆଦିଲ୍ଲୀ, ୧୭।୧୦ (ପି.ଟି.):** ସ୍ପେନ ଦୂତାବାସର ବିଚିତ୍ର ନିଷ୍ପତ୍ତି। ଭିଜା ନ ମିଳିବାରୁ ଭାରତର ୨୧ଜଣ ରେସ୍‌ଲର ପୋଣ୍ଟେଭେଡ୍ରାଠାରେ ହେବାକୁ ଥିବା ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଛନ୍ତି। ଭିଜା ମିଆଦ ଶେଷ ହେବା ପୂର୍ବରୁ ସେମାନେ ସ୍ପେନ ନ ଛାଡ଼ିବା ସନ୍ଦେହ ରହିଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଚାମ୍ପିୟନଶିପ୍ ଲାଗି ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଏକ ୩୦ ଜଣିଆ ଦଳ ମନୋନୟନ କରଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୯ଜଣଙ୍କୁ ଭିଜା ମିଳିଥିଲା। ଫଳତଃ ଭାରତର ପ୍ରଥମ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଅନ୍ତିମ ପଙ୍ଘାଲଙ୍କ ଭଳି ରେସ୍‌ଲର ଅଂଶଗ୍ରହଣ କରିପାରିବେ ନାହିଁ। ଡବ୍ଲ୍ୟୁଏଫ୍‌ଆଇ ସହକାରୀ ସମ୍ପାଦକ ବିନୋଦ ତୋମାର କହିଛନ୍ତି ଆମେ କେବେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇ ନ ଥିଲୁ। ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ବିଶ୍ୱ ପରିଚାଳନା ପରିଷଦଠାରୁ ଆମନ୍ତ୍ରଣ ମିଳିଥିଲା। ଭାରତ ସରକାରଙ୍କ କ୍ଲିୟରାନ୍ସ ରହିଥିଲା। ଏହାସତ୍ତ୍ୱେ ଆମ ରେସଲରମାନଙ୍କୁ ଭିଜା ମିଳିଲା ନାହିଁ।

# ୧୨୦,୦୦୦ ଛାତ୍ରୀଛାତ୍ର ଦେଖିବେ ବିଶ୍ୱକପ୍

**ଭୁବନେଶ୍ୱର,୧୭।୧୦**
**(ସ୍ପୋର୍ଟ୍ସ ବ୍ୟୁରୋ)**

ଭାରତରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପକୁ ପ୍ରାୟ ୧ ଲକ୍ଷ ୨୦ ହଜାର ଛାତ୍ରୀଛାତ୍ର ଉପଭୋଗ କରିବେ। ସ୍ଥାନୀୟ ଆୟୋଜକ କମିଟି (ଏଲ୍‌ଓସି) ଏବଂ ଫିଫା ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୩ଟି ଯାକ ଭେନ୍ୟୁରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଶ୍ୱକପ ଆୟୋଜନକୁ ଏକ ସପ୍ତାହ ପୁରିଥିବା ବେଳେ ଦର୍ଶକଙ୍କ ପକ୍ଷରୁ ଏହାକୁ ଢେର ସାରା ଭଲ ପାଇବା ମିଳିଛି। ୩ଟି ଯାକ ଭେନ୍ୟୁରେ କୁନି କୁନି ଦର୍ଶକଙ୍କ ଉପସ୍ଥିତି ଖେଳାଳି ମାନଙ୍କୁ ମଧ୍ୟ ଉତ୍ସାହିତ କରୁଛି। ଏହା ସହିତ ଆଗାମୀ ଦିନରେ ହେବାକୁ ଥିବା ମ୍ୟାଚ ଗୁଡିକରେ ମଧ୍ୟ ଏମିତି ଦୃଶ୍ୟ ଦେଖିବାକୁ ମିଳିବ। ଛାତ୍ରୀ ଛାତ୍ର ମାନଙ୍କ ନାଚ ଗୀତ ଓ ସେଲିବ୍ରେସନ ମୋ ପାଇଁ ଶ୍ରେଷ୍ଠ ମୁହୂର୍ତ୍ତ ଥିଲା ବୋଲି ଫିଫାର ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଜେମି ୟାରଜା ପ୍ରକାଶ କରିଛନ୍ତି। କୋଭିଡ କାରଣରୁ ଭାରତରେ ଟୁର୍ନାମେଣ୍ଟ ଆୟୋଜନକୁ ନେଇ ଆଶଙ୍କା ଦେଖା ଦେଇଥିଲା। ତେବେ ସଫଳତାର ସହିତ ଟୁର୍ନାମେଣ୍ଟ ଆୟୋଜନ ଦେଖି ଖୁସି ଲାଗୁଛି।

ଛାତ୍ରୀଛାତ୍ର ମାନଙ୍କୁ ସାମିଲ କରିବା ପାଇଁ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀଙ୍କ ସହିତ ଏ ସମ୍ପର୍କରେ ଆଲୋଚନା ହୋଇଥିବା ନେଇ ୟାରଜା କହିଥିଲେ। ୩ ରାଜ୍ୟର କ୍ରୀଡାମନ୍ତ୍ରୀଙ୍କ ସହିତ ଆଲୋଚନା ପରେ ଏହାକୁ କାର୍ଯ୍ୟକାରୀ କରିବା ନେଇ ଯୋଜନା କରାଯାଇଥିଲା। ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଦିନ ୩ ହଜାର ଛାତ୍ରୀଛାତ୍ର ଖେଳ ଦେଖିଥିବା ବେଳେ ନଭି ମୁମ୍ବାଇରେ ଏହି ସଂଖ୍ୟା ୫୦୦୦-୬୦୦୦ ରହିଥିଲା। ଫାଇନାଲ ବେଳକୁ ଏହ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ସେହିପରି ସମଗ୍ର ଟୁର୍ନାମେଣ୍ଟରେ ୧ ଲକ୍ଷ ୨୦ ହଜାର ଛାତ୍ରୀଛାତ୍ର ଟୁର୍ନାମେଣ୍ଟ ଦେଖିବାର ସୁଯୋଗ ପାଇବେ ବୋଲି ଏଲ୍‌ଓସି ନିର୍ଦ୍ଦେଶକ ନନ୍ଦିନୀ ଅରୋରା କହିଛନ୍ତି।

**ଫୁରସତ୍**

# ସେନା ଟାର୍ଗେଟ୍‌ରେ ସେଲିବ୍ରିଟି


ଶେରଭିନ୍ ହାଜିପୋର

**ତେହରାନ୍:** ଇରାନ୍‌ରେ ହିଜାବ୍ ବିରୋଧୀ ଆନ୍ଦୋଳନକୁ ପୂରି ଯାଇଛି ଏକମାସ। ୨୨ ବର୍ଷୀୟା ମହସା ଆମିନିଙ୍କ ହାଜତ ମୃତ୍ୟୁ ପରେ ଦେଶବ୍ୟାପୀ ଆରମ୍ଭ ହୋଇଥିବା ବିକ୍ଷୋଭ ପରବର୍ତ୍ତୀ ସମୟରେ ଜନଆନ୍ଦୋଳନର ରୂପ ନେଇଥିଲା। ଲୋକଙ୍କୁ ପ୍ରତିବାଦରୁ ହଟାଇବା ପାଇଁ ପୋଲିସ ସେମାନଙ୍କ ଉପରକୁ ଗୁଳି ଫୁଟାଇବାକୁ ମଧ୍ୟ ପଛାଉ ନାହିଁ। ଏଥିରେ ଶତାଧିକ ନିରୀହଙ୍କ ମୃତ୍ୟୁ ଘଟିଛି। ଆନ୍ଦୋଳନକୁ ଅଧିକମାତ୍ରାରେ ସମର୍ଥନ ଜଣାଇଛନ୍ତି ଇରାନ୍‌ର ଆଥ୍‌ଲେଟ୍, ସେଲିବ୍ରିଟି ଓ ସିଙ୍ଗର। ସମର୍ଥନ ପାଇଁ ଇରାନ୍ ମିଲିଟାରି ଏମାନଙ୍କୁ ଟାର୍ଗେଟ କରିଥିବା ମଧ୍ୟ ଦେଖିବାକୁ ମିଳିଛି। ଅନେକଙ୍କ ପାସ୍‌ପୋର୍ଟ ଛଡ଼ାଇ ନିଆଯାଇଥିବାବେଳେ ୭ରୁ ଊର୍ଦ୍ଧ୍ୱ ସେଲିବ୍ରିଟିଙ୍କୁ ଦେଶ ମଧ୍ୟରେ ଅଟକ ରଖାଯାଇଛି। ଆନ୍ଦୋଳନବେଳେ ଇରାନୀ ସିଙ୍ଗର ଶେରଭିନ୍ ହାଜିପୋର ପୋଲିସ ବିରୋଧରେ ଗୀତ ଗାଇବା ନେଇ ତାଙ୍କୁ ଗିରଫ କରାଯାଇଥିଲା। କିଛିଦିନ ସେ ଜେଲରେ ରଖିବା ପରେ ଅକ୍ଟୋବର ୪ରେ ତାଙ୍କୁ ଜାମିନ୍ ମିଳିଥିଲା। ଇରାନ୍‌ର ଲୋକପ୍ରିୟ ସିଙ୍ଗର ହୋମାୟୁନ୍ ଶାଜାରିଆନ ଅଷ୍ଟ୍ରେଲିଆରେ ଏକ ଷ୍ଟେଜ୍ ଶୋ' କରିବା ସମୟରେ ଆମିନିଙ୍କ ଏକ ବିରାଟ ଫଟୋ ପ୍ରୋଜେକ୍ଟରରେ ଲଗାଇଥିଲେ। ଏହାସହ ଏକ ଟ୍ରାଡସ୍‌ନାଲ ଗୀତ ଗାଇଥିଲେ। ସେଠାରେ ଉପସ୍ଥିତ ଦର୍ଶକ ଶାଜାରିଆନଙ୍କ ଗୀତକୁ ତାଙ୍କ ସହ ଦୋହରାଇଥିବା ଦେଖିବାକୁ ମିଳିଥିଲା। କିନ୍ତୁ ସେ ଇରାନ୍ ଫେରିବା ପରେ ଏୟାର୍‌ପୋର୍ଟରେ ପୋଲିସ ତାଙ୍କ ପାସ୍‌ପୋର୍ଟ ଜବତ କରିନେଇଥିଲେ। ମ୍ୟୁଜିକ୍ ଶୋ' ପାଇଁ ତାଙ୍କ ସହ ଯାଇଥିବା ଅଭିନେତ୍ରୀଙ୍କୁ ମଧ୍ୟ ସମାନ ଦଣ୍ଡ ଭୋଗିବାକୁ ପଡ଼ିଥିଲା। ଏ ସମ୍ପର୍କରେ ନିଜ ଇନ୍‌ଷ୍ଟାଗ୍ରାମରେ ଶାଜାରିଆନ ଭିଡିଓ ଶେୟାର କରିଥିଲେ। ସମାନ ଭାବେ ଫୁଟବଲ ଖେଳାଳି ଅଲି ଦାଇଙ୍କ ପାସ୍‌ପୋର୍ଟ ବଳପୂର୍ବକ ଛଡ଼ାଇ ନିଆଯାଇଥିବାବେଳେ ହିଜାବ୍ ବିରୋଧୀ ଆନ୍ଦୋଳନ ପ୍ରସଙ୍ଗରେ ସୋସିଆଲ ମିଡିଆରେ କୌଣସି ପୋଷ୍ଟ ନ କରିବା ପାଇଁ ଇରାନ୍ ସରକାରଙ୍କ ପକ୍ଷରୁ ଅଭିନେତ୍ରୀ ହେଡିହ ତେହରାନିଙ୍କୁ ଚେତାବନୀ ଦେଇଥିଲା। ଖାଲି ଇରାନ୍‌ର ଲୋକପ୍ରିୟ ସେଲିବ୍ରିଟି ନୁହନ୍ତି, ବିଦେଶୀ କଳାକାର ଦୁଆଲିପା, ଆଞ୍ଜେଲିନା ଜୋଲି ଏବଂ ଶକିରା ସୋସିଆଲ ମିଡିଆରେ ଇରାନ୍‌ରେ ହିଜାବ ବିରୋଧୀ ପ୍ରଦର୍ଶନକାରୀଙ୍କ ଫଟୋ ଶେୟାର କରିଛନ୍ତି।

## ଇରାନ୍‌ରେ ହିଜାବ୍ ବିରୋଧୀ ଆନ୍ଦୋଳନକୁ ମାସେ

ଭୁଲ ଢଙ୍ଗରେ ହିଜାବ ପିନ୍ଧିବା ନେଇ ଆମିନିଙ୍କୁ ପୋଲିସ ଗିରଫ କରିଥିଲା। ହାଜତରେ ଥିବା ସମୟରେ ସେ ଚେତାଶୂନ୍ୟ ହୋଇଯାଇଥିବାବେଳେ ସେପ୍ଟେମ୍ବର ୧୬ରେ ତାଙ୍କ ମୃତ୍ୟୁ ହୋଇଥିଲା। ଆମିନିଙ୍କ ମୃତ୍ୟୁର ଗୋଟିଏ ଦିନ ପରେ ଅର୍ଥାତ୍ ସେପ୍ଟେମ୍ବର ୧୭ରୁ ଇରାନ୍‌ର ବିଭିନ୍ନ ସ୍ଥାନରେ ମହିଳାମାନଙ୍କ ଦ୍ୱାରା ହିଜାବ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହାର ଦୁଇଦିନ ପରେ ଏହି ଆନ୍ଦୋଳନ ଇରାନ୍‌ରେ ଜନଆନ୍ଦୋଳନର ରୂପ ନେଇଥିଲା। ଓସ୍‌ଲୋରେ ଥିବା ଏନ୍‌ଜିଓର ତଥ୍ୟ ଅନୁସାରେ ଅଦ୍ୟାବଧି ଏହି ଆନ୍ଦୋଳନରେ ୨୧୦ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ହୋଇଛି। ୧୨୦୦ରୁ ଊର୍ଦ୍ଧ୍ୱ ବିରୋଧ ପ୍ରଦର୍ଶନକାରୀ ଗିରଫ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨୦ଜଣ ଖବରଦାତା ସାମିଲ ଥିବା ଜଣାପଡ଼ିଛି।

# ଉର୍ବଶୀଙ୍କୁ କଟାକ୍ଷ

**ମୁମ୍ବାଇ**



ଅଭିନୟ ଛଡ଼ା ଅନେକ ସମୟରେ ସୋସିଆଲ ମିଡିଆ ପୋଷ୍ଟ ପାଇଁ ସମାଲୋଚନାର ଶିକାର ହୋଇଥାନ୍ତି ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରଉତେଲା । ଇରାନ୍‌ରେ ହିଜାବ୍ ବିରୋଧୀ ଆନ୍ଦୋଳନ ଚାଲିଥିବାବେଳେ ବିକ୍ଷୋଭକାରୀଙ୍କୁ ସମର୍ଥନ ଜଣାଇବା ପାଇଁ ଉର୍ବଶୀ କେଶ କାଟିଛନ୍ତି। ଏହାର ଫଟୋ ମଧ୍ୟ ସେ ସୋସିଆଲ ମିଡିଆରେ ଶେୟାରୁ କରିଛନ୍ତି। ତେବେ ଏହି ଫଟୋ ନେଇ ନାୟିକାଙ୍କୁ ଏବେ ଟ୍ରୋଲ୍ ହେବାକୁ ପଡ଼ିଛି। କେଶ କାଟିବାର ଫଟୋ ଶେୟାର କାରିବା ସହ ଇରାନ୍‌ରେ ଜାରିଥିବା ହିଜାବ୍ ବିରୋଧୀ ଆନ୍ଦୋଳନରେ ସାମିଲ ହେବା ଲାଗି ଦେଶର ପ୍ରତ୍ୟେକ ମହିଳାଙ୍କୁ ନିଜ ଫଟୋ କ୍ୟାପ୍‌ସନ ଜରିଆରେ କହିଥିଲେ। ଉର୍ବଶୀଙ୍କ କେତେଜଣ ଫ୍ୟାନ୍ ତାଙ୍କ ଏ ପ୍ରକାର କାର୍ଯ୍ୟ ପାଇଁ ପ୍ରଶଂସା କରିଥିବାବେଳେ ବହୁ ୟୁଜର୍ସ ଉର୍ବଶୀଙ୍କୁ ସମାଲୋଚନା କରିଛନ୍ତି। ବର୍ତ୍ତମାନ ଏହି କେଶ କାଟିବା ପ୍ରସଙ୍ଗକୁ ନେଇ ନାୟିକାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ ହେବାକୁ ପଡ଼ିଛି। ହିନ୍ଦୀ ଫିଲ୍ମ 'ଭର୍ଜିନ ଭାନୁପ୍ରିୟା'ରେ ଶେଷଥର ପାଇଁ ଉର୍ବଶୀ ବଡ଼ ପରଦାରେ ଦେଖାଯାଇଥିଲେ। ତେବେ ଆଗାମୀ ଦିନରେ ତାଙ୍କ ଅଭିନୀତ ତାମିଲ ଫିଲ୍ମ 'ଦ ଲିଜେଣ୍ଡ' ରିଲିଜ୍ ଅପେକ୍ଷାରେ ଥିବାବେଳେ ହିନ୍ଦୀ ଚଳଚ୍ଚିତ୍ର ' ଦିଲ୍ ହେ ଗ୍ରେ' ଆଗାମୀ ଦିନରେ ମୁକ୍ତିଲାଭ କରିବ ।

# ଦୀପାବଳି ଉପଲକ୍ଷେ କର୍ମଚାରୀଙ୍କୁ କାର୍ ଓ ବାଇକ ଭେଟି




**ଚେନ୍ନାଇ:** ଚେନ୍ନାଇର ଚେନ୍ ଚଲ୍ଲାନି ଜୁଏଲେରୀର ମାଲିକ ଜୟନ୍ତୀ ଲାଲ ଚାୟାନ୍ତି ଦୀପାବଳି ଉପଲକ୍ଷେ ତାଙ୍କ କର୍ମଚାରୀମାନଙ୍କୁ କାର୍ ଓ ବାଇକ୍ ଭେଟି ଦେଇଛନ୍ତି। ଏ ନେଇ ଜୟନ୍ତୀ ପାଖାପାଖି ୧.୨ କୋଟି ଟଙ୍କା ଖର୍ଚ୍ଚ କରିଥିବା କୁହାଯାଉଛି। କର୍ମଚାରୀଙ୍କ ପାଇଁ ସେ ୮ଟି କାର୍ ଓ ୧୮ଟି ବାଇକ୍ କିଣିଛନ୍ତି। ଭଲ, ମନ୍ଦ ସମୟରେ ଏହି କର୍ମଚାରୀମାନେ ଜୟନ୍ତୀଙ୍କ ସହ କାମ କରୁଥିବାବେଳେ କାମପ୍ରତି ସେମାନଙ୍କ ଆଗ୍ରହ ବଢ଼ାଇବା ପାଇଁ ତାଙ୍କୁ ଏ ସବୁ ଜିନିଷ ଉପହାର ସ୍ୱରୂପ ଦିଆଯାଉଛି। ପରିବାର ଭଳି ସେମାନେ ଗୋଟିଏ ଜାଗାରେ କାମ କରୁଥିବା ସେ କହିଛନ୍ତି।

# ମୋ ଚକୋଲେଟ୍ ମା'ଚୋରି କରୁଛନ୍ତି, ତାଙ୍କୁ ଜେଲ୍ ପଠାଇଦିଅ

**ଭୋପାଳ:** ମଧ୍ୟପ୍ରଦେଶ ବହରମନପୁରରୁ ଏକ କୌତୁହଳ ଘଟଣା ସାମ୍ନାକୁ ଆସିଛି। ମା' ମାଡ଼ ମାରିବା କାରଣରୁ ୩ ବର୍ଷର ସଦ୍ଦାମ ଦଦତଲାଇ ଥାନା ଯାଇ ଅଭିଯୋଗ କରିଛନ୍ତି। ବାପାଙ୍କ ସହ ଥାନାକୁ ଯାଇ ସଦ୍ଦାମ କହିଥିଲେ ଯେ, ମୋ ମା' ମୋତେ ମାଡ଼ ମାରୁଛନ୍ତି ଓ ମୋର ସବୁ ଚକୋଲେଟ୍ ଚୋରି କରି ନେଉଛନ୍ତି। ତାଙ୍କୁ ଜେଲ୍‌ରେ ବନ୍ଦ କରିଦିଅ। ସଦ୍ଦାମଙ୍କ ବାପା ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଦେଇ କହିଥିଲେ, ସଦ୍ଦାମଙ୍କୁ ତାଙ୍କ ମା' କଜଳ ଲଗାଇଦେବା ପାଇଁ କହିଥିଲେ।



କିନ୍ତୁ ସଦ୍ଦାମ କଜଳ ନ ଲଗାଇବାକୁ ଜିଦ୍ କରିଥିଲେ। ଏ ନେଇ ମା' ତାଙ୍କୁ ଏକ ଚାପୁଡ଼ା ମାରିଥିଲେ। ଏତିକିରେ ହିଁ ସେ କାନ୍ଦିଥିଲେ। ମା'ଙ୍କ ନାଁରେ ଥାନାରେ ଅଭିଯୋଗ କରିବା ପାଇଁ ସେ ଜିଦ୍ କରିଥିଲେ, ତାଙ୍କ ବାପା ସଦ୍ଦାମଙ୍କୁ ଥାନା ନେଇ ଯାଇଥିଲେ। ଦଦତଲାଇ ଥାନା ଏସ୍‌ଆଇ ସଦ୍ଦାମଙ୍କ ମନ ରଖିବା ପାଇଁ ଅଭିଯୋଗ ଲେଖିଥିଲେ। ପରେ ଥାନା କର୍ତ୍ତୃପକ୍ଷ ତାଙ୍କୁ ବୁଝେଇ ଘରକୁ ପଠେଇ ଥିଲେ।

# ପରାଜୟ ସହ ଭାରତର ବିଶ୍ୱକପ ଅଭିଯାନ ଶେଷ

ଭୁବନେଶ୍ୱର, ୧୭।୧୦
(କ୍ରୀଡ଼ା ପ୍ରତିନିଧି)

ଭାରତର ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପଦାର୍ପଣ ଅଲୋଡ଼ା ରେକର୍ଡ ସହ ଶେଷ ହୋଇଛି। ନିଜର ପ୍ରଥମ ବିଶ୍ୱକପରେ ଭାରତ ୩ଟି ଯାକ ମ୍ୟାଚ ହାରି ଅଭିଯାନ ଶେଷ କରିଛି। ପ୍ରଥମ ମ୍ୟାଚରେ ଆମେରିକାଠାରୁ ୦-୮, ଦ୍ୱିତୀୟ ମ୍ୟାଚରେ ମରକ୍କୋଠାରୁ ୦-୩ ଗୋଲରେ ହାରିଥିବା ଭାରତ ସୋମବାର ତୃତୀୟ ମ୍ୟାଚରେ ବ୍ରାଜିଲଠାରୁ ୦-୫ ଗୋଲରେ ହାରି ଯାଇଛି। ଆଲିନେ ଓ ଲାରାଙ୍କ ଡବଲ ଗୋଲ ବଳରେ ବ୍ରାଜିଲ ବିଜୟ ମୁକୁଟ ପିନ୍ଧିବା ସହ ନକ୍‌ଆଉଟରେ ପ୍ରବେଶ କରିଛି। ଏଥିସହ ପ୍ରତିଯୋଗିତାର ଭୁବନେଶ୍ୱର ପର୍ଯ୍ୟାୟ ମଧ୍ୟ ଶେଷ ହୋଇଛି। ଗ୍ରୁପ୍ ''ଏ'ରୁ ଆମେରିକା ଓ ବ୍ରାଜିଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୋଆର ମାର୍ଗାଓରେ ଅନୁଷ୍ଠିତ ଅନ୍ୟ ଏକ ଗ୍ରୁପ୍ ''ଏ' ମ୍ୟାଚରେ ଆମେରିକା ୪-୦ ଗୋଲରେ ମରକ୍କୋକୁ ପରାସ୍ତ କରିଛି। ଫଳରେ ଏହି ଗ୍ରୁପ୍‌ରେ ଆମେରକା ପ୍ରଥମ ଓ ବ୍ରାଜିଲ ଦ୍ୱିତୀୟ ସ୍ଥାନୀୟ ଦଳଭାବେ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଆସନ୍ତା ୨୧ ତାରିଖରେ ନଭି ମୁମ୍ବାଇରେ ଆମେରିକା-ନାଇଜେରିଆ ଏବଂ ଜର୍ମାନୀ-ବ୍ରାଜିଲ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଗ୍ରୁପ୍ 'ବି'ର ପ୍ରଥମ ଓ ଦ୍ୱିତୀୟ ଦଳଭାବେ ଯଥାକ୍ରମେ ଜର୍ମାନୀ ଓ ନାଇଜେରିଆ ନକ୍‌ଆଉଟରେ ପ୍ରବେଶ କରିଛନ୍ତି।

ମ୍ୟାଚରେ ଜର୍ସି ପରିବର୍ତ୍ତନ କରି ଖେଳିଥିଲା ଭାରତ। ଭାରତକୁ କମଳା ଏବଂ ବ୍ରାଜିଲକୁ ବ୍ଲୁ ଜର୍ସି ଦିଆ ଯାଇଥିଲା। ଜର୍ସିର ରଙ୍ଗ ବଦଳିଥିଲେ ହେଁ ଭାରତୀୟ ଦଳର ଭାଗ୍ୟ ପରିବର୍ତ୍ତନ ହୋଇ ନ ଥିଲା। ପୂର୍ବାନୁମାନ ଅନୁସାରେ ବ୍ରାଜିଲ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଭାରତୀୟ ଗୋଲପୋଷ୍ଟ ଉପରେ ଏହି ଦଳର ଖେଳାଳିମାନେ କ୍ରମାଗତ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ ଭାରତୀୟ ରକ୍ଷଣଭାଗ ବଲ୍‌କୁ ରୋକିବା ଏବଂ କ୍ଲିୟର କରିବାରେ ବ୍ୟସ୍ତ ରହିଥିଲା। ୧୧ତମ ମିନିଟରେ ଆଲିନେଙ୍କଠାରୁ ପାସ୍ ପାଇଥିବା ଗାବି ବେର୍ଟୋନ ବଲ୍‌କୁ ନିଜ ନିୟନ୍ତ୍ରଣକୁ ଆଣି ଗୋଲ ଦେବା ପ୍ରକ୍ରିୟା ଆରମ୍ଭ କରିଥିଲେ। ଶଟ୍‌ର ବେଗ ତୀବ୍ର ଥିବାରୁ ବଲ୍‌ଟି ଭାରତୀୟ ଗୋଲକିପର କେଇଶାମ ମେଲୋଡ଼ିଙ୍କ ହାତରେ ବାଜିଥିଲେ ମଧ୍ୟ ନେଟକୁ ଛୁଇଁଥିଲା। ଏହାପରେ କିନ୍ତୁ ମେଲୋଡି ଏକାଧିକଥର ଚମତ୍କାର ସେଭ୍ କରି ଦର୍ଶକଙ୍କ ମନ ଜିତିଥିଲେ। ୩୪ତମ ମିନିଟରେ କାଜଲଙ୍କ ହ୍ୟାଣ୍ଡବଲ ଯୋଗୁ ଫ୍ରି-କିକ୍ ପାଇଥିଲା ବ୍ରାଜିଲ। ମାତ୍ର ଗାବ୍ରିଏଲ ବେର୍ଟୋନଙ୍କ ରାଇଟ୍ ଫୁଟ୍ ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା। ତେବେ ବ୍ରାଜିଲ ଆକ୍ରମଣ ପ୍ରକ୍ରିୟା ବଳବତ୍ତର ରଖିଥିଲା। ୪୦ତମ ମିନିଟରେ ଆନା ଫ୍ଲାଭିଆଙ୍କ ପାସ୍‌କୁ ଗୋଲରେ ପରିଣତ କରିଥିଲେ ୭ ନମ୍ବର ଜର୍ସି ପରିହିତ ଆଲିନେ। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ବ୍ରାଜିଲ ୨-୦ ଗୋଲରେ ଅଗ୍ରଣୀଲାଭ କରିଥିଲା।

ପଛ ପରିବର୍ତ୍ତନ ହୋଇଥିଲେ ହେଁ ଭାରତର ପ୍ରଦର୍ଶନରେ ବିଶେଷ ଉନ୍ନତି ଆସି ନ ଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବାର ୬ ମିନିଟ ପରେ ଅର୍ଥାତ୍ ୫୧ତମ ମିନିଟରେ ଆଲିନେ ବ୍ୟକ୍ତିଗତ ଏବଂ ବ୍ରାଜିଲ ପକ୍ଷରୁ ୩ୟ ଗୋଲଟି ସ୍କୋର କରିଥିଲେ। ରିବେକାଙ୍କଠାରୁ ପାଇଥିବା ପାସ୍‌ର ସେ ସଦୁପଯୋଗ କରିଥିଲେ। ମ୍ୟାଚର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ୮୬ତମ ମିନିଟରେ ବ୍ରାଜିଲର ୧୭ ଜର୍ସି ପରିହିତ ଲାରା ଦଳ ପକ୍ଷରୁ ୪ର୍ଥ ଗୋଲଟି ଦେଇଥିଲେ। କେବଳ ସେତିକି ନୁହେଁ ଇଞ୍ଜୁରି ଟାଇମ୍ ୯୦+୩ ମିନିଟରେର ଲାରା ବ୍ୟକ୍ତିଗତ ଦ୍ୱିତୀୟ ଓ ବ୍ରାଜିଲ ପକ୍ଷରୁ ୫ମ ଗୋଲ ସ୍କୋର କରିଥିଲେ।


ଭାରତ ଓ ବ୍ରାଜିଲ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।


ଭାରତ ମ୍ୟାଚ୍ ହାରିବା ପରେ ଶୁଭାଙ୍ଗି ସିଂଙ୍କୁ ପ୍ରବୋଧନା ଦେଉଛନ୍ତି କୋଚ୍ ଥୋମାସ ଡେନର୍ବି।

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ**

**ଆମେରିକା-ନାଇଜେରିଆ, ଜର୍ମାନୀ-ବ୍ରାଜିଲ କ୍ୱାର୍ଟର ଫାଇନାଲ**

# ନାଇଜେରିଆଠାରୁ ହାରି ଚିଲି ବିଦା


ମ୍ୟାଚ୍ ହାରିବା ପରେ ଦୁଃଖରେ ମ୍ରିୟମାଣ ଚିଲି ଖେଳାଳି।

ଭୁବନେଶ୍ୱର,୧୭।୧୦
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଏକ ଗ୍ରୁପ୍ 'ବି' ମ୍ୟାଚ୍‌ରେ ନାଇଜେରିଆ ୨-୧ ଗୋଲରେ ଚିଲିକୁ ପରାସ୍ତ କରିଛି। ଫଳରେ ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ନାଇଜେରିଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ଦଳ ୩ ମ୍ୟାଚ୍‌ରୁ ୨ଟି ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପୂର୍ବରୁ ଜର୍ମାନୀ ନକ୍‌ଆଉଟରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ଦ୍ୱିତୀୟ ଥର ବିଶ୍ୱକପ୍ ଖେଳିବା ସୁଯୋଗ ପାଇଥିବା ଚିଲିର ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ଶେଷ ହୋଇଯାଇଥିଲା। ନାଇଜେରିଆର ୧୭ ନମ୍ବର ଜର୍ସି ପରିହିତ ଓପେୟେମି ଆଜାକାୟେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୋଆର ମାର୍ଗାଓରେ ଅନୁଷ୍ଠିତ ଅନ୍ୟ ଏକ ଗ୍ରୁପ୍ 'ବି' ମ୍ୟାଚ୍‌ରେ ଜର୍ମାନୀ ୩-୧ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ହାଟ୍ରିକ ବିଜୟ ସହ ଜର୍ମାନୀ ଗ୍ରୁପ୍ 'ବି'ର ନମ୍ବର ୱାନ୍ ଦଳ ହୋଇଛି।

ଚିଲି ଉପରେ ଆରମ୍ଭରୁ ଭାରି ପଡ଼ିଥିଲା ନାଇଜେରିଆ। ପ୍ରଥମ ମିନିଟ୍‌ରେ ହିଁ ଆକ୍ରମଣାତ୍ମକ ଆଭିମୁଖ୍ୟ ନେଇ ଚିଲି ଗୋଲପୋଷ୍ଟରେ ବଲ୍ ପହଞ୍ଚାଇଥିଲା ଏହି ଆଫ୍ରିକୀୟ ଦଳ। ଏହାର ସୁଫଳ ମଧ୍ୟ ଦଳକୁ ମିଳିଥିଲା। ୪ର୍ଥ ମିନିଟ୍‌ରେ ଓପେୟେମିଙ୍କଠାରୁ ପାଇଥିବା ପାସ୍‌କୁ ଅଧିନାୟିକା ବ୍ଲେସିଂ ଇମାନୁଏଲ ଗୋଲରେ ପରିଣତ କରିଥିଲେ। ବ୍ଲେସିଂଙ୍କ ରାଇଟ୍ ଫୁଟ୍ ଶଟ୍ ଚିଲି ଗୋଲପୋଷ୍ଟର ଲେଫ୍ଟ କର୍ନର ନିମ୍ନଭାଗ ସ୍ପର୍ଶ କରିଥିଲା। ଗୋଲକିପର ଆଲଭାରାଡୋ କାଟାଲିନା ପୂରାଦମ୍‌ରେ ଡାଇଭ୍ ମାରିଥିଲେ ହେଁ ବଲ୍ ନିକଟରେ ପହଞ୍ଚିପାରି ନ ଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ୧୬ତମ ମିନିଟ୍‌ରେ ଆମିନା ବେଲୋ ୟେଲୋ କାର୍ଡ ପାଇଥିଲେ। ୧୭ତମ ମିନିଟ୍‌ରେ ନାଇଜେରିଆ ଆଉ ଏକ ଗୋଲ ଦେବାର ନିକଟତର ହୋଇଥିଲା। ଓପେୟେମିଙ୍କ ଥ୍ରୋ ପାସ୍‌କୁ ନିୟନ୍ତ୍ରଣକୁ ଆଣି ଆମିନା ବେଲୋ ଚିଲି ଗୋଲପୋଷ୍ଟକୁ ଟାର୍ଗେଟ କରିଥିଲେ। ଗୋଲକିପର ଦୂରରେ ଥିବାରୁ ଗୋଲ ହେବାର ଯଥେଷ୍ଟ ସମ୍ଭାବନା ଥିଲା। ମାତ୍ର ଚିଲିର ଓଲିଭର କନ୍‌ଷ୍ଟାଞ୍ଜା ଚତୁରତାର ସହ ବଲ୍ କ୍ଲିୟର କରିଦେଇଥିଲେ। ଫଳରେ ଚିଲି ଆଉ ଏକ ଗୋଲ ବରଣରୁ ଅଳ୍ପକେ ବର୍ତ୍ତିଯାଇଥିଲା। ପ୍ରଥମାର୍ଦ୍ଧର ଶେଷଭାଗରେ ଗୋଲ ପରିଶୋଧ ପାଇଁ ଚିଲି ଜୋର୍‌ଦାର ଉଦ୍ୟମ କରିଥିଲା। ଉଭୟ ଦଳ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ବିପଜ୍ଜନକ ପ୍ରଦର୍ଶନ ପାଇଁ ନାଇଜେରିଆ ଅଧିନାୟିକା ୪୩ତମ ମିନିଟ୍‌ରେ ୟେଲୋ କାର୍ଡ ପାଇବା ଅନ୍ୟତମ ଚର୍ଚ୍ଚିତ ଘଟଣା ଥିଲା। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ନାଇଜେରିଆ ୧-୦ ଗୋଲରେ ଅଗ୍ରଣୀ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମଧ୍ୟ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଚିଲି ଭଲ ଖେଳିଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ କରିପାରି ନ ଥିଲା। ୮୨ତମ ମିନିଟ୍‌ରେ ନାଇଜେରିଆ ଆଉ ଏକ ଗୋଲ କରି ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲା। ଆମିନା ବେଲୋଙ୍କ ପାସ୍‌କୁ ନିୟନ୍ତ୍ରଣକୁ ଆଣି ବିସୋଲା ମୋସାକୁ ଗୋଲପୋଷ୍ଟର ଅତି ନିକଟରୁ ଏହି ଗୋଲଟି ଚତୁରତାର ସହ ସ୍କୋର କରିଥିଲେ। ୮୫ତମ ମିନିଟ୍‌ରେ ନାଇଜେରିଆ ଗୋଲପୋଷ୍ଟ ନିକଟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ନାଇଜେରିଆର ଓମାମୁଜୁ ଇଡାଫେଙ୍କ ହାତରେ ବଲ୍ ବାଜି ଯାଇଥିଲା। ଇଟାଲିଆନ ରେଫରି ମାରିଆ ଫେରେରିଙ୍କ ନଜରକୁ ଏହା ଆସି ନ ଥିଲା। ମାତ୍ର ଚିଲି ଖେଳାଳିମାନେ ଭାର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରି)ର ସହାୟତା ନେଇଥିଲେ। ଭିଡିଓ ଫୁଟେଜ୍ ଦେଖିବା ପାଇଁ ରେଫରି ନିଜେ ପଡ଼ିଆ ଛାଡ଼ିଥିଲେ। ୫ ମିନିଟ୍ ପରେ ଅର୍ଥାତ୍ ୯୦ତମ ମିନିଟରେ ପଡ଼ିଆରେ ପ୍ରବେଶ କରି ସେ ଇଡାଫେଙ୍କୁ ୟେଲୋ କାର୍ଡ ଦେଖାଇବା ସହ ପେନାଲ୍ଟି ଶଟ୍ ସଙ୍କେତ ଦେଇଥିଲେ। ୯୦+୧ ମିନିଟ୍‌ରେ ଚିଲିର ଟାଲି ରୋଭନେର ନାଇଜେରିଆ ଗୋଲକିପର ଓମିଲାନା ଫେଥ୍‌ଙ୍କୁ ଚକ୍‌ମା ଦେଇ ଗୋଲସ୍କୋର କରିଥିଲେ। ଇଞ୍ଜୁରି ଟାଇମ୍ ୯୦+୭ ମିନିଟ୍ ଯାଏ ଖେଳ ଚାଲିଥିଲେ ହେଁ ଚିଲି ଆଉ ଗୋଲ ପରିଶୋଧ କରିପାରି ନ ଥିଲା। ଫଳରେ ନାଇଜେରିଆ ବିଜୟୀ ହୋଇ ଖୁସି ମନାଇଥିଲା।


ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ବିଶ୍ୱକପ୍ ପ୍ରତିକୃତି ପ୍ରଦାନ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

**କଳିଙ୍ଗ କର୍ନର**

## କଳିଙ୍ଗରେ ସଫଳ 'ଭାର୍'

୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ର କଳିଙ୍ଗ ଷ୍ଟାଡିୟମରେ ମୋଟ୍ ୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ୧୧ ଓ ୧୪ ତାରିଖରେ ୪ଟି ମ୍ୟାଚ୍ ଆୟୋଜନ ହୋଇଥିଲେ ହେଁ ମ୍ୟାଚ୍‌ରେ ଭିଡିଓ ଆସିଷ୍ଟାଣ୍ଟ ରେଫରି (ଭାର୍)ର ସହାୟତା ଆବଶ୍ୟକ ପଡ଼ି ନ ଥିଲା। ମାତ୍ର ସୋମବାର ଅନୁଷ୍ଠିତ ନାଇଜେରିଆ-ଚିଲି ମ୍ୟାଚ୍‌ର ୮୫ତମ ମିନିଟ୍‌ରେ ପ୍ରଥମଥର ପାଇଁ ଏହାର ଆବଶ୍ୟକ ପଡ଼ିଥିଲା।। ନାଇଜେରିଆ ଗୋଲପୋଷ୍ଟ ନିକଟରେ ଓମାମୁଜୁ ଇଡାଫେ ହ୍ୟାଣ୍ଡବଲ କରିଥିଲେ। ଇଟାଲିଆନ ରେଫରି ମାରିଆ ଫେରେରିଙ୍କ ନଜରରୁ ଏହା ଖସିଯାଇଥିଲେ ହେଁ ଚିଲି ଖେଳାଳି ଭାର୍ (ଭିଡିଓ ଆସିଷ୍ଟାଣ୍ଟ ରେଫରି) ଦାବି କରିଥିଲେ। ରେଫରି ରେଫରାଲ ସଙ୍କେତ ଦେଇ ଭିଡିଓ ଫୁଟେଜ ଦେଖିବା ପାଇଁ ପଡ଼ିଆ ଛାଡ଼ିଥିଲେ। ୫ ମିନିଟ ପରେ ଅର୍ଥାତ୍ ୯୦ତମ ମିନିଟରେ ପଡ଼ିଆରେ ପ୍ରବେଶ କରି ସେ ଇଡାଫେଙ୍କୁ ୟେଲୋ କାର୍ଡ ଦେଖାଇବା ସହ ପେନାଲ୍ଟି ଶଟ୍ ସଙ୍କେତ ଦେଇଥିଲେ। ଅର୍ଥାତ୍ ଚିଲି ଖେଳାଳିଙ୍କ ଦାବି ସଫଳ ହୋଇଥିଲା। ୯୦+୧ ମିନିଟ୍‌ରେ ଚିଲିର ଟାଲି ରୋଭନେର କୌଣସି ତ୍ରୁଟି ନ କରି ଗୋଲସ୍କୋର କରିଥିଲେ।

**ନୃତ୍ୟ ସହ କୋଳାହଳରେ କମ୍ପିଲା ଷ୍ଟାଡିୟମ**

ସୋମବାର ଚିଲି-ନାଇଜେରିଆ ମ୍ୟାଚର ଶେଷ ପର୍ଯ୍ୟାୟରେ କିସ୍‌ର ଛାତ୍ରୀମାନେ ଷ୍ଟାଡିୟମରେ ପ୍ରବେଶ କରିଥିଲେ। ସ୍କୁଲପିଲାଙ୍କୁ ବିଶ୍ୱକପ୍ ଦେଖାଇବା କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ ଥିଲା। ଏହି ମ୍ୟାଚ୍ ଶେଷ ହେବା ପରେ ଏବଂ ଭାରତ-ବ୍ରାଜିଲ ମ୍ୟାଚ୍ ଆରମ୍ଭ ପୂର୍ବରୁ ଫାଙ୍କା ସମୟରେ କୋଳାହାଳ ସହ ମ୍ୟୁଜିକ୍‌ର ତାଳେ ତାଳେ ନୃତ୍ୟକରି ଷ୍ଟାଡିୟମ ପ୍ରକମ୍ପିତ କରିଥିଲେ କିସ୍‌ର ଛାତ୍ରୀମାନେ। ଏହା ଅବଶିଷ୍ଟ ଦର୍ଶକ ଏବଂ ଫିଫାର କର୍ମକର୍ତ୍ତାଙ୍କୁ ମନୋରଞ୍ଜନର ବେଶ୍ ଖୋରାକ ଯୋଗାଇଥିଲା। ଅନେକେ ଏହି ନୃତ୍ୟକୁ ନିଜ ମୋବାଇଲରେ ରେକର୍ଡିଂ ମଧ୍ୟ କରିବାକୁ ଭୁଲି ନ ଥିଲେ। ପିଲାମାନେ ମ୍ୟୁଜିକ୍ ଏବଂ ଖେଳ ଉଭୟକୁ ମନଭରି ଉପଭୋଗ କରିଥିଲେ। ତା'ସହ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ ମଧ୍ୟ କରିଥିଲେ।

## ମ୍ୟାଚ ଉପଭୋଗ କଲେ ରାଜ୍ୟପାଳ, କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୧୭।୧୦ (କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଭାରତ-ବ୍ରାଜିଲ ମ୍ୟାଚ୍‌କୁ ରାଜ୍ୟପାଳ ଗଣେଶୀ ଲାଲ୍ ଉପଭୋଗ କରିଥିଲେ। ଏହା ବ୍ୟତୀତ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସାଂସଦ ଅଚ୍ୟୁତ ସାମନ୍ତ, ବିଧାୟକ ସୁରେଶ ରାଉତରାୟ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଖେଳ ଦେଖିଥିଲେ। କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ଓ ଅନ୍ୟ ବିଭାଗର ଅଧିକାରୀମାନେ ମ୍ୟାଚ୍ ଉପଭୋଗ କରିଥିଲେ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂସୁବାସ ଚନ୍ଦ୍ର ପାଣିଗ୍ରାହୀ
୫୨୬, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୩୦।୦୯।୧୯୪୩
ତିରୋଧାନ: ୦୮।୧୦।୨୦୨୨
ଚାହୁଁ ଚାହୁଁ ଏଗାର ଦିନ ହୋଇଗଲା। ବାବା ତୁମେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲା। ତୁମର ଅନୁପସ୍ଥିତିକୁ ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ୍ଭ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ: ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।
ଧ-୧୭୯୦

## କଳିଙ୍ଗରେ ୬ ମ୍ୟାଚ: ୨୨ ଗୋଲ

ଭୁବନେଶ୍ୱର, ୧୭।୧୦ (କ୍ରୀଡ଼ା ପ୍ରତିନିଧି): ଓଡ଼ିଶାରେ ପ୍ରଥମଥରପାଇଁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଗ୍ରୁପ୍ ପର୍ଯ୍ୟାୟ ଅନୁଷ୍ଠିତ ହୋଇ ଯାଇଛି। କଳିଙ୍ଗ ଷ୍ଟାଡିୟମରେ ମୋଟ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ୨୨ଟି ଗୋଲ ସ୍କୋର ହୋଇଛି। ବିଶ୍ୱକପରେ ପ୍ରଥମଥରପାଇଁ ପଦାର୍ପଣ କରିଥିବା ଭାରତ ଏହାର ୩ଟି ଯାକ ଲିଗ୍ ମ୍ୟାଚ ଏଠାରେ ଖେଳିଥିଲା। ଏହା ବ୍ୟତୀତ ଆମେରିକା, ବ୍ରାଜିଲ, ମରକ୍କୋ, ଚିଲି ଓ ନାଇଜେରିଆ ମଧ୍ୟ ମ୍ୟାଚ ଖେଳିଥିଲେ। ୧୧ ତାରିଖରେ ଆମେରିକା ୮-୦ରେ ଭାରତକୁ ଏବଂ ବ୍ରାଜିଲ ୧-୦ ଗୋଲରେ ମରକ୍କୋକୁ ହରାଇଥିଲା। ୧୪ରେ ଆମେରିକା ଓ ବ୍ରାଜିଲ ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିବାବେଳେ ମରକ୍କୋ ୩-୦ ଗୋଲରେ ଭାରତକୁ ପରାସ୍ତ କରିଥିଲା। ୧୭ ତାରିଖରେ ନାଇଜେରିଆ ୨-୧ ଗୋଲରେ ଚିଲିକୁ ଏବଂ ବ୍ରାଜିଲ ୫-୦ ଗୋଲରେ ଭାରତକୁ ହରାଇଥିଲା।


କଳିଙ୍ଗ ଷ୍ଟାଡିୟମରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଫୁଟବଲକୁ କିସ୍ ଛାତ୍ରୀମାନେ ଉପଭୋଗ କରୁଛନ୍ତି।

ଫ୍ୟାଶନ

# ଷ୍ଟାଇଲିଶ୍ ଦେଖାଯିବାକୁ ହେଲେ



**ଆପଣ ଯେତେ ବିଜି ରହିଲେ ବି ସମୟ ସହ ତାଳଦେଇ ଷ୍ଟାଇଲିଶ୍ ଦେଖାଯିବା ନିହାତି ଜରୁରୀ। ଅନ୍ୟମାନଙ୍କ ସାମ୍ନାରେ ଷ୍ଟାଇଲିଶ୍ ଦେଖାଇବା ଦ୍ୱାରା ନିଜର ଆତ୍ମବିଶ୍ୱାସ ବଢ଼ିଥାଏ। ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦେଉଛୁ ଯାହାକୁ ଆପଣାଇ ଦେଖାଯିବେ ଷ୍ଟାଇଲିଶ୍...**

**ପ୍ଲାଜୋ ପ୍ୟାଣ୍ଟ**

ଏହା ଆରାମଦାୟକ ହେବା ସହ ଆକର୍ଷଣୀୟ ହୋଇଥାଏ। ଏହାକୁ ନିଜ ଆଉଟ୍‌ଫିଟ୍‌ରେ ନିହାତି ସାମିଲ କରନ୍ତୁ । ଏହା ସହିତ ଆପଣଙ୍କୁ କାଜୁଆଲ୍ ଟପ୍ କିମ୍ବା ପାରମ୍ପରିକ କୁର୍ତ୍ତି ଭଲ ମାନିଥାଏ। ଅକେଜନ୍ ଅନୁଯାୟୀ ଏହାକୁ ପିନ୍ଧନ୍ତୁ ଏବଂ ଟ୍ରେଣ୍ଡି ଦେଖାଯାନ୍ତୁ।

**ମ୍ୟାକ୍ସି ଡ୍ରେସ୍**

ଏହା ପିନ୍ଧିବାକୁ ବହୁତ କମ୍ଫଟେବୁଲ ଲାଗିଥାଏ। ଏହାକୁ ଆପଣ ସବୁ ସିଜନ୍‌ରେ ପିନ୍ଧିପାରିବେ। ସବୁ ବଡି ଟାଇପ୍‌ରେ ଏହା ମାନିଥାଏ। ଏଥିରେ ଫୁଟ୍‌ୱେରରେ ଆପଣ ସ୍ନିକରର୍ସ,ହିଲ୍ସ ଓ ଫ୍ଲାଟ ମଧ୍ୟ ପିନ୍ଧିପାରିବେ।

**ଶର୍ଟସ**

ଯଦି ଆପଣଙ୍କୁ ଶର୍ଟସ ବହୁତ ପସନ୍ଦ ତେବେ ଶର୍ଟ ଟପ୍ ,ଟେକ୍‌ଟପ୍ ଆଦି ପିନ୍ଧିବା ଦ୍ୱାରା ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

**ଇଣ୍ଡିଆନ୍ କୁର୍ତ୍ତି**

ଯଦି ଆପଣ ଟ୍ରାଡିସନାଲ ପିନ୍ଧିବାକୁ ପସନ୍ଦ କରୁଛନ୍ତି ତେବେ ଇଣ୍ଡିଆନ୍ କୁର୍ତ୍ତି ସହିତ ଜିନ୍ସ ପ୍ୟାଣ୍ଟ କିମ୍ବା ଲେଗିଙ୍ଗିସ୍ ପିନ୍ଧିପାରିବେ। ଏହାଦ୍ୱାରା ଆପଣ ଅଧିକ ଷ୍ଟାଇଲିଶ୍ ଲାଗିବେ।

**ସ୍କର୍ଟ**

ମହିଳାଙ୍କୁ ନିଜ ବଡି ଟାଇପ୍ ଅନୁଯାୟୀ କପ୍‌ବୋର୍ଡରେ ସ୍କର୍ଟ ରଖିବା ଜରୁରୀ। ଏହାକୁ ଆପଣ ଘର,ଅଫିସ୍ ଓ ଆଉଟିଂରେ ମଧ୍ୟ ପିନ୍ଧିପାରିବେ।

# ଦୀପାବଳିରେ କିପରି ସଜାଇବେ ଘର



**ଦଶହରା ସରୁ ସରୁ ଘରେ ଦୀପାବଳିର ପ୍ରସ୍ତୁତି ଆରମ୍ଭ ହୋଇଯାଏ। ଦୀପାବଳିରେ ସମସ୍ତେ ଘରକୁ ସଜାଇଥାନ୍ତି। କିନ୍ତୁ ଏଠାରେ କେତୋଟି ସହଜ ଉପାୟ ଦେଉଛୁ ଯାହାକୁ ଆପଣ ଆପଣାଇ ଘରକୁ ସୁନ୍ଦର ଲୁକ୍ ଦେଇପାରିବେ। ଏଥିପାଇଁ ଘରେ ଖାଲିଟାରେ ଜାଗା ନେଉଥିବା ଜିନିଷକୁ କାଢ଼ିଦିଅନ୍ତୁ।**

**ଫୁଲ ଓ ଫୁଲମାଳ:** ନିଜ ଘରକୁ ସତେଜ ଫୁଲ ଓ ଫୁଲମାଳରେ ସଜାନ୍ତୁ। ଏଥିସହ ଆର୍ଟିଫିସିଆଲ୍ ଲଟକନ ମିଳୁଛି, ଏହାକୁ ମଧ୍ୟ ଘରେ ସଜାଇପାରିବେ। ଏହା ସହ ଆପଣ ନିଜ ପସନ୍ଦର ଡିଜାଇନ୍ ନେଇ ଆପଣ ଘର ସଜାଇପାରିବେ।

**ପେଣ୍ଟିଂ କିମ୍ବା ଫୁଲତୋଡ଼ା ଲାଇଟ :** ଆଜିକାଲି ଘରକୁ ସଜାଇବା ଲାଗି ପେଣ୍ଟିଂ ସବୁଠୁ ଭଲ ଉପାୟ। ଆପଣ ଚାହିଁଲେ ଘରେ ଭଲ ପେଣ୍ଟିଂ କରିପାରିବେ। ଆପଣ ଯଦି ଘରେ କାମ ଭିତରେ ବ୍ୟସ୍ତ ରହୁଛନ୍ତି ପେଣ୍ଟିଂ କାମ କରିପାରୁନାହାନ୍ତି ତେବେ ଆପଣ ବଜାରରୁ ପେଣ୍ଟିଂ କିଣି ଆଣି ଲଗାଇ ପାରିବେ। ଏହା ବ୍ୟତୀତ ଘରେ ଥିବା ଫୁଲକୁଣ୍ଡରେ ଲାଇଟ୍ କିମ୍ବା ପେଣ୍ଟିଂକରି ସଜାଇପାରିବେ। ଲାଇଟ୍ ଡେକୋରେଶନ ଦୀପାବଳିରେ ନିହାତି ହୋଇଥାଏ। ବଜାରରେ ବିଭିନ୍ନ ପ୍ରକାର ଲାଇଟ୍ ମିଳୁଛି, ତାକୁ ଘରେ ଲଗାଇ ଘରକୁ ଆଲୋକିତ କରିପାରିବେ। ଘରର ମେନ୍ ଗେଟ୍‌ରେ ଫୁଲତୋଡ଼ା ଲଗାଇପାରିବେ। ଏହିପରି ଗେଟ୍‌ର ଉଭୟ ପାର୍ଶ୍ୱରେ ଲଗାନ୍ତୁ। ଏହାଦ୍ୱାରା ଆପଣଙ୍କ ଘର ସୁନ୍ଦର ଦେଖାଯିବ।



# ନିଜକୁ ବଦଳାନ୍ତୁ

**"ସର୍ବପ୍ରଥମେ ଏହା ବୁଝିବା ବହୁ ଜରୁରୀ ଯେ ଜୀବନ ହେଉଛି ସୁଖ-ଦୁଃଖର ସମନ୍ୱୟ। ଯେତେବେଳେ ଆମେ ସୁଖ ସହଜରେ ଗ୍ରହଣ କରୁ ସେମିତି ଦୁଃଖକୁ ଧୈର୍ଯ୍ୟର ସହ ସାମ୍ନା କରିବାକୁ ପଡ଼ିବ। ଜୀବନ ରାସ୍ତାରେ ଚାଲିବା ସମୟରେ ଝୁଣ୍ଟିବା ଏବଂ ପାଦରେ କଣ୍ଟା ଲାଗିବା ଏକ ସାଧାରଣ କଥା। ଆପଣ ଏକଥା ମନରେ ଭାବିନିଅନ୍ତୁ ଯେ ଜୀବନରେ ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ସୁଖ ହୋଇ ନ ପାରେ।"**



ଯଦି ଆପଣଙ୍କୁ କିଏ ଖରାପ ବ୍ୟବହାର କରୁଛି ,ତେବେ ସେ ସମୟରେ ଆପଣଙ୍କୁ ବହୁ ଦୁଃଖ ଲାଗିଥାଏ। ତେବେ ଆପଣ ସେ କଥାକୁ ବାରମ୍ବାର ମନେପକାଇ ନିଜ ଦୁଃଖକୁ ଆହୁରି ଦ୍ୱିଗୁଣିତ କରିଦେଇଥାନ୍ତି। ପୁଣି ବେଳେବେଳେ ପାଇଁ ମନରେ କେତେକ ନକାରାତ୍ମକ ବିଚାରଧାରା ଆସୁଥିବ, କିନ୍ତୁ ଅମାନିଆ ମନକୁ ନିୟନ୍ତ୍ରିତ କରିବା ବହୁ ଜରୁରୀ । ଯଦି କୌଣସି ପରିସ୍ଥିତିରେ ଏମିତି କିଛି ସମସ୍ୟା ଉପୁଜୁଛି ମନକୁ ନିୟନ୍ତ୍ରଣରେ ରଖି ଆଗକୁ ବଢ଼ନ୍ତୁ।



**ଜୀବନ : ସୁଖ-ଦୁଃଖର ସମନ୍ୱୟ**

ସର୍ବପ୍ରଥମେ ଏହା ବୁଝିବା ଜରୁରୀ ଯେ ଜୀବନ ହେଉଛି ସୁଖ-ଦୁଃଖର ସମନ୍ୱୟ। ଯେମିତି ଆମେ ସୁଖକୁ ସହଜରେ ଗ୍ରହଣକରୁ ସେମିତି ଦୁଃଖକୁ ଧୈର୍ଯ୍ୟର ସହ ସାମ୍ନା କରିବାକୁ ପଡ଼ିବ। ଜୀବନ ରାସ୍ତାରେ ଚାଲିବା ସମୟରେ ଝୁଣ୍ଟିବା ଏବଂ ପାଦରେ କଣ୍ଟା ଲାଗିବା ଏକ ସାଧାରଣ କଥା। ଆପଣ ଏକଥା ମନରେ ଭାବିନିଅନ୍ତୁ ଯେ ଜୀବନରେ ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ସୁଖ ହୋଇ ନ ପାରେ। ଅନ୍ୟମାନେ ସବୁବେଳେ ଆପଣଙ୍କୁ ପ୍ରଶଂସା କରିବେ ତାହା ଠିକ୍ ନୁହେଁ। ଆପଣଙ୍କ ସମ୍ବନ୍ଧରେ ଆଲୋଚନା ଶୁଣିବାକୁ ସବୁବେଳେ ପ୍ରସ୍ତୁତ ରୁହନ୍ତୁ। ଅନ୍ୟର ଫିଡ୍‌ବ୍ୟାକ୍‌କୁ ଗମ୍ଭୀରତାର ସହ ନିଅନ୍ତୁ ଏବଂ ତାକୁ ଆଧାରକରି ନିଜ ଭୁଲ୍‌କୁ ସୁଧାରିବାକୁ ଚେଷ୍ଟା କରନ୍ତୁ। 'ମୁଁ ସବୁଠୁ ଜ୍ଞାନୀ ଓ ବାକି ସବୁ ଅଜ୍ଞାନ'-ଏପରି ଭାବନା ମନରେ ଆସିବାକୁ ଦିଅନ୍ତୁ ନାହିଁ। ଦିନରାତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧର ନିଆଁରେ ଜଳୁଥିବା ବ୍ୟକ୍ତି ନିଜର ପାର୍ଶ୍ୱ ବାତାବରଣକୁ ନକାରାତ୍ମକ ଭାବନରେ ପରିପୂର୍ଣ୍ଣ କରିଦେଇଥାନ୍ତି। ଏପରି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ ଶରୀର ମନ ଓ ଆତ୍ମା ମଧ୍ୟରେ ଠିକ୍ ତାଳମେଳ ରହିବା ଆବଶ୍ୟକ। ଅନ୍ୟର ଖରାପ ଚିନ୍ତା କରିବା ଅପେକ୍ଷା ସଚ୍ଚୋଟତା ସହ ଆତ୍ମମନ୍ଥନ କରିବା ସଙ୍ଗେ ସଙ୍ଗେ ନିଜର ଭୁଲ୍ କ'ଣ ରହୁଛି ତାକୁ ସୁଧାରିବାକୁ ଚେଷ୍ଟା କରନ୍ତୁ ।

**ଅତି ଭାବୁକତା ହେବା କ୍ଷତିକାରକ**

ଚିନ୍ତାମୁକ୍ତ ଜୀବନ ଲାଗି ଭାବନାତ୍ମକ ଚିନ୍ତାଧାରାକୁ ନିଜଠୁ ଦୂରେଇ ରଖିବା ଭଲ। ଏହି କଥା ସବୁବେଳେ ମନେରଖିବା ଉଚିତ ଯେ, ସମସ୍ତଙ୍କର ଭଲ ଓ ମନ୍ଦ ଭାବନା ରହିଛି। ବେଳେ ବେଳେ ମଣିଷ ଭାବନାତ୍ମକ ଚିନ୍ତାଧାରାକୁ ନେଇ ଚିନ୍ତାଗ୍ରସ୍ତ ହୋଇଥାଏ। ଅତୀତର କଟୁ କଥାକୁ ବାରମ୍ବାର ମନେ ନ ପକାଇବା ଭଲ। ମଝିରେ ମଝିରେ ମନକୁ ସଫା କରିବା ମଧ୍ୟ ଜରୁରୀ। ଏଥିପାଇଁ ନିୟମିତ ଯୋଗ ଏବଂ ଧ୍ୟାନ କରିପାରନ୍ତି। ଯେତେବେଳେ ଆପଣ ନିଜ ଭାବନାକୁ ଅଧିକାଂଶ ସମୟ ସନ୍ତୁଳିତ ରଖିପାରିବେ ସେତେବେଳେ ସାମ୍ନା କରୁଥିବା ସମସ୍ୟାଗୁଡ଼ିକ ଆଉ ଆପଣଙ୍କୁ ବୋଝ ସଦୃଶ ଲାଗିବ ନାହିଁ। ସେଗୁଡ଼ିକ ଆପଣ ସହଜରେ ମଧ୍ୟ ସମାଧାନ କରିପାରିବେ।

**କ୍ଷମା କରନ୍ତୁ, ଭୁଲିଯାନ୍ତୁ**

ଆମର ଉନ୍ନତି ଓ ଖୁସିରେ ପ୍ରତିବନ୍ଧକ ସାଜିପାରେ ଅତୀତର ଦୁଃଖଦ ଘଟଣା, ଆପଣଙ୍କ ମନରେ ସ୍ଥାୟୀ ରୂପରେ ଏ ଘଟଣା ପ୍ରତିଶୋଧର ନିଆଁରେ ପରିଣତ ହୋଇଯାଏ। ପ୍ରାଚୀନକାଳରେ ସନ୍ଥ ଓ ଋଷିମାନେ କହୁଥିଲେ, ଆମକୁ ନମ୍ର ଓ କ୍ଷମାଶାଳୀ ହେବା ଆବଶ୍ୟକ। ଏଠାରେ ଆମେ ଗୌତମ ବୁଦ୍ଧଙ୍କ କଥା କହିବାକୁ ଚାହିଁବୁ । ସେ କହିଥିଲେ, ଆମେ ମାତା ଧରିତ୍ରୀ ପରି ସହନଶୀଳ ହେବା ଆବଶ୍ୟକ।

**ଛାଡ଼ନ୍ତୁନି ସଂଯମର ହାତ**

ଘର ହେଉକି ଅଫିସ୍ ପ୍ରତିଦିନ ଦିନଚର୍ଯ୍ୟା ମଧ୍ୟରେ ଛୋଟମୋଟ ବୈଚାରିକ ମତଭେଦ ଦେଖାଯିବା ସ୍ୱାଭାବିକ। ଏପରି ସ୍ଥିତିରେ ଆପଣ ନିଜର ଧୈର୍ଯ୍ୟଶକ୍ତି ହରାଇବା ଉଚିତ ନୁହେଁ। ହୋଇପାରେ ଏପରି ସ୍ଥିତିରେ ଆପଣଙ୍କୁ ଅଧିକ ରାଗ ଲାଗିପାରେ। ସାମ୍ନାରେ ଉପସ୍ଥିତ ବ୍ୟକ୍ତି ଯାହା ବାରମ୍ବାର ନକାରାତ୍ମକ ଭାବନାକୁ ଜାଗ୍ରତ କରିଥାଏ। ଏହାଦ୍ୱାରା ଆମେ ବାରମ୍ବାର ରାଗିବା ସହ ଦୁଃଖୀ ହୋଇ ଅନ୍ୟମାନଙ୍କ ବିଷୟରେ ଖରାପ ଭାବିଥାଉ। ପ୍ରତିଶୋଧର ଭାବନାରୁ ନିଜକୁ ବାହାର କରିବାକୁ ହେଲେ ଯଦି ଆପଣଙ୍କୁ କିଏ ଖରାପ ବ୍ୟବହାର କରିଛି ତେବେ ସେ ଘଟଣାକୁ ଜଲ୍‌ଦି ଭୁଲିଯିବାକୁ ଚେଷ୍ଟା କରନ୍ତୁ। ତାକୁ କ୍ଷମା କରିବାକୁ ହେଲେ ନିଜ ହୃଦୟ ମଧ୍ୟ ସେତିକି ଉଦାର ହେବା ଦରକାର। ଯଦି ଆପଣ ସତ୍ ପଥରେ ଅଛନ୍ତି ତେବେ ଆପଣ ବିଚଳିତ ହେବା ଠିକ୍ ନୁହେଁ। ନିଜର ମାନସିକତାକୁ ସକାରାତ୍ମକ ରଖିଲେ ଆପଣ ନିଜ ଜୀବନକୁ ଭଲ ଭାବରେ ଉପଭୋଗ କରିପାରିବେ।



## ଏମାନେ କ'ଣ କରନ୍ତି

**ଛୋଟ କଥାକୁ ଗୁରୁତ୍ୱ ଦେଲେ ଦୁଃଖ ହିଁ ପାଇବେ**
**(ସୁନୀତା ବାରିକ,ତୁଣ୍ଡୁପୁର, ଆଠଗଡ଼, କଟକ)**



ପ୍ରତିଟି ମୁହୂର୍ତ୍ତ ଆମ ପାଇଁ ମୂଲ୍ୟବାନ୍। ତାକୁ ଭଲଭାବେ ଉପଭୋଗ କରିବା ଶିଖନ୍ତୁ। ଛୋଟ ଛୋଟ କଥାକୁ ଗୁରୁତ୍ୱ ଯେତେ ଦେବେ ଆପଣ ଦୁଃଖ ହିଁ ପାଇବେ। ଯଦି ଆମକୁ କିଏ କ'ଣ କହିଛି ତେବେ ସେଥିରେ ମନ ଦୁଃଖ ହେବା ସ୍ୱାଭବିକ। କିନ୍ତୁ ଏଥିରେ ଭାଙ୍ଗି ନ ପଡ଼ି ଆଗକୁ ବଢ଼ିଚାଲନ୍ତୁ।

**ପୁରୁଣା କଥାକୁ ଯେତେ ଶୀଘ୍ର ଭୁଲିଯିବା ସେତେ ଭଲ**
**(କାଜଲ ସାହୁ, ଅନନ୍ତପୁର, ବାଲିଅନ୍ତା, ଖୋର୍ଦ୍ଧା)**



ଜୀବନରେ ସୁଖ ଆଉ ଦୁଃଖ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ସୁଖ ଆସିଲେ ଆମେ ଯେମିତି ଜୀବନକୁ ଉପଭୋଗ କରୁ ସେମିତି ଦୁଃଖ ଆସିଲେ ତାକୁ ଧୈର୍ଯ୍ୟର ସହ ସାମ୍ନା କରିବାକୁ ପଡ଼ିଥାଏ। ଯଦି ଆମକୁ କିଏ କ'ଣ କହିଛି ତାକୁ ଧରି ବସିଲେ ଆମେ ଆଗକୁ ବଢ଼ିପାରିବା ନାହିଁ। କଥାରେ ଅଛି -କଥାକୁ ଯେତେ ମାଜିବ ସେତେ ମୋଟା। ସେମିତି ପୁରୁଣା କଥାକୁ ଯେତେ ଶୀଘ୍ର ଭୁଲିଯିବା ସେତେ ଆମ ପାଇଁ ଭଲ ହେବ।

# ବାସନରୁ ଦାଗ ଦୂର କରିବା ପାଇଁ...

ସବୁ ମହିଳା ଚାହାନ୍ତି ତାଙ୍କ ରୋଷେଇ ଘରର ବାସନ ଚକ୍‌ଚକ୍ କରୁ। ଯଦି ବାସନ ପୋଡ଼ିଯାଏ ତାକୁ ସଫା କରିବାକୁ ବହୁ ପରିଶ୍ରମ କଲେ ସୁଦ୍ଧା ସେଥିରୁ ଦାଗ ସହଜରେ ଛାଡ଼େନି। ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦେଉଛୁ ଯାହାକୁ ଆପଣାଇ ଆପଣ ବାସନକୁ ସହଜରେ ସଫା କରିପାରିବେ।

➤ଆଲୁମିନିୟମ ବାସନ ଯଦି ପୋଡ଼ିଯାଇଛି ତାକୁ ସଫା କରିବାକୁ ହେଲେ ସେଥିରେ କିଛି ପାଣି ନେଇ ପିଆଜ ପକାଇ ଫୁଟାନ୍ତୁ। ଏହାପରେ ବାସନ ମଜା ସାବୁନରେ ରଗଡ଼ି ସଫା କରନ୍ତୁ। ଦେଖିବେ ଦାଗ ଛାଡ଼ିଯାଉଛି।

➤ପ୍ଲାଷ୍ଟିକ୍ କଣ୍ଟେନରକୁ ସଫା କରିବାକୁ ହେଲେ ଲେମ୍ବୁ ଭଲ କାମ ଦେଇଥାଏ। ଏଥିରୁ ଦୁର୍ଗନ୍ଧ ଦୂରକରିବାକୁ ହେଲେ ଲେମ୍ବୁର ପ୍ରୟୋଗ କରନ୍ତୁ। ଲେମ୍ବୁ ଚୋପାକୁ ରଗଡ଼ି ସେ ପାତ୍ରରେ ଲାଗିଥିବା ଦାଗ ଧୀରେ ଧୀରେ ଦୂରହୋଇଯିବ।

➤ବେକିଂ ସୋଡ଼ା ବାସନରେ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ପୁଣି ସୋଡ଼ାକୁ ଗୋଲାକାର ଆକାରରେ ରଗଡ଼ନ୍ତୁ। ଏହାଦ୍ୱାରା ଆପଣଙ୍କ ଦାଗ ସହଜରେ ଦୂର ହୋଇଯିବ।

➤ବାସନରୁ ଦାଗ ଦୂରକରିବାକୁ ହେଲେ ଆପଣ ଦହି ମଧ୍ୟ ବ୍ୟବହାର କରିପାରିବେ।

ଖାଦ୍ୟରୁଚି

# ଫ୍ରୁଟ୍ସ କଷ୍ଟାର୍ଡ



**ଆବଶ୍ୟକ ସାମଗ୍ରୀ:** କ୍ଷୀର ଏକ ଲିଟର, କଷ୍ଟାର୍ଡ ପାଉଡର ୩-୪ ଚାମଚ, ଚିନି ୨୦୦ଗ୍ରାମ୍, କେଶର ଅଳ୍ପ ପରିମାଣର, ଇଲାଇଚି ପାଉଡର ୧ ଚାମଚ, କଟା ହୋଇଥିବା ମିକ୍ସ ଫ୍ରୁଟ୍‌ସ ୨ କପ୍(ସେଓ, କଦଳୀ, ଅଙ୍ଗୁର ଓ ଡାଳିମ୍ବ)।

ଡ୍ରାଏ ଫ୍ରୁଟ୍ସ ୧ କପ, ବାଦାମ, କାଜୁ, ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କ୍ଷୀରକୁ ଭଲଭାବେ ଫୁଟାଇ ଏଥିରେ ଚିନି ପକାନ୍ତୁ। ଏହାକୁ ଅଳ୍ପ ଆଞ୍ଚରେ ୧୦-୧୫ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଅନ୍ୟ ଏକ ପାତ୍ର ନିଅନ୍ତୁ ସେଥିରେ କିଛି ଥଣ୍ଡା କ୍ଷୀର ନେଇ ସେଥିରେ କଷ୍ଟାର୍ଡ ପାଉଡର ପକାଇ ଭଲଭାବେ ମିକ୍ସ କରିଦିଅନ୍ତୁ। ଏବେ ଏହାକୁ ଗରମ କ୍ଷୀରରେ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପୁଣି ସେଥିରେ ଇଲାଇଚି ପାଉଡର ଏବଂ କେଶର ପକାନ୍ତୁ। ଏବେ ଏହାକୁ ଆଞ୍ଚରୁ କାଢ଼ି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହା ଥଣ୍ଡା ହୋଇଗଲା ପରେ ସେଥିରେ ମିକ୍ସ ଫ୍ରୁଟ୍ସ ଓ ଡ୍ରାଏ ଫ୍ରୁଟ୍ସ ପକାଇ ଭଲଭାବେ ମିଶାଇ ଏହାକୁ କିଛି ସମୟ ଫ୍ରିଜ୍‌ରେ ରଖି ଦିଅନ୍ତୁ। ଏବେ ଆପଣଙ୍କର ଫ୍ରୁଟ୍ସ କଷ୍ଟାର୍ଡ ପ୍ରସ୍ତୁତ ହୋଇଗଲା ଏହାକୁ ଆପଣ ପରଷିପାରିବେ।



ସୌନ୍ଦର୍ଯ୍ୟ

# ଓଠ ରହିବ ଗୋଲାପୀ

**ବହୁ କମ୍ ମହିଳା ଅଛନ୍ତି ଯେଉଁମାନଙ୍କ ଓଠ ସାଧାରଣତଃ କଳା ହୋଇଥାଏ। କେତେକ କାରଣ ପାଇଁ ଅନେକ ମହିଳାଙ୍କ ଓଠ କଳା ପଡ଼ିଯାଇଥାଏ। ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦେଉଛୁ ଯାହାକୁ ଆପଣାଇବା ଦ୍ୱାରା ଆପଣଙ୍କ ଓଠ କଳାରଙ୍ଗରୁ ଧୀରେ ଧୀରେ ଗୋଲାପୀ ହେବାକୁ ଲାଗିବ । ଏହାକୁ ବ୍ୟବହାର କରିବା ଦ୍ୱାରା ଆପଣଙ୍କର କୌଣସି ସାଇଡ୍ ଇଫେକ୍ଟ ମଧ୍ୟ ହେବନାହିଁ। ଜାଣନ୍ତୁ, ଏ ସମ୍ପର୍କରେ କେତୋଟି ଘରୋଇ ଟିପ୍ସ......**

**ଲେମ୍ବୁ:** ଲେମ୍ବୁ ବ୍ୟବହାର କରିବା ଦ୍ୱାରା ଓଠରେ ଥିବା କଳାଦାଗ ଦୂରହୋଇଥାଏ। ଏଥିରେ ବ୍ଲିଚିଂ ଗୁଣ ରହିଛି ଯାହା ଦ୍ୱାରା ଓଠରେ ଥିବା କଳାଦାଗକୁ ଦୂରକରିବାରେ ସାହାଯ୍ୟ କରିଥାଏ। ଭଲ ହେବ ରାତିରେ ଶୋଇବା ପୂର୍ବରୁ ଦୁଇବୁନ୍ଦା ଲେମ୍ବୁରସ ୨ମାସ ପର୍ଯ୍ୟନ୍ତ ବ୍ୟବହାର କରିବା ଦ୍ୱାରା ଓଠର ରଙ୍ଗ ପରିବର୍ତ୍ତନ ହୋଇଥାଏ।

**ଗୋଲାପଜଳ :** ଗୋଲାପଜଳ ବ୍ୟବହାର କରିବା ଦ୍ୱାରା ଥଣ୍ଡା ଅନୁଭବ ହୁଏ, ଯାହା ମଶ୍ଚରାଇଜର ପରି କାମ କରିଥାଏ। ଗୋଲାପଜଳରେ କେଇବୁନ୍ଦା ମହୁ ମିଶାଇ ଲଗାଇବା ଦ୍ୱାରା ଓଠର କଳାଦାଗ ଦୂର ହୋଇଥାଏ।

**ଚିନି:** ଓଠରେ ଚିନି ବ୍ୟବହାର କରିବା ଦ୍ୱାରା ଏହା ସ୍କ୍ରବ୍ ପରି କାମ କରିଥାଏ। ଫଳରେ ଡେଡ୍ ସ୍କିନ୍ ଦୂର ହୋଇଥାଏ। ଅଳ୍ପ ଚିନିକୁ ନେଇ ମିକ୍ସଚରରେ ଗ୍ରାଇଣ୍ଡକରି ଦିଅନ୍ତୁ। ଏହି ମିକ୍ସ ହୋଇଥିବା ଚିନିରେ ଅଳ୍ପ ଲହୁଣି ମିଶାଇ ଓଠରେ ଲଗାଇଲେ ଓଠ ମୁଲାୟମ ହେବା ସହ ସଫା ମଧ୍ୟ ହୋଇଥାଏ।

**ଡାଳିମ୍ବ :** ଡାଳିମ୍ବରସ ଓଠରେ ଲଗାଇବା ଦ୍ୱାରା ଏହା ମଶ୍ଚରାଇଜର ପରି କାମ କରିଥାଏ। ଏହା ଓଠକୁ ସଫ୍ଟ କରିବା ସହ ଗୋଲାପୀ ରଙ୍ଗ କରିବାରେ ମଧ୍ୟ ସାହାଯ୍ୟ କରେ। ଡାଳିମ୍ବର କେତୋଟି ଦାନାକୁ ଗ୍ରାଇଣ୍ଡ କରି ସେଥିରୁ ରସ ବାହାର କରିଦିଅନ୍ତୁ। ଏବେ ସେହି ରସରେ କ୍ଷୀର ଓ ଗୋଲାପଜଳ ମିଶାଇ ହାତରେ ହାଲ୍‌କା ଭାବେ ଲଗାଇବା ଦ୍ୱାରା ଏହାର ଫାଇଦା ଆପଣଙ୍କ ଜଲ୍‌ଦି ମିଳିବ।

**ବିଟ୍:** ବିଟ୍‌ରେ ନାଚୁରାଲ ବ୍ଲିଚ୍ ଗୁଣ ରହିଛି। ଏହା ଓଠର କଳାପଣ ଦୂରକରିବାରେ ସାହାଯ୍ୟ କରିଥାଏ। ଏଥିସହ ବିଟ୍ ନାଚୁରାଲ୍ ରଙ୍ଗ ଓଠକୁ ଗୋଲାପୀ କରିବାରେ ସାହାଯ୍ୟ କରେ। ବିଟ୍‌ର ରସ କିମ୍ବା ପେଷ୍ଟ ରାତିରେ ଶୋଇବା ପୂର୍ବରୁ ଲଗାଇ ଶୋଇପଡ଼ନ୍ତୁ। ରାତି ସାରା ଏମିତି ରଖିବା ପରେ ତାକୁ ସକାଳେ ଓଠକୁ ଭଲଭାବେ ଧୋଇଦିଅନ୍ତୁ।



# ୱେଷ୍ଟଇଣ୍ଡିଜକୁ ହରାଇଲା ସ୍କଟ୍‌ଲାଣ୍ଡ

**ହୋବାର୍ଟ, ୧୭।୧୦(ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ବର୍ଷାରେ ବାଧାପ୍ରାପ୍ତ ଏକ ଗ୍ରୁପ୍ ବି’ ମ୍ୟାଚରେ ସ୍କଟ୍‌ଲାଣ୍ଡ ଦୁଇଥର ଚାମ୍ପିୟନ ୱେଷ୍ଟଇଣ୍ଡିଜ ବିପକ୍ଷରେ ୪୨ ରନ୍‌ରେ ଚମକପ୍ରଦ ବିଜୟ ହାସଲ କରିଛି। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିବା ଲାଗି ଆମନ୍ତ୍ରଣ ପାଇଥିବା ସ୍କଟ୍‌ଲାଣ୍ଡ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ଚ୍ୟାଲେଞ୍ଜିଂ ୧୬୦ ରନ୍ କରିଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ତଥା ଓପ୍‌ନର ଜର୍ଜ ମୁନ୍‌ସି ୫୩ ବଲ୍‌ରୁ ୬୬ ରନ୍ କରି ଅପରାଜିତ ରହିଥିଲେ। ଏଥିରେ ତାଙ୍କର ୯ ଚୌକା ସାମିଲ ଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୧୮.୩ ଓଭରରେ ୧୧୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ୱେଷ୍ଟଇଣ୍ଡିଜ ଓପ୍‌ନର କାଇଲ ମେୟର୍ସ ୧୩ ବଲ୍‌ରୁ ୨୦ ରନ୍ (୩ ଚୌକା ଓ ୧ ଛକା)କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ମାତ୍ର ତୃତୀୟ ଓଭରରେ ସେ ସ୍କଟ୍‌ଲାଣ୍ଡ ବ୍ୟାଟିଂ ଷ୍ଟାର ମୁନ୍‌ସି ଡିପ୍ ମିଡ୍ ଉଇକେଟରେ ଏକ ଚମତ୍କାର କ୍ୟାଚ ନେଇ ତାଙ୍କୁ ପାଭିଲିୟନ ପଠାଇ ଦେଇଥିଲେ। ଅନ୍ୟତମ ଓପ୍‌ନର ବ୍ରାଣ୍ଡନ କିଙ୍ଗ୍ (୧୫ ବଲ୍, ୧୭ ରନ) ମଧ୍ୟ ପାୱାର ପ୍ଲେ ଭିତରେ ବିଦାୟ ନେଇଥିଲେ। ଅଧିନାୟକ ପୁରନ ଅଫ୍ ସ୍ପିନର ଲିସ୍କଙ୍କ ଶିକାର ହୋଇଥିଲେ।



ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଜର୍ଜ ମୁନ୍‌ସି।

ୱେଷ୍ଟଇଣ୍ଡିଜ ଏକଦା ୬୯/୫ ସ୍କୋରରେ ସଙ୍କଟରେ ପଡ଼ିଥିଲା। ପରେ ଅଲ୍‌ରାଉଣ୍ଡର ଜାସନ ହୋଲ୍ଡର ଚମତ୍କାର ବ୍ୟାଟିଂ କରି ୩୩ ବଲ୍‌ରେ ୪ ଚୌକା ଓ ୧ ଛକା ସହ ୩୮ ରନ୍ କରିଥିଲେ। ମାତ୍ର ଦଳର ବିଜୟ ପାଇଁ ଏହା ଯଥେଷ୍ଟ ନ ଥିଲା। ସ୍କଟ୍‌ଲାଣ୍ଡର ବାମହାତୀ ସ୍ପିନର

**ଟି୨୦ ବିଶ୍ୱକପ୍**

ମାର୍କ ୱାଟ୍ ମ୍ୟାଚ ବିଜୟୀ ବୋଲିଂ କରିଥିଲେ। ସେ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୨ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଅଫ୍‌ସ୍ପିନର ମାଇକେଲ ଲିସ୍କ ତାଙ୍କର ପୂରା କୋଟା ଓଭର ବୋଲିଂ କରି ୧୫ ରନ ଦେଇ ୨ ଟି ଉଇକେଟ ନେଇଥିଲେ। ସୁପର ୧୨ ପର୍ଯ୍ୟାୟ ପାଇଁ ଦୌଡ଼ରେ ରହିବାକୁ ହେଲେ ୱେଷ୍ଟଇଣ୍ଡିଜକୁ ବର୍ତ୍ତମାନ ବୁଧବାର ଜିମ୍ବାୱେକୁ ପରାସ୍ତ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ରିଚି ବରିଙ୍ଗ୍‌ଟନଙ୍କ ନେତୃତ୍ୱାଧୀନ ଦଳକୁ ସୁପର ୧୨ ପର୍ଯ୍ୟାୟ ପାଇଁ ଯୋଗ୍ୟତା ହାସଲ କରିବାକୁ ହେଲେ ୟୁରୋପିଆନ ପ୍ରତିଦ୍ୱନ୍ଦ୍ୱୀ ଆୟର୍ଲାଣ୍ଡ ବିପକ୍ଷରେ ବିଜୟ ହାସଲ କରିବାକୁ ହେବ।

**ସଂକ୍ଷିପ୍ତ ସ୍କୋର**

ସ୍କଟ୍‌ଲାଣ୍ଡ: ୨୦ ଓଭରରେ ୧୬୦/୫ (ଜର୍ଜ ମୁନ୍‌ସି–୬୬*, କାଲମ ମ୍ୟାକ୍‌ଲିଅଡ୍–୨୩, ମାଇକେଲ ଜୋନ୍ସ–୨୦; ଜାସନ ହୋଲ୍ଡର –୨/୧୪, ଅଲଜାରି ଯୋଶେଫ୍–୨/୨୮)। ୱେଷ୍ଟଇଣ୍ଡିଜ: ୧୮.୩ ଓଭରରେ ୧୧୮/ଅଲ୍‌ଆଉଟ (ଜାସନ ହୋଲ୍ଡର ୩୮, କାଇଲ ମେୟର୍ସ–୨୦; ମାର୍କ ୱାଟ୍–୩/୧୨, ମାଇକେଲ ଲିସ୍କ–୨/୧୪, ବ୍ରାଡ୍ ହ୍ୱିଲ୍–୨/୩୨)।

# କାର୍ଲସେନଙ୍କୁ ହରାଇଲେ ଗୁକେଶ

**ଚେନ୍ନାଇ, ୧୭।୧୦(ପି.ଟି.)**

ଏମ୍‌ଚେସ୍ ରାପିଡ୍ ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟର ପ୍ରାଥମିକ ପର୍ଯ୍ୟାୟ ୯ମ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନ୍‌ଙ୍କୁ ହରାଇ ଦେଇଛନ୍ତି ଭାରତର ଗ୍ରାଣ୍ଡ ମାଷ୍ଟର ଡି. ଗୁକେଶ। ଏହି ସଫଳତା ହାସଲ କରିବାରେ ସେ ସର୍ବକନିଷ୍ଠ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଚେନ୍ନାଇର ଏହି ୧୬ ବର୍ଷୀୟ ଖେଳାଳି ସୋମବାର ଧଳାଦାନରେ ଖେଳି ବିଶ୍ୱ ଚାମ୍ପିୟନଙ୍କୁ ହରାଇବା ପରେ ପଏଣ୍ଟ ଟେବୁଲରେ ପୋଲାଣ୍ଡର ଜାନ୍ କ୍ରିଜିଷ୍ଟଫ୍ ଡୁଡା (୨୫ ପଏଣ୍ଟ) ଓ ଶାଖ୍ରିୟାର ମେମ୍‌ଦ୍ୟାରୋଭ (ଆଜରବୈଜାନ)ଙ୍କ ପଛକୁ ୨୧ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଗୁକେଶ




୨୯ତମ ମୁଭ୍‌ରେ ବିଶ୍ୱଚାମ୍ପିୟନଙ୍କୁ ପରାଜିତ କରିଥିଲେ। ଦିନକ ପୂର୍ବରୁ ଭାରତର ୧୯ ବର୍ଷୀୟ ଅର୍ଜୁନ ଏରିଗାଇସି କାର୍ଲସେନଙ୍କ ବିପକ୍ଷରେ ତାଙ୍କର ପ୍ରଥମ ବିଜୟ ହାସଲ କରିଥିଲେ। ପୂର୍ବରୁ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ଚାମ୍ପିୟନଙ୍କୁ ହରାଇବା ରେକର୍ଡ ଭାରତର ଅନ୍ୟ ଜଣେ ସ୍ୱଳ୍ପବୟସ୍କ ଖେଳାଳି ଆର. ପ୍ରଜ୍ଞାନନ୍ଦଙ୍କ ନାମରେ ରହିଥିଲା। ସେ ଗତ ଫେବୃୟାରୀରେ ଆର୍ଥ୍ରିଙ୍ଗ୍ସ ମାଷ୍ଟର୍ସରେ ୩୯ତମ ମୁଭ୍‌ରେ ବିଶ୍ୱର ନମ୍ବର ୱାନ୍ କାର୍ଲସେନଙ୍କୁ ପରାସ୍ତ କରିଥିଲେ। ସେତେବେଳ ତାଙ୍କ ବୟସ ୧୬ ବର୍ଷ ୬ ମାସ ୧୦ ଦିନ ରହିଥିଲା। ଗୁକେଶ ୧୬ ବର୍ଷ ୪ ମାସ ୨୦ ଦିନ ବୟସରେ ଏହି ରେକର୍ଡକୁ ଭାଙ୍ଗିଦେଇଛନ୍ତି।

# ଜିମ୍ବାୱେ ବିଜୟୀ

**ହୋବାର୍ଟ, ୧୭।୧୦:** ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍ ଗ୍ରୁପ୍ ବି’ର ଏକ ମ୍ୟାଚ୍‌ରେ ଜିମ୍ବାୱେ ୩୧ ରନ୍‌ରେ ଆୟର୍ଲାଣ୍ଡକୁ ହରାଇଛି। ସୋମବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍‌ରେ ହାରି ବ୍ୟାଟିଂ ପାଇଥିବା ଜିମ୍ବାୱେ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୭୪ ରନ କରିଥିଲା। ଦଳ ପକ୍ଷରୁ ଶିକନ୍ଦର ରାଜା ସର୍ବାଧିକ ୮୨ ରନ୍ (୪୮ ବଲ୍, ୫ ଚୌକା ଓ ୫ ଛକା) କରିଥିଲେ। ଆୟର୍ଲାଣ୍ଡ ତରଫରୁ ଜୋସୁଆ ଲିଟଲ ୩ ଏବଂ ମାର୍କ ଆଡେର ଓ ସିମି ସିଂ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଆୟର୍ଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୩ ରନ୍ କରିଥିଲା।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ